# ସଂସ୍କୃତବ୍ୟାକରଣପ୍ରକାଶଃ

## ଦଶମଶ୍ରେଣୀନିମିତ୍ତମ୍

ପ୍ରକାଶିକା

**ମାଧ୍ୟମିକଶିକ୍ଷାପରିଷଦ୍, ଓଡ଼ିଶା**

**ସଂସ୍କୃତବ୍ୟାକରଣପ୍ରକାଶଃ**

ଦଶମଶ୍ରେଣୀ ନିମିତ୍ତମ୍


ମାଧ୍ୟମିକଶିକ୍ଷାପରିଷଦ୍‌ଦ୍ୱାରା ଅନୁମୋଦିତ ଓ ପ୍ରକାଶିତ

(ମାଧ୍ୟମିକଶିକ୍ଷାପରିଷଦ୍, ଓଡ଼ିଶା)

**ପ୍ରଥମ ପ୍ରକାଶନ : ୨୦୧୩**
**୨୦୧୯**



**ଲେଖକମଣ୍ଡଳୀ :**

ସମୀକ୍ଷକ : **ପ୍ରଫେସର ଗୋପାଳକୃଷ୍ଣ ଦାଶ**

ଲେଖକ ଓ ସଂକଳକ : **ଡକ୍ଟର ନାରାୟଣ ପ୍ରସାଦ ଦାଶ**
**ଡକ୍ଟର ପ୍ରତାପ ଚନ୍ଦ୍ର ତ୍ରିପାଠୀ**
**ଡକ୍ଟର ରବୀନ୍ଦ୍ରନାଥ ଆଚାର୍ଯ୍ୟ**
**ଡକ୍ଟର କାଳୀପ୍ରସନ୍ନ ଶତପଥୀ**

ସଂଯୋଜକ : **ଶ୍ରୀ ନୃସିଂହ ଚରଣ ପଣ୍ଡା**



ଅକ୍ଷର ସଂଯୋଜନା : **ବାଣୀ ପ୍ରେସ୍**
**ତୁଳସୀପୁର, କଟକ - ୮**

ମୁଦ୍ରଣ :

ମୂଲ୍ୟ :

# ମୁଖବନ୍ଧ

ଭାରତୀୟ ଭାଷାମାନଙ୍କର ଜନନୀ ବା ମୁଖ୍ୟସ୍ରୋତ ସଂସ୍କୃତଭାଷା ବୈଦିକ ଓ ଲୌକିକ ଶବ୍ଦଭଣ୍ଡାରରେ ପରିପୂର୍ଣ୍ଣ। ଏହା ଆଧୁନିକ ଭାଷାବିଜ୍ଞାନର ସଂଯୋଗ ହେତୁ ହେବା ସହ ଅଧୁନାତନ ବୈଜ୍ଞାନିକ ସାମାଜିକ ଓ ସାଂସ୍କୃତିକ ଅଧ୍ୟୟନପାଇଁ ଏକାନ୍ତ ଉପଯୋଗୀ। ସଂସ୍କୃତଭାଷା ଲୌକିକ, ଶାସ୍ତ୍ରୀୟ, ନିତ୍ୟନୂତନ ଓ ବୈଜ୍ଞାନିକଚେତନା, ସର୍ବୋପରି ହୃଦୟଭାବପ୍ରକାଶ ପାଇଁ ସ୍ୱୟଂସଂପୂର୍ଣ୍ଣ। ରାଷ୍ଟ୍ରିୟ ପାଠ୍ୟଚ୍ର୍ଯ୍ୟା ରୂପରେଖା (NCF -2005) ଅନୁସରଣରେ ରାଜ୍ୟ ପାଠ୍ୟଚର୍ଯ୍ୟା ରୂପରେଖା (SCF - 2007) ପରିକଳ୍ପିତ ହୋଇଛି। ଭାରତୀୟ ସଂବିଧାନର ସ୍ୱୀକୃତି ଅନୁଯାୟୀ ସଂସ୍କୃତଭାଷା ଶାସ୍ତ୍ରୀୟ ଓ ଆଧୁନିକ ଭାରତୀୟଭାଷାରୂପେ ଆଦୃତ। ମାର୍ଜିତ ଓ ଶୁଦ୍ଧ ଭାବପ୍ରକାଶପାଇଁ ଏହି ଭାଷାର ବହୁଳ ବ୍ୟବହାର ପ୍ରଚଳିତ। ରାଜ୍ୟ ପାଠ୍ୟଚର୍ଯ୍ୟାରେ ସଂସ୍କୃତଭାଷାକୁ ଉଚ୍ଚପ୍ରାଥମିକ ଓ ମାଧ୍ୟମିକ ସ୍ତରରେ ତୃତୀୟଭାଷାରୂପେ ପାଠ୍ୟକ୍ରମରେ ଅନ୍ତର୍ଭୁକ୍ତ କରାଯାଇଛି। କୋମଳମତି ବିଦ୍ୟାର୍ଥୀମାନଙ୍କ ସହଜ ଓ ସୁଗମ ପ୍ରବେଶପାଇଁ ସଂପୃକ୍ତ ପୁସ୍ତକରେ ପ୍ରୟାସ ଅଭିନନ୍ଦନୀୟ। ପୁରାତନ ଘୋଷଣପଦ୍ଧତିକୁ ବର୍ଜନ କରି ସ୍ୱାଭାବିକଭାବେ ଦୈନିନ୍ଦିନ ଜୀବନରେ ପ୍ରୟୋଗପାଇଁ ଉପଯୋଗୀ ହେବା ପାଇଁ ବ୍ୟାକରଣକୁ ସରଳ କରାଯାଇପାରିଛି। ଏହି ପୁସ୍ତକର ଅଧ୍ୟୟନଦ୍ୱାରା ବିଦ୍ୟାର୍ଥୀମାନେ ନିଜର ପାରିବାରିକ, ପାରିବେଶିକ କ୍ଷେତ୍ରରେ ସହଜରେ ଅଭ୍ୟାସ କରି ସଂସ୍କୃତଭାଷାରେ ନିଜର ମନୋଭାବ ପ୍ରକାଶ କରିପାରିବେ, ସଂସ୍କୃତରେ ଆଳାପଆଲୋଚନା କରିପାରିବେ, ଗୁରୁମାନଙ୍କ ସାହାଯ୍ୟ ନେଇ କିମ୍ବା ସ୍ୱଉଦ୍ୟମରେ ସଂସ୍କୃତ ବ୍ୟାକରଣକୁ ଅଭ୍ୟାସ କରିବା ସହିତ ପ୍ରୟୋଗ କରିପାରିବେ।

ଏହି ବ୍ୟାକରଣ ପୁସ୍ତକ ବିଦ୍ୟାର୍ଥୀମାନଙ୍କୁ ସଂସ୍କୃତଭାଷାର ସୌକର୍ଯ୍ୟ, ସୌଷ୍ଠବ ଓ ସାବଲୀଳତାର ପରିଚୟ ପ୍ରଦାନ କରିପାରିବ। କଠିନ ନିୟମାବଳୀକୁ ଅଧ୍ୟୟନ ନ କରି ମଧ୍ୟ ବିଦ୍ୟାର୍ଥୀମାନେ ସଂସ୍କୃତଭାଷାରେ ଅଭିଜ୍ଞତା ଅର୍ଜନ କରିପାରିବେ। "ସଂସ୍କୃତବ୍ୟାକରଣପ୍ରକାଶଃ" ପୁସ୍ତକର ପ୍ରଣୟନ ଓ ପ୍ରକାଶନ କାର୍ଯ୍ୟରେ ସଂପୃକ୍ତ ସମସ୍ତ ବିଦ୍ୱାନ୍ ଲେଖକମଣ୍ଡଳୀ, ସଂଯୋଜକ ଏବଂ ମୁଦ୍ରଣାଳୟ କର୍ତ୍ତୃପକ୍ଷଙ୍କୁ ଓଡିଶା ମାଧ୍ୟମିକ ଶିକ୍ଷା ପରିଷଦପକ୍ଷରୁ ହାର୍ଦ୍ଦିକ କୃତଜ୍ଞତା ଓ ସାଧୁବାଦ ଅର୍ପଣ କରୁଛି।

**ସଭାପତି**

ମାଧ୍ୟମିକଶିକ୍ଷାପରିଷଦ୍, ଓଡ଼ିଶା

# ଆଚାର୍ଯ୍ୟାନ୍ ପ୍ରତି

ସହୃଦୟ ଶିକ୍ଷକବନ୍ଧୁଗଣ !

"ସଂସ୍କୃତବ୍ୟାକରଣପ୍ରକାଶଃ" ପୁସ୍ତକର ଅଧ୍ୟୟନ ଓ ଅନୁଶୀଳନ ଦ୍ୱାରା ସଂସ୍କୃତଭାଷାରେ ମୌଳିକ ଜ୍ଞାନ ଅର୍ଜନ ସହଜ ହେବ ଏବଂ ପରବର୍ତ୍ତୀ ସମୟରେ ସଂସ୍କୃତଶାସ୍ତ୍ରଗବେଷଣା ପ୍ରତି ରୁଚି ବଢ଼ିବ। ପୁସ୍ତକରେ ବିଭିନ୍ନ ବିଷୟକୁ ସର୍ବଭାରତୀୟ ଶୈଳୀରେ ସ୍ୱତନ୍ତ୍ର ଅଭ୍ୟାସମୂଳକ ଭାବରେ ଛାତ୍ରୋପଯୋଗୀ କରିବା ପାଇଁ ଚେଷ୍ଟା କରାଯାଇଛି। ଆବଶ୍ୟକ ସ୍ଥଳେ ପ୍ରାଚୀନ ଏବଂ ନବୀନ ଉଦାହରଣ ସନ୍ନିବେଶିତ ହୋଇଛି। ଛାତ୍ରମାନଙ୍କର ମନସ୍ତତ୍ତ୍ୱକୁ ବିଚାରପୂର୍ବକ ଶିକ୍ଷକବନ୍ଧୁମାନେ ଏହି ପୁସ୍ତକରେ ପ୍ରଦତ୍ତ ବିଷୟକୁ ସଙ୍କୁଚିତ ବା ପ୍ରସାରିତ କରି ପ୍ରଚଳିତ ପାଠ୍ୟକ୍ରମ (ସିଲାବସ୍) ଆଧାରରେ ଶିକ୍ଷାଦାନ କରିବାକୁ ଅନୁରୋଧ। ଏହା ସହିତ ସ୍ଥଳବିଶେଷରେ ନବମ ଶ୍ରେଣୀ ପାଠ୍ୟପୁସ୍ତକରୁ ମଧ୍ୟ ଅଭ୍ୟାସ କରାଇବେ।

*ଲେଖନେ ମୁଦ୍ରଣେ ଚାପି ସ୍ଖଳନଂ ବା ପ୍ରମାଦତଃ।*
*କୃପୟା ସ୍ୱବିଚାରେଣ ମାର୍ଜୟନ୍ତୁ ସୁହୃଦ୍‌ବରାଃ।*

**ବିନୀତ ସମ୍ପାଦକମଣ୍ଡଳୀ**

# ଅନୁକ୍ରମଣିକା

SHWPZC


| କ୍ରମାଙ୍କ | ବିଷୟ | ପୃଷ୍ଠାଙ୍କ |
|---|---|---|
| ୧। | ସ୍ତ୍ରୀପ୍ରତ୍ୟୟ | ୧ |
| ୨। | ସମାସ | ୧୦ |
| ୩। | ତଦ୍ଧିତ ପ୍ରକରଣ | ୪୮ |
| ୪। | କୃଦନ୍ତ ପ୍ରକରଣ | ୫୫ |
| ୫। | ଣିଜନ୍ତ | ୭୪ |
| ୬। | ସନନ୍ତ | ୮୨ |
| ୭। | ଯଙନ୍ତ ଧାତୁ ପ୍ରକରଣ | ୯୦ |
| ୮। | ନାମଧାତୁ ପ୍ରକରଣ | ୯୧ |
| ୯। | ପରସ୍ମୈପଦ ବିଧାନ | ୯୪ |
| ୧୦। | ଆତ୍ମନେପଦ ବିଧାନ | ୯୪ |
| ୧୧। | ବାଚ୍ୟପ୍ରକରଣ | ୯୮ |
| ୧୨। | ଅନୁବାଦନିୟମାବଲୀ | ୧୧୩ |
| ୧୩। | ଭ୍ରମସଂଶୋଧନ-ଅଭ୍ୟାସ | ୧୧୯ |
| ୧୪। | ବ୍ୟାବହାରିକସଂସ୍କୃତଶବ୍ଦାବଲୀ | ୧୨୯ |


-------

# ଭାରତର ସମ୍ବିଧାନ

**ପ୍ରାକ୍ କଥନ :**

ଆମେ ଭାରତବାସୀ ଭାରତକୁ ଏକ ସାର୍ବଭୌମ, ସମାଜବାଦୀ, ଧର୍ମ ନିରପେକ୍ଷ, ଗଣତାନ୍ତ୍ରିକ ସାଧାରଣତନ୍ତ୍ର ରୂପେ ଗଠନ କରିବା ପାଇଁ ଦୃଢ଼ ସଂକଳ୍ପ ନେଇ ଓ ଏହାର ସମସ୍ତ ନାଗରିକଙ୍କୁ

- ସାମାଜିକ, ଅର୍ଥନୈତିକ ଓ ରାଜନୈତିକ ନ୍ୟାୟ :
- ଚିନ୍ତା, ଅଭିବ୍ୟକ୍ତି, ପ୍ରତ୍ୟୟ, ଧର୍ମୀୟ ବିଶ୍ୱାସ ଏବଂ ଉପାସନାର ସ୍ୱତନ୍ତ୍ରତା :
- ସ୍ଥିତି ଓ ସୁବିଧା ସୁଯୋଗର ସମାନତାର ସୁରକ୍ଷା ପ୍ରଦାନ କରିବାକୁ ତଥା
- ବ୍ୟକ୍ତି ମର୍ଯ୍ୟାଦା ଏବଂ ରାଷ୍ଟ୍ରର ଐକ୍ୟ ଓ ସଂହତି ନିଶ୍ଚିତ କରି ସେମାନଙ୍କ ମଧ୍ୟରେ ଭ୍ରାତୃଭାବ ଉତ୍ସାହିତ କରିବାକୁ

ଏହି ୧୯୪୯ ମସିହା ନଭେମ୍ବର ୨୬ ତାରିଖ ଦିନ
ଆମର ସମ୍ବିଧାନ ପ୍ରଣୟନ ସଭାରେ ଏତଦ୍ଦ୍ୱାରା
ଏହି ସମ୍ବିଧାନକୁ ଗ୍ରହଣ ଓ ପ୍ରଣୟନ କରୁଅଛୁ ଏବଂ ଆମ ନିଜକୁ ଅର୍ପଣ କରୁଅଛୁ ।

## ଚତୁର୍ଥ ଅଧ୍ୟାୟ (କ)
## ୫୧(କ) ଧାରା : ମୌଳିକ କର୍ତ୍ତବ୍ୟ

**ଭାରତର ପ୍ରତ୍ୟେକ ନାଗରିକଙ୍କର କର୍ତ୍ତବ୍ୟ :-**

୧ । ସମ୍ବିଧାନକୁ ମାନି ଚଳିବା ଓ ଏହାର ଆଦର୍ଶ ଓ ଅନୁଷ୍ଠାନମାନଙ୍କୁ ଏବଂ ଜାତୀୟ ପତାକା ଓ ଜାତୀୟ ସଙ୍ଗୀତକୁ ସମ୍ମାନ ପ୍ରଦର୍ଶନ କରିବା;

୨ । ଯେଉଁସବୁ ମହନୀୟ ଆଦର୍ଶ ଆମ ଜାତୀୟ ସ୍ୱାଧୀନତା ସଂଗ୍ରାମକୁ ଅନୁପ୍ରାଣିତ କରିଥିଲା, ତାହାକୁ ସ୍ମରଣ ଓ ଅନୁସରଣ କରିବା;

୩। ଭାରତର ସାର୍ବଭୌମତ୍ୱ, ଏକତା ଓ ସଂହତି ବଜାୟ ଏବଂ ସୁରକ୍ଷିତ ରଖିବା;

୪ । ଦେଶର ପ୍ରତିରକ୍ଷା କରିବା ଓ ଆବଶ୍ୟକସ୍ଥଳେ ଜାତୀୟ ସେବା ପ୍ରଦାନ କରିବା;

୫ । ଧର୍ମଗତ, ଭାଷାଗତ ଏବଂ ଆଞ୍ଚଳିକ କିମ୍ବା ଗୋଷ୍ଠୀଗତ ବିଭିନ୍ନତାକୁ ଅତିକ୍ରମ କରି ଭାରତର ଜନସାଧାରଣଙ୍କ ମଧ୍ୟରେ ଐକ୍ୟ ଓ ଭ୍ରାତୃଭାବ ପ୍ରତିଷ୍ଠା କରିବା ଏବଂ ନାରୀଜାତିର ମର୍ଯ୍ୟାଦାହାନୀସୂଚକ ବ୍ୟବହାର ପରିତ୍ୟାଗ କରିବା;

୬ । ଆମର ସଂସ୍କୃତିର ମୂଲ୍ୟବାନ ଐତିହ୍ୟକୁ ସମ୍ମାନ ପ୍ରଦର୍ଶନ ଓ ସଂରକ୍ଷଣ କରିବା;

୭ । ଅରଣ୍ୟ, ହ୍ରଦ, ନଦୀ, ବନ୍ୟପ୍ରାଣୀ ସମେତ ପ୍ରାକୃତିକ ପରିବେଶର ସୁରକ୍ଷା ଓ ଉନ୍ନତି କରିବା ଏବଂ ଜୀବଜଗତ ପ୍ରତି ଅନୁକମ୍ପା ପ୍ରଦର୍ଶନ କରିବା;

୮ । ବୈଜ୍ଞାନିକ ମନୋଭାବ, ମାନବବାଦ ଏବଂ ଅନୁସନ୍ଧିତ୍ସା ଓ ସଂସ୍କାର ମନୋଭାବ ପୋଷଣ କରିବା;

୯ । ସର୍ବସାଧାରଣ ସମ୍ପତ୍ତିର ସୁରକ୍ଷା କରିବା ଓ ହିଂସା ପରିତ୍ୟାଗ କରିବା;

୧୦ । ବ୍ୟକ୍ତିଗତ ଓ ସମଷ୍ଟିଗତ କାର୍ଯ୍ୟାବଳୀର ପ୍ରତ୍ୟେକ କ୍ଷେତ୍ରରେ ଉତ୍କର୍ଷ ସାଧନ କରିବା, ଯାହାଦ୍ୱାରା ଆମ ଦେଶ ପ୍ରଚେଷ୍ଟା ଓ କୃତିତ୍ୱର ଉଚ୍ଚତର ସୋପାନକୁ ଅବିରତ ଉନ୍ନତି କରିପାରିବ;

୧୧ । ମାତା ବା ପିତା ଅଭିଭାବକ, ତାଙ୍କର ଛଅ ବର୍ଷରୁ ଚଉଦ ବର୍ଷ ବୟସ ମଧ୍ୟରେ ଥିବା ସନ୍ତାନ ବା ପାଳିତଙ୍କୁ ଶିକ୍ଷାଲାଭର ସୁଯୋଗ ଯୋଗାଇଦେବା ।

# ସ୍ତ୍ରୀ ପ୍ରତ୍ୟୟ

SI6L1Z

| | | |
|---|---|---|
| ବାଳକଃ ଗଣିତଂ କରୋତି । | - | ବାଳିକା ଗୀତଂ ଗାୟତି । |
| ମୃଗଃ ବୃକ୍ଷତଳେ ଶେତେ । | - | ମୃଗୀ ଜଳଂ ପିବତି । |
| ଶିକ୍ଷକଃ ପତ୍ରିକାଂ ପଠତି । | - | ଶିକ୍ଷିକା ଦୂରଦର୍ଶନଂ ପଶ୍ୟତି । |
| ନେତା ଜନାନ୍ ଭାଷତେ । | - | ନେତ୍ରୀ କାର୍ଯ୍ୟାଳୟଂ ଗଚ୍ଛତି । |

ଉପର୍ଯ୍ୟୁକ୍ତ ଉଦାହରଣଗୁଡ଼ିକରେ ରେଖାଙ୍କିତ ପଦଗୁଡ଼ିକୁ ଲକ୍ଷ୍ୟ କର । 'ବାଳକ' ପଦର ସ୍ତ୍ରୀଲିଙ୍ଗରେ 'ବାଳିକା' ରୂପ ହୋଇଛି । ସେହିପରି ମୃଗର ମୃଗୀ, ଶିକ୍ଷକର ଶିକ୍ଷିକା ଓ ନେତାର ନେତ୍ରୀ ସ୍ତ୍ରୀଲିଙ୍ଗରୂପ ଅଟେ । ଏହିପରିଭାବରେ ପୁଂଲିଙ୍ଗବାଚକ ପଦର ସ୍ତ୍ରୀଲିଙ୍ଗରୂପରେ ପରିବର୍ତ୍ତନପାଇଁ ପୁଂଲିଙ୍ଗବାଚକ ପଦରୁ ଉତ୍ତର ଟାପ୍ (ଆ), ଙୀପ୍ ଙୀଷ୍ (ଈ), ଆନୀପ୍ (ଆନୀ) ଓ ଊଙ୍ (ଊ) ପ୍ରତ୍ୟୟ ପ୍ରୟୋଗ କରାଯାଏ । ଯଥା - ମୃଗ + ଙୀପ୍ = ମୃଗୀ, ବାଳକ + ଟାପ୍ = ବାଳିକା ଇତ୍ୟାଦି । ନିମ୍ନଲିଖିତ 'ଟାପ୍' ପ୍ରତ୍ୟୟାନ୍ତ ଉଦାହରଣଗୁଡ଼ିକୁ ଲକ୍ଷ୍ୟ କର–

| | | |
|---|---|---|
| ଅଜ = ଅଜା । | ବୃଦ୍ଧ = ବୃଦ୍ଧା । | ଶୁକ = ଶୁକା । |
| କୋକିଳ = କୋକିଳା । | ବାଳ = ବାଳା । | ଚତୁର = ଚତୁରା । |
| ଅଶ୍ୱ = ଅଶ୍ୱା । | ସୁତ = ସୁତା । | ପ୍ରଥମ = ପ୍ରଥମା । |
| ମୂଷିକ = ମୂଷିକା । | ପୂର୍ବ = ପୂର୍ବା । | ଦ୍ୱିତୀୟ = ଦ୍ୱିତୀୟା । |
| ଶିବ = ଶିବା । | ଚପଳ = ଚପଳା । | ତୃତୀୟ = ତୃତୀୟା । |
| ଛାତ୍ର = ଛାତ୍ରା । | ବସ୍ର = ବସ୍ରା । | କୃଶ = କୃଶା । |
| ଶିଷ୍ୟ = ଶିଷ୍ୟା । | ଚଟକ = ଚଟକା । | ବୀର = ବୀରା । |
| ସମାନ = ସମାନା । | ଅପର = ଅପରା । | ପାପ = ପାପା । ଇତ୍ୟାଦି । |

ଏହିପରି ଅନ୍ୟ କେତେକ ଉଦାହରଣକୁ ଲକ୍ଷ୍ୟ କର –

| | | |
|---|---|---|
| ଜ୍ୟେଷ୍ଠ = ଜ୍ୟେଷ୍ଠା । | ଗରିଷ୍ଠ = ଗରିଷ୍ଠା । | ଶ୍ରେଷ୍ଠ = ଶ୍ରେଷ୍ଠା । |
| କନିଷ୍ଠ = କନିଷ୍ଠା । | ବରିଷ୍ଠ = ବରିଷ୍ଠା । | ପ୍ରେଷ୍ଠ = ପ୍ରେଷ୍ଠା । |
| ଲଘିଷ୍ଠ = ଲଘିଷ୍ଠା । | ନେଦିଷ୍ଠ = ନେଦିଷ୍ଠା । | ପଟିଷ୍ଠ = ପଟିଷ୍ଠା । ଇତ୍ୟାଦି |

---

| | | |
|---|---|---|
| ଗୁରୁତର = ଗୁରୁତରା । | ଦୀର୍ଘତର = ଦୀର୍ଘତରା । | ପ୍ରିୟତର = ପ୍ରିୟତରା । |
| ଲଘୁତର = ଲଘୁତରା । | ପଟୁତର = ପଟୁତରା । | ଦୂରତର = ଦୂରତରା । |
| କ୍ଷିପ୍ରତର = କ୍ଷିପ୍ରତରା । | ମୃଦୁତର = ମୃଦୁତରା । | ସରଳତର = ସରଳତରା । ଇତ୍ୟାଦି |

---

| | | |
|---|---|---|
| ଗୁରୁତମ = ଗୁରୁତମା । | ବୃଦ୍ଧତମ = ବୃଦ୍ଧତମା । | ଦୀର୍ଘତମ = ଦୀର୍ଘତମା । |
| ଲଘୁତମ = ଲଘୁତମା । | କ୍ଷୁଦ୍ରତମ = କ୍ଷୁଦ୍ରତମା । | ସରଳତମ = ସରଳତମା । |
| ପ୍ରିୟତମ = ପ୍ରିୟତମା । | ବୃହତ୍ତମ = ବୃହତ୍ତମା । | ଯୁବତମ = ଯୁବତମା । ଇତ୍ୟାଦି |

**ମନେରଖ -** ତର, ତମ ଓ ଇଷ୍ଠ ପ୍ରତ୍ୟୟାନ୍ତ ତଦ୍ଧିତପଦର ସ୍ତ୍ରୀଲିଙ୍ଗରୂପ ପାଇଁ ଟାପ୍ (ଆ) ପ୍ରତ୍ୟୟ ଲାଗିଥାଏ।

ଲକ୍ଷ୍ୟ କର -

| | | |
|---|---|---|
| ଗତ = ଗତା। | ପଠିତ = ପଠିତା। | ଜାତ = ଜାତା। |
| ଦୃଷ୍ଟ = ଦୃଷ୍ଟା। | ଲିଖିତ = ଲିଖିତା। | ଦତ୍ତ = ଦତ୍ତା। |
| ନୀତ = ନୀତା। | ଶ୍ରୁତ = ଶ୍ରୁତା। | ହତ = ହତା। ଇତ୍ୟାଦି । |

| | |
|---|---|
| ସେବମାନ = ସେବମାନା। | ବର୍ତ୍ତମାନ = ବର୍ତ୍ତମାନା। |
| ଲଭମାନ = ଲଭମାନା। | ବିଦ୍ୟମାନ = ବିଦ୍ୟମାନା। |
| ଶୟାନ = ଶୟାନା। | ଈକ୍ଷମାଣ = ଈକ୍ଷମାଣା। ଇତ୍ୟାଦି । |

---

| | |
|---|---|
| ଦ୍ରଷ୍ଟବ୍ୟ = ଦ୍ରଷ୍ଟବ୍ୟା। | ପଠିତବ୍ୟ = ପଠିତବ୍ୟା। |
| ନେତବ୍ୟ = ନେତବ୍ୟା। | ଶ୍ରୋତବ୍ୟ = ଶ୍ରୋତବ୍ୟା। |
| ଦାତବ୍ୟ = ଦାତବ୍ୟା। | ହନ୍ତବ୍ୟ = ହନ୍ତବ୍ୟା। ଇତ୍ୟାଦି । |

---

| | |
|---|---|
| ପଠନୀୟ = ପଠନୀୟା। | ପାନୀୟ = ପାନୀୟା। |
| ଗ୍ରହଣୀୟ = ଗ୍ରହଣୀୟା। | ଦାନୀୟ = ଦାନୀୟା। |
| ଶ୍ରବଣୀୟ = ଶ୍ରବଣୀୟା। | ସ୍ମରଣୀୟ = ସ୍ମରଣୀୟା ଇତ୍ୟାଦି । |

**ମନେରଖ -** କୃଦନ୍ତର 'କ୍ତ' 'ଶାନଚ୍' 'ତବ୍ୟ' ଓ 'ଅନୀୟ' ପ୍ରତ୍ୟୟାନ୍ତ ପଦରେ 'ଟାପ୍' ପ୍ରତ୍ୟୟ ଲାଗି ସ୍ତ୍ରୀଲିଙ୍ଗ ରୂପ ହୋଇଥାଏ।

ଲକ୍ଷ୍ୟ କର-

| | | |
|---|---|---|
| ସୁକ୍ରୋଡ଼ = ସୁକ୍ରୋଡ଼ା। | ସକେଶ = ସକେଶା। | ମହାଲଲାଟ = ମହାଲଲାଟା। |
| ସୁନଖ = ସୁନଖା। | ଅକେଶ = ଅକେଶା। | ଶୂର୍ପଣଖ = ଶୂର୍ପଣଖା। |
| ସୁମୁଖ=ସୁମୁଖା(ଶାଳା) ସୁମୁଖୀ-ନାରୀ। | ସନାସିକ = ସନାସିକା। | ଗୌରମୁଖ = ଗୌରମୁଖା। |
| ସୁଭଗ = ସୁଭଗା। | ଚାରୁଶିଖ = ଚାରୁଶିଖା। | କାଳମୁଖ = କାଳମୁଖା ଇତ୍ୟାଦି। |

**ମନେରଖ -** (i) କ୍ରୋଡାଦି ଶବ୍ଦ ଓ ବହୁସ୍ୱରାନ୍ତ ପଦରୁ 'ଟାପ୍' ଲାଗି ସ୍ତ୍ରୀଲିଙ୍ଗପଦ ଗଠିତ ହୁଏ।

(ii) ଅଙ୍ଗବାଚକ ପଦପୂର୍ବରେ ସହ (ସ), ନଞ୍ (ଅ) ଆଦି ଲାଗିଥିଲେ 'ଟାପ୍' ପ୍ରତ୍ୟୟ ଲାଗି ସ୍ତ୍ରୀଲିଙ୍ଗରୂପ ଗଠିତ ହୁଏ।

ଲକ୍ଷ୍ୟ କର -

| | | |
|---|---|---|
| କାରକ = କାରିକା। | ଅଧ୍ୟାପକ = ଅଧ୍ୟାପିକା। | ପାଚକ = ପାଚିକା। |
| ପାଠକ = ପାଠିକା। | ସାଧକ = ସାଧିକା। | ନାୟକ = ନାୟିକା। |
| ଶିକ୍ଷକ = ଶିକ୍ଷିକା। | ଲେଖକ = ଲେଖିକା। | ଗାୟକ = ଗାୟିକା। |
| ମାମକ = ମାମିକା। | ବାଳକ = ବାଳିକା। | ଯାଚକ = ଯାଚିକା। |
| ଦର୍ଶକ = ଦର୍ଶିକା। | ଗ୍ରାହକ = ଗ୍ରାହିକା। | ସେବକ = ସେବିକା ଇତ୍ୟାଦି। |

**ମନେରଖ –** 'ଟାପ୍' ପ୍ରତ୍ୟୟ ହେଲେ ପ୍ରତ୍ୟୟସ୍ଥ 'କ'କାରର ପୂର୍ବବର୍ତ୍ତୀ 'ଅ' କାର ସ୍ଥାନରେ 'ଇ'କାର ହୁଏ। ମାତ୍ର, ନର୍ତ୍ତକ ଶବ୍ଦର ସ୍ତ୍ରୀଲିଙ୍ଗରେ 'ନର୍ତ୍ତକୀ' ହୁଏ।

ଲକ୍ଷ୍ୟ କର – ସୂତକ = ସୂତକା, ସୂତିକା।
ପୁତ୍ତ୍ରକ = ପୁତ୍ତ୍ରକା, ପୁତ୍ତ୍ରିକା।
ବୃନ୍ଦାରକ = ବୃନ୍ଦାରକା, ବୃନ୍ଦାରିକା।

**ମନେରଖ –** ଉପରି ଲିଖିତ କେତେକ 'ଟାପ୍' ପ୍ରତ୍ୟୟାନ୍ତ ପଦର ବିକଳ୍ପ ରୂପ ଥିଲେ ମଧ୍ୟ ଅର୍ଥ ସମାନ ରୁହେ।

ଲକ୍ଷ୍ୟ କର–

ତାରକ = ତାରକା (ନକ୍ଷତ୍ର), ତାରିକା (ରକ୍ଷାକାରିଣୀ)।
ବର୍ଣ୍ଣକ = ବର୍ଣ୍ଣକା (ଉତ୍ତରୀୟ), ବର୍ଣ୍ଣିକା (ସ୍ତୋତ୍ରକାରିଣୀ) (ରଙ୍ଗତୂଳିକା)।
ବର୍ତ୍ତକ = ବର୍ତ୍ତକା (ମାଈବତକ), ବର୍ତ୍ତିକା (ବଳିତା)।

ମନେରଖ – 'ଟାପ୍' ପ୍ରତ୍ୟୟାନ୍ତ ପଦର ଦୁଇଟି ଭିନ୍ନରୂପ ଭିନ୍ନଅର୍ଥ ମଧ୍ୟ ପ୍ରକାଶ କରିଥାଏ।

ଏହିପରି କେତେକ 'ଙୀପ୍' ଓ 'ଙୀଷ୍' ପ୍ରତ୍ୟୟାନ୍ତ ପଦକୁ ଲକ୍ଷ୍ୟ କର– ଏହାର ଶେଷରେ 'ଈ' କାର ଯୋଗ କରାଯାଇଛି ।

| | | |
|---|---|---|
| ନଦ = ନଦୀ। | କାକ = କାକୀ। | ନଟ = ନଟୀ। |
| ଗୌର = ଗୌରୀ। | ବ୍ୟାଘ୍ର = ବ୍ୟାଘ୍ରୀ। | କୁମାର = କୁମାରୀ। |
| ମୃଗ = ମୃଗୀ। | ଦେବ = ଦେବୀ। | ତରୁଣ = ତରୁଣୀ। |
| ସିଂହ = ସିଂହୀ। | ଘୋଟକ = ଘୋଟକୀ। | ସୁନ୍ଦର = ସୁନ୍ଦରୀ। |
| ହୟ = ହୟୀ। | ଈଶ୍ୱର = ଈଶ୍ୱରୀ। | ଖନକ = ଖନକୀ। |
| ନୃ, ନର = ନାରୀ। | ଗବୟ = ଗବୟୀ। | ରଜକ = ରଜକୀ। |
| ପିତାମହ = ପିତାମହୀ। | ତାଦୃଶ = ତାଦୃଶୀ। | ଈଦୃଶ = ଈଦୃଶୀ। |
| ମାତାମହ = ମାତାମହୀ। | ଯାଦୃଶ = ଯାଦୃଶୀ। | କୀଦୃଶ = କୀଦୃଶୀ। |
| ଧାର୍ମିକ = ଧାର୍ମିକୀ। | ମାନୁଷ = ମାନୁଷୀ। | ମାନବ = ମାନବୀ। |

କିନ୍ତୁ, ମନୁଷ୍ୟ = ମନୁଷୀ।, ମତ୍ସ୍ୟ = ମତ୍ସୀ।

**ମନେରଖ –** ମନୁଷ୍ୟ ଓ ମତ୍ସ୍ୟଶବ୍ଦରୁ ସ୍ତ୍ରୀଲିଙ୍ଗରେ 'ଯ' ଲୋପ ପାଏ।

ଲକ୍ଷ୍ୟ କର –

| | |
|---|---|
| ବୁଦ୍ଧିମତ୍ = ବୁଦ୍ଧିମତୀ। | ବଳବତ୍ = ବଳବତୀ। |
| ଶ୍ରୀମତ୍ = ଶ୍ରୀମତୀ। | ବେଗବତ୍ = ବେଗବତୀ। |
| ଧୀମତ୍ = ଧୀମତୀ। | ରୂପବତ୍ = ରୂପବତୀ। |
| ଗୁଣବତ୍ = ଗୁଣବତୀ। | ଲକ୍ଷ୍ମୀବତ୍ = ଲକ୍ଷ୍ମୀବତୀ। |
| ଧନବତ୍ = ଧନବତୀ। | ଆୟୁଷ୍ମତ୍ = ଆୟୁଷ୍ମତୀ। |

'ମତୁପ୍' ପ୍ରତ୍ୟୟାନ୍ତ ଏବଂ 'ମତୁପ୍' ର 'ବତ୍' ଆଦେଶ ହୋଇଥିବା ପଦରେ 'ଙୀପ୍' ଲଗାଇ ସ୍ତ୍ରୀଲିଙ୍ଗରୂପ ଗଠିତ ହୁଏ।

ଧନିନ୍ = ଧନିନୀ। ତେଜସ୍ୱିନ୍ = ତେଜସ୍ୱିନୀ। ଯଶସ୍ୱିନ୍ = ଯଶସ୍ୱିନୀ।

ମନ୍ତ୍ରିନ୍ = ମନ୍ତ୍ରିଣୀ। ମନସ୍ୱିନ୍ = ମନସ୍ୱିନୀ। ବାଗ୍ମିନ୍ = ବାଗ୍ମିନୀ।

ଜ୍ଞାନିନ୍ = ଜ୍ଞାନିନୀ। ତପସ୍ୱିନ୍ = ତପସ୍ୱିନୀ।

ମାନିନ୍ = ମାନିନୀ। ସ୍ରୋତସ୍ୱିନ୍ = ସ୍ରୋତସ୍ୱିନୀ।

ଅହଙ୍କାରିନ୍ = ଅହଙ୍କାରିଣୀ। ପୟସ୍ୱିନ୍ = ପୟସ୍ୱିନୀ।

**ମନେରଖ –** ତଦ୍ଧିତ 'ଇନ୍' 'ମିନ୍' ଓ 'ବିନ୍' ପ୍ରତ୍ୟୟାନ୍ତ ପଦରୁ ଉତ୍ତର 'ଙୀପ୍' ଲାଗି ସ୍ତ୍ରୀଲିଙ୍ଗରୂପ ଗଠିତ ହୁଏ।

ଗତବତ୍ = ଗତବତୀ। ଦତ୍ତବତ୍ = ଦତ୍ତବତୀ। ପଠିତବତ୍ = ପଠିତବତୀ

ଦୃଷ୍ଟବତ୍ = ଦୃଷ୍ଟବତୀ। ହତବତ୍ = ହତବତୀ। ଜିତବତ୍ = ଜିତବତୀ।

ନୀତବତ୍ = ନୀତବତୀ। ଜ୍ଞାତବତ୍ = ଜ୍ଞାତବତୀ। ପୀତବତ୍ = ପୀତବତୀ।

ମନେରଖ – କୃଦନ୍ତ 'କ୍ତବତୁ' ପ୍ରତ୍ୟୟାନ୍ତ ପଦରୁ ଉତ୍ତର 'ଙୀପ୍' ଲାଗି ସ୍ତ୍ରୀଲିଙ୍ଗ ରୂପ ଗଠିତ ହୁଏ।

ମହୀୟସ୍ = ମହୀୟସୀ। ଜ୍ୟାୟସ୍ = ଜ୍ୟାୟସୀ। କନୀୟସ୍ = କନୀୟସୀ

ଗରୀୟସ୍ = ଗରୀୟସୀ। ବର୍ଷୀୟସ୍ = ବର୍ଷୀୟସୀ। ପ୍ରେୟସ୍ = ପ୍ରେୟସୀ

ଲଘୀୟସ୍ = ଲଘୀୟସୀ। ପଟୀୟସ୍ = ପଟୀୟସୀ। ଶ୍ରେୟସ୍ = ଶ୍ରେୟସୀ।

**ମନେରଖ-** "ଈୟସୁନ୍" ପ୍ରତ୍ୟୟାନ୍ତ ପଦରୁ ଉତ୍ତର 'ଙୀପ୍' ପ୍ରତ୍ୟୟ ଲାଗି ସ୍ତ୍ରୀଲିଙ୍ଗରୂପ ଗଠିତ ହୁଏ।

ଲକ୍ଷ୍ୟ କର-

ଗଚ୍ଛତ୍ = ଗଚ୍ଛନ୍ତୀ। ସତ୍ = ସତୀ।

ପଠତ୍ = ପଠନ୍ତୀ। ଭବତ୍ = ଭବନ୍ତୀ।

ପଶ୍ୟତ୍ = ପଶ୍ୟନ୍ତୀ। ବିଭ୍ୟତ୍ = ବିଭ୍ୟତୀ।

ପିବତ୍ = ପିବନ୍ତୀ। କୁର୍ବତ୍ = କୁର୍ବତୀ।

ତିଷ୍ଠତ୍ = ତିଷ୍ଠନ୍ତୀ। ଶାସତ୍ = ଶାସତୀ।

କୃଦନ୍ତ 'ଶତୃ' ପ୍ରତ୍ୟୟାନ୍ତ ପଦପରେ 'ଙୀପ୍' ପ୍ରତ୍ୟୟ ଲାଗି ସ୍ତ୍ରୀଲିଙ୍ଗରୂପ ଗଠିତ ହୁଏ।

ପ୍ରାଚ୍ = ପ୍ରାଚୀ, ପ୍ରାଞ୍ଚୀ।

ଉଦଚ୍ = ଉଦୀଚୀ, ଉଦଞ୍ଚୀ।

ପ୍ରତ୍ୟଚ୍ = ପ୍ରତୀଚୀ, ପ୍ରତ୍ୟଞ୍ଚୀ।

ଅବାଚ୍ = ଅପାଚୀ, ଅବାଚୀ, ଅବାଞ୍ଚୀ।

ଦିଗ୍‌ବାଚକ ଶବ୍ଦରୁ ଉତ୍ତର 'ଙୀପ୍' ଲାଗି ସ୍ତ୍ରୀଲିଙ୍ଗରୂପ ଗଠିତ ହୁଏ ।

ଦାତୃ = ଦାତ୍ରୀ। ବିଧାତୃ = ବିଧାତ୍ରୀ। ଶିକ୍ଷୟିତୃ = ଶିକ୍ଷୟିତ୍ରୀ।

ନେତୃ = ନେତ୍ରୀ। ସବିତୃ = ସବିତ୍ରୀ। ଦ୍ରଷ୍ଟୃ = ଦ୍ରଷ୍ଟ୍ରୀ।

କର୍ତ୍ତୃ = କର୍ତ୍ତ୍ରୀ। ଶ୍ରୋତୃ = ଶ୍ରୋତ୍ରୀ। ହର୍ତ୍ତୃ = ହର୍ତ୍ତ୍ରୀ।

ଭର୍ତ୍ତୃ = ଭର୍ତ୍ତ୍ରୀ। ଜନୟିତୃ = ଜନୟିତ୍ରୀ। ନପ୍ତୃ = ନପ୍ତ୍ରୀ।

"ଋକାରାନ୍ତ" ପଦଶେଷରେ 'ଙୀପ୍' ଲାଗି ସ୍ତ୍ରୀଲିଙ୍ଗରୂପ ଗଠିତ ହୁଏ।

ଅଗ୍ନି = ଅଗ୍ନାୟୀ।

ବୃଷାକପି = ବୃଷାକପାୟୀ। (ବୃଷାକପି : ଶିବ, ବିଷ୍ଣୁ, ଇନ୍ଦ୍ର; ବୃଷାକପାୟୀ : ପାର୍ବତୀ, ଲକ୍ଷ୍ମୀ, ଶଚୀ)

କୁସୀଦ = କୁସୀଦାୟୀ (ସୁଧଖୋର ବ୍ୟକ୍ତିର ସ୍ତ୍ରୀ) / କୁସୀଦା (ସୁଧଖୋର ସ୍ତ୍ରୀ)

**ମନେରଖ –** କେତେକ ପଦଶେଷରେ 'ଙୀପ୍' ପ୍ରତ୍ୟୟଲାଗି ସ୍ତ୍ରୀଲିଙ୍ଗରୂପ ଗଠିତ ହେବା ସମୟରେ ପଦାନ୍ତ 'ଇ' ବର୍ଣ୍ଣର ବୃଦ୍ଧି ହୋଇ 'ଐ' ହେବାପରେ ତାହା ସ୍ଥାନରେ "ଆୟ୍" ହୋଇଥାଏ।

ଲକ୍ଷ୍ୟକର – ପତି = ପତ୍ନୀ, ପତିଃ (ମାଲିକାଣୀ) । ରାଷ୍ଟ୍ରପତି = ରାଷ୍ଟ୍ରପତିଃ।

ସଭାପତି = ସଭାପତିଃ । ସେନାପତି = ସେନାପତିଃ।

**ମନେରଖ –** ଯଜ୍ଞର ଫଳଭାଗିତ୍ୱ ବୁଝାଇଲେ 'ପତି' ଶବ୍ଦର ସ୍ତ୍ରୀଲିଙ୍ଗରେ 'ପତ୍ନୀ' ହୁଏ। ଅନ୍ୟତ୍ର ହୁଏ ନାହିଁ।

ମୁନି = ମୁନୀ, ମୁନିଃ। ସାରଥି = ସାରଥୀ, ସାରଥିଃ।

ସଖି = ସଖୀ, ସଖିଃ। ଅତିଥି = ଅତିଥୀ, ଅତିଥିଃ।

କପି = କପୀ, କପିଃ। ଅହି = ଅହୀ, ଅହିଃ।

**ମନେରଖ –** 'ଇ'କାରାନ୍ତ ପଦରୁ ଉତ୍ତର 'ଙୀପ୍' ଲାଗି ସ୍ତ୍ରୀଲିଙ୍ଗରେ ଦୀର୍ଘ ହୋଇଯାଏ।

ଲକ୍ଷ୍ୟକର –

କ୍ଷତ୍ରିୟ – { କ୍ଷତ୍ରିୟା। କ୍ଷତ୍ରିୟାଣୀ । (କ୍ଷତ୍ରିୟଜାତୀୟା ସ୍ତ୍ରୀ)
କ୍ଷତ୍ରିୟୀ। (କ୍ଷତ୍ରିୟସ୍ୟ ସ୍ତ୍ରୀ)

ବୈଶ୍ୟ – { ବୈଶ୍ୟା। (ବୈଶ୍ୟଜାତୀୟା ସ୍ତ୍ରୀ)
ବୈଶ୍ୟୀ। (ବୈଶ୍ୟସ୍ୟ ସ୍ତ୍ରୀ)

ଶୂଦ୍ର – { ଶୂଦ୍ରା। (ଶୂଦ୍ରଜାତୀୟା ସ୍ତ୍ରୀ)
ଶୂଦ୍ରୀ। (ଶୂଦ୍ରସ୍ୟ ସ୍ତ୍ରୀ)

ଗୋପ – { ଗୋପା। (ଗୋପଜାତୀୟା ସ୍ତ୍ରୀ)
ଗୋପୀ। (ଗୋପସ୍ୟ ସ୍ତ୍ରୀ)

**ମନେରଖ –** ମନୁଷ୍ୟର ଜାତି ବୁଝାଇଲେ ଉଭୟ ଟାପ୍ (ଆ) ଓ ଙୀପ୍ (ଈ) ପ୍ରତ୍ୟୟ ହୁଏ, ମାତ୍ର ଅର୍ଥ ବଦଳିଯାଏ। 'ବ୍ରାହ୍ମଣ' ଶବ୍ଦର ସ୍ତ୍ରୀଲିଙ୍ଗରେ 'ବ୍ରାହ୍ମଣୀ' ହୁଏ, ମାତ୍ର 'ବ୍ରହ୍ମନ୍' ଶବ୍ଦର 'ବ୍ରହ୍ମାଣୀ' ହୁଏ।

ଦେଖ – ମୃଦୁ = ମୃଦୁଃ, ମୃଦ୍ୱୀ। ଗୁରୁ = ଗୁରୁଃ, ଗୁର୍ବୀ।

ପଟୁ = ପଟୁଃ, ପଟ୍ୱୀ। ଲଘୁ = ଲଘୁଃ, ଲଘ୍ୱୀ।

ତନୁ = ତନୁଃ, ତନ୍ୱୀ। ସାଧୁ = ସାଧୁଃ, ସାଧ୍ୱୀ।

**ମନେରଖ –** ଉକାରାନ୍ତ ପଦପରେ ବିକଳ୍ପରେ 'ଙୀପ୍' ପ୍ରତ୍ୟୟ ଲାଗି ସ୍ତ୍ରୀଲିଙ୍ଗରୂପ ଗଠିତ ହୁଏ।

ଲକ୍ଷ୍ୟ କର –

ଇନ୍ଦ୍ର = ଇନ୍ଦ୍ରାଣୀ । ଭବ = ଭବାନୀ ।

ଶର୍ବ = ଶର୍ବାଣୀ । ବରୁଣ = ବରୁଣାନୀ ।

ରୁଦ୍ର = ରୁଦ୍ରାଣୀ । ମୃଡ଼ = ମୃଡ଼ାନୀ ।

**ମନେରଖ –** ଇନ୍ଦ୍ରାଦି କେତେକ ଦେବବାଚକ ପଦରୁ ଉତ୍ତର ଆନୀପ୍ (ଆନୀ) ପ୍ରତ୍ୟୟ ଲାଗି ସ୍ତ୍ରୀଲିଙ୍ଗରୂପ ଗଠିତ ହୁଏ ।

ସେହିପରି- ଯବ = ଯବାନୀ । (ଦୁଷ୍ଟଃ ଯବଃ)

ଯବନ = { ଯବନୀ । (ଯବନସ୍ୟ ସ୍ତ୍ରୀ) / ଯବନାନୀ । (ଯବନାନାଂ ଲିପିଃ) }

ହିମ = / ଅରଣ୍ୟ = { ହିମାନୀ । (ମହତ୍ ହିମମ୍) / ଅରଣ୍ୟାନୀ । (ମହତ୍ ଅରଣ୍ୟମ୍) }

କେତେକ 'ଆନୀପ୍' ପ୍ରତ୍ୟୟାନ୍ତ ପଦ ସ୍ତ୍ରୀଲିଙ୍ଗର ହୋଇଥିଲେ ମଧ୍ୟ ଅର୍ଥପରିବର୍ତ୍ତନ ହୋଇଥାଏ ।

ଉପାଧ୍ୟାୟ = ଉପାଧ୍ୟାୟା । (ସ୍ୱୟଂ ଶିକ୍ଷୟିତ୍ରୀ)
ଉପାଧ୍ୟାୟୀ / ଉପାଧ୍ୟାୟାନୀ । (ଉପାଧ୍ୟାୟସ୍ୟ ସ୍ତ୍ରୀ)

ଆଚାର୍ଯ୍ୟ = { ଆଚାର୍ଯ୍ୟା । (ସ୍ୱୟମ୍ ଅଧ୍ୟାପିକା) / ଆଚାର୍ଯ୍ୟାନୀ । (ଆଚାର୍ଯ୍ୟସ୍ୟ ସ୍ତ୍ରୀ) }

ପାଣିଗୃହୀତ = { ପାଣିଗୃହୀତା । (ରକ୍ଷିତା ସ୍ତ୍ରୀ) / ପାଣିଗୃହୀତୀ । (ବିବାହିତା ସ୍ତ୍ରୀ) }

ସୂର୍ଯ୍ୟ = { ସୂର୍ଯ୍ୟା । (ସୂର୍ଯ୍ୟସ୍ୟ ଦେବୀ ସ୍ତ୍ରୀ) / ସୂରୀ । (ସୂର୍ଯ୍ୟସ୍ୟ ମାନବୀ ସ୍ତ୍ରୀ) }

ସ୍ଥଳ = { ସ୍ଥଳା । (କୃତ୍ରିମା ଭୂମିଃ) / ସ୍ଥଳୀ । (ଅକୃତ୍ରିମା ଭୂମିଃ) }

ନିମ୍ନଲିଖିତ ପଦଗୁଡ଼ିକର ସ୍ତ୍ରୀଲିଙ୍ଗ ରୂପ ଭିନ୍ନ ପ୍ରକାର ହୋଇଥାଏ ।

ଲକ୍ଷ୍ୟ କର –

ଶ୍ୱଶୁର = ଶ୍ୱଶ୍ରୂଃ ।

ପିତା = ମାତା ।

ପୁତ୍ର = ପୁତ୍ରୀ ।

ଶ୍ୱନ୍ = ଶୁନୀ ।

ମଘବତ୍ = ମଘୋନୀ / ମଘବତୀ ।

ଯୁବତ୍ = ଯୁବତୀ

ଯୁବନ୍ = ଯୁବତିଃ/ଯୂନୀ।

ଭବତୁ(ଭବତ୍) = ଭବତୀ

ମାତୁଳ = ମାତୁଳୀ / ମାତୁଳାନୀ / ମାତୁଳା

ରାଜନ୍ = ରାଜ୍ଞୀ।

ସମ୍ରାଜ୍ = ସମ୍ରାଜୀ।

ମହାରାଜ = ମହାରାଜୀ।

ପତିବତ୍ = { ପତିବତ୍ନୀ (ସଧବା ନାରୀ)
ପତିମତୀ (ପ୍ରଭୁଯୁକ୍ତା ଭୃତ୍ୟା / ଧରଣୀ)

ମନୁ = ମନାୟୀ / ମନାବୀ / ମନୁଃ।

ସଂଖ୍ୟାବାଚକ ଓ ସର୍ବନାମଶବ୍ଦ ଗୁଡ଼ିକର ମଧ୍ୟ ସ୍ତ୍ରୀଲିଙ୍ଗରୂପ ହୁଏ-

| | | |
|---|---|---|
| ଏକ (ଏକଃ) = ଏକା। | ଇଦମ୍ (ଅୟମ୍) = ଇୟମ୍। | କିମ୍ (କଃ) = କା। |
| ଦ୍ୱି (ଦ୍ୱୌ) = ଦ୍ୱେ। | ତଦ୍ (ସଃ) = ସା। | ସର୍ବ = ସର୍ବା। |
| ତ୍ରି (ତ୍ରୟଃ) = ତିସ୍ରଃ। | ଏତଦ୍ (ଏଷଃ) = ଏଷା। | ବିଶ୍ୱ = ବିଶ୍ୱା। |
| ଚତୁର୍ (ଚତ୍ୱାରଃ ) = ଚତସ୍ରଃ। | ଯଦ୍ (ଯଃ) = ଯା। | ସମ = ସମା । ଇତ୍ୟାଦି। |

**ମନେରଖ -** (i) କେତେକ ଦ୍ୱିଗୁ ସମାସନିଷ୍ପନ୍ନ ପ୍ରାତିପଦିକରୁ ଙୀପ୍ (ଈ) ପ୍ରତ୍ୟୟ ହୋଇଥାଏ। ଯଥା - ତ୍ରିଲୋକୀ, ଅଷ୍ଟାଧ୍ୟାୟୀ, ସପ୍ତଶତୀ ଇତ୍ୟାଦି।

(ii) 'ଅନ୍ତର୍ବତ୍' ପଦରୁ ଉତ୍ତର 'ଙୀପ୍' ପ୍ରତ୍ୟୟ ଲାଗି 'ଅନ୍ତର୍ବତ୍ନୀ' (ଗର୍ଭବତୀ ନାରୀ) ହୋଇଥାଏ।

(iii) ପତିପଦ ଲାଗିଥିବା ସମସ୍ତପଦ ବହୁବ୍ରୀହିସମାସରେ 'ଙୀପ୍' ଲାଗି ସ୍ତ୍ରୀଲିଙ୍ଗ ହୋଇଥାଏ। ଯଥା - ସପତ୍ନୀ (ସମାନଃ ପତିଃ ଯସ୍ୟାଃ) ଏକପତ୍ନୀ (ଏକଃ ପତିଃ ଯସ୍ୟାଃ) ଓ ବୀରପତ୍ନୀ (ବୀରଃ ପତିଃ ଯସ୍ୟାଃ) ଇତ୍ୟାଦି।

**ସ୍ତ୍ରୀଲିଙ୍ଗରେ 'ଙୀପ୍' ଓ 'ଙୀଷ୍' ପ୍ରତ୍ୟୟ ବ୍ୟାକରଣଶାସ୍ତ୍ର ଅନୁସାରେ ଭିନ୍ନ ଭିନ୍ନ ଶବ୍ଦରେ ଯୋଗ କରାଯାଏ ମାତ୍ର କୋମଳମତି ଛାତ୍ରଙ୍କ ପାଇଁ ତାହାକୁ କେବଳ 'ଙୀପ୍' (ଈ) ଆକାରରେ ଏହି ପୁସ୍ତକରେ ସନ୍ନିବେଶିତ କରାଯାଇଛି ।**

## ଅଭ୍ୟାସ

**୧। ସ୍ତ୍ରୀପ୍ରତ୍ୟୟାନ୍ତରୂପାଣି ଲିଖତ -**

ଅଜ, ବ୍ୟାଘ୍ର, ଶ୍ୱନ୍, ଶ୍ୱଶୁର, ପିତୃ, ମାତାମହ, ତଦ୍, ମେଷ, ଦୈ୍ୱର, ସେବକ, ନର୍ତ୍ତକ, ପାପ, ଗତ, କର୍ତ୍ତବ୍ୟ, ଗୁରୁତର, ପ୍ରେଷ୍ଠ, ଜ୍ୟାୟସ୍, ପଠିତବତ୍।

**୨। ଏକପଦେନ ଅର୍ଥଂ ପ୍ରକାଶୟତ -**

କୃତ୍ରିମା ଭୂମିଃ, ଇନ୍ଦ୍ରସ୍ୟ ଜାୟା, ଶିବସ୍ୟ ପତ୍ନୀ, ଗୋପଜାତୀୟା ସ୍ତ୍ରୀ, ଲେଖକସ୍ୟ ସ୍ତ୍ରୀପ୍ରତ୍ୟୟେ ରୂପମ୍, ଚଟକସ୍ୟ ସ୍ତ୍ରୀ, ବିଦୁଷଃ ସ୍ତ୍ରୀଲିଙ୍ଗେ ରୂପମ୍, ତାରୟତି ଯା, କରୋତି ଯା, ପଶ୍ଚିମା ଦିକ୍।

**୩। ସ୍ତମ୍ଭମେଳନଂ କୁରୁତ -**

| **'କ' ସ୍ତମ୍ଭଃ** | **'ଖ' ସ୍ତମ୍ଭଃ** |
|---|---|
| ରାଜ୍ଞଃ ପତ୍ନୀ | ଯବନାନୀ |
| ରକ୍ଷିତା ସ୍ତ୍ରୀ | ପଠନ୍ତୀ |
| ସଧବା ନାରୀ | ବର୍ତ୍ତମାନା |
| ପଠତି ଯା | ଆର୍ଯ୍ୟା |
| ବର୍ତ୍ତତେ ଯା | ରାଜ୍ଞୀ |
| କୁମ୍ଭକାରସ୍ୟ ସ୍ତ୍ରୀ | ପ୍ରାଚୀ |
| ପୂର୍ବା ଦିକ୍ | ପାଣିଗୃହୀତା |
| ମହତ୍ ଅରଣ୍ୟମ୍ | ଦେବୀ |
| ଯବନାନାଂ ଲିପିଃ | ମଘୋନୀ |
| ଦେବସ୍ୟ ସ୍ତ୍ରୀ | ପତିବତ୍ନୀ |
| ମଘୋନଃ ସ୍ତ୍ରୀ | କୁମ୍ଭକାରୀ |
| ସ୍ୱୟଂ ବ୍ୟାଖ୍ୟାତ୍ରୀ | ଅରଣ୍ୟାନୀ |

**୪। ଅର୍ଥଭେଦଂ ପ୍ରକାଶୟତ -**

ଉପାଧ୍ୟାୟା - ଉପାଧ୍ୟାୟାନୀ, ବର୍ତ୍ତକା - ବର୍ତ୍ତିକା, ବ୍ରହ୍ମାଣୀ - ବ୍ରାହ୍ମଣୀ, ଶୂଦ୍ରୀ - ଶୂଦ୍ରା, ପାଣିଗୃହୀତା - ପାଣିଗୃହୀତୀ, ପତିମତୀ - ପତିବତ୍ନୀ, ସୂର୍ଯ୍ୟା - ସୂରୀ, ସ୍ଥଳା - ସ୍ଥଳୀ।

**୫। ବନ୍ଧନୀମଧ୍ୟାତ୍ ଉପଯୁକ୍ତପଦେନ ଶୂନ୍ୟସ୍ଥାନଂ ପୂରୟତ -**

(କ) ଆକାଶେ ________ ଶୋଭନ୍ତେ। (ତାରକାଃ / ତାରିକାଃ)

(ଖ) ________ ଛାତ୍ରାନ୍ ପାଠୟତି। (ଉପାଧ୍ୟାୟା / ଉପାଧ୍ୟାୟାନୀ)

(ଗ) ସୀତା ରାମସ୍ୟ ________ ଆସୀତ୍। (ପାଣିଗୃହୀତା / ପାଣିଗୃହୀତୀ)

(ଘ) ________ ପତିସେବାଂ କୁରୁତେ। (ପତିମତୀ / ପତିବତ୍ନୀ)

(ଙ) ଦ୍ରୌପଦୀ ________ ଆସୀତ୍ । (ପଞ୍ଚପତ୍ନୀ / ପଞ୍ଚପତିଃ)

(ଚ) ଅହଂ ________ ପଠିତୁଂ ଶକ୍ନୋମି । (ଯବନୀଂ / ଯବନାନୀମ୍)

(ଛ) ଦେବଗଡ଼ସ୍ୟ ପ୍ରଧାନପାଟଃ ________ ଭବତି । (ସ୍ଥଳା / ସ୍ଥଳୀ)

(ଜ) କୁନ୍ତୀ ________ ଇତି ନାମ୍ନା ପରିଚିତା । (ସୂରୀ / ସୂର୍ଯ୍ୟା)

(ଝ) ବିଶ୍ୱବାରା ________ ଆସୀତ୍ । (ଆର୍ଯ୍ୟା / ଆର୍ଯ୍ୟାନୀ)

(ଞ) ଭକ୍ତାଃ ________ ପୂଜୟନ୍ତି । (ବ୍ରହ୍ମାଣୀମ୍ / ବ୍ରାହ୍ମଣୀମ୍)

**୬ । ବନ୍ଧନୀମଧ୍ୟାତ୍ ଶୁଦ୍ଧମ୍ ଉତ୍ତରଂ ନିରୂପୟତ-**

(କ) ଅଗ୍ନେଃ ଜାୟା ----। (ଅଗ୍ନୀ, ଅଗ୍ନିଃ, ଅଗ୍ନାୟୀ)

(ଖ) ଅକୃତ୍ରିମା ଭୂମିଃ ----। (ସ୍ଥଳମ୍, ସ୍ଥଳା, ସ୍ଥଳୀ)

(ଗ) ଶ୍ୱଶୁରସ୍ୟ ପତ୍ନୀ ---। (ଶ୍ୱଶ୍ରୂଃ, ଶାଶ୍ରୁଃ, ଶ୍ୱଶୁରୀ)

(ଘ) ସେବତେ ଯା ----। (ସେବନ୍ତୀ, ସେବତୀ, ସେବମାନା)

(ଙ) ଶିକ୍ଷକସ୍ୟ ସ୍ତ୍ରୀଲିଙ୍ଗେ ରୂପମ୍ ----। (ଶିକ୍ଷକୀ, ଶିକ୍ଷିକା, ଶିକ୍ଷୟିତ୍ରୀ)

(ଚ) ସୈରସ୍ୟ ସ୍ତ୍ରୀପ୍ରତ୍ୟୟେ ରୂପମ୍ ----। (ସୈରା, ସୈରୀ, ସୈରାଣୀ)

(ଛ) ବରୁଣସ୍ୟ ସ୍ତ୍ରୀ -----। (ବରୁଣୀ, ବରୁଣା, ବରୁଣାନୀ)

(ଜ) ମାତୁଃ ମାତା ----। (ମାତାମହୀ, ମାତୃକା, ମାତ୍ରୀ)

(ଝ) ଭବତି ଯା ----। (ଭବତୀ, ଭବାନୀ, ଭବନ୍ତୀ)

(ଞ) ବୀରଃ ପତିଃ ଯସ୍ୟାଃ -----। (ବୀରା, ବୀରପତ୍ନୀ, ବୀରପତିଃ)

**୭ । ରେଖାଙ୍କିତପଦାନାଂ ଭ୍ରମସଂଶୋଧନଂ କୁରୁତ -**

(କ) ଶୁକ୍ଳାମ୍ବରୀଂ ନମାମି ।

(ଖ) ଭବନ୍ତି ! ଭିକ୍ଷାଂ ଦେହି ।

(ଗ) ବାଳୀ ଖେଳତି ପ୍ରାନ୍ତରେ ।

(ଘ) ଅକେଶୀ ବାଳା ନୃତ୍ୟତି ।

(ଙ) ପାର୍ବତୀ ଶିବାନୀ ଇତି ଉଚ୍ୟତେ ।

(ଚ) ସ୍କନ୍ଧେ ବର୍ଣ୍ଣିକା ଶୋଭତେ ।

(ଛ) ମମ ଜନନୀ ସଭାନେତା ଆସୀତ୍ ।

(ଜ) ଛାୟାଦେବୀ ସୂରୀ ଭବତି ।

(ଝ) ପ୍ରତୀଚ୍ୟାଂ ସୂର୍ଯ୍ୟଃ ଉଦେତି ।

(ଞ) ବିଦ୍ୱାନୀ ଗୀତାଂ ପଠତି ।

●

# ସମାସ

ପରସ୍ପର ନିକଟବର୍ତ୍ତୀ ସମ୍ବନ୍ଧ ଥିବା ପଦମାନଙ୍କର ସଂହତି ବା ମିଳନକୁ 'ସମାସ' କୁହାଯାଏ। 'ସମସ୍ୟତେ ଅନେକପଦମ୍ ଇତି ସମାସଃ'। ଏକାଧିକ ପଦମାନଙ୍କ ମିଳନସମୟରେ ଭାବ ବା ଅର୍ଥକୁ ଆଶ୍ରୟ କରି ସମାସ ନିରୂପଣ କରାଯାଇଥାଏ। ସମାସ ପଦବିଧି ଅଟେ। ଲକ୍ଷ୍ୟ କର –

SIFH3M

| | | |
|---|---|---|
| ମାତୁଳାଳୟଃ | = | ମାତୁଳସ୍ୟ ଆଳୟଃ। |
| ଉପକୂଳମ୍ | = | କୂଳସ୍ୟ ସମୀପମ୍। |
| ମାତାପିତରୌ | = | ମାତା ଚ ପିତା ଚ। |
| ବୀଣାପାଣିଃ | = | ବୀଣା ପାଣୌ ଯସ୍ୟାଃ ସା। |

ଉପର୍ଯ୍ୟୁକ୍ତ 'ମାତୁଳାଳୟଃ' ପ୍ରଭୃତି ପଦଗୁଡ଼ିକର ଅର୍ଥ 'ମାତୁଳସ୍ୟ ଆଳୟଃ' ଇତ୍ୟାଦି ପଦସଂହତିଦ୍ୱାରା ସ୍ପଷ୍ଟ କରାଯାଇଛି। ତେଣୁ "ମାତୁଳସ୍ୟ ଆଳୟଃ" ପ୍ରଭୃତିକୁ ବ୍ୟାସବାକ୍ୟ / ବିଗ୍ରହ / ସମସ୍ୟମାନ ପଦ ବୋଲି କୁହାଯାଏ। ସେହିପରି 'ମାତୁଳାଳୟଃ' ପ୍ରଭୃତି ସମସ୍ତ ଅର୍ଥକୁ ଏକପଦରେ ପ୍ରକାଶ କରୁଥିବାରୁ ସେମାନଙ୍କୁ 'ସମସ୍ତପଦ' କୁହାଯାଏ। ବ୍ୟାସବାକ୍ୟରେ ଥିବା ଦୁଇଟିପଦ ଯଥା:- ମାତୁଳ ଏବଂ ଆଳୟ ମିଶିଯାଇ 'ମାତୁଳାଳୟ' ଗଠିତ ହେବାପରେ ଏହାର ଆକାଂକ୍ଷିତ ୧ମା ବିଭକ୍ତି ଏକବଚନରେ 'ମାତୁଳାଳୟଃ' ରୂପ ସୃଷ୍ଟି ହୋଇଛି। ସମସ୍ତପଦର ଅନ୍ୟବିଭକ୍ତିରେ ରୂପାନ୍ତରଣପାଇଁ ବିଗ୍ରହ/ବ୍ୟାସବାକ୍ୟ ପରେ ତଦ୍‌ଶବ୍ଦର ସେହି ବିଭକ୍ତି ଓ ବଚନର ରୂପ ଲଗାଯାଇଥାଏ। ଲକ୍ଷ୍ୟ କର –

| | | |
|---|---|---|
| ମାତୁଳାଳୟମ୍ | = | ମାତୁଳସ୍ୟ ଆଳୟଃ, ତମ୍। |
| ମାତୁଳାଳୟେନ | = | ମାତୁଳସ୍ୟ ଆଳୟଃ, ତେନ ଇତ୍ୟାଦି। |

ମନେରଖ – (୧) ସମସ୍ତପଦର ବିଗ୍ରହବାକ୍ୟ ନିର୍ଣ୍ଣୟ ସମୟରେ ପ୍ରଥମେ ସମସ୍ତପଦର ମୂଳପଦଟି ନିର୍ଣ୍ଣୟ କରି ତା'ର ବିଗ୍ରହବାକ୍ୟ ସୃଷ୍ଟି କରାଯାଏ। ତା'ପରେ ସମସ୍ତପଦର ଯେଉଁ ବିଭକ୍ତି ଓ ବଚନ ଥାଏ, ତଦ୍‌ଶବ୍ଦର ସେହି ବିଭକ୍ତି ଓ ବଚନର ରୂପ ଲଗାଯାଏ, 'ମାତୁଳାଳୟଃ' ପଦରେ ଥିବା ଦୁଇଟିପଦମଧ୍ୟରୁ **ମାତୁଳ** ପଦଟିକୁ **ପୂର୍ବପଦ** ଓ **ଆଳୟ** ପଦଟିକୁ **ପରପଦ** ବା **ଉତ୍ତରପଦ** କୁହାଯାଏ। ବିଗ୍ରହବାକ୍ୟରେ ଥିବା **ପୂର୍ବପଦ** ଓ **ପରପଦର** ବିଭକ୍ତି ଓ ବଚନର ଯେଉଁ ଚିହ୍ନ ଲାଗିଥାଏ, ତାହା ସମାସବିଧିସମୟରେ ଲୋପପାଇଥାଏ। ପୂର୍ବପଦ ଓ ପରପଦର ମିଳନ ସମୟରେ ଆବଶ୍ୟକତାଅନୁଯାୟୀ ସନ୍ଧି କରାଯାଏ – ଶେଷରେ ଆବଶ୍ୟକ ବିଭକ୍ତି ଓ ବଚନର ଚିହ୍ନ ସମସ୍ତପଦରେ ଲଗାଯାଇଥାଏ।

ପୂର୍ବବର୍ଣ୍ଣିତ ଉଦାହରଣଗୁଡ଼ିକୁ ଲକ୍ଷ୍ୟ କର –

'ମାତୁଳାଳୟଃ' ପଦରେ ଉତ୍ତର ପଦ ବା 'ଆଳୟ' ପଦର ପ୍ରାଧାନ୍ୟ, 'ଉପକୂଳମ୍' ପଦରେ ପୂର୍ବପଦ ବା ଉପ (ଅବ୍ୟୟ) ପଦର ପ୍ରାଧାନ୍ୟ, 'ମାତାପିତରୌ' ପଦରେ ଉଭୟପଦ ବା ମାତା ଓ ପିତା ପଦଦୁଇଟିର ପ୍ରାଧାନ୍ୟ ଏବଂ 'ବୀଣାପାଣିଃ' ପଦରେ କୌଣସି ପଦର ପ୍ରାଧାନ୍ୟ ନ ଥାଇ 'ସରସ୍ୱତୀ' ପଦାର୍ଥର ପ୍ରାଧାନ୍ୟ ଅନୁଭୂତ ହୁଏ। ଏହି ପ୍ରାଧାନ୍ୟ ଦୃଷ୍ଟିରୁ ସମାସକୁ ୪ଟି ବିଭାଗରେ ବିଭକ୍ତ କରାଯାଇଛି –

| ପ୍ରାଧାନ୍ୟ | ସମାସର ନାମ |
|---|---|
| ପୂର୍ବପଦ | ଅବ୍ୟୟୀଭାବ |
| ଉତ୍ତର ପଦ | ତତ୍ପୁରୁଷ |
| | { କର୍ମଧାରୟ, ଦ୍ୱିଗୁ } — ତତ୍ପୁରୁଷ ଅନ୍ତର୍ଗତ |
| ଉଭୟ ପଦ | ଦ୍ୱନ୍ଦ୍ୱ |
| ଅନ୍ୟପଦ | ବହୁବ୍ରୀହି |

ସମାସ ଛ ପ୍ରକାର - (i) ଅବ୍ୟୟୀଭାବ, (ii) ତତ୍ପୁରୁଷ, (iii) କର୍ମଧାରୟ, (iv) ଦ୍ୱନ୍ଦ୍ୱ, (v) ଦ୍ୱିଗୁ ଓ (vi) ବହୁବ୍ରୀହି। ନିମ୍ନସ୍ଥ ସମାସବିଧିକୁ ଲକ୍ଷ୍ୟ କର -

ସୁବୁଦ୍ଧିଃ —
- ଶୋଭନା ବୁଦ୍ଧିଃ = କର୍ମଧାରୟ।
- ଶୋଭନା ବୁଦ୍ଧିଃ ଯସ୍ୟ ସଃ = ବହୁବ୍ରୀହି
- ଶୋଭନା ବୁଦ୍ଧିଃ ଯସ୍ୟାଃ ସା = ବହୁବ୍ରୀହି

ଏଠାରେ 'ସୁବୁଦ୍ଧିଃ' ପଦଟି ଭିନ୍ନଭିନ୍ନ ଅର୍ଥ ପ୍ରକାଶ କରୁଛି। ଯଥା :-

(i) ବାଳକସ୍ୟ **ସୁବୁଦ୍ଧିଃ** ପ୍ରଶଂସନୀୟା। (କର୍ମଧାରୟ)

(ii) **ସୁବୁଦ୍ଧିଃ** ପୁତ୍ରଃ ପ୍ରଶଂସିତଃ ଭବତି। (ବହୁବ୍ରୀହି - ପୁଂଲିଙ୍ଗ)

(iii) **ସୁବୁଦ୍ଧିଃ** କନ୍ୟା ପ୍ରଶଂସିତା ଭବତି। (ବହୁବ୍ରୀହି - ସ୍ତ୍ରୀଲିଙ୍ଗ)

ଅର୍ଥକୁ ଆଶ୍ରୟ କରି **'ସୁବୁଦ୍ଧିଃ'** ପଦର ଭିନ୍ନଭିନ୍ନ ବିଗ୍ରହବାକ୍ୟ ଓ ସମାସ ହେଉଅଛି। ତେଣୁ, ସମାସକୁ 'ଅର୍ଥାଶ୍ରୟୀ' କୁହାଯାଏ।

ଏହି ସମାସଗୁଡିକର ଉପବିଭାଗସବୁ ରହିଛି ସେଗୁଡିକ ସଂପୃକ୍ତ ସମାସ ଆଲୋଚନା ସମୟରେ ଉପସ୍ଥାପନ କରାଯିବ। ଏତଦ୍ବ୍ୟତୀତ ଅଲୁକ୍, ନିତ୍ୟ ଓ ସୁପ୍ସୁପା ଇତ୍ୟାଦି ସମାସ ବିଷୟରେ ଆଲୋଚନା କରାଯିବ।

## ଅବ୍ୟୟୀଭାବ

ଅବ୍ୟୟ ପୂର୍ବପଦରେ ଥାଇ ଯେଉଁ ସମାସ ହୁଏ, ତାହାକୁ 'ଅବ୍ୟୟୀଭାବ' ସମାସ କୁହାଯାଏ। 'ପୂର୍ବେଽବ୍ୟୟେଽବ୍ୟୟୀଭାବଃ' କୃତ୍, ତଦ୍ଧିତ, ନିପାତ ଓ ଉପସର୍ଗ ଅନ୍ତର୍ଗତ ଅବ୍ୟୟଗୁଡିକ ପୂର୍ବପଦରେ ବ୍ୟବହୃତ ହୋଇଥିଲେ ସମସ୍ତପଦ ଅବ୍ୟୟୀଭାବ ସମାସ ହୋଇଥାଏ। ସାଧାରଣତଃ ସମସ୍ତପଦଗୁଡ଼ିକ ଅବ୍ୟୟ ହୁଅନ୍ତି। ଲକ୍ଷ୍ୟ କର-

(i) ଅହଂ **ଯଥାଶକ୍ତି** ଧନଂ ଦାସ୍ୟାମି।

(ii) ଶିକ୍ଷକଃ **ପ୍ରତିଶିଷ୍ୟଂ** ପ୍ରଶ୍ନଂ ପୃଚ୍ଛତି।

ପ୍ରଥମବାକ୍ୟରେ 'ଯଥାଶକ୍ତି' ପଦଟି ଶକ୍ତିଅନୁସାରେ (ଶକ୍ତିମ୍ ଅନତିକ୍ରମ୍ୟ) ଏବଂ ଦ୍ୱିତୀୟବାକ୍ୟରେ 'ପ୍ରତିଶିଷ୍ୟମ୍' ପଦଟି ଛାତ୍ରକୁ ଏବଂ ଛାତ୍ରକୁ (ଶିଷ୍ୟଂ ଶିଷ୍ୟମ୍) ଏହି ଅର୍ଥକୁ ବୁଝାଉଛି। ପ୍ରଥମବାକ୍ୟରେ 'ଅନତିକ୍ରମ୍ୟ' ଅର୍ଥରେ 'ଯଥା' ଏବଂ

ଦ୍ୱିତୀୟ ବାକ୍ୟରେ ଶିଷ୍ୟପଦର ଦ୍ୱିରୁକ୍ତିଅର୍ଥରେ 'ପ୍ରତି' ଅବ୍ୟୟର ପ୍ରୟୋଗ କରାଯାଇଛି। ପଦଦୁଇଟି ଅବ୍ୟୟ (କ୍ଲୀବଲିଙ୍ଗ ପ୍ରଥମାବିଭକ୍ତି ଏକବଚନ) ହୋଇଛନ୍ତି।

**ମନେରଖ** - ପୂର୍ବପଦରେ ପ୍ରଯୁକ୍ତ ଅବ୍ୟୟଟି ବିଗ୍ରହବାକ୍ୟରେ ତା'ର ଅର୍ଥକୁ ସ୍ପଷ୍ଟ କରିଥାଏ। ଏହିପରି କେତେକ ଉଦାହରଣକୁ ଲକ୍ଷ୍ୟ କର-

ପିତା **ଯଥାକାଳମ୍** ଆଗମିଷ୍ୟତି। (କାଳମ୍ ଅନତିକ୍ରମ୍ୟ)

ସଃ ଦରିଦ୍ରେଭ୍ୟଃ **ଯଥେଚ୍ଛଂ** ଯଚ୍ଛତି। (ଇଚ୍ଛାମ୍ ଅନତିକ୍ରମ୍ୟ)

ଅହଂ **ଯଥାବିଧି** ଈଶ୍ୱରଂ ନମାମି। (ବିଧିମ୍ ଅନତିକ୍ରମ୍ୟ)

ମାତ୍ର, 'ଯଥା ହରିଃ, ତଥା ହରଃ" ଇତ୍ୟାଦି କ୍ଷେତ୍ରରେ ଏପରି ଭାବ ପ୍ରକାଶିତ ହେଉ ନ ଥିବାରୁ ସମାସ ହୋଇପାରିବ ନାହିଁ।

ପୂର୍ବପଦରେ ବ୍ୟବହୃତ 'ଉପ' ଅବ୍ୟୟପଦ 'ସାମୀପ୍ୟ' ଅର୍ଥକୁ ବୁଝାଇଥାଏ। ଯଥା-:

ସଃ ଉପକୂଳଂ ଗଚ୍ଛତି। (କୂଳସ୍ୟ ସମୀପମ୍)

ଯାନମ୍ ଉପନଗରଂ ପ୍ରାପ୍ତମ୍। (ନଗରସ୍ୟ ସମୀପମ୍)

ନଦୀ ଉପମନ୍ଦିରଂ ପ୍ରବହତି। (ମନ୍ଦିରସ୍ୟ ସମୀପମ୍)

ମାତ୍ର, ଉପରାଜ୍ୟପାଳଃ, ଉପକୁଳାଧିପତିଃ, ଉପାଧ୍ୟକ୍ଷଃ ଇତ୍ୟାଦି ପଦରେ 'ଉପ' ପଦର ସାମୀପ୍ୟ ଅର୍ଥ ନ ଥାଇ ଅଧସ୍ତନ ବ୍ୟକ୍ତିବିଶେଷଙ୍କୁ ବୁଝାଇଥାଏ, ତେଣୁ ଅବ୍ୟୟୀଭାବସମାସ ହୁଏ ନାହିଁ।

ପୂର୍ବପଦରେ ବ୍ୟବହୃତ 'ଅନୁ' ଅବ୍ୟୟପଦ ପଛ ବା ପଶ୍ଚାତ୍ ଅର୍ଥକୁ ବୁଝାଇଥାଏ। ଯଥା :-

ଅନୁଶିକ୍ଷକଂ ଛାତ୍ରାଃ ଗଚ୍ଛନ୍ତି। (ଶିକ୍ଷକସ୍ୟ ପଶ୍ଚାତ୍)

ଅନୁବୃକ୍ଷଂ ଚୌରଃ ଅସ୍ତି। (ବୃକ୍ଷସ୍ୟ ପଶ୍ଚାତ୍)

ଅନୁଗୃହଂ ବାଟିକା ବିଦ୍ୟତେ। (ଗୃହସ୍ୟ ପଶ୍ଚାତ୍)

ମାତ୍ର, 'ଅନୁରୂପମ୍' ପଦର ବିଗ୍ରହବାକ୍ୟ 'ରୂପସ୍ୟ ଯୋଗ୍ୟମ୍' ହୁଏ ଏବଂ 'ଅନୁକୂଳମ୍' ପଦର 'ଅନୁଗତଂ କୂଳମ୍' ହୋଇଥାଏ।

ପୂର୍ବପଦରେ ବ୍ୟବହୃତ 'ସୁ' ଉପସର୍ଗ ସମୃଦ୍ଧି ବା ପ୍ରାଚୁର୍ଯ୍ୟ ଅର୍ଥକୁ ପ୍ରକାଶ କରିଥାଏ। ଯଥା:-

ପ୍ରାକ୍ ଅୟଂଦେଶଃ 'ସୁଭାରତମ୍' ଆସୀତ୍। (ଭାରତାନାଂ ସମୃଦ୍ଧିଃ)

ସୁକଳିଙ୍ଗଂ ବର୍ତ୍ତତେ ସ୍ମ। (କଳିଙ୍ଗାନାଂ ସମୃଦ୍ଧିଃ)

ସୁମଦ୍ରଂ ଗର୍ବଂ ଜନୟତି। (ମଦ୍ରାଣାଂ ପ୍ରାଚୁର୍ଯ୍ୟମ୍)

ଅତ୍ର ସୁଫଳଂ ନାସ୍ତି। (ଫଳାନାଂ ପ୍ରାଚୁର୍ଯ୍ୟମ୍)

ମାତ୍ର, କର୍ମଧାରୟ ଏବଂ ବହୁବ୍ରୀହି ସମାସରେ ବ୍ୟବହୃତ 'ସୁ'ପଦ ଶୋଭନ ବା ସୁନ୍ଦର ଅର୍ଥକୁ ବୁଝାଇବାସହିତ ବିଶେଷଣରୂପ ଗ୍ରହଣ କରିଥାଏ।

ଅଭାବ ବା ବୃଦ୍ଧି ଅର୍ଥରେ 'ଦୁଃ' ଏବଂ 'ନିଃ' ଉପସର୍ଗର ପ୍ରୟୋଗ କରାଯାଇଥାଏ। ଯଥା:-

ଦେଶେ ଦୁର୍ଭିକ୍ଷଂ ଦୃଶ୍ୟତେ। (ଭିକ୍ଷାୟାଃ ଅଭାବଃ)

ସ୍ଥାନେଽସ୍ମିନ୍ ନିର୍ମକ୍ଷିକମ୍ ଅନୁଭୂୟତେ। (ମକ୍ଷିକାଣାମ୍ ଅଭାବଃ)

ମାତ୍ର, କର୍ମଧାରୟ ଓ ବହୁବ୍ରୀହି ସମାସରେ 'ଦୁଃ' ଦୁଷ୍ଟ ଓ 'ନିଃ' 'ଅବିଦ୍ୟମାନ' ଅର୍ଥକୁ ବୁଝାଉଥିବାରୁ ବିଶେଷଣରୂପେ ବ୍ୟବହୃତ ହୋଇଥା'ନ୍ତି।

ପୂର୍ବପଦରେ 'ଅଧି' ଉପସର୍ଗ ପ୍ରୟୋଗ କରାଯାଇଥିଲେ ତାହା ପରପଦରେ ସପ୍ତମୀ ବିଭକ୍ତି ଅର୍ଥକୁ ବୁଝାଇଥାଏ।

ଯଥା:- ବକ୍ତା ଅଧ୍ୟାତ୍ମମ୍ ଅଭାଷତ। (ଆତ୍ମନି ଇତି)

କୃଷକାଃ ଅଧିଗ୍ରାମଂ ନିବସନ୍ତି। (ଗ୍ରାମେ ଇତି)

ଅଧିହରି ଭକ୍ତିଂ କୁରୁ। (ହରୌ ଇତି)

ପୂର୍ବପଦରେ ପ୍ରଯୁକ୍ତ 'ଆ' ଉପସର୍ଗ ପର୍ଯ୍ୟନ୍ତ (ଯାବତ୍) ଅର୍ଥକୁ ବୁଝାଇଥାଏ। ଯଥା:-

ଗାନ୍ଧିମହାଭାଗଃ ଆମରଣଂ ସତ୍ୟମ୍ ଅପାଳୟତ୍। (ମରଣଂ ଯାବତ୍)

ଦୋଷୀ ଆଜୀବନଂ କାରାଗାରଂ ନୀତଃ। (ଜୀବନଂ ଯାବତ୍)

ରଘୁଃ ଆସମୁଦ୍ରଂ ରାଜ୍ୟଂ ଶଶାସ। (ସମୁଦ୍ରଂ ଯାବତ୍)

ସେହିପରି ଲକ୍ଷ୍ୟ କର -

ପିତା ମାମ୍ ଆପାଦମସ୍ତକମ୍ ଅପଶ୍ୟତ୍। (ପାଦମସ୍ତକଂ ବ୍ୟାପ୍ୟ)

ଭାରତବର୍ଷମ୍ ଆକୁମାରୀହିମାଚଳଂ ବର୍ତ୍ତତେ। (କୁମାରୀହିମାଚଳୌ ଯାବତ୍) ।

ଆହିମାଳୟଂ ଗଙ୍ଗା ଦୃଶ୍ୟତେ। (ହିମାଳୟାତ୍ ଆରଭ୍ୟ)

ପୂର୍ବପଦରେ ବ୍ୟବହୃତ 'ସ' ସାଦୃଶ୍ୟ ଅର୍ଥକୁ ବୁଝାଇଥାଏ।

ଯଥା:- ସିଂହଃ ସଚିତ୍ରଂ ପ୍ରତିଭାତି। (ଚିତ୍ରସ୍ୟ ସାଦୃଶ୍ୟମ୍)

ଭକ୍ତଃ ଈଶ୍ୱରେ ସହରି ଅନୁଭବତି। (ହରେଃ ସାଦୃଶ୍ୟମ୍)

ପୂର୍ବପଦରେ ବ୍ୟବହୃତ 'ପ୍ରତି' ବୀପ୍ସା କିମ୍ବା ପଦର ବାରମ୍ବାର ଆବୃତ୍ତିକୁ ବୁଝାଇଥାଏ। ଯଥା:-

ଭିକ୍ଷୁଃ ପ୍ରତିଗୃହଂ ଭିକ୍ଷତେ। (ଗୃହଂ ଗୃହମ୍ / ଗୃହେଗୃହେ)

ମେଘଃ ପ୍ରତିଦିଶଂ ବ୍ୟାପ୍ନୋତି। (ଦିଶଂଦିଶମ୍ / ଦିଶିଦିଶି)

ପ୍ରତିଦିନଂ ବିଦ୍ୟାଳୟମ୍ ଆଗଚ୍ଛ। (ଦିନଂ ଦିନମ୍ / ଦିନେ ଦିନେ)

ସଃ ପ୍ରତ୍ୟହମ୍ ଆଗଚ୍ଛତି। (ଅହନି ଅହନି)

'ଅକ୍ଷି' ଶବ୍ଦ ସମାସବିଧିସମୟରେ 'ଅକ୍ଷ' ରେ ପରିଣତ ହୋଇଥାଏ। ଲକ୍ଷ୍ୟ କର -

ପ୍ରଧାନଶିକ୍ଷକଃ ମାଂ ପ୍ରତ୍ୟକ୍ଷମ୍ ଅପଶ୍ୟତ୍। (ଅକ୍ଷି ପ୍ରତି)

ଦୁର୍ଜନଃ ପରୋକ୍ଷଂ ନିନ୍ଦତି। (ଅକ୍ଷ୍ଣୋଃ ପରମ୍)

ତବ ସମକ୍ଷଂ କଃ ଅଗଚ୍ଛତ୍ ? (ଅକ୍ଷ୍ଣୋଃ ସମୀପମ୍ / ସମମ୍)

ମମ ଅନ୍ୱକ୍ଷଂ ଶୈରିଃ ଆଗଚ୍ଛତ୍। (ଅକ୍ଷ୍ଣୋଃ ପଶ୍ଚାତ୍)

ନଦୀବାଚକ ପଦର ସମାହାର ହେଲେ ତାହା ଦ୍ୱିଗୁସମାସ ନ ହୋଇ ଅବ୍ୟୟୀଭାବସମାସ ହୋଇଥା'ନ୍ତି। ଯଥା -

ଉତ୍ତରଭାରତେ ପଞ୍ଚନଦମ୍ ଅସ୍ତି। (ପଞ୍ଚାନାଂ ନଦୀନାଂ ସମାହାରଃ)

ପ୍ରୟାଗେ ତ୍ରିଗଙ୍ଗଂ ବିରାଜତେ। (ତିସୃଣାଂ ଗଙ୍ଗାନାଂ ସମାହାରଃ)

ମନେ ରଖ - ଅବ୍ୟୟୀଭାବସମାସରେ ସମସ୍ତ ପଦଗୁଡ଼ିକ ଅବ୍ୟୟ ହୋଇଥିଲେ ମଧ୍ୟ କେତେକ କ୍ଷେତ୍ରରେ ତୃତୀୟା ଓ ସପ୍ତମୀ ବିଭକ୍ତିର ମଧ୍ୟ ପ୍ରୟୋଗ ଦେଖାଯାଇଥାଏ। ଯଥା-

ପରୋକ୍ଷେ କାର୍ଯ୍ୟହନ୍ତାରଂ ପ୍ରତ୍ୟକ୍ଷେ ପ୍ରିୟବାଦିନମ୍। ଇତ୍ୟାଦି

ବଡ଼ସାନ କ୍ରମ ଅର୍ଥରେ ଅବ୍ୟୟୀଭାବ ହୁଏ - ଯଥା- ଜ୍ୟେଷ୍ଠସ୍ୟ ଆନୁପୂର୍ବ୍ୟେଣ - ଅନୁଜ୍ୟେଷ୍ଠମ୍

## ଅଭ୍ୟାସ

**୧। ସଂସ୍କୃତଭାଷୟା ଅନୁବାଦଂ କୁରୁତ -**

(କ) ଶିବଦତ୍ତ ଶକ୍ତିଅନୁସାରେ ଦାନ ଦିଅନ୍ତି।

(ଖ) ମୃଗପଛରେ ସିଂହ ଦୌଡ଼ୁଥିଲା।

(ଗ) ଗାଁ ନିକଟରେ ହାଟ ବସେ।

(ଘ) ସବୁଘର ପରିଷ୍କାର ରଖ।

(ଙ) ଭାରତର ସମୃଦ୍ଧି ପ୍ରଶଂସନୀୟ।

(ଚ) ଦେଶକୁ ଦେଶ ସମ୍ବନ୍ଧ ବଢ଼ିଚାଲିଛି।

(ଛ) ମୋ ଆଖିଆଗରେ ପିଲାଟି ପଡ଼ିଗଲା।

(ଜ) ସବୁ ଦିଗରେ ଶସ୍ୟକ୍ଷେତ୍ରସବୁ ଶୋଭାପାଉଛି।

(ଝ) କୃପଣ ଧନବିଷୟରେ ଚିନ୍ତାକରେ।

(ଞ) ଆପଣମାନେ ପୋଖରୀପାଖଦେଇ ଯିବେ।

**୨। ଏକପଦେନ ଅର୍ଥଂ ପ୍ରକାଶୟତ -**

କଣ୍ଠସ୍ୟ ସମୀପମ୍, ଅକ୍ଷ୍ଣୋଃ ସମୀପମ୍, ବୃକ୍ଷସ୍ୟ ପଶ୍ଚାତ୍, ଶିଷ୍ୟସ୍ୟ ସାଦୃଶ୍ୟମ୍, ଗୃହେ ଇତି, ବିଦ୍ୟାଳୟଂ ଯାବତ୍, ଅହନି ଅହନି, ଭିକ୍ଷାୟାଃ ସମୃଦ୍ଧିଃ, ମକ୍ଷିକାଣାମ୍ ଅଭାବଃ, କଳିଙ୍ଗସ୍ୟ ସମୃଦ୍ଧିଃ।

**୩। ବିଗ୍ରହବାକ୍ୟାନି ଲିଖତ-**

ପ୍ରତିଦିନମ୍, ଦୁର୍ଭିକ୍ଷମ୍, ସୁଭିକ୍ଷମ୍, ଅନୁଜ୍ୟେଷ୍ଠମ୍, ପରୋକ୍ଷମ୍, ଅନୁରୂପମ୍, ଅଧିହରି, ଉପଗ୍ରାମମ୍, ତ୍ରିଗଙ୍ଗମ୍, ଯଥାବୁଦ୍ଧି, ଯଥେଷ୍ଟମ୍, ସହରି, ଆସମୁଦ୍ରମ୍, ପଞ୍ଚନଦମ୍।

୪। ସ୍ତମ୍ଭମେଳନଂ କୁରୁତ-

| **<u>କସ୍ତମ୍ଭଃ</u>** | **<u>ଖସ୍ତମ୍ଭଃ</u>** |
|---|---|
| ଅନୁରୂପମ୍ | ହରେଃ ସାଦୃଶ୍ୟମ୍ |
| ଅଧିହରି | ଗଙ୍ଗାୟାଃ ସମୀପମ୍ |
| ଉପଗଙ୍ଗମ୍ | ମରଣଂ ଯାବତ୍ |
| ଆମରଣମ୍ | ହରୌ ଇତି |
| ଅନ୍ୱକ୍ଷମ୍ | ରୂପସ୍ୟ ଯୋଗ୍ୟମ୍ |
| ସୁଭାରତମ୍ | ଭାରତସ୍ୟ ସମୃଦ୍ଧିଃ |
| ସହରି | ଅକ୍ଷ୍ଣୋଃ ପଶ୍ଚାତ୍ |

୫। ବାକ୍ୟାନି ରଚୟତ-

ସମକ୍ଷମ୍, ପଞ୍ଚନଦମ୍, ଆଶୈଶବମ୍, ଆଜୀବନମ୍, ସୁଶସ୍ୟମ୍, ଯଥାମତି, ସୁଭାରତମ୍, ଆହିମାଳୟମ୍, ଯଥାବିଧି, ଅନୁପୁତ୍ରମ୍।

●

# ତତ୍ପୁରୁଷ ସମାସ

ପୂର୍ବପଦରେ ଦ୍ୱିତୀୟାଠାରୁ ସପ୍ତମୀପର୍ଯ୍ୟନ୍ତ ବିଭକ୍ତିର ପଦ ଥାଇ ସମସ୍ତପଦରେ ପରପଦର ପ୍ରାଧାନ୍ୟ ରହିଲେ ତତ୍ପୁରୁଷସମାସ ହୁଏ। ପୂର୍ବପଦରେ ଯେଉଁ ବିଭକ୍ତି ଥାଏ, ସମାସର ନାମ ସେହି ତତ୍ପୁରୁଷ ହୁଏ। ସମସ୍ତପଦର ମୂଳପ୍ରଥମାବିଭକ୍ତି ରୂପ କରାଯାଇ ବିଗ୍ରହ କରାଯାଏ, ପରେ ଲିଙ୍ଗ, ବିଭକ୍ତି ଓ ବଚନ ଅନୁଯାୟୀ ତଦ୍‌ଶବ୍ଦର ରୂପ ଯୋଡ଼ାଯାଏ।

## ଦ୍ୱିତୀୟା ତତ୍ପୁରୁଷ

ଶ୍ରିତ, ଗତ, ଅତ୍ୟସ୍ତ, ପ୍ରାପ୍ତ, ଆପନ୍ନ ଓ ଅତୀତ ପ୍ରଭୃତି ପଦ ପରପଦରେ ଥାଇ ପୂର୍ବପଦର ଦ୍ୱିତୀୟା ହେଲେ ଦ୍ୱିତୀୟା ତତ୍ପୁରୁଷସମାସ ହୋଇଥାଏ। ଲକ୍ଷ୍ୟ କର–

<u>ଗୁହାଶ୍ରିତଃ</u> ସିଂହଃ ଗର୍ଜତି। (ଗୁହାଂ ଶ୍ରିତଃ)

<u>ବିଲାଶ୍ରିତଃ</u> ମୂଷକଃ ବହିଃ ପଶ୍ୟତି। (ବିଲମ୍ ଆଶ୍ରିତଃ)

<u>ହସ୍ତଗତଂ</u> ଧନଂ ଦେହି। (ହସ୍ତଂ ଗତମ୍)

<u>ଗୃହାଗତଂ</u> ବନ୍ଧୁଂ ପୃଚ୍ଛ। (ଗୃହମ୍ ଆଗତଃ, ତମ୍)

<u>ଶରଣାପନ୍ନଃ</u> ସର୍ବଦା ରକ୍ଷଣୀୟଃ। (ଶରଣମ୍ ଆପନ୍ନଃ)

<u>ଦୁଃଖାତୀତଃ</u> ଜନଃ ସୁଖଂ ଲଭତେ। (ଦୁଃଖମ୍ ଅତୀତଃ)

<u>ଗର୍ତ୍ତପତିତଃ</u> କୁକ୍କୁରଃ ବୁକ୍କତି। (ଗର୍ତ୍ତଂ ପତିତଃ)

ଏହିପରି ଦେଶାଗତଃ = ଦେଶମ୍ ଆଗତଃ, ଧନପ୍ରାପ୍ତଃ = ଧନଂ ପ୍ରାପ୍ତଃ ଇତ୍ୟାଦି ହୋଇଥାଏ।

ଲକ୍ଷ୍ୟକର – <u>ଗ୍ରାମଗମୀ</u> ଛାତ୍ରଃ ନ ଆଗତଃ। (ଗ୍ରାମଂ ଗମୀ)

<u>ଗ୍ରାମଯାୟୀ</u> ରାଜସେବକଃ ଆଗଚ୍ଛତି। (ଗ୍ରାମଂ ଯାୟୀ)

ପଶବଃ <u>ସ୍ତନ୍ୟପାୟିନଃ</u> ଭବନ୍ତି (ସ୍ତନ୍ୟଂ ପାୟିନଃ)

ଏଠାରେ 'ଗମୀ' 'ଗମନ କରୁଛି ଯିଏ' ଅର୍ଥକୁ ବୁଝାଉଛି। ଏହିପରି ଭବିଷ୍ୟତ ଅର୍ଥରେ ପ୍ରଯୁକ୍ତ 'ଇନ୍' ପ୍ରତ୍ୟୟାନ୍ତ ପଦଯୋଗରେ ମଧ୍ୟ ଦ୍ୱିତୀୟା ତତ୍ପୁରୁଷ ହୋଇଥାଏ।

ଲକ୍ଷ୍ୟକର – <u>ଜଳପିପାସୁଃ</u> ମୃଗଃ ସରୋବରଂ ଧାବତି। (ଜଳଂ ପିପାସୁଃ)

<u>ଅନ୍ନବୁଭୁକ୍ଷୁଃ</u> ଦରିଦ୍ରଃ ପ୍ରତିଦ୍ୱାରଂ ଭ୍ରମତି। (ଅନ୍ନଂ ବୁଭୁକ୍ଷୁଃ)

<u>ଶାସ୍ତ୍ରଜିଜ୍ଞାସୁଃ</u> ଶିଷ୍ୟଃ ଗୁରୁଂ ପୃଚ୍ଛତି। (ଶାସ୍ତ୍ରାଣି ଜିଜ୍ଞାସୁଃ)।

'ସନନ୍ତ' ବିଶେଷଣ (ପା-ସନ୍+ଉ) ପିପାସୁ (ଭୁଜ୍-ସନ୍+ଉ) ବୁଭୁକ୍ଷୁ ଆଦି ପଦ ଯୋଗରେ ଦ୍ୱିତୀୟା ତତ୍ପୁରୁଷ ହୁଏ। ଏହିପରି ମନ୍ଦିରଂ ଦିଦୃକ୍ଷୁଃ = ମନ୍ଦିରଦିଦୃକ୍ଷୁଃ, ଧନଂ ଲିପ୍ସୁଃ = ଧନଲିପ୍ସୁଃ ଆଦି ହୋଇଥାଏ।

ସେହିପରି ବ୍ୟାପ୍ତି ବୁଝାଉଥିବା କାଳବାଚକ ଓ ମାର୍ଗବାଚକ ପଦସହିତ ସମାସକୁ ମଧ୍ୟ ଦ୍ୱିତୀୟା ତତ୍ପୁରୁଷ କୁହାଯାଏ।

ଲକ୍ଷ୍ୟ କର–

ତେନ ବର୍ଷଭୋଗ୍ୟଃ କାରାବାସଃ ଅନୁଭୂତଃ। (ବର୍ଷଂ ଭୋଗ୍ୟଃ)

ପ୍ରତ୍ୟହଂ ଦିନପାଠ୍ୟଂ କୁରୁ। (ଦିନଂ ପାଠ୍ୟମ୍)

ମାସବ୍ୟାପ୍ତଃ ବୃଷ୍ଟିପାତଃ ପ୍ରଶମିତଃ। (ମାସଂ ବ୍ୟାପ୍ତଃ)

କ୍ରୋଶପ୍ରମିତଃ ମାର୍ଗଃ ଅତିକ୍ରମଣୀୟଃ। (କ୍ରୋଶଂ ପ୍ରମିତଃ)।

ଉପର୍ଯ୍ୟୁକ୍ତ ଉଦାହରଣଗୁଡ଼ିକରେ ଅତ୍ୟନ୍ତ ସଂଯୋଗ ରହିଅଛି। ଏହିପରି ମୁହୂର୍ତ୍ତସୁଖମ୍ = ମୁହୂର୍ତ୍ତଂ ସୁଖମ୍, କ୍ଷଣନିଦ୍ରା = କ୍ଷଣଂନିଦ୍ରା ଆଦି ହୋଇଥାଏ।

## ତୃତୀୟା ତତ୍ପୁରୁଷ

ପୂର୍ବପଦରେ ତୃତୀୟା ବିଭକ୍ତି ଥାଇ ପରପଦରେ ପୂର୍ବ, ସଦୃଶ, ସମ, ଊନ, କଳହ, ମିଶ୍ର, ଯୁକ୍ତ ଆଦି ପଦ ଥିଲେ, ସମାସକୁ  ତୃତୀୟା ତତ୍ପୁରୁଷ କୁହାଯାଏ। ଲକ୍ଷ୍ୟ କର –

ରାମଃ ଶ୍ୟାମାତ୍ ମାସପୂର୍ବଃ। (ମାସେନ ପୂର୍ବଃ)

ଆଚାର୍ଯ୍ୟଃ ପିତୃତୁଲ୍ୟଃ ପୂଜ୍ୟଃ। (ପିତ୍ରା ତୁଲ୍ୟଃ)

ରାଜସଦୃଶଃ ମହାତ୍ମା ମାର୍ଗେ ଗଚ୍ଛତି। (ରାଜ୍ଞା ସଦୃଶଃ)

ମାତୃସମା ମାତୃଭୂମିଃ ବନ୍ଦନୀୟା। (ମାତ୍ରା ସମା)

ଧନହୀନଃ ଭିକ୍ଷୁଃ ଭିକ୍ଷତେ। (ଧନେନ ହୀନଃ)

ଏକୋନଂ ଧନଂ ପ୍ରାପ୍ତମ୍। (ଏକେନ ଊନମ୍)

ତୟୋଃ ମଧ୍ୟେ ବାକ୍କଳହଃ ଅଭବତ୍। (ବାଚା କଳହଃ)

ବାଳାଦପି ଯୁକ୍ତିଯୁକ୍ତଂ ବଚଃ ଗ୍ରହଣୀୟମ୍। (ଯୁକ୍ତ୍ୟା ଯୁକ୍ତମ୍)

ଗୁଡ଼ମିଶ୍ରାଃ ଲାଜାଃ ଭକ୍ଷଣୀୟାଃ। (ଗୁଡ଼େନ ମିଶ୍ରାଃ)

ଏହିପରି ଧାନ୍ୟେନ ଅର୍ଥଃ = ଧାନ୍ୟାର୍ଥଃ, ଆଚାରେଣ ଶ୍ଳକ୍ଷ୍ଣଃ = ଆଚାରଶ୍ଳକ୍ଷ୍ଣଃ, ଯୁକ୍ତ୍ୟା ନିପୁଣଃ = ଯୁକ୍ତିନିପୁଣଃ ଆଦି ହୋଇଥାଏ।

'କ୍ତ' ପ୍ରତ୍ୟୟାନ୍ତ ପଦସହିତ ତୃତୀୟା ବିଭକ୍ତ୍ୟନ୍ତ ପଦର ସମାସ ହେଲେ ତୃତୀୟା ତତ୍ପୁରୁଷସମାସ ହୁଏ। ଲକ୍ଷ୍ୟ କର–

ସଃ ମଦ୍ଦତ୍ତଂ ପୁସ୍ତକମ୍ ଅନୟତ୍। (ମୟା ଦତ୍ତମ୍)

ଜଳସିକ୍ତଃ ଜନଃ କମ୍ପତେ। (ଜଳେନ ସିକ୍ତଃ)

ଶରାହତଃ ମୃଗଃ ଅମ୍ରିୟତ । (ଶରେଣ ଆହତଃ)

ନଖଚ୍ଛିନ୍ନଂ ଫଳଂ ଭୂମୌ ଅପତତ୍। (ନଖୈଃ ଛିନ୍ନମ୍)

## ଚତୁର୍ଥୀ ତତ୍ପୁରୁଷ

ତଦର୍ଥ (ନିମିତ୍ତାର୍ଥେ), ପୂଜା, ବଳି, ହିତ, ସୁଖ ଆଦି ପଦ ସହିତ ଚତୁର୍ଥୀ ବିଭକ୍ତ୍ୟନ୍ତ ପଦର ସମାସକୁ ଚତୁର୍ଥୀ ତତ୍ପୁରୁଷ ସମାସ କୁହାଯାଏ। ପ୍ରକୃତିବିକୃତି ଯୋଗ ରହିଥିଲେ ଚତୁର୍ଥୀ ତତ୍ପୁରୁଷ ହୁଏ, ଅନ୍ୟତ୍ର ହୁଏ ନାହିଁ। ଲକ୍ଷ୍ୟ କର–

(କ) ମାତା ହାରସୁବର୍ଣ୍ଣଂ ଦର୍ଶୟତି। (ହାରାୟ ସୁବର୍ଣ୍ଣମ୍)

(ଖ) ଶାଳାୟାମ୍ ଅଶ୍ୱଘାସଃ ନାସ୍ତି। (ଅଶ୍ୱସ୍ୟ ଘାସଃ)

ପ୍ରଥମବାକ୍ୟରେ ହାର (ବିକୃତି) ଓ ସୁବର୍ଣ୍ଣ (ପ୍ରକୃତି) ମଧ୍ୟରେ ପ୍ରକୃତିବିକୃତିଭାବ ରହିଥିବାରୁ ଚତୁର୍ଥୀ ତତ୍ପୁରୁଷ ହୋଇଛି, ମାତ୍ର ଦ୍ୱିତୀୟବାକ୍ୟରେ ଅଶ୍ୱ ଓ ଘାସ ମଧ୍ୟରେ ସେପରି ଭାବ ନ ଥିବାରୁ ସମ୍ବନ୍ଧ ଅର୍ଥରେ ଷଷ୍ଠୀ ତତ୍ପୁରୁଷ ସମାସ ହୋଇଛି। ଏହିପରି–

ବ୍ରାହ୍ମଣେନ ଯୂପଦାରୁ ପୂଜିତମ୍। (ଯୂପାୟ ଦାରୁ)

ପ୍ରଭାତେ ଭୂତବଳିଃ କରଣୀୟଃ (ଭୂତେଭ୍ୟଃ ବଳିଃ)

ରାଜା ପ୍ରଜାହିତଂ କୁର୍ଯ୍ୟାତ୍। (ପ୍ରଜାଭ୍ୟଃ ହିତମ୍)

ଗୋସୁଖଂ ରାଜ୍ୟସ୍ୟ ଉନ୍ନତିଂ କରୋତି। (ଗୋଭ୍ୟଃ ସୁଖମ୍)

କନ୍ୟାରକ୍ଷିତଂ ଧନଂ ନ ଦାସ୍ୟାମି। (କନ୍ୟାୟୈ ରକ୍ଷିତମ୍)

## ପଞ୍ଚମୀ ତତ୍ପୁରୁଷ

ପଞ୍ଚମୀ ବିଭକ୍ତ୍ୟନ୍ତ ପଦସହିତ ଭୟ, ଅପେତ, ମୁକ୍ତ, ପତିତ, ସ୍ଖଳିତ ଓ ଅପୋଢ଼ ଆଦି ପଦର ସମାସକୁ ପଞ୍ଚମୀ ତତ୍ପୁରୁଷ କୁହାଯାଏ। ଲକ୍ଷ୍ୟ କର–

ରାଜପଥେଷୁ ଚୌରଭୟଂ ଦୃଶ୍ୟତେ। (ଚୌରାତ୍ ଭୟମ୍)

ବନ୍ଧନଭୀତଃ ବିହଗଃ ଉଚ୍ଚୈଃ କୂଜତି। (ବନ୍ଧନାତ୍ ଭୀତଃ)

ଶତ୍ରୁତ୍ରାସାତ୍ ରାଜା ବନମ୍ ଅଗଚ୍ଛତ୍। (ଶତ୍ରୁଭ୍ୟଃ ତ୍ରାସଃ, ତସ୍ମାତ୍)

ବାଳଃ ରୋଗମୁକ୍ତଃ ଅଭବତ୍। (ରୋଗାତ୍ ମୁକ୍ତଃ)

ଆକାଶପତିତଂ ଜଳଂ ଚକ୍ରବାକଃ ପିବତି। (ଆକାଶାତ୍ ପତିତମ୍)

ଉପର୍ଯ୍ୟୁକ୍ତ ଉଦାହରଣଗୁଡ଼ିକପରି ତରଙ୍ଗାତ୍ ଅପତ୍ରସ୍ତଃ = ତରଙ୍ଗାପତ୍ରସ୍ତଃ,

କଳ୍ପନାୟାଃ ଅପୋଢ଼ଃ = କଳ୍ପନାପୋଢ଼ଃ, ଦୁଃଖାତ୍ ଅପେତଃ = ଦୁଃଖାପେତଃ

ପର୍ବତାତ୍ ସ୍ଖଳିତମ୍ = ପର୍ବତସ୍ଖଳିତମ୍ ଆଦି ହୋଇଥାଏ।

# ଷଷ୍ଠୀ ତତ୍ପୁରୁଷ

ଷଷ୍ଠୀବିଭକ୍ତ୍ୟନ୍ତ ପଦ ସୁବନ୍ତପଦସହିତ କିମ୍ବା କୃଦନ୍ତସହିତ ସମାସ ହେଲେ ତାହାକୁ ଷଷ୍ଠୀତତ୍ପୁରୁଷ ସମାସ କୁହାଯାଏ। ସୁବନ୍ତ ପ୍ରାତିପଦିକ ସହିତ ସମ୍ବନ୍ଧକୁ ନେଇ ଷଷ୍ଠୀତତ୍ପୁରୁଷର କେତେକ ଉଦାହରଣକୁ ଲକ୍ଷ୍ୟ କର–

ରାଜପୁରୁଷଃ ମାର୍ଗେ ଗଚ୍ଛତି। (ରାଜ୍ଞଃ ପୁରୁଷଃ)

ନଦୀଜଳଂ ସୁଶୀତଳଂ ଭବତି। (ନଦ୍ୟାଃ ଜଳମ୍)

ଅହଂ ମାତୁଳାଳୟାତ୍ ଆଗଚ୍ଛାମି। (ମାତୁଳସ୍ୟ ଆଳୟଃ, ତସ୍ମାତ୍)

ଦେବପୂଜକଃ ମନ୍ଦିରେ ନ ଦୃଶ୍ୟତେ। (ଦେବାନାଂ ପୂଜକଃ)

ଏହିପରି ବୃକ୍ଷସ୍ୟ ମୂଳମ୍ = ବୃକ୍ଷମୂଳମ୍, ମମ ଗୃହମ୍ = ମଦ୍‌ଗୃହମ୍,

ତବ ପୁସ୍ତକମ୍ = ତ୍ୱତ୍ପୁସ୍ତକମ୍, ଅସ୍ମାକଂ ଗ୍ରାମଃ = ଅସ୍ମଦ୍ ଗ୍ରାମଃ,

ଯୁବୟୋଃ / ଯୁଷ୍ମାକଂ ମାତା = ଯୁଷ୍ମଦ୍‌ମାତା ଆଦି ପଦଗୁଡ଼ିକ ନିଷ୍ପନ୍ନ ହୋଇଅଛି। ସେହିପରି କୃଦନ୍ତପଦଯୋଗରେ ଷଷ୍ଠୀତତ୍ପୁରୁଷସମାସର ଉଦାହରଣକୁ ଲକ୍ଷ୍ୟ କର–

ରାମସ୍ୟ ବନଗମନମ୍ ଅଭିପ୍ରେତମ୍ ଆସୀତ୍। (ବନସ୍ୟ ଗମନମ୍)

ଜଳଦାନଂ ମହାପୁଣ୍ୟମ୍। (ଜଳସ୍ୟ ଦାନମ୍)

ପୁରସ୍କାରବିତରଣଂ ଭବିଷ୍ୟତି। (ପୁରସ୍କାରାଣାଂ ବିତରଣମ୍)

ଈଶ୍ୱରଃ ଜଗତ୍ସ୍ରଷ୍ଟା ଭବତି। (ଜଗତଃ ସ୍ରଷ୍ଟା) ଇତ୍ୟାଦି।

ଏହିପରି ଧନସ୍ୟ ଦାନମ୍ = ଧନଦାନମ୍, ପୁସ୍ତକସ୍ୟ ପଠନମ୍ = ପୁସ୍ତକପଠନମ୍, ଓ ଅନ୍ନସ୍ୟ ଦାତା = ଅନ୍ନଦାତା ଇତ୍ୟାଦି ପଦଗୁଡ଼ିକ ହୋଇଥାଏ। କେତେକ କ୍ଷେତ୍ରରେ ପୂର୍ବ ଓ ପର ପଦର ସ୍ଥାନବିନିମୟ ମଧ୍ୟ ହୁଏ। ଯଥା:–

ପୂର୍ବାହ୍ଣେ ସେବକଃ ଆଗଚ୍ଛତି। (ଅହ୍ନଃ ପୂର୍ବମ୍, ତସ୍ମିନ୍)

ଅପରାହ୍ଣେ ସଭା ଅଭବତ୍। (ଅହ୍ନଃ ଅପରମ୍, ତସ୍ମିନ୍)

ପୂର୍ବରାତ୍ରଃ ଦୁଃଖଦାୟକଃ ଆସୀତ୍। (ରାତ୍ରେଃ ପୂର୍ବମ୍) ଇତ୍ୟାଦି।

**ନିର୍ଦ୍ଧାରଣ ଅର୍ଥରେ ଷଷ୍ଠୀ ତତ୍ପୁରୁଷ ନ ହୋଇ ସପ୍ତମୀ ତତ୍ପୁରୁଷ ହୁଏ।** ଯଥା–

ନରୋତ୍ତମଃ ବିକ୍ରମାର୍କଃ ବେତାଳମ୍ ଅଭାଷତ। (ନରେଷୁ ଉତ୍ତମଃ)

କାଳିଦାସଃ କବିଶ୍ରେଷ୍ଠଃ ଆସୀତ୍। (କବିଷୁ ଶ୍ରେଷ୍ଠଃ)

ମୁନିଶ୍ରେଷ୍ଠଃ ନାରଦଃ ନାରାୟଣମ୍ ଅପଶ୍ୟତ୍। (ମୁନିଷୁ ଶ୍ରେଷ୍ଠଃ)

ପରଶୁରାମଃ ଦ୍ୱିଜୋତ୍ତମଃ ଆସୀତ୍। (ଦ୍ୱିଜେଷୁ ଉତ୍ତମଃ) ଇତ୍ୟାଦି

ରାଜନ୍ ଶବ୍ଦ ରାଜରେ ପରିଣତ ହୁଏ। ଯଥା–

କପୋତରାଜଃ ଚିତ୍ରଗ୍ରୀବଃ ବୁଦ୍ଧିମାନ୍ ଆସୀତ୍। (କପୋତାନାଂ ରାଜା)

ସିଂହଃ ପଶୁରାଜଃ ଭବତି। (ପଶୂନାଂ ରାଜା)

କଳିଙ୍ଗରାଜଃ ଖାରବେଳଃ ମହାବୀରଃ ଆସୀତ୍। (କଳିଙ୍ଗାନାଂ ରାଜା)

କୁରୁରାଜଃ ପିତାମହମ୍ ଅବଦତ୍। (କୁରୂଣାଂ ରାଜା) ଇତ୍ୟାଦି।

ରାଜନ୍, ଲୋକ, ରାଜ୍ୟ, ଧର୍ମ ଓ ଦେବ ବ୍ୟତୀତ ଅନ୍ୟପଦମାନଙ୍କ ସହିତ ସଭା ଶବ୍ଦର ସମାସ ହେଲେ 'ସଭମ୍' ଆଦେଶ ହୁଏ।

ରକ୍ଷଃସଭଂ ପ୍ରଚଳତି। (ରକ୍ଷସାଂ ସଭା)

ପଶୁସଭଂ ବନେ ଅଭବତ୍। (ପଶୂନାଂସଭା) ଇତ୍ୟାଦି।

କିନ୍ତୁ, ନାରୀସଭମ୍ ଅବଦତ୍। (ନାରୀଣାଂ ସଭା) (ନାରୀ ସମୂହ)।

ଧର୍ମସଭା ଆଶ୍ରୟଣୀୟା । (ଧର୍ମସ୍ୟ ସଭା) (ଧର୍ମଶାଳା) ।

ସେନା, ସୁରା, ଛାୟା, ଶାଳା ଓ ନିଶା ଶବ୍ଦ ଷଷ୍ଠୀତତ୍ପୁରୁଷ ସମାସରେ ବିକଳ୍ପରେ ଅକାରାନ୍ତ କ୍ଳୀବଲିଙ୍ଗ ହୁଏ। ଲକ୍ଷ୍ୟ କର-

କଳିଙ୍ଗସେନା / କଳିଙ୍ଗସେନଂ ବିଜୟତେ ସ୍ମ । (କଳିଙ୍ଗାନାଂ ସେନା)

ମଗଧସେନା / ମଗଧସେନଂ ପରାଜୟତ। (ମଗଧାନାଂ ସେନା)

ବୃକ୍ଷଚ୍ଛାୟଂ / ବୃକ୍ଷଚ୍ଛାୟା ଶୀତଳତାଂ ଦଦାତି। (ବୃକ୍ଷସ୍ୟ ଛାୟା)

ଗୃହେ ଗୋଶାଳଂ / ଗୋଶାଳା ଅସ୍ତି। (ଗବାଂ ଶାଳା) ଇତ୍ୟାଦି । କିନ୍ତୁ, ତରୂଣାଂ ଛାୟା = ତରୁଚ୍ଛାୟମ୍ ହୁଏ, ତରୁଚ୍ଛାୟା ହୁଏ ନାହିଁ।

ତୃପ୍ତ୍ୟର୍ଥକ ପଦଯୋଗେ ଷଷ୍ଠୀ ତତ୍ପୁରୁଷ ହୁଏ ନାହିଁ, ତୃତୀୟାତତ୍ପୁରୁଷ ହୁଏ। ଯଥା-

ଜଳତୃପ୍ତଃ ତୃଷାର୍ତ୍ତଃ ଗଚ୍ଛତି। (ଜଳେନ ତୃପ୍ତଃ) (ଜଳସ୍ୟ ତୃପ୍ତଃ ନୁହେଁ)

ଧନତୃପ୍ତଃ କୃପଣଃ ନନ୍ଦତି। (ଧନେନ ତୃପ୍ତଃ) (ଧନସ୍ୟ ତୃପ୍ତଃ ନୁହେଁ)

ବର୍ତ୍ତମାନକାଳ ଅର୍ଥରେ ପ୍ରଯୁକ୍ତ 'କ୍ତ' ପ୍ରତ୍ୟୟାନ୍ତ ପଦସହିତ ଷଷ୍ଠୀତତ୍ପୁରୁଷ ହୁଏ ନାହିଁ। ଯଥା-

ସତାଂ ମତଂ ଗ୍ରହଣୀୟମ୍। (ସନ୍ମତଂ ହେବ ନାହିଁ)

ରାଜ୍ଞାଂ ପୂଜିତଃ ଶ୍ରୀକୃଷ୍ଣଃ ଅଭାଷତ। (ରାଜପୂଜିତଃ ହେବ ନାହିଁ)

ପୂରଣବାଚକ ପଦସହିତ ଷଷ୍ଠୀତତ୍ପୁରୁଷ ସମାସ ମଧ୍ୟ ହୁଏ ନାହିଁ। ଯଥା-

ଗଣେଶଃ ଛାତ୍ରାଣାଂ ପ୍ରଥମଃ ଭବତି। (ଛାତ୍ରପ୍ରଥମଃ ହେବନାହିଁ)

ଲତା ଛାତ୍ରାଣାଂ ତୃତୀୟା ଆସୀତ୍। (ଛାତ୍ରାତୃତୀୟା ହେବ ନାହିଁ)

ହଂସୀ, ମୃଗୀ, କୁକ୍କୁଟୀ ଆଦି ସ୍ତ୍ରୀଲିଙ୍ଗାନ୍ତପଦର ଅଣ୍ଡ, ଶାବକ, ଦୁଗ୍ଧ ଓ ପଦ ଇତ୍ୟାଦି ପଦସହିତ ଷଷ୍ଠୀତତ୍ପୁରୁଷ ସମାସ ହେଲେ ପୁଂଲିଙ୍ଗରୂପ ହୋଇଥାଏ। ଯଥା-

କୁକ୍କୁଟାଣ୍ଡଂ ହିତକରଂ କଥ୍ୟତେ। (କୁକ୍କୁଟ୍ୟାଃ ଅଣ୍ଡମ୍)

ଛାଗଦୁଗ୍ଧଂ ରୋଗଂ ନିବାରୟତି। (ଛାଗ୍ୟାଃ ଦୁଗ୍ଧମ୍)

ମୃଗଶାବକଃ ମାତରମ୍ ଅନୁ ଧାବତି। (ମୃଗ୍ୟାଃ ଶାବକଃ)

ହଂସପଦଂ ସୁନ୍ଦରଂ ଦୃଶ୍ୟତେ। (ହଂସ୍ୟାଃ ପଦମ୍) ଇତ୍ୟାଦି।

ମାତ୍ର, ସନ୍ତାନଟି ପୁତ୍ର ବା କନ୍ୟା ଶବ୍ଦ ଥିଲେ ଲିଙ୍ଗପରିବର୍ତ୍ତନ ହୁଏ ନାହିଁ। ଯଥା–

ଶୃଗାଳୀପୁତ୍ରଃ ଧାବତି। (ଶୃଗାଲ୍ୟାଃ ପୁତ୍ରଃ)

ସିଂହକନ୍ୟା ଶେତେ। (ସିଂହସ୍ୟ କନ୍ୟା) ଇତ୍ୟାଦି।

ଧର୍ମଜ୍ଞଃ (ଜାନାତିଇଶଜ୍ଞଃ) ଧର୍ମସ୍ୟ ଜ୍ଞଃ = ଧର୍ମଜ୍ଞଃ; ସେହିପରି ଶାସ୍ତ୍ରଜ୍ଞଃ, ତତ୍ତ୍ୱଜ୍ଞଃ – ଷଷ୍ଠୀ ତତ୍ପୁରୁଷ, ଇତୁପଧଜ୍ଞ – ଇତ୍ୟାଦି ସୂତ୍ରରେ ଜ୍ଞା ଧାତୁରୁ 'କ' ପ୍ରତ୍ୟୟ ।

## ସପ୍ତମୀ ତତ୍ପୁରୁଷ

ସପ୍ତମୀବିଭକ୍ତ୍ୟନ୍ତ ପଦର ଦକ୍ଷ, ନିପୁଣ, କୁଶଳ, ପଟୁ, ଶୌଣ୍ଡ, ଅଧୀନ ଇତ୍ୟାଦି ପଦସହିତ ସମାସ ହେଲେ ସପ୍ତମୀ ତତ୍ପୁରୁଷ ହୁଏ।

କାର୍ଯ୍ୟଦକ୍ଷଃ ମନ୍ତ୍ରୀ ରାଜାନଂ ବଦତି। (କାର୍ଯ୍ୟେ ଦକ୍ଷଃ)

କ୍ରୀଡ଼ାକୁଶଳଃ ପୁରସ୍କାରଂ ଲଭତେ। (କ୍ରୀଡାୟାଂ କୁଶଳଃ)

ରଣପଟୁଃ ଯୋଦ୍ଧା ବୀରଗତିଂ ପ୍ରାପ୍ତଃ। (ରଣେ ପଟୁଃ)

ଦାନଶୌଣ୍ଡଃ କର୍ଣ୍ଣଃ ଅମରଃ ବଭୂବ । (ଦାନେ ଶୌଣ୍ଡଃ)

ଇଚ୍ଛାଧୀନଃ ବିଷୟଃ ପଠନୀୟଃ। (ଇଚ୍ଛାୟାମ୍ ଅଧୀନଃ)

ଏହିପରି ବାଚି ପଟୁଃ = ବାକ୍ପଟୁଃ, ସଂଗୀତେ ନିପୁଣଃ = ସଙ୍ଗୀତନିପୁଣଃ, ବ୍ୟାଖ୍ୟାନେ ଚତୁରଃ = ବ୍ୟାଖ୍ୟାନଚତୁରଃ, ଶାସ୍ତ୍ରେଷୁ ପଣ୍ଡିତଃ = ଶାସ୍ତ୍ରପଣ୍ଡିତଃ ଆଦି ହୋଇଥାଏ। ଲକ୍ଷ୍ୟ କର–

ଅଗ୍ନିସିଦ୍ଧଃ ଶାକଃ ଭକ୍ଷଣୀୟଃ । (ଅଗ୍ନୌ ସିଦ୍ଧଃ)

ଆତପଶୁଷ୍କଂ ଫଳମ୍ ଆନୟ। (ଆତପେ ଶୁଷ୍କମ୍)

ସ୍ଥାଲୀପକ୍ୱଂ ବ୍ୟଞ୍ଜନଂ ନାସ୍ତି। (ସ୍ଥାଲ୍ୟାଂ ପକ୍ୱମ୍)

ମନେରଖ– ସିଦ୍ଧ, ଶୁଷ୍କ ଓ ପକ୍ୱ ଆଦି ପଦର ସପ୍ତମୀ ବିଭକ୍ତ୍ୟନ୍ତ ପଦ ସହିତ ସପ୍ତମୀତତ୍ପୁରୁଷ ସମାସ ହୁଏ। ଲକ୍ଷ୍ୟକର–

ବର୍ଷପରିଶୋଧ୍ୟମ୍ ଋଣଂ କରୋମି। (ବର୍ଷେ ପରିଶୋଧ୍ୟମ୍)

ମାସଦେୟଂ ସତ୍ୱରଂ ଗୃହାଣ। (ମାସେ ଦେୟମ୍)

ମନେରଖ– ପରିଶୋଧ ଅର୍ଥରେ କୃତ୍ୟପ୍ରତ୍ୟୟାନ୍ତ ପଦର ସପ୍ତମୀବିଭକ୍ତ୍ୟନ୍ତ ପଦସହିତ ସପ୍ତମୀ ତତ୍ପୁରୁଷ ସମାସ ହୁଏ।

## ପ୍ରାଦିତତ୍ପୁରୁଷ

ଭିନ୍ନଭିନ୍ନ ଅର୍ଥରେ ବ୍ୟବହୃତ 'ପ୍ର' ପ୍ରଭୃତି କେତେକ ନିପାତର ସୁବନ୍ତ ପଦସହିତ ସମାସକୁ ପ୍ରାଦିତତ୍ପୁରୁଷ କୁହାଯାଏ। ଯଥା–

ପ୍ରାଚାର୍ଯ୍ୟଃ ଶିଷ୍ୟମ୍ ଅବଦତ୍। (ପ୍ରଗତଃ ଆଚାର୍ଯ୍ୟଃ)

ଭକ୍ତଃ ମନ୍ଦିରସ୍ୟ ଅଭିମୁଖଂ ଗଚ୍ଛତି। (ଅଭିଗତଂ ମୁଖମ୍)

ରସସ୍ୟ ଅନୁକୂଳଂ ବର୍ଣ୍ଣସଂଯୋଜନଂ କୁରୁ। (ଅନୁଗତଂ କୂଳମ୍)

ଏହିପରି ପ୍ରକୃଷ୍ଟଃ ଭାବଃ = ପ୍ରଭାବଃ, ଅଧିଗତଂ ଜ୍ୟାମ୍ = ଅଧିଜ୍ୟମ୍

ଉଦ୍ଗତଃ ନିଦ୍ରାୟାଃ = ଉନ୍ନିଦ୍ରଃ ଆଦି ହୁଏ।

# ନଞ୍ ତତ୍ପୁରୁଷ

ନ (ନଞ୍)ର ସୁବନ୍ତ ପଦ ସହିତ ସମାସକୁ ନଞ୍ ତତ୍ପୁରୁଷ କୁହାଯାଏ। ସାଧାରଣତଃ ପରପଦର ଆରମ୍ଭରେ ସ୍ୱରବର୍ଣ୍ଣ ଥିଲେ ନ ସ୍ଥାନରେ ଅନ୍ ଏବଂ ବ୍ୟଞ୍ଜନବର୍ଣ୍ଣ ଥିଲେ ନସ୍ଥାନରେ ଅ ହୁଏ। ଲକ୍ଷ୍ୟ କର-

ଅଧୁନା ପଠନେ <u>ଅନିଚ୍ଛା</u> ଅସ୍ତି। (ନ ଇଚ୍ଛା)

<u>ଅନୁଦାରଃ</u> କଳହଂ କରୋତି। (ନ ଉଦାରଃ)

<u>ଅନୈକ୍ୟଂ</u> ପରତନ୍ତ୍ରତାଂ ସୂଚୟତି। (ନ ଐକ୍ୟମ୍)

<u>ଅନଧୀତଂ</u> କଷ୍ଟକରମ୍ । (ନ ଅଧୀତମ୍)

<u>ଅହିଂସା</u> ପରମଃ ଧର୍ମଃ। (ନ ହିଂସା)

କଦାପି <u>ଅନ୍ୟାୟଃ</u> ନ କରଣୀୟଃ। (ନ ନ୍ୟାୟଃ)

ତବ <u>ଅଦର୍ଶନଂ</u> ଦୁଃଖଂ ଜନୟତି। (ନ ଦର୍ଶନମ୍)

ଏହିପରି ନ ମୋଘଃ = ଅମୋଘଃ, ନ ଉଷ୍ଣମ୍ = ଅନୁଷ୍ଣମ୍, ନ ସତ୍ୟମ୍ = ଅସତ୍ୟମ୍, ନ ଋଣମ୍ = ଅନୃଣମ୍ ଆଦି ହୁଏ। କିନ୍ତୁ, ନ ଗଃ = ନଗଃ/ଅଗଃ ହୋଇଥାଏ। (ଗଃ = ଗଚ୍ଛତି ଇତି)। ନଗଃ (ପର୍ବତଃ) ଦୃଶ୍ୟତେ। ଅଗଃ କିଂ ଲଭତେ ?

# ଉପପଦ ତତ୍ପୁରୁଷ

ଉପପଦ ସହିତ କୃଦନ୍ତ ପଦର ସମାସକୁ ଉପପଦ ତତ୍ପୁରୁଷ କୁହାଯାଏ। ସମସ୍ତପଦରେ ଥିବା କୃଦନ୍ତ ପଦଟି ବିଗ୍ରହବାକ୍ୟରେ କ୍ରିୟା ରୂପରେ ପ୍ରୟୋଗ କରାଯାଇଥାଏ। ଲକ୍ଷ୍ୟ କର-

ମମ <u>ସହପାଠୀ</u> ସାଧୁଃ ଭବତି। (ସହ ପଠତି ଯଃ)

ଏଠାରେ ସମସ୍ତ ପଦରେ ଥିବା 'ପାଠୀ' ପଦଟି ବିଗ୍ରହ ବାକ୍ୟରେ 'ସହ ପଠତି ଯଃ' ହୋଇଛି। ଏହାର ପୁଂଲିଙ୍ଗ, ସ୍ତ୍ରୀଲିଙ୍ଗ, କ୍ଳୀବଲିଙ୍ଗ ଏବଂ ବିଭିନ୍ନ ବଚନରେ ମଧ୍ୟ ପ୍ରୟୋଗ ହୋଇଥାଏ। ଯଥା-

ତବ <u>ସହପାଠିନଃ</u> କୁତ୍ର ଗତାଃ। (ସହ ପଠନ୍ତି ଯେ)

ଅନୁଜାୟାଃ <u>ସହପାଠିନୀ</u> କ୍ରୂରା ଭବତି। (ସହ ପଠତି ଯା) ଇତ୍ୟାଦି ।

ଏହିପରି କେତେକ ଉଦାହରଣକୁ ଲକ୍ଷ୍ୟ କର-

<u>ମିଥ୍ୟାବାଦୀ</u> ନିନ୍ଦନୀୟଃ ଭବତି । (ମିଥ୍ୟା ବଦତି ଯଃ)

<u>ସତ୍ୟବାଦୀ</u> ପ୍ରଶଂସାର୍ହଃ ଭବତି। (ସତ୍ୟଂ ବଦତି ଯଃ)

<u>ଦୋଷଦର୍ଶୀ</u> ଅଧଃ ଗଚ୍ଛତି। (ଦୋଷଂ ପଶ୍ୟତି ଯଃ)

ବିଦ୍ୱାଂସଃ <u>ଦୂରଦର୍ଶିନଃ</u> ଭବନ୍ତି। (ଦୂରଂ ପଶ୍ୟନ୍ତି ଯେ)

<u>ମଧୁପଃ</u> ଗୁଞ୍ଜନଂ କରୋତି। (ମଧୁ ପିବତି ଯଃ)

<u>ଗୃହସ୍ଥଃ</u> ଧାର୍ମିକଃ ସ୍ୟାତ୍। (ଗୃହେ ତିଷ୍ଠତି ଯଃ)

ସେନାନୀଃ ସୈନ୍ୟାନ୍ ଚାଳୟତି । (ସେନାଂ ନୟତି ଯଃ)

କୁମ୍ଭକାରଃ କୁମ୍ଭାନ୍ ଆନୟତି । (କୁମ୍ଭଂ କରୋତି ଯଃ)

ବଚ୍ସ୍କରଃ ସର୍ବଥା ରକ୍ଷଣୀୟଃ । (ବଚଃ କରୋତି ଯଃ)

ଭୃତ୍ୟଃ ଆଜ୍ଞାକାରୀ ଭବତି । (ଆଜ୍ଞାଂ କରୋତି ଯଃ)

ଶତ୍ରୁଘ୍ନଃ ଅସୁରାନ୍ ଅମାରୟତ୍ । (ଶତ୍ରୂନ୍ ହନ୍ତି ଯଃ)

ପୟୋଧିଃ ଦୁସ୍ତରଃ ଭବତି । (ପୟଃ ଦଧାତି ଯଃ)

ନେତା ସମାଜସେବୀ ଭବେତ୍ । (ସମାଜଂ ସେବତେ ଯଃ)

ଶଯ୍ୟାଶାୟୀ ବୃଦ୍ଧଃ ନ ଭାଷତେ । (ଶଯ୍ୟାୟାଂ ଶେତେ ଯଃ)

ଜଳଦଃ ନଭସି ଦୃଶ୍ୟତେ । (ଜଳଂ ଦଦାତି ଯଃ)

ଗ୍ରାମବାସିନଃ ସରଳାଃ ଭବନ୍ତି । (ଗ୍ରାମେ ବସନ୍ତି ଯେ)

ଜଳଚରଃ ମତ୍ସ୍ୟଃ ସ୍ଥଳେ ନ ଜୀବତି । (ଜଳେ ଚରତି ଯଃ)

ପଥଚାରୀ ଜଳମ୍ ଅନ୍ୱେଷ୍ୟତି । (ପଥେ ଚରତି ଯଃ)

ନିରାମିଷାଶୀ ଦୀର୍ଘଂ ଜୀବତି । (ନିରାମିଷମ୍ ଅଶ୍ନାତି ଇତି)

ପଶବଃ ସ୍ଥଳଚରାଃ ଭବନ୍ତି । (ସ୍ଥଳେ ଚରନ୍ତି ଯେ)

ମୃଗାଃ ତୃଣଭୋଜିନଃ ସନ୍ତି । (ତୃଣଂ/ତୃଣାନି ଭୁଞ୍ଜତେ ଯେ)

ଧର୍ମଚାରିଣୀ ସୀତା ପତିମ୍ ଅବଦତ୍ । (ଧର୍ମଂ ଚରତି ଯା)

ଏହିପରି ତ୍ୱରୟା ଗଚ୍ଛତି ଯଃ = ତୁରଗଃ / ତୁରଙ୍ଗଃ / ତୁରଙ୍ଗମଃ,

ଭୁଜେନ ଗଚ୍ଛତି ଯଃ = ଭୁଜଗଃ / ଭୁଜଙ୍ଗଃ / ଭୁଜଙ୍ଗମଃ

ବିହାୟସା ଗଚ୍ଛତି ଯଃ = ବିହଗଃ / ବିହଙ୍ଗଃ / ବିହଙ୍ଗମଃ ହୁଏ ।

## ନିପାତନସିଦ୍ଧ ତତ୍ପୁରୁଷ ସମାସ

ତତ୍ପୁରୁଷ ସମାସ ହୋଇଥିଲେ ମଧ୍ୟ କେତେକ ସମସ୍ତପଦର ବିଗ୍ରହ ଓ ସମସ୍ତପଦ ମଧ୍ୟରେ ସାମଞ୍ଜସ୍ୟ ପରିଲକ୍ଷିତ ହୁଏ ନାହିଁ, ସେଗୁଡ଼ିକୁ 'ନିପାତନସିଦ୍ଧ ତତ୍ପୁରୁଷ' ରୂପେ ଗ୍ରହଣ କରାଯାଏ । ଲକ୍ଷ୍ୟ କର–

ଗବାକ୍ଷଃ ସୁନ୍ଦରଃ ଦୃଶ୍ୟତେ । (ଗବାମ୍ ଅକ୍ଷି ଇବ)

ବୃହସ୍ପତିଃ ଦେବଗୁରୁଃ ଆସୀତ୍ । (ବୃହତାଂ ପତିଃ)

ପୁରୁଷାୟୁଷମ୍ ଅସୀମଂ ନ ଭବତି । (ପୁରୁଷସ୍ୟ ଆୟୁଃ)

ବନସ୍ପତିଃ ବାୟୁଂ ଶୋଧୟତି । (ବନସ୍ୟ ପତିଃ)

ଆକାଶେ ବଳାହକଃ ନଦତି । (ବାରୀଣାଂ ବାହକଃ)

ବିଶ୍ୱାମିତ୍ରଃ ଜାତ୍ୟା କ୍ଷତ୍ରିୟଃ । (ବିଶ୍ୱସ୍ୟ ମିତ୍ରମ୍)

ଅମିତ୍ରଃ ଅନିଷ୍ଟଂ କରୋତି। (ନ ମିତ୍ରମ୍)

ଶ୍ମଶାନଂ ପ୍ରେତଭୂମିଃ କଥ୍ୟତେ। (ଶବାନାଂ ଶୟନମ୍)

ପରଶତାଃ ଜନାଃ ସଭାମ୍ ଆଗତାଃ। (ଶତାତ୍ ପରେ)

ପରସହସ୍ରାଃ ଛାତ୍ରାଃ ପଠନ୍ତି। (ସହସ୍ରାତ୍ ପରେ)

ରାଜଗବଃ ଭୂମୌ ଶେତେ। (ରାଜ୍ଞଃ ଗୌଃ)

ଏହିପରି ଦନ୍ତାନାଂ ରାଜା = ରାଜଦନ୍ତଃ, କାଲ୍ୟାଃ ଦାସଃ = କାଳିଦାସଃ ଆଦି ହୋଇଥାଏ।

## ନିତ୍ୟସମାସ

କେତେକ ସମାସରେ ସମସ୍ତପଦର ବିଗ୍ରହବାକ୍ୟ ନ ଥାଏ, ଅନ୍ୟ କେତେକ ସ୍ଥଳରେ ସମସ୍ୟମାନ ପଦ ପରିବର୍ତ୍ତେ ଅନ୍ୟପଦକୁ ନେଇ ବିଗ୍ରହବାକ୍ୟ ହୋଇଥାଏ - ଏହାକୁ ନିତ୍ୟସମାସ କୁହାଯାଏ। ଲକ୍ଷ୍ୟ କର-

କୃଷ୍ଣସର୍ପଃ ବିବରେ ବସତି। (ଏକ ସର୍ପର ନାମ)

ଚିତ୍ରକୁଟ୍ଟିନୀ ମାର୍ଗେ ଗଚ୍ଛତି। (ଏକ ବୃତ୍ତିର ନାମ) ବୃତ୍ତିଜୀବିନୀ

ଦନ୍ତଲେଖକଃ ମାମ୍ ଅବଦତ୍। (ଦନ୍ତଚିକିତ୍ସକ)

ଉପର୍ଯ୍ୟୁକ୍ତ ପଦଗୁଡ଼ିକର ବିଗ୍ରହବାକ୍ୟ କରାଗଲେ, ତାହା ଅପେକ୍ଷିତ ଅର୍ଥକୁ ବୁଝାଏ ନାହିଁ। ତେଣୁ, 'କୃଷ୍ଣସର୍ପଃ' ଇତ୍ୟାଦିର ବିଗ୍ରହ ହେଉ ନ ଥିବାରୁ ଏଗୁଡ଼ିକୁ 'ଅବିଗ୍ରହନିତ୍ୟସମାସ' କୁହାଯାଏ। ଲକ୍ଷ୍ୟ କର-

ଭୋଜନାର୍ଥଂ ଜଳମ୍ ଆନୟ। (ଭୋଜନାୟ ଇଦମ୍)

ଶିଷ୍ୟାର୍ଥଃ ଗ୍ରନ୍ଥଃ ରକ୍ଷିତଃ। (ଶିଷ୍ୟାୟ ଅୟମ୍)

ତ୍ୱଦର୍ଥା ମାଳା ଅପହୃତା। (ତୁଭ୍ୟମ୍ ଇୟମ୍)

**ମନେରଖ -** 'ଇଦମ୍' ଶବ୍ଦ ସମସ୍ତ ପଦରେ 'ଅର୍ଥ'ରେ ପରିଣତ ହେଉଛି। ଅୟଂ ପାଇଁ 'ଅର୍ଥଃ', ଇୟଂ ପାଇଁ 'ଅର୍ଥା' ଏବଂ ଇଦଂ ପାଇଁ "ଅର୍ଥଂ" ବ୍ୟବହୃତ ହୋଇଥାଏ। ସେହିପରି-

ମୁଷ୍ଟିମାତ୍ରଂ ତଣ୍ଡୁଳଂ ଦେହି। (ମୁଷ୍ଟିଃଏବ)

ତନ୍ମାତ୍ରଂ କଥୟିତ୍ୱା ବକ୍ତା ଗତବାନ୍। (ତତ୍ ଏବ)

ଏଠାରେ 'ମାତ୍ର' ପଦଟି ନିଶ୍ଚୟ ଅର୍ଥରେ ପ୍ରୟୋଗ କରାଯାଇଛି।

ସେହିପରି - ଗ୍ରାମାନ୍ତରଂ ଭିକ୍ଷୁଃ ଗଚ୍ଛତି। (ଅନ୍ୟଃ ଗ୍ରାମଃ)

ଅହଂ ଭାଷାନ୍ତରଂ କରୋମି। (ଅନ୍ୟା ଭାଷା)

ଯୁବୟୋଃ କଥଂ ମତାନ୍ତରଂ ଭବତି ? (ଅନ୍ୟତ୍ ମତମ୍)

ଏଠାରେ ଅନ୍ୟ ପଦସ୍ଥାନରେ ସମସ୍ତପଦରେ ଅନ୍ତର ପଦର ପ୍ରୟୋଗ ହୋଇଛି।

## ଅଭ୍ୟାସ

୧। **ଯଥାସମ୍ଭବଂ ସମସ୍ତପଦାନି ବ୍ୟବହୃତ୍ୟ ସଂସ୍କୃତଭାଷାୟାମ୍ ଅନୁବାଦଂ କୁରୁତ -**

(କ) ଗୃହକୁ ଆସିଥିବା ଅତିଥିଙ୍କୁ ଭୋଜନ ଦିଅ।

(ଖ) ମୋ ମାଆ ସଙ୍ଗୀତରେ କୁଶଳ ଅଟନ୍ତି।

(ଗ) ଗ୍ରାମରେ ବାସକରୁଥିବା ଲୋକ ସରଳ ଅଟନ୍ତି।

(ଘ) ଗଛରୁ ପଡ଼ିଥିବା ଫୁଲଗୁଡ଼ିକୁ ଆଣ।

(ଙ) ଗୁରୁ ମୋ ପିତାଙ୍କ ସଦୃଶ ପୂଜ୍ୟ ଅଟନ୍ତି।

(ଚ) ଆକାଶରୁ ପତିତ ଜଳବିନ୍ଦୁ ନିର୍ମଳ ଅଟନ୍ତି।

(ଛ) ଶରଦ୍ୱାରା ହତ ଅସୁରମାନେ ଦୁଷ୍ଟ ଥିଲେ।

(ଜ) ଗରମ ନ ଥିବା ଖାଦ୍ୟ ଖାଅ ନାହିଁ।

(ଝ) ଗଛର ମୂଳରେ ଷଣ୍ଢଟି ଶୋଇଥିଲା।

(ଞ) ମୁଁ ମାସକର ପାଠ୍ୟ ସାରିଦେଇଛି।

(ଟ) ଚାକର ଘୋଡ଼ାପାଇଁ ଘାସ ଆଣୁଛି।

(ଠ) ସବୁଜାଣିଥିବା ଲୋକ ଅଳ୍ପ କୁହନ୍ତି।

(ଡ଼) ବିଷ୍ଣୁ ଅନନ୍ତଉପରେ ଶୟନ କରିଛନ୍ତି।

(ଢ଼) ଘେରଢ଼ରରେ ଲୋକମାନେ ରାତିରେ ଯାଉନାହାନ୍ତି।

(ଣ) ଶ୍ରେଣୀରେ କୋଳାହଳ ଉଚିତ ନୁହେଁ।

୨। **ସବିଗ୍ରହଂ ସମାସନାମାନି ଲିଖତ-**

ହସ୍ତଗତଃ, ମାତୃସମା, ଯୂପଦାରୁ, ଆକାଶପତିତମ୍, କ୍ରୀଡ଼ାବିତ୍, ଅହିଂସା, କଳିଙ୍ଗସେନା, ମୃଗଶାବକଃ, ବିଶ୍ୱାମିତ୍ରଃ, ତନ୍ମାତ୍ରମ୍, କୁମ୍ଭକାରଃ, ଗୃହସ୍ଥଃ, ଦୁଃଖାପେତଃ, ସ୍ୱର୍ଗପତିତଃ।

୩। **ବନ୍ଧନୀମଧ୍ୟାତ୍ ଶୁଦ୍ଧଂ ସମସ୍ତପଦଂ ନିରୂପୟତ-**

(କ) ଶବାନାଂ ଶୟନମ୍ = ________। (ଶ୍ମଶାନମ୍, ଶବଶୟନମ୍, ଶବାୟନମ୍)

(ଖ) ଅନ୍ୟା ଭାଷା = ________। (ଅନ୍ୟାଭାଷା, ଭାଷାନ୍ତରମ୍, ଭାଷାନ୍ୟା)

(ଗ) ତର୍କେଣ ସଙ୍ଗତମ୍ = ________। (ତର୍କଗତମ୍, ତାର୍କିକମ୍, ତର୍କସଙ୍ଗତମ୍)

(ଘ) ପୁତ୍ରେ ସ୍ନେହଃ = ________। (ପୁତ୍ରସ୍ନେହଃ, ସ୍ନେହପୁତ୍ରଃ, ପୁତ୍ରୀସ୍ନେହଃ)

(ଙ) ପୁତ୍ରାୟ ଅୟମ୍ = ________। (ପୁତ୍ରାର୍ଥମ୍, ପୁତ୍ରାର୍ଥା, ପୁତ୍ରାର୍ଥଃ)

(ଚ) କୃତଂ ହନ୍ତି ଯଃ = ________। (କୃତଜ୍ଞଃ, କୃତଜ୍ଞାଃ, କୃତଘ୍ନଃ)

(ଛ) ବିଦ୍ୟାମ୍ ଅର୍ଥୟତେ ଇତି = ________। (ବିଦ୍ୟାର୍ଥୀ, ବିଦ୍ୟାର୍ଥଃ, ବିଦ୍ୟାର୍ଥା)

(ଜ) କାଲ୍ୟାଃ ଦାସଃ = ________ । (କାଳୀଦାସଃ, କାଳିଦାସଃ, କାଳଦାସଃ)

(ଝ) ତରୂଣାଂ ଛାୟା = ________ । (ତରୁଚ୍ଛାୟମ୍, ତରୁଚ୍ଛାୟା, ତରୁଛାୟମ୍)

(ଞ) ମନ୍ତ୍ରିଣାଂ ସଭା = ________ । (ମନ୍ତ୍ରୀସଭମ୍, ମନ୍ତ୍ରୀସଭା, ମନ୍ତ୍ରିସଭା)

**୪ । ବନ୍ଧନୀମଧ୍ୟାତ୍ ଶୁଦ୍ଧଂ ବିଗ୍ରହବାକ୍ୟଂ ନିରୂପୟତ-**

(କ) ତନ୍ମାତ୍ରମ୍ = ________ । (ତସ୍ୟ ମାତ୍ରା, ତସ୍ୟ ମାତ୍ରମ୍, ତତ୍ଏବ)

(ଖ) ପୁରୁଷାୟୁଷମ୍ = ________ । (ପୁରୁଷସ୍ୟ ଆୟୁଷଃ, ପୁରୁଷସ୍ୟ ଆୟୁଷମ୍, ପୁରୁଷସ୍ୟ ଆୟୁଃ)

(ଗ) ଭୟାର୍ତ୍ତଃ = ________ । (ଭୟେନ ରତଃ, ଭୟସ୍ୟ ରତଃ, ଭୟମ୍ ରତଃ)

(ଘ) ମଧୁପଃ = ________ । (ମଧୁ ପିବତି ଯଃ, ମଧୁଂ ପିବତି ଯଃ, ମଧୁଃ ପିବତି ଯଃ)

(ଙ) ଗୁରୁଭକ୍ତିଃ = ________ । (ଗୁରୁଂ ଭକ୍ତିଃ, ଗୁରୌ ଭକ୍ତିଃ, ଗୁରବେ ଭକ୍ତିଃ)

(ଚ) ଆପଦ୍ମୁକ୍ତଃ = ________ । (ଆପଦଃ ମୁକ୍ତଃ, ଆପଦ୍ ମୁକ୍ତଃ, ଆପଦଂ ମୁକ୍ତଃ)

(ଛ) ତତ୍ତ୍ୱଜ୍ଞଃ = ________ । (ତତ୍ତ୍ୱଂ ଜାନାତି ଯଃ, ତତ୍ତ୍ୱେ ଅଜ୍ଞଃ, ତତ୍ତ୍ୱେ ଜ୍ଞାନମ୍)

(ଜ) ଅମିତ୍ରଃ = ________ । (ନ ମିତ୍ରଃ, ନ ମିତ୍ରମ୍, ନ ଅମିତ୍ରଃ)

(ଝ) ରାଜସେବକଃ = ________ । (ରାଜସ୍ୟ ସେବକଃ, ରାଜ୍ଞଃ ସେବକଃ, ରାଜା ଏବ ସେବକଃ)

(ଞ) ବର୍ଷଭୋଗ୍ୟଃ = ________ । (ବର୍ଷଂ ଭୋଗ୍ୟଃ, ବର୍ଷସ୍ୟ ଭୋଗ୍ୟଃ, ବର୍ଷେ ଭୋଗ୍ୟଃ)

**୫ । ସ୍ତମ୍ଭଦ୍ୱୟସ୍ୟ ମେଳନଂ କୁରୁତ -**

| <u>କ ସ୍ତମ୍ଭଃ</u> | <u>ଖ ସ୍ତମ୍ଭଃ</u> |
|---|---|
| ବନସ୍ପତିଃ | ଅବିଗ୍ରହନିତ୍ୟସମାସ |
| ବର୍ଷପରିଶୋଧମ୍ | ଦ୍ୱିତୀୟା ତତ୍ପୁରୁଷ |
| ଗୁଡ଼ମିଶ୍ରଃ | ନିତ୍ୟସମାସ |
| ହାରସୁବର୍ଣ୍ଣମ୍ | ତୃତୀୟାତତ୍ପୁରୁଷ |
| ବୃକ୍ଷପତିତମ୍ | ସପ୍ତମୀତତ୍ପୁରୁଷ |
| ଦେଶସେବା | ଉପପଦତତ୍ପୁରୁଷ |
| ହସ୍ତଗତମ୍ | ତୃତୀୟା ତତ୍ପୁରୁଷ |
| ଜଳତୃପ୍ତଃ | ଷଷ୍ଠୀ ତତ୍ପୁରୁଷ |
| କ୍ରୀଡାଦକ୍ଷଃ | ପଞ୍ଚମୀ ତତ୍ପୁରୁଷ |
| ଧନହୀନଃ | ଚତୁର୍ଥୀ ତତ୍ପୁରୁଷ |
| କୃତଜ୍ଞଃ | ତୃତୀୟା ତତ୍ପୁରୁଷ |
| ଚିତ୍ରକୁଚିନୀ | ସପ୍ତମୀ ତତ୍ପୁରୁଷ |
| ପଠନାର୍ଥମ୍ | ନିପାତନସିଦ୍ଧ ତତ୍ପୁରୁଷ |

# କର୍ମଧାରୟସମାସ

ବିଶେଷ୍ୟ ଓ ବିଶେଷଣପଦର ସମାସକୁ କର୍ମଧାରୟସମାସ କୁହାଯାଏ। ଦୁଇଟି ବିଶେଷ୍ୟପଦ ଜଣକୁ ବୁଝାଉଥିଲେ ବା ଜଣକର ଦୁଇଟି ବିଶେଷଣ ଥିଲେ ବା କୌଣସି ବିଶେଷ୍ୟପଦର ବିଶେଷଣ ସହିତ ସମାସ ହେଲେ କର୍ମଧାରୟସମାସ ହୋଇଥାଏ। ଲକ୍ଷ୍ୟ କର - (କ) **ବିଶେଷ୍ୟ ଓ ବିଶେଷ୍ୟର କର୍ମଧାରୟ**

(i) ପାଚକପୂଜକଃ ଗୋବିନ୍ଦଃ ମନ୍ଦିରେ ଶେତେ।

(ରୋଷେଇଆ ଓ ପୂଜକ କାମକରୁଥିବା ଗୋବିନ୍ଦ ମନ୍ଦିରରେ ଶୋଇଛି।)

(ii) ରାଜର୍ଷିଃ ଜନକଃ ଜ୍ଞାନୀ ଆସୀତ୍।

(ରାଜା ତଥା ଋଷି ଜନକ ଜ୍ଞାନୀ ଥିଲେ।)

ପ୍ରଥମବାକ୍ୟରେ ଗୋବିନ୍ଦପଦର ବିଶେଷଣରୂପେ ବ୍ୟବହୃତ 'ପାଚକପୂଜକଃ' ଏକ ସମସ୍ତପଦ। ଏଥିରେ ପାଚକ ଏବଂ ପୂଜକ ଦୁଇଟି ବିଶେଷ୍ୟପଦ ରହିଛି। ଗୋବିନ୍ଦ ପାଚନକାର୍ଯ୍ୟ କରିବାସମୟରେ ପାଚକ ଏବଂ ପୂଜନକାର୍ଯ୍ୟକରିବା-ସମୟରେ ପୂଜକ ଅଟେ। ଉଭୟ ବିଶେଷ୍ୟପଦ ଗୋବିନ୍ଦର ଦୁଇଟି ସ୍ୱତନ୍ତ୍ରରୂପକୁ ଦର୍ଶାଉଛନ୍ତି। ସେହିପରି ଦ୍ୱିତୀୟବାକ୍ୟରେ 'ରାଜର୍ଷିଃ' ପଦଟି ଜନକଙ୍କୁ ବୁଝାଉଛି। ସେ ଏକାଧାରରେ ରାଜା ଏବଂ ଋଷି ଅଟନ୍ତି। 'ପାଚକପୂଜକଃ' ଏବଂ 'ରାଜର୍ଷିଃ ପଦଦୁଇଟିରେ ଥିବା ବିଶେଷ୍ୟପଦଗୁଡ଼ିକ ଜଣକୁ ବୁଝାଉଥିବାରୁ କର୍ମଧାରୟସମାସ ଅଟନ୍ତି। ତେଣୁ-

ପାଚକପୂଜକଃ = ପାଚକଃ ଚ ଅସୌ ପୂଜକଃ ଚ ଇତି / ପାଚକଶ୍ଚାସୌ ପୂଜକଶ୍ଚେତି।

ରାଜର୍ଷିଃ = ରାଜା ଚାସୌ ଋଷିଃ ଚେତି। ଏହିପରି -

ମମ ଗୁରୁପିତା ଶେତେ। (ଗୁରୁଃ ଚାସୌ ପିତା ଚେତି)

ତବ ପୁତ୍ରଶିଷ୍ୟଃ କ୍ରୀଡ଼ତି। (ପୁତ୍ରଃ ଚାସୌ ଶିଷ୍ୟଃ ଚେତି)

ପଠାଣିସାମନ୍ତଃ କବିଜ୍ୟୋତିର୍ବିଦ୍ ଆସୀତ୍। (କବିଃ ଚାସୌ ଜ୍ୟୋତିର୍ବିତ୍ ଚେତି)

ଅକ୍ଷୟମହାନ୍ତିଃ ଗାୟକାଭିନେତା ଆସୀତ୍। (ଗାୟକଃ ଚାସୌ ଅଭିନେତା ଚେତି)

ଦୁଇଟି ବିଶେଷଣପଦ ଜଣକୁ ବୁଝାଉଥିଲେ କର୍ମଧାରୟସମାସ ହୁଏ। ଲକ୍ଷ୍ୟ କର-

## (ଖ) ବିଶେଷଣ ଓ ବିଶେଷଣର କର୍ମଧାରୟ

ହୃଷ୍ଟପୁଷ୍ଟଃ ଅଶ୍ୱଃ ଧାବତି। (ହୃଷ୍ଟପୁଷ୍ଟ ଘୋଡ଼ାଟି ଦୌଡୁଛି)

ଜୀର୍ଣ୍ଣଶୀର୍ଣ୍ଣଃ ବୃଦ୍ଧଃ କମ୍ପତେ। (ଜୀର୍ଣ୍ଣଶୀର୍ଣ୍ଣ ବୁଢ଼ାଟି ଥରୁଛି।)

ପ୍ରଥମବାକ୍ୟରେ 'ହୃଷ୍ଟପୁଷ୍ଟଃ' ପଦରେ ହୃଷ୍ଟ ଏବଂ ପୁଷ୍ଟ ଦୁଇଟି ବିଶେଷଣପଦ ରହିଛି ଏବଂ ତାହା ଏକ ଅଶ୍ୱର ହିଁ ବିଶେଷଣ। ସେହିପରି ଦ୍ୱିତୀୟବାକ୍ୟରେ 'ଜୀର୍ଣ୍ଣଶୀର୍ଣ୍ଣଃ' ପଦରେ ଜୀର୍ଣ୍ଣ ଏବଂ ଶୀର୍ଣ୍ଣ ଦୁଇଟି ବିଶେଷଣପଦ ରହିଛି ଏବଂ ତାହା ଏକ ବୃଦ୍ଧର ବିଶେଷଣ। ତେଣୁ, 'ହୃଷ୍ଟପୁଷ୍ଟଃ' ଏବଂ 'ଜୀର୍ଣ୍ଣଶୀର୍ଣ୍ଣଃ' ପଦଦୁଇଟି ସମସ୍ତପଦ ଏବଂ ଏହା କର୍ମଧାରୟସମାସ ଅଟେ। ତେଣୁ,

ହୃଷ୍ଟପୁଷ୍ଟଃ = ହୃଷ୍ଟଃ ଚାସୌ ପୁଷ୍ଟଃ ଚେତି।

ଜୀର୍ଣ୍ଣଶୀର୍ଣ୍ଣଃ = ଜୀର୍ଣ୍ଣଃ ଚାସୌ ଶୀର୍ଣ୍ଣଃ ଚେତି। ଏହିପରି -

ଭୀମକାନ୍ତଃ ସାଗରଃ ଦର୍ଶନୀୟଃ। (ଭୀମଃ ଋସୌ କାନ୍ତଃ ଚେତି)

ସୁସ୍ଥସବଳଃ ରାମଃ କଥଂ ଭିକ୍ଷତେ ? (ସୁସ୍ଥଃ ଋସୌ ସବଳଃ ଚେତି)

ମୃଗଃ ଭୀତତ୍ରସ୍ତଃ ଧାବତି। (ଭୀତଃ ଋସୌ ତ୍ରସ୍ତଃ ଚେତି)

ଧାନ୍ୟକ୍ଷେତ୍ରଂ ନଷ୍ଟଭ୍ରଷ୍ଟମ୍ ଅଭବତ୍। (ନଷ୍ଟଂ ଚ ତତ୍ ଭ୍ରଷ୍ଟଂ ଚେତି)

ଦୁଇଟି ବିଶେଷଣ ଜଣକୁ ବୁଝାଇଲେ ଏବଂ ବିଶେଷଣଦୁଇଟି ପୂର୍ବପରକ୍ରମରେ ଘଟିଥିବାର ବୁଝାଇଲେ ମଧ୍ଯ କର୍ମଧାରୟସମାସ ହୋଇଥାଏ।

ଲକ୍ଷ୍ୟ କର –

ସ୍ନାତାନୁଲିପ୍ତଃ ଜନଃ ସଭାଂ ଗଚ୍ଛତି। (ପୂର୍ବଂ ସ୍ନାତଃ ପଶ୍ଚାତ୍ ଅନୁଲିପ୍ତଃ)

ପୀତପ୍ରତିବଦ୍ଧଃ ବତ୍ସଃ ଧେନୁଂ ପଶ୍ୟତି। (ପୂର୍ବଂ ପୀତଃ ପଶ୍ଚାତ୍ ପ୍ରତିବଦ୍ଧଃ)

ଶ୍ରୁତାନୁରକ୍ତଃ ଭକ୍ତଃ ଗୁରୁଂ ପୃଚ୍ଛତି। (ପୂର୍ବଂ ଶ୍ରୁତଃ ପଶ୍ଚାତ୍ ଅନୁରକ୍ତଃ)

ମାତ୍ର, ଦୁଇଟି ବିଶେଷଣପଦ ଦୁଇ ପୃଥକ୍ ବ୍ୟକ୍ତିଙ୍କୁ ବୁଝାଉଥିଲେ ଏପରି କର୍ମଧାରୟସମାସ ହେବ ନାହିଁ।

## (ଗ) ବିଶେଷ୍ୟ ଓ ବିଶେଷଣର କର୍ମଧାରୟ

କୌଣସି ବିଶେଷ୍ୟପଦର ତା'ର ବିଶେଷଣପଦସହିତ ସମାସକୁ ମଧ୍ୟ କର୍ମଧାରୟସମାସ କୁହାଯାଏ। ଲକ୍ଷ୍ୟ କର–

ଶରଦି ନୀଳାକାଶଃ ଶୋଭତେ। (ନୀଳଃ ଆକାଶଃ)

ମମ ନୀଳଶାଟୀ ନାସ୍ତି। (ନୀଳା ଶାଟୀ)

ଗୃହାତ୍ ନୀଳାମ୍ବରମ୍ ଆନୟ। (ନୀଳମ୍ ଅମ୍ବରମ୍)

ନୀଳପଦଟି ବିଶେଷଣ ହୋଇଥିବାରୁ 'ଆକାଶଃ'ର ବିଶେଷଣ ସମୟରେ ନୀଳଃ, ଶାଟୀର ବିଶେଷଣ ସମୟରେ 'ନୀଳା' ଏବଂ 'ଅମ୍ବରମ୍'ର ବିଶେଷଣସମୟରେ 'ନୀଳମ୍' ହୋଇଅଛି। ବିଶେଷ୍ୟପଦ ଅନୁସାରେ ବିଶେଷଣର ଲିଙ୍ଗ ବିଭକ୍ତି ଓ ବଚନର ରୂପରେ ପରିବର୍ତ୍ତନ ହୁଏ, ମାତ୍ର ସମସ୍ତପଦରେ ମୂଳପଦଦୁଇଟି ମିଳିତ ହେବାପରେ ଆବଶ୍ୟକ ବିଭକ୍ତିବଚନ ଇତ୍ୟାଦି ହୋଇଥାଏ। ସ୍ତ୍ରୀଲିଙ୍ଗପଦ ଦ୍ୱିବଚନାନ୍ତ ଓ ବହୁବଚନାନ୍ତ ହୋଇଥିଲେ ପଦର ମୂଳ ପୁଂଲିଙ୍ଗ ରୂପ ହୁଏ । ଏହିପରି ଲକ୍ଷ୍ୟ କର –

ଦୁର୍ବଳଧେନୁଃ ମାର୍ଗେ ଗଚ୍ଛତି। (ଦୁର୍ବଳା ଧେନୁଃ)

ସୁନ୍ଦରବାଳିକାଃ ମଞ୍ଚୋପରି ନୃତ୍ୟନ୍ତି। (ସୁନ୍ଦର୍ଯ୍ୟଃବାଳିକାଃ)

ବାଳମୃଗ୍ୟୌ ଜଳଂ ପିବତଃ। (ବାଳେ ମୃଗ୍ୟୌ)

ବୀରଯୁବକାଃ କସ୍ମାତ୍ ନ ବିଭ୍ୟତି। (ବୀରାଃ ଯୁବକାଃ)

ଉତ୍ତମଚ୍ଛାତ୍ରୌ ସଂସ୍କୃତଂ ପଠତଃ। (ଉତ୍ତମୌ ଛାତ୍ରୌ)

ଉଦ୍ୟାନାତ୍ ରକ୍ତପୁଷ୍ପାଣି ଆନୟ। (ରକ୍ତାନି ପୁଷ୍ପାଣି)

ମହତ୍ ଶବ୍ଦରୁ ସମସ୍ତପଦରେ କେବଳ 'ମହା' ଅବଶିଷ୍ଟ ରହେ। ଲକ୍ଷ୍ୟ କର–

ମହାପୁରୁଷଃ ସତ୍ୟଂ ଭାଷତେ। (ମହାନ୍ ପୁରୁଷଃ)

ମହାନଦୀ ମହୋଦଧୌ ମିଳତି। (ମହତୀ ନଦୀ, ମହାନ୍ ଉଦଧିଃ ତସ୍ମିନ୍)

ଅତିଥିସତ୍କାରଃ ମହାଫଳଂ ଦଦାତି। (ମହତ୍ ଫଳମ୍)

ମହାତ୍ମାନଃ ସର୍ବଦା ପୂଜନୀୟାଃ। (ମହାନ୍ତଃ ଆତ୍ମାନଃ)

ମହାଦେବ୍ୟଃ ଶଙ୍କରମ୍ ଅପୃଚ୍ଛନ୍। (ମହତ୍ୟଃ ଦେବ୍ୟଃ)

ମହାବୀରୌ ଯୁଦ୍ଧେ ମିଥଃ ମିଳିତୌ। (ମହାନ୍ତୌ ବୀରୌ)

ସେହିପରି ଶୋଭନ ବା ସୁନ୍ଦର ଅର୍ଥରେ ସମସ୍ତପଦରେ 'ସୁ' ଏବଂ କୁତ୍ସିତ ଅର୍ଥରେ 'କୁ'ର ପ୍ରୟୋଗ କରାଯାଇଥାଏ। କେତେକ କ୍ଷେତ୍ରରେ 'କୁ' ସ୍ଥାନରେ କା, କିମ୍, କତ୍ ଆଦିର ପ୍ରୟୋଗ ହୁଏ। ଲକ୍ଷ୍ୟ କର–

ସୁବାଳକଃ ପ୍ରଶଂସିତଃ ଭବତି। (ଶୋଭନଃ ବାଳକଃ)

ସୁଶିଷ୍ୟୌ ପୁରସ୍କୃତୌ ଅଭବତାମ୍। (ଶୋଭନୌ ଶିଷ୍ୟୌ)

ସୁମାତରଃ ଲୋକଜନନ୍ୟଃ ଭବନ୍ତି। (ଶୋଭନାଃ ମାତରଃ)

ସୁବସ୍ତ୍ରମ୍ ଅବଶ୍ୟଂ ପରିଧାନୀୟମ୍। (ଶୋଭନଂ ବସ୍ତ୍ରମ୍)

କୁମାର୍ଗେଣ ଗମନମ୍ ଅନୁଚିତମ୍। (କୁତ୍ସିତଃ ମାର୍ଗଃ, ତେନ)

କୁବୁଦ୍ଧିଃ ନିନ୍ଦନୀୟା ଭବତି। (କୁତ୍ସିତା ବୁଦ୍ଧିଃ)

କୁସଙ୍ଗଂ ବର୍ଜୟେତ୍। (କୁତ୍ସିତଃ ସଙ୍ଗଃ, ତମ୍)

କଦାପି କୁମିତ୍ରାଣି ଉତ୍ତମାନି ନ ଭବନ୍ତି। (କୁତ୍ସିତାନି ମିତ୍ରାଣି)

ଏହିପରି କେତେକ ଉଦାହରଣକୁ ଲକ୍ଷ୍ୟ କର –

କାପୁରୁଷାଃ ମିଥ୍ୟା ବଦନ୍ତି। (କୁତ୍ସିତାଃ ପୁରୁଷାଃ)

କିନ୍ନରାଃ ମଧୁରଂ ଗାୟନ୍ତି। (କୁତ୍ସିତାଃ ନରାଃ)

କାଜଳଂ କଦାପି ନ ପାତବ୍ୟମ୍ (କୁତ୍ସିତଂ ଜଳମ୍)

କଦନ୍ନଂ ରୋଗାନ୍ ଜନୟତି। (କୁତ୍ସିତମ୍ ଅନ୍ନମ୍)

କଦଶ୍ୱଃ ମନ୍ଦଂ ଗଚ୍ଛତି। (କୁତ୍ସିତଃ ଅଶ୍ୱଃ)

ଉପର୍ଯ୍ୟୁକ୍ତ ଉଦାହରଣଗୁଡ଼ିକରେ କୁତ୍ସିତ ଅର୍ଥରେ କା, କିମ୍ ଓ କତ୍‌ର ମଧ୍ୟ ପ୍ରୟୋଗ ହୋଇଛି। ମାତ୍ର, "ଈଷତ୍ ଉଷ୍ଣମ୍" ଅର୍ଥରେ କୋଷ୍ଣଂ, କବୋଷ୍ଣଂ ଓ କଦୁଷ୍ଣଂର ପ୍ରୟୋଗ ହୁଏ।

ଯଥା – କବୋଷ୍ଣଂ ଦୁଗ୍ଧଂ ପିବ। (ଈଷତ୍ ଉଷ୍ଣମ୍)

**ସ୍ୱ** ବା **ନିଜ** ପଦସହିତ ସମାସ ହେଲେ **ସ୍ୱ** ବା **ନିଜ** ପଦ ବିଶେଷଣରୂପେ ବ୍ୟବହୃତ ହୋଇଥାଏ। ଲକ୍ଷ୍ୟ କର –

ଅଧୁନା ତ୍ୱଂ ସ୍ୱଗୃହଂ ଗଚ୍ଛ। (ସ୍ୱଂ ଗୃହମ୍ ତତ୍)

ସ୍ୱଜନନୀ ସର୍ବଦା ପୂଜନୀୟା। (ସ୍ୱା ଜନନୀ)

ବାଳକଃ ସ୍ୱମିତ୍ରଂ ପୃଚ୍ଛତି। (ସ୍ୱଂ ମିତ୍ରମ୍ ତତ୍)

ସା ନିଜମତମ୍ ଉପସ୍ଥାପିତବତୀ। (ନିଜଂ ମତମ୍ ତତ୍)

‘ସ୍ୱ’ର ପ୍ରୟୋଗକ୍ଷେତ୍ରରେ ୬ଷ୍ଠୀ ତତ୍ପୁରୁଷସମାସ ମଧ୍ୟ ହୋଇଥାଏ।

ଯଥା:- ସ୍ୱସ୍ୟ ଗୃହମ୍, ସ୍ୱସ୍ୟ ଜନନୀ, ସ୍ୱସ୍ୟ ମିତ୍ରମ୍ ଇତ୍ୟାଦି। ‘ସ୍ୱ’ ଶବ୍ଦ ଷଷ୍ଠୀବିଭକ୍ତିରେ ‘ଆତ୍ମ’ (ନିଜ) ଅର୍ଥରେ ପୁଂଲିଙ୍ଗ ହୁଏ।

## ମଧ୍ୟପଦଲୋପୀ କର୍ମଧାରୟ

**ବିଗ୍ରହମଧ୍ୟସ୍ଥ ପଦ ସମସ୍ତପଦରେ** ନ ରହିଲେ ତାହାକୁ ମଧ୍ୟପଦଲୋପୀ କର୍ମଧାରୟ କୁହାଯାଏ।ସାଧାରଣତଃ ପୂର୍ବପଦ ଏକ ସମସ୍ତପଦ ହୋଇଥିଲେ ତାହାର ଉତ୍ତରପଦ ଲୋପପାଇଥାଏ। ତେଣୁ, ଏହାକୁ ଉତ୍ତରପଦଲୋପୀ ବା ଶାକପାର୍ଥିବାଦି ସମାସ ମଧ୍ୟ କହିଥାନ୍ତି। ଲକ୍ଷ୍ୟ କର-

ଶାକପାର୍ଥିବଃ ମୃଗୟାଂ ନ ଗଚ୍ଛତି। (ଶାକପ୍ରିୟଃ ପାର୍ଥିବଃ)

ଏଠାରେ ‘ଶାକପାର୍ଥିବଃ’ ସମସ୍ତପଦଟି ‘ଶାକପ୍ରିୟଃ ପାର୍ଥିବଃ’ ଅର୍ଥକୁ ବୁଝାଉଛି। “ଶାକପ୍ରିୟଃ” ମଧ୍ୟ ଏକ ସମସ୍ତପଦ ଏବଂ ଏଥିରେ ‘ଶାକ’ ପୂର୍ବପଦ ଏବଂ ‘ପ୍ରିୟ’ ଉତ୍ତରପଦ ଅଟେ। ମାତ୍ର, “ଶାକପ୍ରିୟଃ” ପଦ ସହିତ “ପାର୍ଥିବଃ” ପଦର ସମାସ ସମୟରେ “ପ୍ରିୟଃ” ପଦଟି ଲୋପପାଉଥିବାରୁ ଏହା ଉତ୍ତରପଦ ବା ମଧ୍ୟସ୍ଥ ପଦର ଲୋପ ହୋଇଅଛି। ଏହିପରି ଲକ୍ଷ୍ୟ କର-

ରାଜା ସିଂହାସନେ ବିରାଜତେ। (ସିଂହଚିହ୍ନିତମ୍ ଆସନମ୍, ତସ୍ମିନ୍)

ନର୍ତ୍ତକୀ ରତ୍ନମୁଦ୍ରିକାଂ ଦର୍ଶୟତି। (ରତ୍ନଖଚିତା ମୁଦ୍ରିକା, ତାମ୍)

ଦେବ୍ୟାଃ କଣ୍ଠେ ସ୍ୱର୍ଣ୍ଣହାରଃ ଶୋଭତେ। (ସ୍ୱର୍ଣ୍ଣନିର୍ମିତଃ ହାରଃ)

ଗୃହମ୍ ଅନୁ ଆମ୍ରବୃକ୍ଷଃ ଅସ୍ତି। (ଆମ୍ରନାମକଃ ବୃକ୍ଷଃ)

ମହାନଦୀକୂଳେ କଟକନଗରମ୍ ଅସ୍ତି। (କଟକନାମକଂ ନଗରମ୍)

ଏହିପରି ଗୁଡମିଶ୍ରିତମ୍ ଅନ୍ନମ୍ = ଗୁଡାନ୍ନମ୍, ବଟନାମକଃ ବୃକ୍ଷଃ = ବଟବୃକ୍ଷଃ ଇତ୍ୟାଦି।

## ଉପମାନ କର୍ମଧାରୟ

କୌଣସି ଉପମା ଦେବାବେଳେ ଉପମାନ, ଉପମେୟ ଏବଂ ଉପମାବାଚକ ଶବ୍ଦର ପ୍ରୟୋଗ କରାଯାଇଥାଏ। ପ୍ରାସଙ୍ଗିକ ବସ୍ତୁ ଉପମେୟ, ଅପ୍ରାସଙ୍ଗିକ ବସ୍ତୁ ଉପମାନ ଏବଂ ତୁଳନାତ୍ମକ ଇବ ଓ ବତ୍ ପ୍ରଭୃତି ଉପମାବାଚକ ପଦ ଅଟନ୍ତି। ଉପମେୟ ଏବଂ ଉପମାନମଧ୍ୟରେ ସମାନ ଗୁଣ ବା ଧର୍ମକୁ ସାଧାରଣ ଧର୍ମ କୁହାଯାଏ।

ଉପମାନ ଏବଂ ଉପମେୟମଧ୍ୟସ୍ଥ ସମାନ ଗୁଣ ବାଚକ ପଦର ଉପମାନପଦ ସହିତ ସଂଘଟିତ ସମାସକୁ ଉପମାନକର୍ମଧାରୟ ସମାସ କୁହାଯାଏ। ଲକ୍ଷ୍ୟ କର-

ତୁଷାରଧବଳଃ ବୃଷଭଃ ଶେତେ। (ତୁଷାରଃ ଇବ ଧବଳଃ)

ଏଠାରେ ବୃଷଭର ଧଳାରଙ୍ଗ ତୁଷାର ବା ବରଫଭଳି ଉଜ୍ଜ୍ୱଳ ଅଟେ। ବୃଷଭର ବିଶେଷଣ ଧବଳର ତୁଷାରସହିତ ତୁଳନା କରାଯାଇଛି। ଧବଳ ସାଧାରଣ ଧର୍ମ ଏବଂ ତୁଷାର ଉପମାନ ଅଟେ। ଏହିପରି -

ଘନଶ୍ୟାମଃ ଶ୍ରୀକୃଷ୍ଣଃ ମଥୁରାଂ ଗତଃ। (ଘନଃ ଇବ ଶ୍ୟାମଃ)

ସର୍ପକୁଟିଳା ନଦୀ ଭୟଙ୍କରୀ ଭବତି। (ସର୍ପବତ୍ କୁଟିଳା)

## ଉପମିତ କର୍ମଧାରୟ

ସଦୃଶଗୁଣର ପ୍ରୟୋଗ ନ ହୋଇ ବ୍ୟାଘ୍ର, ସିଂହ, ଋଷଭ, ପୁଙ୍ଗବ, କୁଞ୍ଜର ଓ ଇନ୍ଦ୍ର ପ୍ରଭୃତି ଉପମାନବାଚକ ପଦପରେ ଥାଇ ଉପମେୟର ସମାସକୁ ଉପମିତ କର୍ମଧାରୟ କୁହାଯାଏ। ଲକ୍ଷ୍ୟ କର -

ମୁନିପୁଙ୍ଗବଃ ନାରଦଃ ନାରାୟଣଂ ଜପତି। (ମୁନିଃ ପୁଙ୍ଗବଃ ଇବ)

ଏଠାରେ 'ପୁଙ୍ଗବ'ପଦ ବୃଷଭ ଅର୍ଥକୁ ନ ବୁଝାଇ ଶ୍ରେଷ୍ଠତାକୁ ବୁଝାଉଛି। ମୁନିଙ୍କ ଶ୍ରେଷ୍ଠତା ପ୍ରତିପାଦିତ ହେଲେ ମଧ୍ୟ ମୁନି ଓ ପୁଙ୍ଗବ ମଧ୍ୟରେ ତୁଳନା ପ୍ରତିପାଦିତ ହୋଇଛି। ଏହିପରି ଲକ୍ଷ୍ୟ କର-

ନରେନ୍ଦ୍ରଃ ବିକ୍ରମାଦିତ୍ୟଃ ସର୍ବଗୁଣସମ୍ପନ୍ନଃ ଆସୀତ୍। (ନରଃ ଇନ୍ଦ୍ରଃ ଇବ)

ପୁରୁଷସିଂହଃ ବୀରଃ ସୁରେନ୍ଦ୍ରସାୟଃ ଆଂଲୋଶାସନାତ୍ ଜୁଗୁପ୍ସତେ ସ୍ମ । (ପୁରୁଷଃ ସିଂହଃ ଇବ)

ନରକୁଞ୍ଜରଃ ପଟେଲମହୋଦୟଃ ନିର୍ଭୀକଃ ଆସୀତ୍। (ନରଃ କୁଞ୍ଜରଃ ଇବ)

ମନେ ରଖ - (i) ସଦୃଶଗୁଣର ପ୍ରୟୋଗ ହେଲେ ସମାସ ହୁଏ ନାହିଁ।

ଯଥା - ପୁରୁଷଃ ବ୍ୟାଘ୍ରଃ ଇବ ଶୂରଃ ଆସୀତ୍।

(ii) ସ୍ତ୍ରୀ ବାଚକପଦ ସହିତ ଉପମିତ କର୍ମଧାରୟ ସମାସ ହୁଏ ନାହିଁ।

ଯଥା - ରାଜ୍ଞୀ ଲକ୍ଷ୍ମୀବାଈ ସିଂହସମାନା ତେଜସ୍ୱିନୀ ଆସୀତ୍।

## ରୂପକ କର୍ମଧାରୟ

ଉପମେୟଠାରେ ଉପମାନର ଆରୋପ ହେଲେ ରୂପକ କର୍ମଧାରୟ ହୋଇଥାଏ। ଏହି ସମାସରେ ଉପମେୟ ଓ ଉପମାନମଧ୍ୟରେ ଅଭେଦ ପ୍ରତିପାଦିତ ହୁଏ। ଲକ୍ଷ୍ୟ କର-

ବିଦ୍ୟାଧନଂ ମହାଧନଂ ଭବତି। (ବିଦ୍ୟା ଏବ ଧନମ୍)

ଏଠାରେ ବିଦ୍ୟା ଓ ଧନମଧ୍ୟରେ ଭେଦ ଅନୁଭୂତ ହେଉନାହିଁ। ଏଠାରେ ବିଦ୍ୟା ଉପମେୟ ଓ ଧନ ଉପମାନ ଅଟେ। ଏହିପରି-

ସଂସାରସାଗରଃ ଦୁସ୍ତରଃ ଭବତି। (ସଂସାରଃ ଏବ ସାଗରଃ)

ଶିଶୋଃ ବାଗମୃତଂ ପିବ। (ବାକ୍ ଏବ ଅମୃତମ୍ ତତ୍)

ଜ୍ଞାନାଞ୍ଜନଂ ନୂତନମାର୍ଗଂ ଦର୍ଶୟତି। (ଜ୍ଞାନମ୍ ଏବ ଅଞ୍ଜନମ୍)

ଉପର୍ଯ୍ୟୁକ୍ତ ଉଦାହରଣଗୁଡ଼ିକରେ ସଂସାର, ବାକ୍ ଏବଂ ଜ୍ଞାନ ସହିତ ଯଥାକ୍ରମେ ସାଗର, ଅମୃତ ଓ ଅଞ୍ଜନର ତୁଳନା କରାଯାଇଥିଲେ ମଧ୍ୟ ଅଭେଦ ପ୍ରତିପାଦିତ ହେଉଅଛି।

## ଦ୍ୱିଗୁସମାସ

ସଂଖ୍ୟାବାଚକ ବିଶେଷଣପଦ ପୂର୍ବପଦରେ ଥାଇ ସମାସ ହେଲେ, ତାହାକୁ ଦ୍ୱିଗୁସମାସ କୁହାଯାଏ। ଏକଜାତୀୟ ବସ୍ତୁଗୁଡ଼ିକର ସମାହାର ହେଲେ ସଂଖ୍ୟାବାଚକ ବିଶେଷଣ ପଦସହିତ ବିଶେଷ୍ୟପଦର ସମାସ ହୁଏ, ପଦଟି ସାଧାରଣତଃ, ସ୍ତ୍ରୀଲିଙ୍ଗ ହୋଇଥାଏ। ସ୍ଥଳବିଶେଷରେ ପୁଂଲିଙ୍ଗ ବା କ୍ଳୀବଲିଙ୍ଗ ମଧ୍ୟ ହୋଇଥାଏ। ଦ୍ୱିଗୁସମାସ ଏକବଚନାନ୍ତ ହୁଏ। ଲକ୍ଷ୍ୟ କର-

ମହାଭାରତଗ୍ରନ୍ଥଃ ଶତସାହସ୍ରୀ ଇତି ଉଚ୍ୟତେ। (ଶତସ୍ୟ ସାହସ୍ରାଣାଂ ସମାହାରଃ)

ସହସ୍ରାଣାଂ ସମୂହଃ - ସାହସ୍ରମ୍ ଅର୍ଥାତ୍ ସାମୂହିକ ଭାବେ ଏକସହସ୍ରମାନଙ୍କର ସମଷ୍ଟି ।

ମହାଭାରତଗ୍ରନ୍ଥରେ ଶତସାହସ୍ର ବା ଲକ୍ଷେ ଶ୍ଳୋକ ରହିଥିବାରୁ ତାହା 'ଶତସାହସ୍ରୀ' ନାମରେ ପରିଚିତ। ଶତସହସ୍ର ସମୂହ ଶ୍ଳୋକର ସମାହାର ହୋଇଥିଲେ ମଧ୍ୟ ଏହା ଗୋଟିଏ ଗ୍ରନ୍ଥକୁ ସୂଚାଉଥିବାରୁ ଏକବଚନାନ୍ତ ହୋଇଛି, ଏହା ସ୍ତ୍ରୀଲିଙ୍ଗ। ଏହିପରି-

ଭାରତବର୍ଷଂ କସ୍ୟାଂ **ଶତାବ୍ଦ୍ୟାଂ** ସ୍ୱତନ୍ତ୍ରମ୍ ଅଭବତ୍ ? (ଶତସ୍ୟ ଅବ୍ଦାନାଂ ସମାହାରଃ, ତସ୍ୟାମ୍)

ରାମଃ **ପଞ୍ଚବଟ୍ୟାଂ** ବନବାସମ୍ ଅକରୋତ୍। (ପଞ୍ଚାନାଂ ବଟାନାଂ ସମାହାରଃ, ତସ୍ୟାମ୍)

ପ୍ରତ୍ୟହଂ ସପ୍ତଶତୀ ପଠିତବ୍ୟା। (ସପ୍ତାନାଂ ଶତାନାଂ ସମାହାରଃ)

**ତ୍ରିଲୋକୀ** ଧର୍ମେଣ ଚଳତି। (ତ୍ରୟାଣାଂ ଲୋକାନାଂ ସମାହାରଃ)

ଦ୍ୱିଗୁସମାସାନ୍ତ ପଦ ପୁଂଲିଙ୍ଗ ଏବଂ କ୍ଳୀବଲିଙ୍ଗ ମଧ୍ୟ ହୋଇଥାଏ। ଲକ୍ଷ୍ୟ କର-

ବିଗତଃ **ସପ୍ତାହଃ** ସୁଖମୟଃ ଆସୀତ୍। (ସପ୍ତାନାମ୍ ଅହ୍ନାଂ ସମାହାରଃ)

**ତ୍ରିଭୁବନଂ** ରାବଣସ୍ୟ ଅତ୍ୟାଚାରେଣ ପୀଡ଼ିତମ୍ ଆସୀତ୍ - (ତ୍ରୟାଣାଂ ଭୁବନାନାଂ ସମାହାରଃ)

ଜନାଃ **ପଞ୍ଚଦେବଂ** ପ୍ରଣମନ୍ତି। (ପଞ୍ଚାନାଂ ଦେବାନାଂ ସମାହାରଃ, ତତ୍)

ଏହିପରି - ଚତୁର୍ଣ୍ଣାଂ ଯୁଗାନାଂ ସମାହାରଃ = ଚତୁର୍ଯୁଗମ୍।

ତ୍ରୟାଣାଂ ଦେବାନାଂ ସମାହାରଃ = ତ୍ରିଦେବମ୍।

ଷଣ୍ଣାଂ ଦର୍ଶନାନାଂ ସମାହାରଃ = ଷଡ୍‌ଦର୍ଶନମ୍।

ପଞ୍ଚାନାଂ ପ୍ରାଣାନାଂ ସମାହାରଃ = ପଞ୍ଚପ୍ରାଣମ୍।

ତ୍ରୟାଣାଂ ଫଳାନାଂ ସମାହାରଃ = ତ୍ରିଫଳା।

ଦ୍ୱିଗୁସମାସାନ୍ତ ତଦ୍ଧିତପଦ ମଧ୍ୟ ଦେଖାଯାଏ, ତାହାକୁ 'ତଦ୍ଧିତାର୍ଥ ଦ୍ୱିଗୁ' ସମାସ କୁହାଯାଏ। ଯଥା-

କାର୍ତ୍ତିକେୟଃ ଷାଣ୍ମାତୁରଃ ଉଚ୍ୟତେ। (ଷଣ୍ଣାଂ ମାତୃଣାମ୍ ଅପତ୍ୟଂ ପୁମାନ୍)

କାର୍ତ୍ତିକେୟ କୃତ୍ତିକାଦି ଛଜଣ ମାତାଙ୍କ ଦ୍ୱାରା ପାଳିତ ହୋଇଥିବାରୁ ପୁତ୍ର ପରି ଅଟନ୍ତି। (ଷଟ୍ + ମାତୃ + ଅପତ୍ୟାର୍ଥେ ଅଣ୍)। ଏହିପରି

ଦ୍ୱୈମାତୁରଃ (ଗଣେଶ) = ଦ୍ୱୟୋଃ ମାତ୍ରୋଃ ଅପତ୍ୟଂ ପୁମାନ୍। ଇତ୍ୟାଦି ହୋଇଥାନ୍ତି।

## ଅଭ୍ୟାସ

**୧। ଯଥାସମ୍ଭବଂ ସମସ୍ତପଦାନି ବ୍ୟବହୃତ୍ୟ ସଂସ୍କୃତଭାଷୟା ଅନୁବାଦଂ କୁରୁତ-**

(କ) ନୀଳକଇଁ ଗୁଡ଼ିକ ପୋଖରୀରେ ଶୋଭାପାଉଛି।

(ଖ) ଘୃତମିଶ୍ରିତ ଅନ୍ନ କାହାକୁ ଭଲ ନ ଲାଗେ ?

(ଗ) ବୁଢ଼ାଲୋକଦୁଇଟି ଶୀତରେ ଥରୁଛନ୍ତି।

(ଘ) ବିପଦବେଳେ ବିସ୍ମୟ ହିଁ କୁତ୍ସିତପୁରୁଷର ଲକ୍ଷଣ ଅଟେ।

(ଙ) ଔଷଧସେବନପରେ ଅଳ୍ପଗରମ ପାଣି ପିଅ।

(ଚ) ଖାରବେଳ ସିଂହପରି ପୁରୁଷ ଥିଲେ।

(ଛ) ନିଜବାପାଙ୍କୁ ପ୍ରତିଦିନ ପ୍ରଣାମ କର।

(ଜ) ରାମଚନ୍ଦ୍ର ପଞ୍ଚବଟୀରେ ରହୁଥିଲେ।

(ଝ) ଗତ ଶତାବ୍ଦୀରେ ଆମେ ସ୍ୱାଧୀନ ହେଲୁ।

(ଞ) ତିନିଭୁବନରେ କର୍ଣ୍ଣଙ୍କ ପରି ଦାନୀ ନାହାଁନ୍ତି।

(ଟ) ନେଳିଆଶାଢ଼ୀପିନ୍ଧି ବୋହୂଟି ମନ୍ଦିର ଗଲା।

(ଠ) ଲୋକେ ବଣରେ ପତ୍ରବିଛାଇ ଶେଯରେ ଶୁଅନ୍ତି।

(ଡ) ବିଦ୍ୟାରୂପକ ଧନ ଅକ୍ଷୟ ଅଟେ।

(ଢ) ବାପାଙ୍କ ଲୁଗା ଚନ୍ଦ୍ରପରି ଧଳା ଅଟେ।

(ଣ) ସାତଜଣ ଋଷି ଆକାଶରେ ଶୋଭାପାଉଛନ୍ତି।

**୨। ବନ୍ଧନୀମଧ୍ୟାତ୍ ଶୁଦ୍ଧବିଗ୍ରହବାକ୍ୟାନି ନିରୂପୟତ-**

(କ) କଦନ୍ନମ୍ = (କୁତ୍ସିତମ୍ ଅନ୍ନମ୍, କଦା ଅନ୍ନମ୍, କଦୁ ଅନ୍ନମ୍)

(ଖ) ମହାପଣ୍ଡିତଃ = (ମହା ପଣ୍ଡିତଃ, ମହାନ୍ ପଣ୍ଡିତଃ, ମହତ୍ ପଣ୍ଡିତଃ)

(ଗ) ପୁରୁଷର୍ଷଭଃ = (ପୁରୁଷଃ ଷଭଃ ଇବ, ପୁରୁଷଃ ଏବ ଋଷଭଃ, ପୁରୁଷଃ ଋଷଭଃ ଇବ)।

(ଘ) ତ୍ରିଲୋକୀ = (ତ୍ରୟାଣାଂ ଲୋକାନାଂ ସମାହାରଃ, ତିସୃଣାଂ ଲୋକୀନାଂ ସମାହାରଃ, ତ୍ରୟଃ ଲୋକାଃ)

(ଙ) ସପ୍ତାହଃ = (ସପ୍ତାନାମ୍ ଅହାନାଂ ସମାହାରଃ, ସପ୍ତାନାମ୍ ଅହ୍ନାଂ ସମାହାରଃ, ସପ୍ତ ଅହାନି)

(ଚ) ଘନଶ୍ୟାମଃ = (ଶ୍ୟାମଃ ଏବ ଘନଃ, ଶ୍ୟାମଃ ଇବ ଘନଃ, ଘନ ଇବ ଶ୍ୟାମଃ)

(ଛ) ନରେନ୍ଦ୍ରଃ = (ନରାଣାମ୍ ଇନ୍ଦ୍ରଃ, ନରେଷୁ ଇନ୍ଦ୍ରଃ, ନରଃ ଇନ୍ଦ୍ରଃ ଇବ)

(ଜ) ଶତାବ୍ଦୀ = (ଶତାନାମ୍ ଅବ୍ଦାନାଂ ସମାହାରଃ, ଶତସ୍ୟ ଅବ୍ଦାନାଂ ସମାହାରଃ, ଶତାନି ଅବ୍ଦାନି)

(ଝ) ସୁନ୍ଦରଭାର୍ଯ୍ୟା = (ସୁନ୍ଦରୀ ଭାର୍ଯ୍ୟା, ସୁନ୍ଦରା ଭାର୍ଯ୍ୟା, ସୁନ୍ଦରୀ ଭାର୍ଯ୍ୟା ଯସ୍ୟ ସଃ)

(ଞ) ଗତାଗତଃ = (ଗତଃ ଚ ଆଗତଃ ଚ, ପୂର୍ବଂ ଗତଃ ପଶ୍ଚାତ୍ ଆଗତଃ, ଗତସ୍ୟ ଆଗତଃ)

୩। **ବନ୍ଧନୀମଧ୍ୟାତ୍ ଶୁଦ୍ଧସମସ୍ତପଦାନି ନିରୂପୟତ-**

(କ) ଶତସ୍ୟ ସାହସ୍ରାଣାଂ ସମାହାରଃ = (ଶତସାହସ୍ରୀ, ଶତସହସ୍ରୀ, ଶତସହସ୍ରମ୍)

(ଖ) ସପ୍ତ ଚ ତେ ଋଷୟଃ = (ସପ୍ତର୍ଷିଃ, ସପ୍ତର୍ଷୟଃ, ସପ୍ତାର୍ଷୟଃ)

(ଗ) ପଞ୍ଚାନାଂ ପ୍ରାଣାନାଂ ସମାହାରଃ = (ପଞ୍ଚପ୍ରାଣୀ, ପଞ୍ଚପ୍ରାଣଃ, ପଞ୍ଚପ୍ରାଣମ୍)

(ଘ) ଘନଃ ଇବ ଶ୍ୟାମଃ = (ଘନଶ୍ୟାମଃ, ଶ୍ୟାମଘନଃ, ଘନୀଭୂତଶ୍ୟାମଃ)

(ଙ) ଶାଳ୍ମଳୀନାମା ତରୁଃ = (ଶାଳ୍ମଳତରୁଃ, ଶାଳ୍ମଳୀତରୁଃ, ଶାଳ୍ମଳୀତରୁ)

(ଚ) ଈଷତ୍ ଉଷ୍ଣମ୍ = (ଈଷୋଷ୍ଣମ୍, ଉଷ୍ଣୀଷମ୍, କବୋଷ୍ଣମ୍)

(ଛ) ସ୍ୱା ଜିହ୍ୱା = (ସ୍ୱାଜିହ୍ୱା, ଶ୍ୱାଜିହ୍ୱା, ସ୍ୱଜିହ୍ୱା)

(ଜ) ଭୀମଃ ଋସୌ କାନ୍ତଃ ଚେତି = (ଭୀମକାନ୍ତଃ, ଭୀମସେନଃ, ଭୀମଃ)

(ଝ) ଅର୍ଣ୍ଣବଃ ଇବ ଗଭୀରଃ = (ଗଭୀରାର୍ଣ୍ଣବଃ, ଅର୍ଣ୍ଣବଗଭୀରଃ, ଗଭୀରାର୍ଣ୍ଣମ୍)

(ଞ) ପଞ୍ଚାନାଂ ବଟାନାଂ ସମାହାରଃ = (ପଞ୍ଚବଟଃ, ପଞ୍ଚବଟମ୍, ପଞ୍ଚବଟୀ)

୪। **ସବିଗ୍ରହଂ ସମାସନାମାନି ଲିଖତ-**

କାଜଳମ୍, ବାଗମୃତମ୍, ଶୋକସାଗରଃ, ଦଧ୍ୟନ୍ନମ୍, ଚନ୍ଦନତରୁଃ, ଯାତାୟାତଃ, ନୀଳୋତ୍ପଳାନି, ମହାବୀରୌ, ପରମସଖଃ, ମୁନିପୁଙ୍ଗବଃ।

୫। **ସ୍ତମ୍ଭତ୍ରୟସ୍ୟ ମେଳନଂ କୁରୁତ-**

| <u>କସ୍ତମ୍ଭଃ</u> | <u>ଖସ୍ତମ୍ଭଃ</u> | <u>ଗସ୍ତମ୍ଭଃ</u> |
|---|---|---|
| ମହତୀ ଅଷ୍ଟମୀ | ଘୃତାନ୍ନମ୍ | ରୂପକକର୍ମଧାରୟଃ |
| ଖଞ୍ଜଃ କୁବ୍ଜଃ | ଚତୁର୍ଭୁବନମ୍ | ଉପମାନକର୍ମଧାରୟଃ |
| ପଞ୍ଚାନାଂ ଦେବାନାଂ ସମାହାରଃ | ମହାଷ୍ଟମୀ | କର୍ମଧାରୟଃ |
| ଶଶାଙ୍କଃ ଇବ ଧବଳଃ | ଶାଳ୍ମଳୀତରୁଃ | ଦ୍ୱିଗୁଃ |
| ଶୋକଃ ଏବ ସାଗରଃ | ତ୍ରିଫଳା | କର୍ମଧାରୟଃ |
| ଶାଳ୍ମଳୀନାମା ତରୁଃ | ଶଶାଙ୍କଧବଳଃ | ଦ୍ୱିଗୁଃ |
| ଚତୁର୍ଣ୍ଣାଂ ଭୁବନାନାଂ ସମାହାରଃ | ସପ୍ତାହଃ | ଦ୍ୱିଗୁଃ |
| ପୁରୁଷଃ ଋଷଭଃ ଇବ | ଶୋକସାଗରଃ | ଦ୍ୱିଗୁଃ |
| ତ୍ରୟାଣାଂ ଫଳାନାଂ ସମାହାରଃ | ପଞ୍ଚଦେବମ୍ | ମଧ୍ୟପଦଲୋପୀ କର୍ମଧାରୟଃ |
| ଘୃତମିଶ୍ରିତମ୍ ଅନ୍ନମ୍ | ପୁରୁଷର୍ଷଭଃ | ଉପମିତ କର୍ମଧାରୟଃ |
| ସପ୍ତାନାମ୍ ଅହ୍ନାଂ ସମାହାରଃ | ଖଞ୍ଜକୁବ୍ଜଃ | ମଧ୍ୟପଦଲୋପୀ କର୍ମଧାରୟଃ |

୬। ବନ୍ଧନୀମଧ୍ୟାତ୍ ଉପଯୁକ୍ତପଦୈଃ ଶୂନ୍ୟସ୍ଥାନାନି ପୂରୟତ-

(କ) ସପ୍ତର୍ଷୟଃ ----। (ଗଚ୍ଛତି, ଗଚ୍ଛତଃ, ଗଚ୍ଛନ୍ତି)

(ଖ) ନୀଳାମ୍ବରମ୍ ---। (ବଳଭଦ୍ରଃ, ନୀଳାକାଶଃ, ନୀଳଚନ୍ଦ୍ରଃ)

(ଗ) ଭୀମକାନ୍ତଃ ---। (ନିର୍ଝରିଣୀ, ସାଗରଃ, ରୂପମ୍)

(ଘ) ନରସିଂହଃ ---। (ପୁରୁଷଃସିଂହଃ, ନରଶ୍ରେଷ୍ଠଃ, ନରସ୍ୟ ସିଂହଃ)

(ଙ) କାପୁରୁଷଃ ---। (କୁତ୍ସିତଃ ପୁରୁଷଃ, ଭୀରୁଃ, କ୍ରୋଧୀ)

(ଚ) ଘନଶ୍ୟାମଃ ---। (କୃଷ୍ଣମେଘଃ, ଶ୍ରୀକୃଷ୍ଣଃ, ଘନଃ ଇବ ଶ୍ୟାମଃ)

(ଛ) ବଟବୃକ୍ଷଃ ---। (ବଟଃ ବୃକ୍ଷଃ, ବଟନାମକଃ ବୃକ୍ଷଃ, ବୃକ୍ଷଃବଟଃ)

•

# ଦ୍ୱନ୍ଦ୍ୱ ସମାସ

ଏକାଧିକ ସୁବନ୍ତପଦ ପରସ୍ପର ମିଳିତ ହେଲେ ଦ୍ୱନ୍ଦ୍ୱସମାସ ହୁଏ। ଏହି ସମାସରେ ଦୁଇରୁ ଅଧିକ ପଦ ମଧ୍ୟ ମିଳିତ ହୋଇଥାନ୍ତି ଓ ବ୍ୟାସବାକ୍ୟରେ ପ୍ରତ୍ୟେକପଦ ପରେ 'ଚ' ଲାଗେ। ଉଭୟ ପଦର ପ୍ରାଧାନ୍ୟ ଏହି ସମାସରେ ରହିଥାଏ। ସମସ୍ତପଦଟି ଶେଷ ପଦର ଲିଙ୍ଗଅନୁସାରେ, ଦୁଇଟି ପଦ ଥିଲେ ଦ୍ୱିବଚନ ଓ ଅଧିକ ପଦ ଥିଲେ ବହୁବଚନ ହୋଇଥାଏ। ପଦଦୁଇଟିର ବଚନକୁ ବିଚାର କରାଯାଇ ସମସ୍ତପଦର ବଚନ ସ୍ଥିର କରାଯାଇଥାଏ। ଏହାକୁ 'ଚାର୍ଥେ ଦ୍ୱନ୍ଦ୍ୱଃ' କୁହାଯାଏ।

## ଇତରେତରଦ୍ୱନ୍ଦ୍ୱ

(କ) ରାମଗୋବିନ୍ଦୌ ବିଦ୍ୟାଳୟଂ ଗଚ୍ଛତଃ। (ରାମଃ ଚ ଗୋବିନ୍ଦଃ ଚ)

(ଖ) ରାମଗୋବିନ୍ଦଶ୍ୟାମାଃ ଗଚ୍ଛନ୍ତି। (ରାମଃ ଚ ଗୋବିନ୍ଦଃ ଚ ଶ୍ୟାମଃ ଚ)

(ଗ) ବାଳକବାଳିକାଃ ପଠନ୍ତି। (ବାଳକଃ ଚ ବାଳିକେ / ବାଳିକାଃ ଚ, ବାଳକାଃ ଚ ବାଳିକାଃ ଚ)

(ଘ) ହରିଲତେ କ୍ରୀଡ଼ତଃ। (ହରିଃ ଚ ଲତା ଚ)

ଉପର୍ଯ୍ୟୁକ୍ତ ଉଦାହରଣଗୁଡିକୁ ଲକ୍ଷ୍ୟ କର। ପ୍ରଥମବାକ୍ୟରେ ରାମ ଓ ଗୋବିନ୍ଦ ଦୁଇଜଣ ହୋଇଥିବାରୁ ଗୋବିନ୍ଦପଦର ଦ୍ୱିବଚନ ହୋଇଛି। ଦ୍ୱିତୀୟବାକ୍ୟରେ ତିନିଜଣ ଥିବାରୁ ଶ୍ୟାମପଦର ବହୁବଚନ ହୋଇଛି। ତୃତୀୟବାକ୍ୟରେ ବାଳକ ଓ ବାଳିକାମାନଙ୍କ ସଂଖ୍ୟା ବହୁତ ହୋଇଥିବାରୁ ସମସ୍ତପଦର ବହୁବଚନ ହୋଇଛି। ଚତୁର୍ଥବାକ୍ୟରେ ହରି ଓ ଲତା ଦୁଇଜଣ ଥିବାରୁ ଲତାପଦର ଦ୍ୱିବଚନ ହୋଇଛି। ସବୁ ଉଦାହରଣରେ ଶେଷପଦର ଲିଙ୍ଗପରି ଲିଙ୍ଗ ହୋଇଅଛି। ଏହିପରି-

ବୃଦ୍ଧୌ ଚ୍ ବୃଦ୍ଧା ଚ୍ = ବୃଦ୍ଧବୃଦ୍ଧାଃ।

ପୁଷ୍ପଂ ଚ୍ ଫଳଂ ଚ୍ = ପୁଷ୍ପଫଳେ।

ପତ୍ରଂ ଚ ପୁଷ୍ପଂ ଚ୍ ଫଳଂଚ୍ = ପତ୍ରପୁଷ୍ପଫଳାନି।

ମୃଗ୍ୟୌ ଚ୍ ଧେନୂଚ = ମୃଗୀଧେନବଃ। ଇତ୍ୟାଦି।

(କ) <u>ପିତାପୁତ୍ରୌ</u> ମନ୍ଦିରଂ ଗଚ୍ଛତଃ। (ପିତା ଚ଼ ପୁତ୍ରଃଚ଼)

(ଖ) <u>ମାତାପିତରୌ</u> ମୟି ସ୍ନିହ୍ୟତଃ। (ମାତା ଚ଼ ପିତା ଚ଼)

(ଗ) <u>ଜାମାତୃପୁତ୍ରୌ</u> ଖାଦିଷ୍ୟତଃ। (ଜାମାତା ଚ଼ ପୁତ୍ରଃ ଚ଼)

ଲକ୍ଷ୍ୟ କର - ପ୍ରଥମବାକ୍ୟରେ ପିତୃ ଶବ୍ଦ ସ୍ଥାନରେ ପିତା ଓ ଦ୍ୱିତୀୟ ବାକ୍ୟରେ ମାତୃଶବ୍ଦ ସ୍ଥାନରେ ମାତା ହୋଇଛି, ମାତ୍ର ଜାମାତୃ ପଦ ଅବିକଳଭାବରେ ସମସ୍ତ ପଦରେ ରହିଛି। **ଦୁଇପଦମଧ୍ୟରେ ବିଦ୍ୟାସମ୍ବନ୍ଧ ବା ଗୋତ୍ରସମ୍ବନ୍ଧ ଥାଇ ଋକାରାନ୍ତ ଶବ୍ଦ ବା ପୁତ୍ରପରେ ଥିଲେ ପୂର୍ବ ଋକାରାନ୍ତ ଶବ୍ଦର ଋସ୍ଥାନରେ ଆ ହୁଏ, ଅନ୍ୟତ୍ର ହୁଏ ନାହିଁ।**

(କ) <u>ଇନ୍ଦ୍ରାବରୁଣୌ</u> ଦେବସଭାୟାମ୍ ଆସ୍ତାମ୍। (ଇନ୍ଦ୍ରଃଚ଼ ବରୁଣଃ ଚ଼)

(ଖ) <u>ସୂର୍ଯ୍ୟାଚନ୍ଦ୍ରମସୌ</u> ପୂଜ୍ୟେତେ। (ସୂର୍ଯ୍ୟଃ ଚ଼ ଚନ୍ଦ୍ରମାଃ ଚ଼)

ଲକ୍ଷ୍ୟ କର- ଦେବତାବାଚକ ଶବ୍ଦର ଦ୍ୱନ୍ଦ୍ୱସମାସରେ **ପୂର୍ବପଦର ଶେଷସ୍ୱର ଦୀର୍ଘ ହୁଏ।**

**ମନେରଖ -** ଜାୟା ଚ଼ ପତିଃ ଚ଼ = ଦମ୍ପତୀ / ଜମ୍ପତୀ / ଜାୟାପତୀ ହୁଏ। ସେହିପରି ଅହଃ ଚ଼ ରାତ୍ରିଃଚ଼ = ଅହୋରାତ୍ରଃ ହୁଏ।

ସର୍ବନାମ ପଦସହିତ ସମାସ ହେଲେ ସର୍ବନାମ ପଦ ଅବଶିଷ୍ଟ ରୁହେ ଏବଂ ସଂଖ୍ୟା ଅନୁସାରେ ତାହାର ବଚନ ସ୍ଥିର କରାଯାଏ। ଅସ୍ମଦ୍ ଶବ୍ଦର ପଦଥିଲେ ଅସ୍ମଦ୍ ଶବ୍ଦର ସମସ୍ତପଦ, ଯୁଷ୍ମଦ୍ ଶବ୍ଦର ପଦ ଥିଲେ ଯୁଷ୍ମଦ୍ ଶବ୍ଦର ସମସ୍ତ ପଦ ଏବଂ ତଦ୍ ଶବ୍ଦର ପଦ ଥିଲେ ତଦ୍‌ଶବ୍ଦ ହିଁ ସମସ୍ତ ପଦରେ ଅବଶିଷ୍ଟ ରହିଥାଏ। ଲକ୍ଷ୍ୟ କର-

ରାମଃ ଚ଼ ସୀତା ଚ଼ ଅହଂ ଚ଼ ଗଚ୍ଛାମଃ ବା <u>ବୟଂ</u> ଗଚ୍ଛାମଃ।

ବାଳକାଃ ଚ଼ ତ୍ୱଂ ଚ଼ ଗଚ୍ଛତ ବା <u>ଯୂୟଂ</u> ଗଚ୍ଛତ।

ହରିଃ ଚ଼ ତ୍ୱଂ ଚ଼ ଅହଂ ଚ଼ ପଠାମଃ ବା <u>ବୟଂ</u> ପଠାମଃ।

ଛାତ୍ରଃ ଚ଼ ସଃ ଚ଼ ପଶ୍ୟତଃ ବା ତୌ ପଶ୍ୟତଃ।

ବାଳିକେ ଚ଼ ସଃ ଚ଼ କ୍ରୀଡ଼ନ୍ତି ବା <u>ତେ</u> କ୍ରୀଡ଼ନ୍ତି।

ଜନାଃ ଚ଼ ସା ଚ଼ ଗଚ୍ଛନ୍ତି ବା <u>ତାଃ</u> ଗଚ୍ଛନ୍ତି।

**ମନେରଖ - ପୂର୍ବପଦର ଯେ କୌଣସି ଲିଙ୍ଗ ଥିଲେ ମଧ୍ୟ ପରପଦସ୍ଥ ସର୍ବନାମ ଶବ୍ଦର ଲିଙ୍ଗ ହିଁ ସମସ୍ତପଦରେ ରହିଥାଏ।**

## ସମାହାର ଦ୍ୱନ୍ଦ୍ୱ

ଦୁଇରୁ ଅଧିକ ବିଶେଷ୍ୟପଦର ସମଷ୍ଟିକୁ ବୁଝାଇଲେ ସମାହାର ଦ୍ୱନ୍ଦ୍ୱ ହୁଏ। ଏହି ସମାସରେ ସମସ୍ତପଦଟି କ୍ଳୀବଲିଙ୍ଗ ଅକାରାନ୍ତ ଶବ୍ଦ ଭଳି ରୂପଗ୍ରହଣ କରିଥାଏ। ଲକ୍ଷ୍ୟ କର-

ବୃଦ୍ଧସ୍ୟ ପାଣିପାଦଂ କମ୍ପତେ। (ପାଣୀ ଚ଼ ପାଦୌ ଚ଼ ତେଷାଂ ସମାହାରଃ)

ଭ୍ରମଣାତ୍ ପରଂ କରଚରଣଂ ପ୍ରକ୍ଷାଳୟ (କରୌ ଚ଼ ଚରଣୌ ଚ଼ ତେଷାଂ ସମାହାରଃ)

ବ୍ୟାଘ୍ରସ୍ୟ ନଖଦନ୍ତଂ ଗଳିତମ୍। (ନଖାଃ ଚ଼ ଦନ୍ତାଃ ଚ଼ ତେଷାଂ ସମାହାରଃ, ତତ୍)

ଉପର୍ଯ୍ୟୁକ୍ତ ଉଦାହରଣଗୁଡିକୁ ଲକ୍ଷ୍ୟ କର। ପ୍ରାଣୀଅଙ୍ଗଗୁଡ଼ିକର ସମାହାର ହେଲେ 'ସମାହାରଦ୍ୱନ୍ଦ୍ୱ' ହୋଇଥାଏ।

ମାର୍ଜାରମୂଷିକମ୍ ଏକତ୍ର ନ ତିଷ୍ଠତି। (ମାର୍ଜାରଃ ଚ଼ ମୂଷିକଃ ଚ଼ ତୟୋଃ ସମାହାରଃ)

ଅହିନକୁଳଂ କିଂ କରିଷ୍ୟତି ? (ଅହିଃ ଚ଼ ନକୁଳଃ ଚ଼ ତୟୋଃ ସମାହାରଃ)

ପରସ୍ପର ବିରୋଧ ଥିଲେ 'ସମାହାରଦ୍ୱନ୍ଦ୍ୱ' ହୋଇଥାଏ। ଏହିପରି ଗୌଃ ଚ଼ ବ୍ୟାଘ୍ରଃ ଚ଼ ତୟୋଃ ସମାହାରଃ ଗୋବ୍ୟାଘ୍ରମ୍ ଇତ୍ୟାଦି ହୋଇଥାଏ।

ଅତ୍ର ମଶକମକ୍ଷିକଂ ନାସ୍ତି। (ମଶକାଃ ଚ ମକ୍ଷିକାଃ ଚ଼ ତେଷାଂ ସମାହାରଃ)

ଶଯ୍ୟାୟାଂ ଯୂକଲିକ୍ଷଂ ଦୃଶ୍ୟତେ। (ଯୂକାଃ ଚ଼ ଲିକ୍ଷାଃ ଚ଼ ତେଷାଂ ସମାହାରଃ)

ମନେରଖ - କ୍ଷୁଦ୍ରପ୍ରାଣୀମାନଙ୍କର ସମାହାର ହେଲେ 'ସମାହାର ଦ୍ୱନ୍ଦ୍ୱ' ହୁଏ।

ଅହଂ ଗଙ୍ଗାଶୋଣଂ ନ ପଶ୍ୟାମି। (ଗଙ୍ଗା ଚ଼ ଶୋଣଃଚ଼ ତୟୋଃ ସମାହାରଃ, ତତ୍)

ବ୍ରାହ୍ମଣଃ କାଶୀପ୍ରୟାଗଂ ଗତବାନ୍। (କାଶୀ ଚ଼ ପ୍ରୟାଗଃ ଚ଼ ତୟୋଃ ସମାହାରଃ, ତତ୍)

ଜନାଃ ମଥୁରାପାଟଳୀପୁତ୍ରଂ ଗଚ୍ଛନ୍ତି। (ମଥୁରା ଚ଼ ପାଟଳୀପୁତ୍ରଃ ଚ଼ ତୟୋଃ ସମାହାରଃ, ତତ୍)

ମନେ ରଖ - ନଦୀବାଚକ, ତୀର୍ଥସ୍ଥାନ ଓ ଦେଶମାନଙ୍କର ସମାହାର ବୁଝାଇଲେ 'ସମାହାରଦ୍ୱନ୍ଦ୍ୱ' ସମାସ ହୁଏ।

## ଏକଶେଷ ଦ୍ୱନ୍ଦ୍ୱ

ସମାନଜାତୀୟ ସ୍ତ୍ରୀବାଚ଼କପଦ ସହିତ ପୁରୁଷବାଚକ ପଦର ସମାସ ହେଲେ ପୁରୁଷବାଚକ ଶବ୍ଦ ଅବଶିଷ୍ଟ ରୁହେ ଏବଂ ତାହାର ଦ୍ୱିବଚନ ହୁଏ।

ବ୍ରାହ୍ମଣୌ ମନ୍ଦିରଂ ଗଚ୍ଛତଃ। (ବ୍ରାହ୍ମଣୀ ଚ଼ ବ୍ରାହ୍ମଣଃ ଚ଼)

ପିତରୌ ସର୍ବଦା ପୂଜନୀୟୌ। (ମାତା ଚ଼ ପିତା ଚ଼)

ଶ୍ୱଶୁରୌ ଦେବତୁଲ୍ୟୌ ଭବତଃ। (ଶ୍ୱଶ୍ରୂଃ ଚ଼ ଶ୍ୱଶୁରଃ ଚ଼)

ହଂସୌ ଜଳେ ସନ୍ତରତଃ। (ହଂସୀ ଚ଼ ହଂସଃ ଚ଼)

ସ୍ତ୍ରୀବାଚକ ଓ ପୁରୁଷବାଚକ ପଦ ଏକଜାତୀୟ ନ ହୋଇଥିଲେ ପୂର୍ବପଦର ଲୋପ ହୁଏ ନାହିଁ। ଯଥା-

ସାରସୀହଂସୌ କ୍ରୀଡ଼ତଃ। (ସାରସୀ ଚ଼ ହଂସଃ ଚ଼)

ମୃଗୀଶଶକୌ ଭ୍ରମତଃ। (ମୃଗୀ ଚ ଶଶକଃ ଚ଼)

ଏକଶେଷ ଦ୍ୱନ୍ଦ୍ୱ କରା ନ ଯାଇ ସାଧାରଣ ଦ୍ୱନ୍ଦ୍ୱ ଭାବେ ମଧ୍ୟ ଏହି ସମାସ କରାଯାଇପାରେ, ଯେପରି-

ମାତା ଚ଼ ପିତା ଚ଼ = ପିତରୌ ବା ମାତାପିତରୌ / ମାତରପିତରୌ

ମୃଗୀ ଚ଼ ମୃଗଃ ଚ଼ = ମୃଗୌ ବା ମୃଗୀମୃଗୌ ଇତ୍ୟାଦି।

ମନେରଖ - ଅହଃ ଚ଼ ନିଶା ଚ଼ = ଅହର୍ନିଶମ୍

ରାତ୍ରିଃ ଚ଼ ଦିବା ଚ଼ = ରାତ୍ରିନ୍ଦିବମ୍

ନକ୍ତଂ ଚ଼ ଦିବାଚ଼ = ନକ୍ତନ୍ଦିବମ୍

## ଅଭ୍ୟାସ

**୧। ଯଥାସମ୍ଭବଂ ସମସ୍ତପଦାନି ବ୍ୟବହୃତ୍ୟ ସଂସ୍କୃତଭାଷୟା ଅନୁବାଦଂ କୁରୁତ-**

(କ) ତୁମେ ଗଛରୁ ପତ୍ର, ପୁଷ୍ପ ଓ ଫଳଗୁଡ଼ିକୁ ଆଣ।

(ଖ) ଛାତ୍ର ଓ ଛାତ୍ରୀମାନେ ପଢିବାକୁ ଗଲେ।

(ଗ) ବାପାମା’ ମାମୁଁଘରକୁ ଯାଇଛନ୍ତି।

(ଘ) ବଣରେ ବାଘ, ଭାଲୁ ଓ ସିଂହ ରହୁଛନ୍ତି।

(ଙ) ଆକାଶରେ ସୂର୍ଯ୍ୟ ଓ ଚନ୍ଦ୍ର ଶୋଭାପାଉଛନ୍ତି।

(ଚ) ସାପ ଓ ନେଉଳ ଏକାଠି ରହନ୍ତି ନାହିଁ।

(ଛ) ଆମେ ଦୁହେଁ କାଶୀ ଓ ପ୍ରୟାଗକୁ ଯାଇପାରୁ।

(ଜ) ଶାଶୂ ଓ ଶ୍ୱଶୁର ବୋହୂକୁ ସ୍ନେହ କରନ୍ତି।

(ଝ) ପିଲାଟି ଦିନରାତି ପାଠ ପଢ଼େ।

(ଞ) ଘରେ ମଶାମାଛି ବୁଲୁଛନ୍ତି।

(ଟ) ମାମୁଁ ଓ ମାଇଁ ଆମ ଘରକୁ ଆସିବେ।

(ଠ) ଅଶ୍ୱିନୀ, ଦେବ ଓ ମୁଁ ଏଠାରେ ପଢୁ।

(ଡ) ତୁମେଦୁହେଁ ଓ ଆମେଦୁହେଁ ପଡ଼ିଆରେ ଖେଳିବା।

(ଢ଼) ସେମାନେ ଓ ତୁମେ ଏଠାରେ ବସ।

(ଣ) ପ୍ରଜ୍ଞା ଓ ସୀମା ଆମ ସ୍କୁଲରେ ପଢ଼ନ୍ତି।

**୨। ବନ୍ଧନୀମଧ୍ୟାତ୍ ଶୁଦ୍ଧଂ ସମସ୍ତପଦଂ ନିରୂପୟତ-**

(କ) ରାମଃ ଚ଼ ସୀତା ଚ଼ = ____________। (ରାମସୀତେ, ସୀତାରାମୌ, ରାମସୀତାଃ)

(ଖ) ଛାୟା ଚ଼ ଆତପଃ ଚ଼ = ____________। (ଛାୟାତପମ୍, ଛାୟାତପୌ, ଛାୟାତପାଃ)

(ଗ) ସ୍ତ୍ରୀ ଚ଼ ପୁମାନ୍ ଚ଼ = ____________। (ସ୍ତ୍ରୀପୁମାନ୍, ସ୍ତ୍ରୀପୁରୁଷଃ, ସ୍ତ୍ରୀପୁଂସୌ)

(ଘ) ଶ୍ୱଶ୍ରୂଃ ଚ଼ ଶ୍ୱଶୁରଃ ଚ଼ = ____________। (ଶ୍ୱଶ୍ରୂଃ, ଶ୍ୱଶୁରୌ, ଶ୍ୱଶୁରାଃ)

(ଙ) ଅହିଃ ଚ଼ ନକୁଳଃ ଚ଼ = ____________। (ଅହୀନକୁଳମ୍, ଅହିନକୂଳମ୍, ଅହିନକୁଳମ୍)

(ଚ) ବାକ୍ ଚ଼ ମନଃ ଚ଼ = ____________। (ବାଙ୍ମନସେ, ବାକ୍ ମନସେ, ବାକମନସୌ)

(ଛ) ଜାମାତା ଚ଼ ପୁତ୍ରଃ ଚ଼ = ____________। (ଜାମାତୃପୁତ୍ରୌ, ଜାମାତାପୁତ୍ରୌ, ଜାମାତରଃ)

(ଜ) ଅହଃ ଚ଼ ରାତ୍ରିଃ ଚ଼ = ____________। (ଅହଃରାତ୍ରିଃ, ଅହୋରାତ୍ରିଃ, ଅହୋରାତ୍ରଃ)

(ଝ) ଅଗ୍ନିଃ ଚ଼ ସୋମଃ ଚ଼ = ____________। (ଅଗ୍ନିସୋମୌ, ଅଗ୍ନୀଷୋମୌ, ଅଗ୍ନୀସୋମୌ)

(ଞ) ମିତ୍ରଃ ଚ଼ ବରୁଣଃ ଚ଼ = ____________। (ମିତ୍ରବରୁଣୌ, ମିତ୍ରବରୁଣମ୍, ମିତ୍ରାବରୁଣୌ)

୩। ବନ୍ଧନୀମଧ୍ୟାତ୍ ଶୁଦ୍ଧଂ ବିଗ୍ରହବାକ୍ୟଂ ନିରୂପୟତ-

(କ) ପିତରୌ = ____________।(ପିତୃ ଚ଼ ମାତୃଚ, ପିତା ଚ଼ ମାତା ଚ଼, ପିତରି ଚ଼ ମାତରି ଚ଼)

(ଖ) କାକୋଲୂକମ୍ = ____________। (କାକଃ ଚ଼ ଉଲୂକଃ ଚ଼, କାକଃ ଚ଼ ଲୂକଃ ଚ଼, କାକଃ ଚ଼ ଉଲୂକଃ ଚ଼ ତୟୋଃ ସମାହାରଃ)

(ଗ) ରାମକୃଷ୍ଣୌ = ---। (ରାମଃ ଚ଼ କୃଷ୍ଣଃ ଚ଼, ରାମଃ ଚ଼ କୃଷ୍ଣଃ ଚ଼ ତୟୋଃ ସମାହାରଃ, କୃଷ୍ଣଃ ଚ଼ ରାମଃ ଚ଼)

(ଘ) ଅକ୍ଷିଭ୍ରୁବମ୍ = ---। (ଅକ୍ଷି ଚ଼ ଭ୍ରୁବଃ ଚ଼, ଅକ୍ଷିଣୀ ଚ଼ ଭ୍ରୁବୌ ଚ଼, ଅକ୍ଷଃ ଚ଼ ଭ୍ରୁବୌ ଚ଼)

(ଙ) ନଖଦନ୍ତମ୍ = ---। (ନଖାଃ ଚ଼ ଦନ୍ତାଃ ଚ଼, ନଖାଃ ଚ଼ ଦନ୍ତାଃ ଚ଼ ତେଷାଂ ସମାହାରଃ, ନଖଂ ଚ଼ ଦନ୍ତଂ ଚ଼)

୪। ବିଗ୍ରହବାକ୍ୟାନି ରଚୟତ -

ହରୀନ୍ଦ୍ରୌ, ପତ୍ରପୁଷ୍ପଫଳାନି, ଯୂକଲିକ୍ଷମ୍, ଦେବାସୁରମ୍, ବଧୂବରମ୍, ସୂର୍ଯ୍ୟାଚନ୍ଦ୍ରମସୌ, ସମ୍ପଦ୍‌ବିପଦମ୍, ସୀତାପାର୍ବତ୍ୟୌ।

୫। ସମସ୍ତପଦାନି ନିରୂପୟତ-

କୃଶଃ ଚ଼ ସ୍ଥୁଳଃ ଚ଼, ମୟୂରୀ ଚ଼ କୁକ୍କୁଟଃ ଚ଼, ଲତା ଚ ବୃକ୍ଷଃ ଚ଼, ଦାରାଃ ଚ଼ ଗାବଃ ଚ଼, ଯମୁନା ଚ଼ ଗଙ୍ଗା ଚ଼, ଭ୍ରାତା ଚ଼ ପିତା ଚ଼।

୬। ସ୍ତମ୍ଭମେଳନଂ କୁରୁତ-

| <u>କସ୍ତମ୍ଭଃ</u> | <u>ଖସ୍ତମ୍ଭଃ</u> |
|---|---|
| ବ୍ରାହ୍ମଣୀ ଚ଼ ବ୍ରାହ୍ମଣଃ ଚ଼ | ହରିରାମୌ |
| ଦୁହିତା ଚ଼ ପୁତ୍ରଃ ଚ଼ | ହଂସୌ |
| ମତ୍ସ୍ୟଃ ଚ଼ ବିଦେହଃଚ଼ | ଯୁବାମ୍ |
| ଛାୟା ଚ଼ ଆତପଃଚ଼ | ବୟମ୍ |
| ଗଙ୍ଗା ଚ଼ ବ୍ରହ୍ମପୁତ୍ରଃଚ଼ | ଛାୟାତପୌ |
| ସଃ ଚ଼ ତ୍ୱଂ ଚ଼ | ମତ୍ସ୍ୟବିଦେହମ୍ |
| ଆବାଂ ଚ଼ ସଃ ଚ଼ | ବ୍ରାହ୍ମଣୌ |
| ତେ ଚ଼ ତ୍ୱଂ ଚ଼ | ଦୁହିତାପୁତ୍ରୌ |
| ହରିଃ ଚ଼ ରାମଃ ଚ଼ | ଗଙ୍ଗାବ୍ରହ୍ମପୁତ୍ରମ୍ |
| ହଂସୀ ଚ଼ ହଂସଃ ଚ଼ | ଯୂୟମ୍ |

•

# ବହୁବ୍ରୀହି ସମାସ

ସମସ୍ୟମାନପଦମାନଙ୍କର ପ୍ରାଧାନ୍ୟ ନ ଥାଇ ଅନ୍ୟାର୍ଥର ପ୍ରାଧାନ୍ୟ ଥିଲେ ବହୁବ୍ରୀହି ସମାସ ହୋଇଥାଏ। ସେଥିପାଇଁ କୁହାଯାଏ – 'ଅନ୍ୟାର୍ଥପ୍ରଧାନଃ ବହୁବ୍ରୀହିଃ'। ସମସ୍ତପଦ ଯେଉଁ ଅନ୍ୟାର୍ଥକୁ ବିଶେଷିତ କରେ, ତାହାର ଲିଙ୍ଗ ଓ ବଚନ ଗ୍ରହଣ କରେ। ସମାନବିଭକ୍ତ୍ୟନ୍ତ ସମସ୍ୟମାନ ପଦ ଥିଲେ ସମାନାଧିକରଣ ବହୁବ୍ରୀହି ଏବଂ ସମାନ ବିଭକ୍ତି ନ ଥିଲେ ବ୍ୟଧିକରଣ ବହୁବ୍ରୀହି କୁହାଯାଏ। ଲକ୍ଷ୍ୟ କର–

ପୀତାମ୍ବରଃ ବିଷ୍ଣୁଃ ବିରାଜତେ। (ପୀତମ୍ ଅମ୍ବରଂ ଯସ୍ୟ ସଃ)

ଏଠାରେ 'ପୀତମ୍' ପଦଟି 'ଅମ୍ବରମ୍' ର ବିଶେଷଣ ଅଟେ ଏବଂ ଉଭୟର କ୍ଲୀବଲିଙ୍ଗ ପ୍ରଥମାବିଭକ୍ତି ଏକବଚନ ହୋଇଅଛି। ତେଣୁ, 'ପୀତାମ୍ବରଃ' ପଦଟି ସମାନାଧିକରଣ ବହୁବ୍ରୀହି ଅଟେ। ପୀତମ୍ ଏବଂ ଅମ୍ବରମ୍ ପଦଦୁଇଟିର ଅର୍ଥ ଗୌଣ ହୋଇ 'ବିଷ୍ଣୁ' ଅର୍ଥର ପ୍ରାଧାନ୍ୟ ହେବାରୁ ବହୁବ୍ରୀହି ସମାସ ହୋଇଛି। (ଲିଙ୍ଗ ଓ ବିଭକ୍ତି ସମାନ ଥିଲେ ସମାନାଧିକରଣ ହୁଏ)

ସେହିପରି – ବୀଣାପାଣିଃ ବିଦ୍ୟାଂ ଦଦାତି। (ବୀଣା ପାଣୌ ଯସ୍ୟାଃ ସା)

ଏଠାରେ 'ବୀଣା' ପଦଟି ସ୍ତ୍ରୀଲିଙ୍ଗ ପ୍ରଥମା ବିଭକ୍ତି ଏକବଚନରେ ଥିବାବେଳେ 'ପାଣୌ' ପଦଟି ପୁଂଲିଙ୍ଗ ସପ୍ତମୀ ବିଭକ୍ତି ଏକବଚନରେ ରହିଛି। ଉଭୟପଦର ଲିଙ୍ଗବିଭକ୍ତି ଅଲଗା ହୋଇଛି ଏବଂ ଉଭୟ ପଦର ମିଳନପରେ 'ସରସ୍ୱତୀ' ଅର୍ଥ ପ୍ରକାଶିତ ହେଉଛି, ତେଣୁ ବ୍ୟଧିକରଣ ବହୁବ୍ରୀହି ହୋଇଅଛି। (ଲିଙ୍ଗ ଓ ବିଭକ୍ତି ଅଲଗା ହେଲେ ବ୍ୟଧିକରଣ ହୁଏ)

ସମାନାଧିକରଣ ବହୁବ୍ରୀହିର କେତେକ ଉଦାହରଣକୁ ଲକ୍ଷ୍ୟ କର–

ଆରୂଢ଼ବାନରଃ ବୃକ୍ଷଃ କମ୍ପତେ। (ଆରୂଢ଼ଃ ବାନରଃ ଯଂ ସଃ)

କୃତକାର୍ଯ୍ୟଃ ଛାତ୍ରଃ ନନ୍ଦତି। (କୃତଂ କାର୍ଯ୍ୟଂ ଯେନ ସଃ)

ଦତ୍ତଭୋଜନଃ ବ୍ରାହ୍ମଣଃ ଗଚ୍ଛତି। (ଦତ୍ତଂ ଭୋଜନଂ ଯସ୍ମୈ ସଃ)

ପତିତପତ୍ରଃ ବୃକ୍ଷଃ ଶୁଷ୍ୟତି। (ପତିତାନି ପତ୍ରାଣି ଯସ୍ମାତ୍ ସଃ)

ଶ୍ୱେତବସ୍ତ୍ରା ନାରୀ ମନ୍ଦିରଂ ଗଚ୍ଛତି। (ଶ୍ୱେତଂ ବସ୍ତ୍ରଂ ଯସ୍ୟାଃ ସା)

ବହୁଜଳଂ ସରଃ ବନମଧ୍ୟେ ଅସ୍ତି। (ବହୁ ଜଳଂ ଯସ୍ମିନ୍ ତତ୍)

ଉପର୍ଯ୍ୟୁକ୍ତ ଉଦାହରଣଗୁଡ଼ିକରୁ ଅର୍ଥଅନୁସାରେ ଯଦ୍ ଓ ତଦ୍ ଶବ୍ଦର ବିଭିନ୍ନ ପ୍ରୟୋଗ ଲକ୍ଷ୍ୟ କରାଯାଇପାରେ–

ଏହିପରି ସର୍ବଂ ଶୁକ୍ଳଂ ଯସ୍ୟାଃ ସା = ସର୍ବଶୁକ୍ଳା, ଚିତ୍ରା ଗ୍ରୀବା ଯସ୍ୟ ସଃ = ଚିତ୍ରଗ୍ରୀବଃ, ଦୀର୍ଘୌ କର୍ଣ୍ଣୌ ଯସ୍ୟ ସଃ = ଦୀର୍ଘକର୍ଣ୍ଣଃ, ପକ୍ୱାଃ କେଶାଃ ଯସ୍ୟାଃ ସା = ପକ୍ୱକେଶା, ନୀଳେ ଅକ୍ଷିଣୀ ଯସ୍ୟାଃ ସା = ନୀଳାକ୍ଷୀ ଆଦି ହୁଏ। ସଂଖ୍ୟାବାଚକ ପଦ ବିଶେଷଣରୂପେ ବ୍ୟବହୃତ ହେଲେ ବହୁବ୍ରୀହି ହୋଇଥାଏ।

ଯଥା – ରାମଃ ଦଶାନନମ୍ ଅମାରୟତ୍ (ଦଶ ଆନନାନି ଯସ୍ୟ, ତମ୍)

ତ୍ରିନୟନଃ କାମଦେବମ୍ ଅଦହତ୍। (ତ୍ରୀଣି ନୟନାନି ଯସ୍ୟ ସଃ)

ଦୁର୍ଗା ଦଶଭୁଜା ପୂଜ୍ୟତେ। (ଦଶ ଭୁଜାଃ ଯସ୍ୟାଃ ସା)

ଚତୁରାନନଃ ଅସୁରାୟ ବରଂ ଦତ୍ତବାନ୍। (ଚତ୍ୱାରି ଆନନାନି ଯସ୍ୟ ସଃ)

ଏହିପରି ଷଟ୍ ଆନନାନି ଯସ୍ୟ ସଃ = ଷଡ଼ାନନଃ, ଏକଃ ଦନ୍ତଃ ଯସ୍ୟ ସଃ = ଏକଦନ୍ତଃ ଆଦି ହୋଇଥାନ୍ତି। **ଧନୁଃ ଏବଂ ଜାୟା ଶବ୍ଦ ପରପଦରୂପେ ବ୍ୟବହୃତ ହେଲେ ଯଥାକ୍ରମେ ଧନ୍ୱା ଓ ଜାନିରେ ପରିଣତ ହୁଅନ୍ତି।** ଯଥା-

ପୁଷ୍ପଧନ୍ୱା ଅତୀବ ସୁନ୍ଦରଃ। (ପୁଷ୍ପାଣି ଧନୁଃ ଯସ୍ୟ ସଃ)

ପିନାକଧନ୍ୱା ତ୍ରିପୁରମ୍ ବ୍ୟନାଶୟତ୍। (ପିନାକଃ ଧନୁଃ ଯସ୍ୟ ସଃ) (ପିନାକୋଽଜଗବଂ ଧନୁଃ)

ସୀତାଜାନିଃ ପିତୃସତ୍ୟଂ ପାଳିତବାନ୍। (ସୀତା ଜାୟା ଯସ୍ୟ ସଃ)

ଲକ୍ଷ୍ମୀଜାନିଃ କ୍ଷୀରସାଗରେ ଶେତେ। (ଲକ୍ଷ୍ମୀଃ ଜାୟା ଯସ୍ୟ ସଃ)

ଏହିପରି ଶାର୍ଙ୍ଗଂ ଧନୁଃ ଯସ୍ୟ ସଃ = ଶାର୍ଙ୍ଗଧନ୍ୱା, ଗାଣ୍ଡୀବଂ ଧନୁଃ ଯସ୍ୟ ସଃ = ଗାଣ୍ଡୀବଧନ୍ୱା, ଯୁବତିଃ ଜାୟା ଯସ୍ୟ ସଃ = ଯୁବଜାନିଃ, ପାର୍ବତୀ ଜାୟା ଯସ୍ୟ ସଃ = ପାର୍ବତୀଜାନିଃ ଆଦି ହୋଇଥାନ୍ତି।

ସେହିପରି ଭାର୍ଯ୍ୟାପଦ ଭାର୍ଯ୍ୟରେ ପରିଣତ ହୁଏ ଯଥା -

ରସିକାଭାର୍ଯ୍ୟଃ ସଭାଂ ଯାତି। (ରସିକା ଭାର୍ଯ୍ୟା ଯସ୍ୟ ସଃ)

ପାଚିକାଭାର୍ଯ୍ୟଃ ଅନ୍ନଂ ଦଦାତି। (ପାଚିକା ଭାର୍ଯ୍ୟା ଯସ୍ୟ ସଃ)

ଗଙ୍ଗାଭାର୍ଯ୍ୟଃ କୈଳାସମ୍ ଅଧିବସତି। (ଗଙ୍ଗା ଭାର୍ଯ୍ୟା ଯସ୍ୟ ସଃ)

ଶୋଭନ ଓ କୁତ୍ସିତ ପଦ ବିଶେଷଣ ରୂପେ ରହି ବହୁବ୍ରୀହି ସମାସ ହେଲେ ସେଥିରୁ ଯଥାକ୍ରମେ 'ସୁ' ବା 'କୁ' ଅବଶିଷ୍ଟ ରୁହେ। ଲକ୍ଷ୍ୟ କର-

ସୁବୁଦ୍ଧିଃ କ୍ଷୁଦ୍ରବୁଦ୍ଧିମ୍ ଅବଦତ୍। (ଶୋଭନା ବୁଦ୍ଧିଃ ଯସ୍ୟ ସଃ)

ସୁମୁଖଃ ପତ୍ନୀମ୍ ଅଭାଷତ। (ଶୋଭନଂ ମୁଖଂ ଯସ୍ୟ ସଃ)

କୁମତିଃ ଅନ୍ୟାନ୍ ପୀଡୟତି। (କୁତ୍ସିତା ମତିଃ ଯସ୍ୟ ସଃ)

କୁପୁତ୍ରଃ ସର୍ବଦା କ୍ରନ୍ଦତି। (କୁତ୍ସିତଃ ପୁତ୍ରଃ ଯସ୍ୟ ସଃ)

ମହତ୍ ଶବ୍ଦରୁ 'ମହା' ଅବଶିଷ୍ଟ ରୁହେ। ଯଥା -

ମହାଶୟଃ ଛାତ୍ରାନ୍ ଭାଷତେ। (ମହାନ୍ ଆଶୟଃ ଯସ୍ୟ ସଃ)

ମହାବୁଦ୍ଧିଃ ପରାମୃଶତି। (ମହତୀ ବୁଦ୍ଧିଃ ଯସ୍ୟ ସଃ)

ମନ୍ଦକାର୍ଯ୍ୟାତ୍ ନିବୃତ୍ତିଃ ମହାଫଳା ଭବତି। (ମହତ୍ ଫଳଂ ଯସ୍ୟାଃ ସା)

କେତେକ **ବ୍ୟଧିକରଣ ବହୁବ୍ରୀହି** ଉଦାହରଣକୁ ଲକ୍ଷ୍ୟ କର-

ପଦ୍ମନାଭଃ ବ୍ରହ୍ମାଣମ୍ ଅଜନୟତ୍। (ପଦ୍ମଂ ନାଭୌ ଯସ୍ୟ ସଃ)

ଚକ୍ରପାଣିଃ ଅର୍ଜୁନମ୍ ଅବଦତ୍। (ଚକ୍ରଂ ପାଣୌ ଯସ୍ୟ ସଃ)

ଶୂଳହସ୍ତା ମହିଷାସୁରମ୍ ଅମାରୟତ୍। (ଶୂଳଂ ହସ୍ତେ ଯସ୍ୟାଃ ସା)

ଭାଲଲୋଚନଃ ମହାଯୋଗୀ ଭବତି। (ଭାଲେ ଲୋଚନଂ ଯସ୍ୟ ସଃ)

ପଦ୍ମକରା ଅଭୟଂ ଦଦାତି। (ପଦ୍ମଂ କରେ ଯସ୍ୟାଃ ସା)

ଦଣ୍ଡପାଣିଃ ମାର୍ଗେ ଗଚ୍ଛତି। (ଦଣ୍ଡଃ ପାଣୌ ଯସ୍ୟ ସଃ)

ନାହିଁ ବା ନିଷେଧ ଅର୍ଥ ବୁଝାଇଲେ ନିଷେଧାର୍ଥକ ବହୁବ୍ରୀହିସମାସ ହୁଏ। ଲକ୍ଷ୍ୟ କର –

ନିର୍ଦ୍ଦୋଷଃ ଦଣ୍ଡିତଃ ଅଭବତ୍। (ନିର୍ଗତଃ ଦୋଷଃ ଯସ୍ୟ / ଯସ୍ମାତ୍ ସଃ)

ନିରହଙ୍କାରଃ ପଣ୍ଡିତଃ ଭବତି। (ନିର୍ଗତଃ ଅହଙ୍କାରଃ ଯସ୍ୟ / ଯସ୍ମାତ୍ ସଃ)

ନିର୍ମଳଂ ଜଳଂ ପିବେତ୍। (ନିର୍ଗତଃ ମଳଃ ଯସ୍ମିନ୍ / ଯସ୍ମାତ୍ ତତ୍)

ଅନସୂୟା ପତିବ୍ରତା ଆସୀତ୍। (ଅବିଦ୍ୟମାନା ଅସୂୟା ଯସ୍ୟାଃ ସା)

ଅନର୍ଥକଂ ବାକ୍ୟଂ ମା ବଦ। (ଅବିଦ୍ୟମାନଃ ଅର୍ଥଃ ଯସ୍ୟ / ଯସ୍ମିନ୍ ତତ୍)

ମୂର୍ଖସ୍ୟ ଜନ୍ମ ନିଷ୍ଫଳଂ ଭବତି। (ନିଃ (ନାସ୍ତି) ଫଳଂ ଯସ୍ୟ ତତ୍ ଇତ୍ୟାଦି।

ଏହିପରି ନିର୍ଗତଃ (ନାସ୍ତି) ଦୋଷଃ ଯସ୍ୟ ସଃ = ନିର୍ଦ୍ଦୋଷଃ / (ଅବିଦ୍ୟମାନଃ ଦୋଷଃ ଯସ୍ୟସଃ) ଅଦୋଷଃ, ନିଃ (ନାସ୍ତି) ଆକାରଃ ଯସ୍ୟ ସଃ = ନିରାକାରଃ। ଅବିଦ୍ୟମାନା ପ୍ରତିମା ଯସ୍ୟ ସଃ = ଅପ୍ରତିମଃ ଆଦି ହୁଏ।

ତୃତୀୟାନ୍ତପଦସହିତ 'ସହ' ଶବ୍ଦର ସମାସ ହେଲେ 'ସହାର୍ଥବହୁବ୍ରୀହି' ହୁଏ। 'ସହ' ରୁ 'ସ' ଅବଶିଷ୍ଟ ରୁହେ। ଏହାକୁ 'ସହାର୍ଥେ ବହୁବ୍ରୀହି' ମଧ୍ୟ କୁହାଯାଏ। ଲକ୍ଷ୍ୟ କର–

ସପରିବାରଃ ମାତୁଳଃ ଆଗତଃ। (ପରିବାରେଣ ସହ ବର୍ତ୍ତମାନଃ)

ସପୁତ୍ରଃ ଗୁରୁଃ ଶିଷ୍ୟଗୃହଂ ଗଚ୍ଛତି। (ପୁତ୍ରେଣ ସହ ବର୍ତ୍ତମାନଃ)

ସପତ୍ନୀକଃ ବନ୍ଧୁଃ ମାମ୍ ଅପଶ୍ୟତ୍। (ପତ୍ନ୍ୟା ସହ ବର୍ତ୍ତମାନଃ)

ଜୀବନଂ ମେ ସଫଳଂ ଜାତମ୍। (ଫଳେନ ସହ ବର୍ତ୍ତମାନମ୍)

ସତ୍ୱରମ୍ ଆଗଚ୍ଛ। (ତ୍ୱରୟା ସହ ବର୍ତ୍ତମାନମ୍)

ସାଳଙ୍କାରା କନ୍ୟା ପ୍ରଦେୟା। (ଅଳଙ୍କାରୈଃ ସହ ବର୍ତ୍ତମାନା)

ସେହିପରି ଆଶ୍ଚର୍ଯ୍ୟେଣ ସହ ବର୍ତ୍ତମାନମ୍ = ସାଶ୍ଚର୍ଯ୍ୟମ୍, ବିନୟେନ ସହ ବର୍ତ୍ତମାନମ୍ – ସବିନୟମ୍, ଅବଧାନେନ ସହ ବର୍ତ୍ତମାନା = ସାବଧାନା ଇତ୍ୟାଦି ହୋଇଥାଏ।

ଏକାଧିକ ସଂଖ୍ୟାବାଚକ ପଦର ମିଳନରେ 'ସଂଖ୍ୟାବାଚକ ବହୁବ୍ରୀହି' ସମାସ ହୁଏ। ଲକ୍ଷ୍ୟ କର–

ଦ୍ୱିତ୍ରାଃ ଜନାଃ ଗୃହେ ତିଷ୍ଠନ୍ତି। (ଦ୍ୱୌ ବା ତ୍ରୟଃ ବା)

ତ୍ରିଚତୁରାଃ ଛାତ୍ରାଃ ପ୍ରାନ୍ତରେ କ୍ରୀଡ଼ନ୍ତି। (ତ୍ରୟଃ ବା ଚତ୍ୱାରଃ ବା)

ପଞ୍ଚଷାଃ କୃଷକାଃ ଅତ୍ର ସନ୍ତି। (ପଞ୍ଚ ବା ଷଡ୍ ବା)

ସପ୍ତାଷ୍ଟାଃ ବାଳିକାଃ ନୃତ୍ୟନ୍ତି। (ସପ୍ତ ବା ଅଷ୍ଟୌ ବା)

ପରସ୍ପର ଯୁଦ୍ଧ / କଳହ ବୁଝାଇଲେ ପ୍ରହରଣବିଷୟକ ତୃତୀୟାନ୍ତ, ଗ୍ରହଣବିଷୟକ ସପ୍ତମ୍ୟନ୍ତ ପଦମଧ୍ୟରେ ସମାସ ହେଲେ "ବ୍ୟତିହାରବହୁବ୍ରୀହି" ହୁଏ।

ମୂର୍ଖୟୋଃ ମଧ୍ୟେ କେଶାକେଶି ପ୍ରଚଳତି।

(କେଶେଷୁ କେଶେଷୁ ଗୃହୀତ୍ୱା ଯତ୍ ଯୁଦ୍ଧଂ ପ୍ରବର୍ତ୍ତତେ) (ପରସ୍ପର କେଶକୁ ଧରି)

ମଲ୍ଲୟୋଃ ମଧ୍ୟେ ହସ୍ତାହସ୍ତି ଅଭବତ୍।

(ହସ୍ତେନ ହସ୍ତେନ ଗୃହୀତ୍ୱା ଯତ୍ ଯୁଦ୍ଧଂ ପ୍ରବର୍ତ୍ତତେ) (ପରସ୍ପର ହାତରେ ମରାମରି / ପିଟାପିଟି ହୋଇ)

ବୀରୟୋଃ ମଧ୍ୟେ ଦଣ୍ଡାଦଣ୍ଡି ଦର୍ଶନୀୟମ୍। (ପରସ୍ପର ଦଣ୍ଡ (ଲାଠି) ଗୁଡ଼ିକ ଦ୍ୱାରା ପ୍ରହାର କରି)

(ଦଣ୍ଡୈଃ ଦଣ୍ଡୈଃ ଚ଼ ପ୍ରହୃତ୍ୟ ପ୍ରବୃତ୍ତଂ ଯୁଦ୍ଧମ୍) ଇତ୍ୟାଦି ।

ବିଗ୍ରହ ବାକ୍ୟ ମଧ୍ୟରୁ ପଦ ଲୋପ ପାଉଥିଲେ କିମ୍ବା ତୁଳନା ପ୍ରକାଶିତ ହେଉଥିଲେ ତାହାକୁ ମଧ୍ୟପଦଲୋପୀ / ଉପମିତ ବହୁବ୍ରୀହି କୁହାଯାଏ। ଲକ୍ଷ୍ୟ କର–

ବୃଷସ୍କନ୍ଧଃ ରାଜପୁତ୍ରଃ ରାଜମାର୍ଗେ ଗଚ୍ଛତି।

(ବୃଷସ୍ୟ ସ୍କନ୍ଧଃ ଇବ ସ୍କନ୍ଧଃ ଯସ୍ୟ ସଃ)

କମଳନୟନଃ ଭଗବାନ୍ ମଙ୍ଗଳଂ କରୋତୁ।

(କମଲେ ଇବ ନୟନେ ଯସ୍ୟ ସଃ)

ବ୍ୟାଘ୍ରମୁଖଃ ଭୀତିଂ ଜନୟତି।

(ବ୍ୟାଘ୍ରସ୍ୟ ମୁଖମ୍ ଇବ ମୁଖଂ ଯସ୍ୟ ସଃ)

ଚ଼ନ୍ଦ୍ରପ୍ରଭା ତରୁଣୀ ରାଜାନମ୍ ଅବଦତ୍।

(ଚ଼ନ୍ଦ୍ରସ୍ୟ ପ୍ରଭା ଇବ ପ୍ରଭା ଯସ୍ୟାଃ ସା)

ମୃଗନୟନା ଅଭିନୟଂ କରୋତି।

(ମୃଗସ୍ୟ ନୟନେ ଇବ ନୟନେ ଯସ୍ୟାଃ ସା)

ଏହିପରି ବ୍ୟାଘ୍ରସ୍ୟ ପାଦୌ ଇବ ପାଦୌ ଯସ୍ୟ ସଃ = ବ୍ୟାଘ୍ରପାତ୍, ଗଜସ୍ୟ ଗମନମ୍ ଇବ ଗମନଂ ଯସ୍ୟାଃ ସା = ଗଜଗମନା, କୁମ୍ଭୌ ଇବ କର୍ଣ୍ଣୌ ଯସ୍ୟ ସଃ = କୁମ୍ଭକର୍ଣ୍ଣଃ, ଶୂର୍ପାଃ ଇବ ନଖାଃ ଯସ୍ୟାଃ ସା = ଶୂର୍ପଣଖା, ଶୁନଃ ପଦାନି ଇବ ପଦାନି ଯସ୍ୟ ସଃ = ଶ୍ୱାପଦଃ ଇତ୍ୟାଦି ହୁଏ।

## ବହୁବ୍ରୀହିସମାସରେ କେତେକ ବିଶେଷ ବିଧି

ମମ ସୁହୃତ୍ ଆଗମିଷ୍ୟତି। (ଶୋଭନଂ ହୃଦୟଂ ଯସ୍ୟ ସଃ)

ଦ୍ୱୀପମ୍ ଅତୀବ ମନୋରମମ୍। (ଦ୍ୱୟୋଃ ଦିଶୋଃ ଆପଃ ଯସ୍ୟ ତତ୍) (ଦୁଇ ଦିଗରୁ ଜଳବେଷ୍ଟିତ ଭୂଭାଗ)

ଭାରତସ୍ୟ ଦକ୍ଷିଣଭାଗେ ଅନ୍ତରୀପମ୍ ଅସ୍ତି। (ଅନ୍ତର୍ଗତାଃ ଆପଃ ଯସ୍ୟ ତତ୍) (ସମୁଦ୍ର ଭିତରକୁ ପଶିଯାଇଥିବା ଭୂଭାଗ ଯାହାର ମଝିରେ ମଝିରେ ଜଳଭାଗ ରହିଛି ।)

ସପତ୍ନୀ ତସ୍ୟୈ ଅସୂୟତି। (ସମାନଃ ପତିଃ ଯସ୍ୟାଃ ସା) (ସଉତୁଣୀ)

ଦ୍ୱିଦନ୍ ମଧୁରଂ ହସତି। (ଦ୍ୱୌ ଦନ୍ତୌ ଯସ୍ୟ ସଃ) (ଦୁଇଟି ଦାନ୍ତ ଉଠିଥିବା ଶିଶୁ)

ଦ୍ୱିଦନ୍ତଃ ସିଂହାତ୍ ବିଭେତି। (ଦ୍ୱୌ ଦନ୍ତୌ ଯସ୍ୟ ସଃ) (ହସ୍ତୀ)

ସୁଗନ୍ଧଃ ଆପଣିକଃ ମୋଦତେ। (ଶୋଭନଃ ଗନ୍ଧଃ ଯସ୍ୟ ସଃ (କୃତ୍ରିମଃ)) (କୃତ୍ରିମ ସୁବାସିତ ପଦାର୍ଥ ଅଛି ଯାହାର)

ସୁଗନ୍ଧଂ ପୁଷ୍ପମ୍ ଆନୟ। (ଶୋଭନଃ ଗନ୍ଧଃ ଯସ୍ୟ ତତ୍ (ପ୍ରାକୃତିକଃ))

## ଅଭ୍ୟାସ

**୧। ଯଥାସମ୍ଭବଂ ସମସ୍ତପଦାନି ବ୍ୟବହୃତ୍ୟ ସଂସ୍କୃତଭାଷାୟାମ୍ ଅନୁବାଦଂ କୁରୁତ-**

(କ) ମାଙ୍କଡ଼ ଚଢ଼ିଥିବା ବୃକ୍ଷକୁ ଦେଖ।

(ଖ) ଧଳା ଲୁଗାପିନ୍ଧା ସ୍ତ୍ରୀଲୋକଟି ମନ୍ଦିରକୁ ଗଲା।

(ଗ) ପତ୍ରଝଡା ଲତା ପବନରେ ଥରୁଛି।

(ଘ) ହାତରେ ବାଡ଼ି ଧରି କୃଷକ କ୍ଷେତକୁ ଗଲା। (ଲଗୁଡ଼ହସ୍ତଃ)

(ଙ) ପଦ୍ମହାତରେ ଧରିଥିବା ଲକ୍ଷ୍ମୀ ଧନଦାନ କରନ୍ତି।

(ଚ) ଦୁଇଟିଦାନ୍ତ ଉଠିଥିବା ଝିଅଟି କାନ୍ଦୁଛି।

(ଛ) ଉମା ଶିବଙ୍କର ଜାୟା ଅଟନ୍ତି।

(ଜ) ଧନ ନ ଥିବା ଲୋକ ଦୁଃଖରେ ରହେ।

(ଝ) ମୁଁ ପରିବାର ସହିତ ଗାଁରେ ଥିଲି।

(ଞ) ସିଂହର ପାଦ କୁକୁରର ପାଦପରି ଅଟେ।

**୨। ବିଗ୍ରହବାକ୍ୟାନି ଦର୍ଶୟତ-**

ଦ୍ୱୀପମ୍, ରୂପବଦ୍‌ଭାର୍ଯ୍ୟଃ, କୁବୁଦ୍ଧିଃ, ସଭାର୍ଯ୍ୟଃ, ନିରାଭରଣା, ଶତଧନ୍ୱା, ଶ୍ୱାପଦଃ, ବିଶାଳାକ୍ଷଃ, କୃତକର୍ମା, ଅଧୋମୁଖଃ।

**୩। ସମସ୍ତପଦାନି ଲିଖତ-**

ଦତ୍ତଃ ଉପଦେଶଃ ଯସ୍ମୈ ସଃ, ଲବ୍ଧଂ ଧନଂ ଯେନ ସଃ, ସନ୍ ଆଶୟଃ ଯସ୍ୟ ସଃ, ବେଣୁଃ ପାଣୌ ଯସ୍ୟ ସଃ, ଚତ୍ୱାରଃ ଭୁଜାଃ ଯସ୍ୟ ସଃ, କ୍ଷୁଦ୍ରା ବୁଦ୍ଧିଃ ଯସ୍ୟ ସଃ, ଅବିଦ୍ୟମାନଃ ଗୁଣଃ ଯସ୍ୟ ସଃ, ବିଷାଦେନ ସହ ବର୍ତ୍ତମାନମ୍।

**୪। ସ୍ତମ୍ଭମେଳନଂ କୁରତ।**

| **କ ସ୍ତମ୍ଭଃ** | **ଖ ସ୍ତମ୍ଭଃ** |
|---|---|
| ଶୋଭନଃଧର୍ମଃ ଯସ୍ୟ ସଃ | ପଞ୍ଚାନନଃ |
| ପୁତ୍ରେଣ ସହ ବର୍ତ୍ତମାନା | ପୀତାମ୍ବରଃ |
| ତ୍ରୟଃ ବା ଚତ୍ୱାରଃ ବା | ରକ୍ତାକ୍ଷଃ |
| ପୀତମ୍ ଅମ୍ବରଂ ଯସ୍ୟ ସଃ | ରୂପବଦ୍‌ଭାର୍ଯ୍ୟଃ |
| ରକ୍ତେ ଅକ୍ଷିଣୀ ଯସ୍ୟ ସଃ | ସପତ୍ନୀ |
| ପଞ୍ଚ ଆନନାନି ଯସ୍ୟ ସଃ | ବହୁବାଗ୍ମିକା |
| ରୂପବତୀ ଭାର୍ଯ୍ୟା ଯସ୍ୟ ସଃ | ତ୍ରିଚତୁରାଃ |
| ସମାନଃ ପତିଃ ଯସ୍ୟାଃ ସା | ସସ୍ତ୍ରୀକଃ |
| ବହବଃ ବାଗ୍ମିନଃ ଯସ୍ୟାଂ ସା | ସପୁତ୍ରା |
| ସ୍ତ୍ରିୟା ସହ ବର୍ତ୍ତମାନଃ | ସୁଧର୍ମା |

୫। ବନ୍ଧନୀମଧ୍ୟାତ୍ ଶୁଦ୍ଧଂ ସମସ୍ତପଦଂ ନିରୂପୟତ-

(କ) ରମା ଜାୟା ଯସ୍ୟ ସଃ = ---। (ରମାଜାନିଃ, ରମାଜାୟା, ବିଷ୍ଣୁଃ)

(ଖ) ପଞ୍ଚ ବା ଷଡ୍ ବା = ----। (ପଞ୍ଚଷଷ୍ଟିଃ, ପଞ୍ଚଷାଃ, ପଞ୍ଚସାଃ)

(ଗ) ସମାନଃ ପତିଃ ଯସ୍ୟାଃ ସା = ----। (ସପତ୍ନୀକଃ, ସମପତିଃ, ସପତ୍ନୀ)

(ଘ) ନୀଳମ୍ ଅମ୍ବରଂ ଯସ୍ୟ ସଃ = ----। (ନୀଳାମ୍ବରଂ, ନୀଳାମ୍ବରଃ, ନୀଳାମ୍ବରା)

(ଙ) ନିଃ (ନାସ୍ତି) ଧନଂ ଯସ୍ୟ ସଃ = ----। (ନିର୍ଧନଃ, ନିର୍ଧନମ୍, ଧନହୀନଃ)

(ଚ) ଚନ୍ଦ୍ରଃ ଶେଖରଃ ଯସ୍ୟ ସଃ = ----। (ଚନ୍ଦ୍ରଶେଖରଃ, ଶିବଃ, ଚନ୍ଦ୍ରଶିଖରଃ) (ଶେଖରଃ = ଶିରୋ ଭୂଷଣମ୍)

(ଛ) ତ୍ରୀଣି ନେତ୍ରାଣି ଯସ୍ୟାଃ ସା = ----। (ତ୍ରିନେତ୍ରୀ, ତ୍ରୟନେତ୍ରୀ, ତ୍ରିନେତ୍ରା)

(ଜ) ଯୁବତିଃ ଜାୟା ଯସ୍ୟ ସଃ = ---।(ଯୁବକଃ, ଯୁବଜାନୀ, ଯୁବଜାନିଃ)

(ଞ) ପଦ୍ମଂ ପାଣୌ ଯସ୍ୟ ସଃ = ----। (ପଦ୍ମପାଣିଃ, ପଦ୍ମପାଣୀ, ପଦ୍ମାନି)

## ଅଲୁକ୍ ସମାସ

ଅଲୁକ୍‌ସମାସ କୌଣସି ସ୍ୱତନ୍ତ୍ରସମାସ ନୁହେଁ। ଯେଉଁ ସ୍ଥଳରେ ସମସ୍ତପଦର ପୂର୍ବପଦସ୍ଥିତ ବିଭକ୍ତି ଲୋପ ହୋଇ ନ ଥାଏ, ତାହାକୁ ଅଲୁକ୍‌ସମାସ କୁହାଯାଏ। ଏହି ଅଲୁକ୍ ଭିନ୍ନ ଭିନ୍ନ ସମାସରେ ଦେଖାଯାଏ। ଲକ୍ଷ୍ୟ କର-

ଯୁଧିଷ୍ଠିରଃ ଜ୍ୟେଷ୍ଠପାଣ୍ଡବଃ ଆସୀତ୍। (ଯୁଧି ସ୍ଥିରଃ)

ଏଠାରେ ଯୁଦ୍ଧ ଅର୍ଥରେ ଯୁଧ୍ ଶବ୍ଦର ସପ୍ତମୀ ବିଭକ୍ତି ହୋଇଛି। ତାହା ସମସ୍ତପଦରେ ଅବିକଳଭାବରେ ରହିଛି, ତେଣୁ ପୂର୍ବପଦର ବିଭକ୍ତି ଲୋପ ହୋଇ ନ ଥିବାରୁ ଅଲୁକ୍‌ସମାସ ହୋଇଛି। ଏହିପରି-

ମାତୁଃସ୍ୱସା / ମାତୁଃଷ୍ୱସା ଅଦ୍ୟ ଆଗମିଷ୍ୟତି। (ମାତୁଃ ସ୍ୱସା)

ଦାସ୍ୟାଃ ପୁତ୍ରଃ ଧନଂ ମେ ଅପହୃତବାନ୍। (ଦାସ୍ୟାଃ ପୁତ୍ରଃ) (ଏହା ନିନ୍ଦାସୂଚକ ପ୍ରୟୋଗ)

ବନେଚରଃ ବ୍ୟାଧଃ ମୃଗାନ୍ ହନ୍ତି। (ବନେ ଚରତି ଯଃ)

କଣ୍ଠେକାଳଃ ବିପଦି ପୂଜନୀୟଃ। (କଣ୍ଠେ କାଳଃ ଯସ୍ୟ ସଃ)

ଅନ୍ତେବାସୀ ତତ୍ତ୍ୱାବଧାରକଂ ପୃଚ୍ଛତି। (ଅନ୍ତେ ବସତି ଇତି)

ସରୋବରେ ସରସିଜଂ ଶୋଭତେ। (ସରସି ଜାୟତେ ଇତି)

ଏହିପରି ପରସ୍ମୈ ପଦମ୍ = ପରସ୍ମୈପଦମ୍, ଆତ୍ମନେ ପଦମ୍ = ଆତ୍ମନେପଦମ୍, ସ୍ତୋକାତ୍ ମୁକ୍ତଃ = ସ୍ତୋକାନ୍ମୁକ୍ତଃ, ଦେବାନାଂ ପ୍ରିୟଃ = ଦେବାନାଂ ପ୍ରିୟଃ, ମନସି ଜାୟତେ ଯଃ = ମନସିଜଃ ଇତ୍ୟାଦି ହୋଇଥା'ନ୍ତି।

### ସଂକ୍ଷେପରେ ସମାସଲକ୍ଷଣ

ପୂର୍ବେଽବ୍ୟୟେଽବ୍ୟୟୀଭାବୋଽମାଦୌ ତତ୍ପୁରୁଷଃ ସ୍ମୃତଃ ।
ଚକାରବହୁଳୋ ଦ୍ୱନ୍ଦ୍ୱଃ ସଂଖ୍ୟାପୂର୍ବୋ ଦ୍ୱିଗୁଃ ସ୍ମୃତଃ ।
ଯସ୍ୟ ଯେନ ବହୁବ୍ରୀହିଃ ସ ଋସୌ କର୍ମଧାରୟଃ ।
ଇତି କିଞ୍ଚିତ୍ ସମାସାନାଂ ଷଣ୍ଣାଂ ଲକ୍ଷଣମୀରିତମ୍।। (ସାରସ୍ୱତମ୍)

## ସାଧାରଣ ଅଭ୍ୟାସ

**୧। ଯଥାସମ୍ଭବଂ ସମସ୍ତପଦାନି ବ୍ୟବହୃତ୍ୟ ସଂସ୍କୃତେନ ଅନୁବାଦଂ କୁରୁତ-**

(କ) ମାତା ଓ ପିତା ବଜାରକୁ ଯାଉଛନ୍ତି।

(ଖ) ତିନିଭୁବନରେ ରାମଙ୍କ ପରି ରାଜା ନାହାନ୍ତି।

(ଗ) ମୋ ହାତପାଦ ଥଣ୍ଡାରେ କମ୍ପୁଛି।

(ଘ) ମୋ ଦ୍ୱାରା ଦିଆଯାଇଥିବା ଧନକୁ ଗ୍ରହଣ କର।

(ଙ) କାଉପରି କଳା ଶିକାରୀ ବଣରେ ବୁଲୁଥିଲା।

(ଚ) ଲାଲ ଫୁଲଗୁଡ଼ିକ ଲତାରେ ଶୋଭାପାଉଛି।

(ଛ) ରାଜା ସିଂହଚିହ୍ନିତ ଆସନରେ ବସିଛନ୍ତି।

(ଜ) ମୋ ପାଇଁ ବହିଗୁଡ଼ିକୁ ଆଣିବ।

(ଝ) ଶିବ ପିନାକଧନୁ ହାତରେ ଧରିଛନ୍ତି।

(ଞ) ମୂର୍ଖ ବିଦ୍ୟାରେ ହୀନ ଅଟେ।

(ଟ) ତୁମେ ମାମୁଁଙ୍କ ଘରକୁ ଯାଇଥିଲ କି ?

(ଠ) ମୁଁ ଜୀବନ ଥିବା ପର୍ଯ୍ୟନ୍ତ ଦେଶସେବା କରିବି।

(ଡ଼) ଶକ୍ତି ଅନୁସାରେ ଦରିଦ୍ରମାନଙ୍କୁ ଧନ ଦିଅ।

(ଢ଼) ବାପାଙ୍କ ଆଖିଆଗରେ ଦୁର୍ଘଟଣା ଘଟିଥିଲା।

(ଣ) ଦୋଷୀ ମାସକପାଇଁ ଭୋଗ୍ୟ ଦଣ୍ଡ ପାଇଲା।

(ତ) ଗଛରୁ ଝଡ଼ିଥିବା ଆମ୍ବଗୁଡ଼ିକୁ ଆଣ।

(ଥ) ସେ ଅଶୋକଗଛକୁ ପୂଜା କରନ୍ତି।

(ଦ) ରାବଣ ଲଙ୍କାନାମକ ନଗରୀରେ ରହୁଥିଲା।

(ଧ) ଶରଦ୍ୱାରା ହତ ମୃଗଟିକୁ ଶିକାରୀ ନେଉଛି।

(ନ) ଈଶ୍ୱରଙ୍କ ଆକାର ନାହିଁ।

(ପ) ମାଆ ହାରପାଇଁ ସୁନା ଦେଉଛନ୍ତି।

**୨। ସମସ୍ତପଦାନି ଲିଖତ -**

ଭୋଜନାୟ ଇଦମ୍, ନ ଉଷ୍ଣମ୍, କୁମ୍ଭଂ କରୋତି ଇତି, ମୃଗ୍ୟାଃ ଶିଶୁଃ, ବୃହତାଂ ପତିଃ, କ୍ରୀଡାୟାଂ ନିପୁଣଃ, ପୂର୍ବଂ ସ୍ନାତଃ ପଶ୍ଚାତ୍ ଅନୁଲିପ୍ତଃ, ନୀଳାନି ଉତ୍ପଳାନି, ଗୋଭ୍ୟଃ ସୁଖମ୍, ଶତାତ୍ ପରେ, ତୁଷାରଃ ଇବ ଧବଳଃ, ତ୍ରୟାଣାଂ ଲୋକାନାଂ ସମାହାରଃ, ମୁନିଃ ପୁଙ୍ଗବଃ ଇବ, ବାକ୍ ଏବ ଅମୃତମ୍, ତ୍ରୟାଣାଂ ଫଳାନାଂ ସମାହାରଃ, ଶାଲ୍ମଳୀନାମା ତରୁଃ, ଦେବପ୍ରିୟଃ ବ୍ରାହ୍ମଣଃ, ମହତୀ ଅଷ୍ଟମୀ।

**୩।	ବିଗ୍ରହ ବାକ୍ୟାନି ଲିଖତ -**

ଶୁକ୍ଳପଞ୍ଚମୀ, ଶତାବ୍ଦୀ, ଦଧ୍ୟନ୍ନମ୍, ନିର୍ମଳମ୍, ସୋମପ୍ରଭା, ଅକ୍ରୋଧଃ, ସପୁତ୍ରଃ, ଘନଶ୍ୟାମଃ, ସୀତାଜାନିଃ, ଲବ୍ଧଯଶାଃ, ଦ୍ୱିଦନ୍, ବିଶାଳାକ୍ଷୀ, ସଦାଶୟଃ, ଗଙ୍ଗାଶୋଣମ୍, ସ୍ତ୍ରୀପୁଂସୌ, ଗୋବ୍ୟାଘ୍ରମ୍, ଲତାବୃକ୍ଷୌ, ଅବନ୍ଧନା, ଶ୍ୱଶୁରୌ।

**୪।	ସମାସନାମାନି ଲିଖତ -**

ଆତ୍ମନେପଦମ୍, କାଜଳମ୍, ପୁଙ୍ଗବଃ, ମହାରାଜଃ, ଚତୁଷ୍ପଦୀ, ସସ୍ତ୍ରୀକଃ, ନରୋତ୍ତମଃ, ଉତ୍କଳରାଜଃ, ଦମ୍ପତୀ, ଗ୍ରାମବାସୀ, ଶଙ୍ଖମାତ୍ରମ୍, ଗ୍ରାମାନ୍ତରମ୍, ବନସ୍ପତିଃ, ଉନ୍ନତମନାଃ, ପୁଷ୍ପଧନ୍ୱା, ପୁଷ୍ପବୃଷ୍ଟିଃ, ପିତୃସଦୃଶଃ।

**୫।	ଅର୍ଥଗତ ପାର୍ଥକ୍ୟଂ ଦର୍ଶୟତ -**

ନୀଳାମ୍ବରଃ - ନୀଳାମ୍ବରମ୍। ସୁଗନ୍ଧିଃ - ସୁଗନ୍ଧଃ, ଉନ୍ନତମନାଃ - ଉନ୍ନତମନଃ, ସପତ୍ନୀ - ସପତ୍ନୀକଃ

**୬।	ସୋଦାହରଣଂ ଲକ୍ଷଣଂ ଲିଖତ -**

(କ)	ରୂପକ କର୍ମଧାରୟ।

(ଖ)	ସହାର୍ଥେ ବହୁବ୍ରୀହି।

(ଗ)	ସପ୍ତମୀ ତତ୍ପୁରୁଷ।

(ଘ)	ଉପପଦ ତତ୍ପୁରୁଷ।

(ଙ)	ସମାହାର ଦ୍ୱିଗୁ।

(ଚ)	ଇତରେତର ଦ୍ୱନ୍ଦ୍ୱ।

(ଛ)	ମଧ୍ୟପଦଲୋପୀ କର୍ମଧାରୟ।

(ଜ)	ବ୍ୟତିହାର ବହୁବ୍ରୀହି।

**୭।	ଅର୍ଥଂ ଲିଖତ -**

ଭୀମକାନ୍ତଃ, କର୍ମାଧୀନଃ, ଗ୍ରାମଗତଃ, ଭୟାର୍ତ୍ତଃ, ଅଗ୍ନିଭୟମ୍, କୁକ୍କୁଟାଣ୍ଡମ୍, ଅମିତ୍ରଃ, ବଳାହକଃ, ଯୁବଜାନିଃ, କେଶାକେଶି, କ୍ଷୁଣ୍ଣାତୁରଃ, ସପ୍ତଶତୀ।

# ତଦ୍ଧିତପ୍ରକରଣ

ମୂଳଶବ୍ଦ (ପ୍ରାତିପଦିକ) ରେ ଭାବ, ସନ୍ତାନ, ଉତ୍କର୍ଷ, ଅପକର୍ଷ, ସମୂହ ଓ ଅଛି ପ୍ରଭୃତି ଅର୍ଥରେ କେତେକ ପ୍ରତ୍ୟୟ ଯୋଗକରାଯାଇ ନୂତନ ଶବ୍ଦ ତିଆରି କରାଯାଏ। ଏହି ପ୍ରତ୍ୟୟ- ଗୁଡ଼ିକ ପ୍ରୟୋଗ ଦୃଷ୍ଟିରୁ ଭାଷାପାଇଁ, ବକ୍ତାପାଇଁ ତଥା ଅର୍ଥ ପ୍ରକାଶପାଇଁ ଅତି ହିତକାରକ ହୋଇଥିବାରୁ ତାହାକୁ ତଦ୍ଧିତ ପ୍ରତ୍ୟୟ କୁହାଯାଏ। ସାଧାରଣତଃ ଅଣ୍, ବିନ୍ - ଇନ୍, ତଲ୍, ମତୁପ୍, (ବତୁପ୍), ଫକ୍, ଯଞ୍, ଢ଼କ୍, ଠକ୍ ପ୍ରଭୃତି ତଦ୍ଧିତ ପ୍ରତ୍ୟୟ ଯେଉଁ ମୂଳ ଶବ୍ଦରେ ସଂଯୁକ୍ତ ହୋଇ ନୂତନ ଶବ୍ଦ ଗଠିତ ହୋଇଥାନ୍ତି, ତାହାକୁ ତଦ୍ଧିତାନ୍ତ ଶବ୍ଦ କହନ୍ତି - ଉଦାହରଣ,

ରାମଃ ଦାଶରଥିଃ (ଦଶରଥସ୍ୟ ପୁତ୍ରଃ) ଇତି ପ୍ରସିଦ୍ଧଃ।

ମନ୍ଦିରସ୍ୟ ସୌନ୍ଦର୍ଯ୍ୟମ୍ (ସୁନ୍ଦରସ୍ୟଭାବଃ) ମନୋମୁଗ୍ଧକରମ୍। ହିମାଳୟଃ ପର୍ବତେଷୁ ଉଚ୍ଚତମଃ (ଅତିଶୟେନ ଉଚ୍ଚଃ)। ଗୁଣବାନ୍ (ଗୁଣଃ ଅସ୍ୟ ଅସ୍ତି ଇତି) ଅୟଂ ଜନଃ। ଏଷା ବାଳିକା ବୁଦ୍ଧିମତୀ (ବୁଦ୍ଧିଃଅସ୍ୟାଃ ଅସ୍ତି ଇତି)। ଅବଦୁଲକଲାମଃ ଶ୍ରେଷ୍ଠଃ (ଅଧିକଃ ପ୍ରଶସ୍ୟଃ) ଭାରତୀୟଃ (ଭାରତେ ଜାତଃ)। ଐଷମଃ ପ୍ରବଳା ବନ୍ୟା (ବନାନାଂ ସମୂହଃ) ଅଭବତ୍।

ଉପରିଲିଖିତ ବାକ୍ୟରେ ରେଖାଙ୍କିତ ପଦଗୁଡ଼ିକୁ ଲକ୍ଷ୍ୟ କଲେ ଜଣାଯିବ ଯେ ବିଶେଷ ଅର୍ଥରେ ମୂଳ ଶବ୍ଦରେ ବିଭିନ୍ନ ତଦ୍ଧିତପ୍ରତ୍ୟୟ ଯୋଗକରାଯାଇଛି। ଦାଶରଥିଃ - (ଦଶରଥ + ଇଞ୍) ସୌନ୍ଦର୍ଯ୍ୟମ୍ - (ସୁନ୍ଦର + ଯ) ଉଚ୍ଚତମଃ (ଉଚ୍ଚ + ତମପ୍) ଗୁଣବାନ୍ (ଗୁଣ + ବତୁପ୍) ବୁଦ୍ଧିମତୀ (ବୁଦ୍ଧି + ମତୁପ୍ + ଙୀପ୍) ଶ୍ରେଷ୍ଠଃ (ପ୍ରଶସ୍ୟ + ଇଷ୍ଠନ୍) ଭାରତୀୟଃ (ଭାରତ + ଈୟ) ବନ୍ୟା (ବନ + ଯ + ଟାପ୍) ବନ ଏଠାରେ ଜଳ ବା ପାଣିକୁ ବୁଝାଉଛି।

## ଅପତ୍ୟାର୍ଥକ ପ୍ରତ୍ୟୟ

ସନ୍ତାନ, ଗୋତ୍ର, ଶିଷ୍ୟ, ଭକ୍ତ ଓ ସମ୍ବନ୍ଧୀୟ ପ୍ରଭୃତି ଅର୍ଥରେ ମୂଳଶବ୍ଦ (ପ୍ରାତିପଦିକ)ରେ 'ଅଣ୍' (ଅ) ଣ୍ୟ (ୟ) ଇଞ୍ (ଇ) ଅଞ୍ (ଅ) ଫକ୍ (ଆୟନ) ଯଞ୍ (ୟ) ଢ଼କ୍ (ଏୟ) ଛ (ଈୟ) ଛଣ୍ (ଈୟ) ଓ ଘ (ଇୟ) ପ୍ରତ୍ୟୟ ଯୋଗକରାଯାଏ।

### ଅଣ୍ (ଅ)

SIPD5A

ଶିବସ୍ୟ ଅପତ୍ୟଂ ପୁମାନ୍ = ଶିବ + ଅଣ୍ = ଶୈବଃ

ବିଶ୍ୱାମିତ୍ରସ୍ୟ ଅପତ୍ୟଂ ପୁମାନ୍ = ବିଶ୍ୱାମିତ୍ର + ଅଣ୍ = ବୈଶ୍ୱାମିତ୍ରଃ

ଭଗୀରଥସ୍ୟ ଅପତ୍ୟଂ ସ୍ତ୍ରୀ = ଭଗୀରଥ + ଅଣ୍ + ଙୀପ୍ = ଭାଗୀରଥୀ

### ଅଞ୍ (ଅ)

ଭରତସ୍ୟ ଅପତ୍ୟଂ ପୁମାନ୍ = ଭରତ + ଅଞ୍ = ଭାରତଃ

କଶ୍ୟପସ୍ୟ ଅପତ୍ୟଂ ପୁମାନ୍ = କଶ୍ୟପ + ଅଞ୍ = କାଶ୍ୟପଃ

ପୁତ୍ରସ୍ୟ ଅପତ୍ୟଂ ପୁମାନ୍ = ପୁତ୍ର + ଅଞ୍ = ପୌତ୍ରଃ

ପୁତ୍ରସ୍ୟ ଅପତ୍ୟଂ ସ୍ତ୍ରୀ = ପୁତ୍ର + ଅଞ୍ + ଙୀପ୍ = ପୌତ୍ରୀ

ଦୁହିତୁଃ ଅପତ୍ୟଂ ପୁମାନ୍ = ଦୁହିତୃ + ଅଞ୍ = ଦୌହିତ୍ରଃ

ଦୁହିତୁଃ ଅପତ୍ୟଂ ସ୍ତ୍ରୀ = ଦୁହିତୃ + ଅଞ୍ + ଙୀପ୍ = ଦୌହିତ୍ରୀ

ଗଣପତେଃ ଭକ୍ତଃ = ଗଣପତି + ଅଣ୍ = ଗାଣପତଃ

(ଗଣପତି + ଯକ୍ = ଗାଣପତ୍ୟଃ ମଧ୍ୟ ହୁଏ ।)

### ଣ୍ୟ (ୟ)

ଦିତେଃ ଅପତ୍ୟଂ ପୁମାନ୍ = ଦିତି + ଣ୍ୟ = ଦୈତ୍ୟଃ

ଅଦିତେଃ ଅପତ୍ୟଂ ପୁମାନ୍ = ଅଦିତି + ଣ୍ୟ = ଆଦିତ୍ୟଃ

### ଇଞ୍ (ଇ)

ଦଶରଥସ୍ୟ ଅପତ୍ୟଂ ପୁମାନ୍ = ଦଶରଥ + ଇଞ୍ = ଦାଶରଥିଃ

ସୁମିତ୍ରାୟାଃ ଅପତ୍ୟଂ ପୁମାନ୍ = ସୁମିତ୍ରା + ଇଞ୍ = ସୌମିତ୍ରିଃ

ବଲ୍ମୀକାତ୍ ସମ୍ଭବଃ = ବଲ୍ମୀକ + ଇଞ୍ = ବାଲ୍ମୀକିଃ

### ଫକ୍ (ଆୟନ)

ନାରାଃ ଅୟନଂ ଯସ୍ୟ = (ନର + ଅଣ୍) ନାର + ଫକ୍ = ନାରାୟଣଃ (ନାର- ଜ୍ଞାନ ବା ଜଳ)

ବଦରେଣ ସମ୍ବନ୍ଧିତଃ = (ବଦର + ଅଣ୍) ବାଦର + ଫକ୍ = ବାଦରାୟଣଃ

### ଯଞ୍ (ୟ)

ପୁଲସ୍ତେଃ ଅପତ୍ୟଂ ପୁମାନ୍ - ପୁଲସ୍ତି + ଯଞ୍ = ପୌଲସ୍ତ୍ୟଃ

ଯଜ୍ଞବଲ୍କସ୍ୟ ଅପତ୍ୟଂ ପୁମାନ୍ - ଯଜ୍ଞବଲ୍କ + ଯଞ୍ = ଯାଜ୍ଞବଲ୍କ୍ୟଃ

### ଢକ୍ (ଏୟ)

ବିନତାୟାଃ ଅପତ୍ୟଂ ପୁମାନ୍ = ବିନତା + ଢକ୍ = ବୈନତେୟଃ

ଗଙ୍ଗାୟାଃ ଅପତ୍ୟଂ ପୁମାନ୍ = ଗଙ୍ଗା + ଢକ୍ = ଗାଙ୍ଗେୟଃ

ରାଧାୟାଃ ଅପତ୍ୟଂ ପୁମାନ୍ = ରାଧା + ଢକ୍ = ରାଧେୟଃ

### ଛ (ଈୟ)

ସ୍ୱସୁଃ ଅପତ୍ୟଂ ପୁମାନ୍ - ସ୍ୱସୃ + ଛ = ସ୍ୱସ୍ରୀୟଃ (ଭଣଜା)

### ଛଣ୍ (ଈୟ)

ପିତୃଷ୍ୱସୁଃ ଅପତ୍ୟଂ ପୁମାନ୍ = ପିତୃଷ୍ୱସୃ + ଛଣ୍ = ପୈତୃଷ୍ୱସ୍ରୀୟଃ (ପିଉସୀ ପୁଅଭାଇ)

ଭ୍ରାତୁଃ ଅପତ୍ୟଂ ପୁମାନ୍ = ଭ୍ରାତୃ + ଛଣ୍ = ଭ୍ରାତ୍ରୀୟଃ (ଭାଇର ପୁଅ / ପୁତୁରା)

### ଘ (ଇୟ)

କ୍ଷତ୍ରେ (ରାଷ୍ଟ୍ରେ) ସାଧୁଃ = କ୍ଷତ୍ର + ଘ = କ୍ଷତ୍ରିୟଃ

ରାଷ୍ଟ୍ରେଭବଃ = ରାଷ୍ଟ୍ର + ଘ = ରାଷ୍ଟ୍ରିୟଃ (ରାଜା, ରାଜଶାଳକ)

### ସମୂହାର୍ଥକ ପ୍ରତ୍ୟୟ

ସମୂହଅର୍ଥରେ 'ଅଣ୍' (ଅ) ବୁଞ୍ (ଅକ) ତଲ୍ (ତା) ଅଞ୍ (ଅ) ୟ ପ୍ରଭୃତି ପ୍ରତ୍ୟୟ ଗୁଡ଼ିକ ଯୋଗକରାଯାଏ ।

ଭିକ୍ଷାଣାଂ ସମୂହଃ = ଭିକ୍ଷା + ଅଣ୍ = ଭୈକ୍ଷମ୍

ମନୁଷ୍ୟାଣାଂ ସମୂହଃ - ମନୁଷ୍ୟ + ବୁଞ୍ = ମାନୁଷ୍ୟକମ୍

ଗ୍ରାମାଣାଂ ସମୂହଃ = ଗ୍ରାମ + ତଲ୍ + ସ୍ତ୍ରୀ ଟାପ୍ = ଗ୍ରାମତା

ଦେବାନାଂ ସମୂହଃ = ଦେବ + ତଲ୍ + ସ୍ତ୍ରୀ ଟାପ୍ = ଦେବତା

ଜନାନାଂ ସମୂହଃ = ଜନ + ତଲ୍ + ଟାପ୍ = ଜନତା

ଶୁକାନାଂ ସମୂହଃ = ଶୁକ + ଅଞ୍ = ଶୌକମ୍

ତୃଣାନାଂ ସମୂହଃ = ତୃଣ + ଯ + ଟାପ୍ = ତୃଣ୍ୟା

ବାତାନାଂ ସମୂହଃ = ବାତ + ଯ + ଟାପ୍ = ବାତ୍ୟା

ବନାନାଂ ସମୂହଃ = ବନ + ଯ + ଟାପ୍ = ବନ୍ୟା

## ଜାତ ଅର୍ଥକ ପ୍ରତ୍ୟୟ

ମଥୁରାୟାଂ ଜାତଃ = ମଥୁରା + ଅଣ୍ = ମାଥୁରଃ

ଉତ୍କଳେ ଜାତଃ = ଉତ୍କଳ + ଅଣ୍ = ଔତ୍କଳଃ

ଉତ୍କଳେ ଜାତଃ = ଉତ୍କଳ + ଛ = ଉତ୍କଳୀୟଃ

ଗ୍ରାମେ ଜାତଃ = ଗ୍ରାମ + ଯ = ଗ୍ରାମ୍ୟଃ

ଗ୍ରାମେ ଜାତଃ = ଗ୍ରାମ + ଖଞ୍ = ଗ୍ରାମୀଣଃ

ଦକ୍ଷିଣସ୍ୟାଂ ଜାତଃ = ଦକ୍ଷିଣ + ତ୍ୟକ୍ = ଦାକ୍ଷିଣାତ୍ୟଃ

ପ୍ରାଚି ଜାତଃ = ପ୍ରାଚ୍ + ଯତ୍ = ପ୍ରାଚ୍ୟଃ

## ଅସ୍ତି ଅର୍ଥକ ପ୍ରତ୍ୟୟ

'ତାହା ଏଠାରେ ଅଛି' ବା 'ଯାହାର ଅଛି' ଏହି ଅର୍ଥକୁ ବୁଝାଇବାପାଇଁ ମୂଳଶବ୍ଦ (ପ୍ରାତିପଦିକ)ରେ ମତୁପ୍ (ମତ୍, ବତ୍) ଇନି (ଇନ୍) ଠନ୍ (ଇକ) ଓ 'ଶ' ପ୍ରଭୃତି ପ୍ରତ୍ୟୟ ଯୋଗହୁଏ।

## ମତୁପ୍ (ମତ୍, ବତ୍)

ଗାବଃ ଅସ୍ୟ ସନ୍ତି ବା ଅସ୍ମିନ୍ ସନ୍ତି = ଗୋ + ମତୁପ୍ = ଗୋମତ୍ (କ୍ଳୀ)

ଗୋମାନ୍ (ପୁଂଲିଙ୍ଗ) ଗୋ + ମତୁପ୍ + ଙୀପ୍ = ଗୋମତୀ (ସ୍ତ୍ରୀ)

ମତିଃ ଅସ୍ୟ ଅସ୍ତି = ମତି + ମତୁପ୍ = ମତିମାନ୍

ମତିଃ ଅସ୍ୟାଃ ଅସ୍ତି = ମତି + ମତୁପ୍ + ଙୀପ୍ = ମତିମତୀ

ସେହିପରି-

ଶ୍ରୀ + ମତୁପ୍ = ଶ୍ରୀମତ୍ (କ୍ଳୀ) ଶ୍ରୀମାନ୍ (ପୁଂ) ଶ୍ରୀମତୀ (ସ୍ତ୍ରୀ)

ଅଂଶୁ + ମତୁପ୍ = ଅଂଶୁମତ୍ (କ୍ଳୀ), ଅଂଶୁମାନ୍ (ପୁଂ) ଅଂଶୁମତୀ (ସ୍ତ୍ରୀ)

ପିତୃ + ମତୁପ୍ = ପିତୃମାନ୍, ପିତୃମତୀ (ସ୍ତ୍ରୀ)

ବପୁସ୍ + ମତୁପ୍ = ବପୁଷ୍ମାନ୍, ବପୁଷ୍ମତୀ, (ସ୍ତ୍ରୀ)

ଜ୍ୟୋତିସ୍ + ମତୁପ୍ = ଜ୍ୟୋତିଷ୍ମାନ୍, ଜ୍ୟୋତିଷ୍ମତୀ (ସ୍ତ୍ରୀ)

ଆୟୁଃ ଅସ୍ୟ ଅସ୍ତି = ଆୟୁଷ୍ମାନ୍

ଆୟୁଃ ଅସ୍ୟାଃ ଅସ୍ତି = ଆୟୁଷ୍ମତୀ

ଧୀଃ ଅସ୍ୟ ଅସ୍ତି = ଧୀମାନ୍, ସ୍ତ୍ରୀ - ଧୀମତୀ

ହନୁଃ ଅସ୍ୟ ଅସ୍ତି / ହନୂ ଅସ୍ୟ ସ୍ତଃ = ହନୁମାନ୍

ପତିଃ ଅସ୍ୟାଃ ଅସ୍ତି = ପତି + ମତୁପ୍ (ବତ୍) + ଙୀପ୍ = ପତିବତ୍ନୀ (ସଧବା)

ପତି + ମତୁପ୍ (ମତ୍) + ଙୀପ୍ = ପତିମତୀ (ଠକରାଣୀ)

**ନିମ୍ନଲିଖିତ କେତେକ ସ୍ଥାନରେ ମତୁପ୍ ପ୍ରତ୍ୟୟର 'ବତ୍' ହୁଏ।**

କିମ୍ + ମତୁପ୍ = କିଂବତ୍, (କ୍ଲୀ) କିଂବାନ୍ (ପୁଂ) କିଂବତୀ (ସ୍ତ୍ରୀ) ଅର୍ଥ : (କିଛି ମାତ୍ରାରେ)

ଶମ୍ + ମତୁପ୍ = ଶଂବତ୍ (କ୍ଲୀ) ଶଂବାନ୍ (ପୁଂ) ଶଂବତୀ (ସ୍ତ୍ରୀ) ଅର୍ଥ : (ସୁଖ, ଶାନ୍ତି, ମଙ୍ଗଳ)

ଲକ୍ଷ୍ମୀ + ମତୁପ୍ = ଲକ୍ଷ୍ମୀବତ୍, (କ୍ଲୀ) ଲକ୍ଷ୍ମୀବାନ୍ (ପୁଂ) ଲକ୍ଷ୍ମୀବତୀ (ସ୍ତ୍ରୀ)

ଗୁଣ + ମତୁପ = ଗୁଣବତ୍, (କ୍ଲୀ) ଗୁଣବାନ୍ (ପୁଂ) ଗୁଣବତୀ (ସ୍ତ୍ରୀ)

ଧନ + ମତୁପ୍ = ଧନବତ୍, (କ୍ଲୀ) ଧନବାନ୍ (ପୁଂ) ଧନବତୀ (ସ୍ତ୍ରୀ)

ଜ୍ଞାନ + ମତୁପ୍ = ଜ୍ଞାନବତ୍, (କ୍ଲୀ) ଜ୍ଞାନବାନ୍ (ପୁଂ) ଜ୍ଞାନବତୀ (ସ୍ତ୍ରୀ)

ରୂପ + ମତୁପ୍ = ରୂପବତ୍, (କ୍ଲୀ) ରୂପବାନ୍ (ପୁଂ) ରୂପବତୀ (ସ୍ତ୍ରୀ)

ସରସ୍ + ମତୁପ୍ = ସରସ୍ୱତ୍, (କ୍ଲୀ) ସରସ୍ୱାନ୍ (ପୁଂ) ସରସ୍ୱତୀ (ସ୍ତ୍ରୀ)

ପୟସ୍ + ମତୁପ୍ = ପୟସ୍ୱତ୍, (କ୍ଲୀ) ପୟସ୍ୱାନ୍ (ପୁଂ) ପୟସ୍ୱତୀ (ସ୍ତ୍ରୀ)

ଯଶସ୍ + ମତୁପ୍ = ଯଶସ୍ୱତ୍, (କ୍ଲୀ) ଯଶସ୍ୱାନ୍ (ପୁଂ) ଯଶସ୍ୱତୀ (ସ୍ତ୍ରୀ)

ବିଦ୍ୟା + ମତୁପ୍ = ବିଦ୍ୟାବତ୍, (କ୍ଲୀ) ବିଦ୍ୟାବାନ୍ (ପୁଂ) ବିଦ୍ୟାବତୀ (ସ୍ତ୍ରୀ)

**ମନେରଖ-**

ବିଦ୍ୟା ଅସ୍ତି ଅସ୍ୟ ଇତି = **ବିଦ୍ୟାବାନ୍ (ତଦ୍ଧିତ)** (କିନ୍ତୁ ବିଦ୍ୟାଂ ବେତ୍ତି ଯଃ- ବିଦ୍ + ଶତୃ = **ବିଦ୍ୱତ୍ (ବିଦ୍ୱସ୍) ବିଦ୍ୱାନ୍ - ଏହା କୃଦନ୍ତ)**

ମରୁତ୍ + ମତୁପ୍ = ମରୁତ୍ୱତ୍ (ମରୁତ୍ୱାନ୍ - (ପୁଂଲିଙ୍ଗ) ଇନ୍ଦ୍ରଃ)

ତଡ଼ିତ୍ + ମତୁପ୍ = ତଡିତ୍ୱତ୍ (ତଡିତ୍ୱାନ୍ - (ପୁଂଲିଙ୍ଗ) ମେଘଃ)

## ଇନି (ଇନ୍)

ଦଣ୍ଡଃ ଅସ୍ୟ ଅସ୍ତି = ଦଣ୍ଡ + ଇନି = ଦଣ୍ଡିନ୍, (କ୍ଲୀ) - ଦଣ୍ଡି, ପୁଂଲିଙ୍ଗ - ଦଣ୍ଡୀ

ଦଣ୍ଡଃ ଅସ୍ୟାଃ ଅସ୍ତି = ଦଣ୍ଡ + ଇନି + ଙୀପ୍ = ଦଣ୍ଡିନୀ

ଛତ୍ରଃ ଅସ୍ୟ ଅସ୍ତି - ଛତ୍ର + ଇନି = ଛତ୍ରିନ୍, ଛତ୍ରୀ(ପୁଂ) ଛତ୍ରିଣୀ (ସ୍ତ୍ରୀ)

ସେହିପରି ଧନ + ଇନି = ଧନିନ୍, ଧନୀ, ଧନିନୀ

ଗୁଣ + ଇନି = ଗୁଣିନ୍, ଗୁଣୀ (ପୁଂ) ଗୁଣିନୀ (ସ୍ତ୍ରୀ)

ଶିଖା ଅସ୍ୟ ଅସ୍ତି ଇତି = ଶିଖା + ଇନି = ଶିଖୀ (ମୟୂରଃ) (ପୁଂ)

ମାଳା ଅସ୍ୟାଃ ଅସ୍ତି = ମାଳା + ଇନି + ସ୍ତ୍ରୀ = ମାଳିନୀ (ସ୍ତ୍ରୀ)

ମାୟା ଅସ୍ୟ ଅସ୍ତି = ମାୟା + ଇନି = ମାୟୀ (ପୁଂ) ମାୟିନୀ (ସ୍ତ୍ରୀ)

ସଂଜ୍ଞା + ଇନି = ସଂଜ୍ଞିନ୍ - ସଂଜ୍ଞୀ (ପୁଂ) ସଂଜ୍ଞିନୀ (ସ୍ତ୍ରୀ)

ସୁଖ + ଇନି = ସୁଖିନ୍ - ସୁଖୀ (ପୁଂ) ସୁଖିନୀ (ସ୍ତ୍ରୀ)

ଦୁଃଖ + ଇନି = ଦୁଃଖିନ୍ - ଦୁଃଖୀ (ପୁଂ) ଦୁଃଖିନୀ (ସ୍ତ୍ରୀ)

ପ୍ରଣୟ + ଇନି = ପ୍ରଣୟିନ୍ - ପ୍ରଣୟୀ (ପୁଂଲିଙ୍ଗ), ପ୍ରଣୟିନୀ (ସ୍ତ୍ରୀଲିଙ୍ଗ)

**ବିନି (ବିନ୍)**

ମେଧା + ବିନି = ମେଧାବିନ୍ , ପୁଂଲିଙ୍ଗ - ମେଧାବୀ - ସ୍ତ୍ରୀଲିଙ୍ଗ - ମେଧାବିନୀ

ମାୟା + ବିନି = ମାୟାବିନ୍ , ପୁଂଲିଙ୍ଗ - ମାୟାବୀ - ସ୍ତ୍ରୀଲିଙ୍ଗ - ମାୟାବିନୀ

ତପସ୍ + ବିନି = ତପସ୍ୱିନ୍ , ପୁଂ - ତପସ୍ୱୀ, ସ୍ତ୍ରୀ - ତପସ୍ୱିନୀ

ପୟସ୍ + ବିନି = ପୟସ୍ୱିନ୍, ପୁଂ - ପୟସ୍ୱୀ, ସ୍ତ୍ରୀ - ପୟସ୍ୱିନୀ

(ପୟସ୍ୱୀ - ନଦ, ସାଗର, ମେଘ, କୂପ, ସରୋବର, ପୟସ୍ୱିନୀ - ନଦୀ, ଧେନୁ)

ମନସ୍ + ବିନି = ମନସ୍ୱିନ୍, ମନସ୍ୱୀ - ପୁଂ, ମନସ୍ୱିନୀ - ସ୍ତ୍ରୀ

ଯଶସ୍ + ବିନି = ଯଶସ୍ୱିନ୍, ଯଶସ୍ୱୀ - ପୁଂ, ଯଶସ୍ୱିନୀ - ସ୍ତ୍ରୀ

**ବିଶେଷ ବିଧିରେ ଇନି (ଇନ୍) ପ୍ରତ୍ୟୟ**

ହସ୍ତ + ଇନି = ହସ୍ତିନ୍ (ହସ୍ତୀ - ହାତୀ) ହସ୍ତଃ ଅସ୍ତି ଅସ୍ୟ

ତଥା - କର + ଇନି = କରିନ୍ (କରୀ - ହାତୀ) କରଃ ଅସ୍ତି ଅସ୍ୟ

ଦନ୍ତ + ଇନ୍ = ଦନ୍ତିନ୍ (ଦନ୍ତୀ - ହାତୀ) ଦନ୍ତୌ ସ୍ତଃ ଅସ୍ୟ

କେଶର + ଇନ୍ = କେଶରିନ୍ (କେଶରୀ - ସିଂହ) କେଶରଃ ଅସ୍ତି ଅସ୍ୟ

ମାତ୍ର - ହସ୍ତ + ମତୁପ୍ = ହସ୍ତବାନ୍ (ମନୁଷ୍ୟ) ହସ୍ତଃ ଅସ୍ତି ଅସ୍ୟ / ହସ୍ତୌ ସ୍ତଃ ଅସ୍ୟ ଇତ୍ୟାଦି

କର + ମତୁପ୍ = କରବାନ୍ (ମନୁଷ୍ୟ)

ଦନ୍ତ + ମତୁପ୍ = ଦନ୍ତବାନ୍ (ମନୁଷ୍ୟ)

ବର୍ଣ୍ଣଃ (ଧର୍ମାନୁଷ୍ଠାନମ୍) ଅସ୍ୟ ଅସ୍ତି ଇତି - ବର୍ଣ୍ଣ + ଇନି = ବର୍ଣ୍ଣୀ (ବ୍ରହ୍ମଚାରୀ)

ବର୍ଣ୍ଣଃ (ରୂପମ୍) ଅସ୍ୟ ଅସ୍ତି = ବର୍ଣ୍ଣ + ଇନି = ବର୍ଣ୍ଣିନ୍।

ବର୍ଣ୍ଣୀ (ପୁଂ) ବର୍ଣ୍ଣିନୀ (ସ୍ତ୍ରୀ)

ଏବଂ ବର୍ଣ୍ଣ + ମତୁପ୍ = ବର୍ଣ୍ଣବତ୍, ବର୍ଣ୍ଣବାନ୍, ବର୍ଣ୍ଣବତୀ

ପୁଷ୍କର + ଇନି = ପୁଷ୍କରିନ୍ - ସ୍ତ୍ରୀ - ପୁଷ୍କରିଣୀ

ଏହିପରି, ପଦ୍ମିନୀ, ପଙ୍କଜିନୀ, କୁମୁଦିନୀ, ମୃଣାଳିନୀ, ତମାଳିନୀ, ତରଙ୍ଗିଣୀ, ତଟିନୀ ଓ ପ୍ରବାହିଣୀ ପ୍ରଭୃତି ତଦ୍ଧିତାନ୍ତ ପଦ ସିଦ୍ଧ ହୁଅନ୍ତି।

ଯାଚକ (ମାଗିବା ବାଲା) ଅର୍ଥକୁ ବୁଝାଇଲେ 'ଅର୍ଥ' ଶବ୍ଦରୁ ଇନି ପ୍ରତ୍ୟୟ ହୁଏ ଯଥା–

ଅର୍ଥ + ଇନି = ଅର୍ଥିନ୍ (ଅର୍ଥୀ – ଯାଚକଃ)

ଅନ୍ୟ ଅର୍ଥରେ **ଅର୍ଥଃ (ଧନଂ) ଅସ୍ତି ଅସ୍ୟ - ଅର୍ଥ + ଇନି =ଅର୍ଥୀ (ପୁଂ)** ଓ ଅର୍ଥ + ମତୁପ୍ = ଅର୍ଥବାନ୍ (ଧନୀ) ହୋଇଥାଏ।

### ଅସ୍ତି ଅର୍ଥରେ - ଠନ୍ (ଇକ) ପ୍ରତ୍ୟୟ

ଦଣ୍ଡଃ ଅସ୍ୟ ଅସ୍ତି = ଦଣ୍ଡ + ଠନ୍ = ଦଣ୍ଡିକଃ

ଶ୍ରମଃ ଅସ୍ୟ ଅସ୍ତି = ଶ୍ରମ + ଠନ୍ = ଶ୍ରମିକଃ

ଧନମ୍ ଅସ୍ୟ ଅସ୍ତି = ଧନ + ଠନ୍ = ଧନିକଃ

ମାୟା ଅସ୍ୟ ଅସ୍ତି = ମାୟା + ଠନ୍ = ମାୟିକଃ

### ବହୁ ବା ବାରମ୍ବାର ଅର୍ଥରେ 'ଶ' ପ୍ରତ୍ୟୟ

ଲୋମ + ଶ = ଲୋମଶଃ

ବହୁ + ଶ = ବହୁଶଃ

କ୍ରମ + ଶ = କ୍ରମଶଃ

### ଆଚରଣ ଓ ଅଧ୍ୟୟନ ଅର୍ଥରେ ଠକ୍ (ଇକ) ପ୍ରତ୍ୟୟ

ଇତିହାସଂ ବେତ୍ତି = ଇତିହାସ + ଠକ୍ = ଐତିହାସିକଃ । ସେହିପରି-

ଭୂଗୋଳ + ଠକ୍ = ଭୌଗୋଳିକଃ

ଗଣିତ + ଠକ୍ = ଗାଣିତିକଃ

ସାହିତ୍ୟ + ଠକ୍ = ସାହିତ୍ୟିକଃ

ଧର୍ମଂ ଚରତି / ବେତ୍ତି = ଧର୍ମ + ଠକ୍ = ଧାର୍ମିକଃ

### ସମୟଅର୍ଥରେ ଠଞ୍ (ଇକ) ପ୍ରତ୍ୟୟ

ମାସେ ଭବଃ - ମାସ + ଠଞ୍ = ମାସିକଃ, ବର୍ଷେଭବଃ - ବର୍ଷ + ଠଞ୍ = ବାର୍ଷିକଃ।

### ତୁଳନାର୍ଥକ ତରପ୍ (ତର) ଈୟସୁନ୍ (ଈୟସ୍) ପ୍ରତ୍ୟୟ

ଦୁହିଁଙ୍କ ମଧ୍ୟରେ ତୁଳନା ଅର୍ଥରେ ଏହି ପ୍ରତ୍ୟୟ ବ୍ୟବହାର କରାଯାଏ।

ପୁଂଲିଙ୍ଗରେ - ଅୟମ୍ ଅନୟୋଃ ଅତିଶୟେନ ଗୁରୁଃ -

ଗୁରୁ + ତରପ୍ = ଗୁରୁତରଃ, ଗୁରୁ + ଈୟସୁନ୍ = ଗରୀୟାନ୍

ସେହିପରି ଲଘୁତରଃ, ଲଘୀୟାନ୍

ସ୍ତ୍ରୀଲିଙ୍ଗରେ - ଇୟମନୟୋଃ ଅତି ଶୟେନ ଗୁର୍ବୀ / ଗୁରୁଃ

ଗୁରୁ + ତରପ୍ + ଟାପ୍ = ଗୁରୁତରା, ଗୁରୁ + ଈୟସୁନ୍ + ସ୍ତ୍ରୀ ଙୀପ୍ = ଗରୀୟସୀ

ସେହିପରି ଲଘୁତରା, ଲଘୀୟସୀ

କ୍ଳୀବଲିଙ୍ଗରେ - ଇଦମ୍ ଅନୟୋଃ ଅତିଶୟେନ ଗୁରୁ = ଗୁରୁ + ତରପ୍ = ଗୁରୁତରମ୍

ଗୁରୁ + ଈୟସୁନ୍ = ଗରୀୟଃ। ସେହିପରି - ଲଘୁତରମ୍, ଲଘୀୟଃ

### ତୁଳନାର୍ଥକ ତମପ୍ (ତମ) ଇଷ୍ଠନ୍ (ଇଷ୍ଠ) ପ୍ରତ୍ୟୟ

ଅନେକ ମଧ୍ୟରେ ଏକର ଉତ୍କର୍ଷ ବା ଅପକର୍ଷ ବୁଝାଇଲେ ତମପ୍ (ତମ) ଓ ଇଷ୍ଠନ୍ (ଇଷ୍ଠ) ପ୍ରତ୍ୟୟ ହୁଏ।

ପୁଂଲିଙ୍ଗରେ - ଅୟମ୍ ଏଷାମ୍ ଅତିଶୟେନ ଗୁରୁଃ = ଗୁରୁ + ତମପ୍ = ଗୁରୁତମଃ

ଗୁରୁ + ଇଷ୍ଠନ୍ = ଗରିଷ୍ଠଃ। ସ୍ତ୍ରୀଲିଙ୍ଗରେ - ଇୟମ୍ ଆସାମ୍ ଅତିଶୟେନ ଗୁର୍ବୀ/ଗୁରୁଃ - ଗୁରୁ + ତମପ୍ + ଟାପ୍ = ଗୁରୁତମା, ଗୁରୁ + ଇଷ୍ଠନ୍ + ଟାପ୍ = ଗରିଷ୍ଠା । କ୍ଳୀବଲିଙ୍ଗରେ - ଇଦମ୍ ଏଷୁ ଅତିଶୟେନ ଗୁରୁ = ଗୁରୁତମମ୍, ଗରିଷ୍ଠମ୍

**କେତେକ ପ୍ରଚଳିତ ତରପ୍ / ଈୟସୁନ୍, ତମପ୍ / ଇଷ୍ଠନ୍ ପ୍ରତ୍ୟୟାନ୍ତ ଶବ୍ଦ**

| ତରପ୍, ଈୟସୁନ୍ | ତମପ୍, ଇଷ୍ଠନ୍ |
|---|---|
| ପ୍ରଶସ୍ୟ - ପୁଂ, ପ୍ରଶସ୍ୟତରଃ, ଶ୍ରେୟାନ୍, | ପ୍ରଶସ୍ୟତମଃ, ଶ୍ରେଷ୍ଠଃ |
| ବୃଦ୍ଧ - ପୁଂ, ବୃଦ୍ଧତରଃ, ଜ୍ୟାୟାନ୍ | ବୃଦ୍ଧତମଃ, ବର୍ଷିଷ୍ଠଃ / ଜ୍ୟେଷ୍ଠଃ |
| ଯୁବା - ପୁଂ, ଯୁବତରଃ, ଯବୀୟାନ୍ / କନୀୟାନ୍ | ଯୁବତମଃ, ଯବିଷ୍ଠଃ / କନିଷ୍ଠଃ |
| ପ୍ରିୟ - ପୁଂ, ପ୍ରିୟତରଃ, ପ୍ରେୟାନ୍ | ପ୍ରିୟତମଃ, ପ୍ରେଷ୍ଠଃ |

ଅନ୍ୟାନ୍ୟ କେତେକ ପ୍ରତ୍ୟୟର ଉଦାହରଣ

ମାତୁଃଭ୍ରାତା = ମାତୃ + ଡୁଳଚ୍ (ଉଳ) = ମାତୁଳଃ

ପିତୁଃ ଭ୍ରାତା = ପିତୃ + ବ୍ୟତ୍ (ବ୍ୟ) ପିତୃବ୍ୟଃ

ପିତୁଃ ପିତା = ପିତୃ + ଡାମହଚ୍ (ଆମହ) = ପିତାମହଃ

ମାତୁଃ ପିତା = ମାତୃ + ଡାମହଚ୍ (ଆମହ) = ମାତାମହଃ

ଜଡସ୍ୟ ଭାବଃ = ଜଡ + ତ୍ୱ = ଜଡତ୍ୱମ୍, ଜଡ଼ + ତା = ଜଡତା

କୁଶଳସ୍ୟ ଭାବଃ = କୁଶଳ + ତ୍ୱ = କୁଶଳତ୍ୱମ୍, କୁଶଳ + ତା = କୁଶଳତା

ନୀଳସ୍ୟ ଭାବଃ = ନୀଳ + ଇମନିଚ୍ = ନୀଳିମା (ପୁଂଲିଙ୍ଗ)

ମହତଃ ଭାବଃ = ମହତ୍ + ଇମନିଚ୍ = ମହିମା (ପୁଂଲିଙ୍ଗ)

ଗୁରୋଃ ଭାବଃ = ଗୁରୁ + ଅଣ୍ = ଗୌରବମ୍

ମୃଦୋଃ ଭାବଃ = ମୃଦୁ + ଅଣ୍ = ମାର୍ଦ୍ଦବମ୍

ପଣ୍ଡିତସ୍ୟ ଭାବଃ = ପଣ୍ଡିତ + ଷ୍ୟଞ୍ = ପାଣ୍ଡିତ୍ୟମ୍

ସହିତସ୍ୟ ଭାବଃ = ସହିତ + ଷ୍ୟଞ୍ = ସାହିତ୍ୟମ୍

ଅଳସସ୍ୟ ଭାବଃ = ଅଳସ + ଷ୍ୟଞ୍ = ଆଳସ୍ୟମ୍

ସର୍ବଜନେଭ୍ୟଃ ହିତମ୍ = ସର୍ବଜନ + ଠକ୍ = ସାର୍ବଜନୀନମ୍

## ଅଭ୍ୟାସ

**୧। ଏକପଦେନ ଅର୍ଥଂ ପ୍ରକାଶୟତ**

ଇଦମନୟୋଃ ଅତିଶୟେନ ସ୍ଥୁଳମ୍, ଅୟମେଷୁ ଅତିଶୟେନ ପ୍ରିୟଃ, ଭଗିନ୍ୟାଃ ଅପତ୍ୟଂ ସ୍ତ୍ରୀ, ପର୍ବତସ୍ୟ ଅପତ୍ୟଂ ସ୍ତ୍ରୀ, ବହୁ ଅସ୍ତି ଅସ୍ୟ।

**୨। ଅର୍ଥଭେଦଂ ଦର୍ଶୟତ -** ଦୈତ୍ୟଃ - ଆଦିତ୍ୟଃ, ବନ୍ୟମ୍ - ବନ୍ୟା

ହସ୍ତୀ - ହସ୍ତବାନ୍, ଶିଖୀ - ଶିଖାବାନ୍, ଅର୍ଥୀ - ଅର୍ଥବାନ୍

**୩। ତଦ୍ଧିତାନ୍ତପଦାନି ବ୍ୟବହୃତ୍ୟ ସଂସ୍କୃତଭାଷୟା ଅନୁବାଦଂ କୁରୁତ**

୧. ଧନଥିବା ଲୋକ ସୁଖୀଅଟେ। ୨. ଉତ୍କଳର ଲୋକେ ଧର୍ମ ପାଳନ କରନ୍ତି। ୩. ପଣ୍ଡୁଙ୍କ ପୁଅମାନେ ଯଦୁବଂଶୀଙ୍କର ବନ୍ଧୁଥିଲେ। ୪. ଗୁଣଥିବା ଛାତ୍ର ସମସ୍ତଙ୍କର ପ୍ରିୟ। ୫. ମୋ ମାମୁ ତାଙ୍କ ବାପାଙ୍କ ଭାଇ।

# କୃଦନ୍ତ ପ୍ରକରଣ

ସାଧାରଣତଃ ଧାତୁ ରୂପ ବା କ୍ରିୟାପଦକୁ 'ତିଙନ୍ତ' କହନ୍ତି। ମୂଳଧାତୁରେ କେତେକ ସଂଯୋଜକ ପଦ (ପ୍ରତ୍ୟୟ) ଯୋଗକରି ନୂତନ ଶବ୍ଦ ସୃଷ୍ଟିକରାଯାଏ। ଏହି ଶବ୍ଦ ଗୁଡିକ ବାକ୍ୟରେ ବିଶେଷ୍ୟ, ବିଶେଷଣ, ଅବ୍ୟୟ, ଅସମାପିକାକ୍ରିୟା ଏବଂ ସମାପିକା କ୍ରିୟାରୂପରେ ବ୍ୟବହୃତ ହୁଅନ୍ତି। ମୂଳଧାତୁ (ପ୍ରକୃତି) ସହିତ ଶତୃ, ଶାନଚ୍, କ୍ତ, କ୍ତବତୁ, କ୍ତ୍ୱା, ଲ୍ୟପ୍, ତୁମୁନ୍, ଘଞ୍, ଅଳ୍, କ୍ତିନ୍, ଲ୍ୟୁଟ୍ ପ୍ରଭୃତି "କୃତ୍" (ପ୍ରତ୍ୟୟ) ଯୋଗ କରାଯାଇ ନୂତନ ଶବ୍ଦ ସୃଷ୍ଟି କରାଯାଉଥିବାରୁ ଏହାକୁ 'କୃଦନ୍ତ' କହନ୍ତି। ଅର୍ଥାତ୍ 'କୃତ୍' ଯାହାର 'ଅନ୍ତ' (ଶେଷ)ରେ ରହିଛି ତାହା କୃଦନ୍ତ। ଯଥା – ଗମ୍– ମୂଳଧାତୁର 'ତିଙନ୍ତ' ରେ 'ଗଚ୍ଛତି' ହୁଏ।

'ଗମ୍' ଧାତୁରେ 'ଲ୍ୟୁଟ୍' କୃତ୍ ପ୍ରତ୍ୟୟ ଯୋଗକଲେ ହେବ 'ଗମନମ୍' । ଗମ୍ + ଲ୍ୟୁଟ୍ = **'ଗମନମ୍'** ଏହା କୃଦନ୍ତ ପଦ।

ପଠ୍ଧାତୁର ଲଟ୍‌ଲକାର ପ୍ରଥମପୁରୁଷ ଏକବଚନ ରୂପ ପଠତି, କିନ୍ତୁ ପଠ୍ + କ୍ତ୍ୱା (କୃତ୍ ପ୍ରତ୍ୟୟ) = **'ପଠିତ୍ୱା'** ଏହା କୃଦନ୍ତ ପଦ।

**ବିଭିନ୍ନ କୃଦନ୍ତ ପଦର ପ୍ରୟୋଗର ଉଦାହରଣ**

| | | |
|---|---|---|
| ୧. | ବାଳକଃ ଗଚ୍ଛନ୍ ଅପତତ୍। | ବାଳକଟି ଯାଉଯାଉ (ଯାଉଥିଲାବେଳେ) ପଡ଼ିଗଲା। |
| ୨. | ପୁରସ୍କାରଂ ଲଭମାନଃ ଛାତ୍ରଃ ଆନନ୍ଦିତଃ ଭବତି। | ପୁରସ୍କାର ଲାଭକରୁଥିବା ଛାତ୍ରଟି ଆନନ୍ଦିତ ହେଉଅଛି। |
| ୩. | ଭୀତଃ ମୃଗଃ ଧାବତି। | ଡରିଯାଇଥିବା ହରିଣଟି ଦୌଡୁଛି। |
| ୪. | ଗୋବିନ୍ଦଃ ଗୃହଂ ଗତଃ। | ଗୋବିନ୍ଦ ଘରକୁ ଗଲା। |
| ୫. | ରାମେଣ ରାବଣଃ ହତଃ। | ରାମଙ୍କ ଦ୍ୱାରା ରାବଣ ହତହେଲା / ବା ରାମ ରାବଣକୁ ମାରିଥିଲେ। |
| ୬. | ଶିଶୁଃ ଜଳଂ ପୀତବାନ୍। | ଶିଶୁଟି ପାଣି ପିଇଥିଲା। |
| ୭. | ସନ୍ତାନେଷୁ ମାତୁଃ ସ୍ନେହଃ ଅସ୍ତି। | ସନ୍ତାନମାନଙ୍କଠାରେ ମା'ର ସ୍ନେହ ରହିଛି। |
| ୮. | ରାମସ୍ୟ ଈଶ୍ୱରେ ଭକ୍ତିଃ ଅସ୍ତି। | ରାମର ଈଶ୍ୱରଙ୍କଠାରେ ଭକ୍ତି ଅଛି। |
| ୯. | ସାଧୂନାଂ ଦର୍ଶନଂ ପୁଣ୍ୟମ୍। | 'ସାଧୁମାନଙ୍କୁ ଦେଖିବା ପୁଣ୍ୟ' । |
| ୧୦. | ତ୍ୱଂ ଚିତ୍ରଂ ଦୃଷ୍ଟ୍ୱା ଉତ୍ତରଂ ଲିଖ। | ତୁମେ ଚିତ୍ରକୁ ଦେଖି ଉତ୍ତର ଲେଖ। |
| ୧୧. | ଛାତ୍ରଃ ପଠିତୁଂ ବିଦ୍ୟାଳୟଂ ଗଚ୍ଛତି। | ଛାତ୍ରଟି ପଢ଼ିବା ପାଇଁ ବିଦ୍ୟାଳୟକୁ ଯାଉଛି। |

ଉପରି ଲିଖିତ ବାକ୍ୟଗୁଡ଼ିକରେ ରେଖାଙ୍କିତ ପଦଗୁଡ଼ିକୁ ଲକ୍ଷ୍ୟକର। ମୂଳ ଧାତୁରେ 'କୃତ୍' ପ୍ରତ୍ୟୟ ଯୋଗ କରାଯାଇଛି।

୧. ଗଚ୍ଛନ୍ - (ଗମ୍ + ଶତୃ) ଅର୍ଥାତ୍ ଯାଉଯାଉ ବା ଯାଉଥିବା ଅବସ୍ଥାକୁ ବୁଝାଉଛି। ଏହା ଅସମାପିକା କ୍ରିୟାବାଚକ ଏବଂ ବାଳକର ବିଶେଷଣ ରୂପେ ବ୍ୟବହୃତ ହୋଇଛି।

୨. ଲଭମାନଃ - (ଲଭ୍ + ଶାନଚ୍) ଅର୍ଥାତ୍ ଲାଭକରୁକରୁ ବା ଲାଭ କରୁଥିବା ଅବସ୍ଥାକୁ ବୁଝାଉଛି। ଏହା ଅସମାପିକା କ୍ରିୟାବାଚକ ଏବଂ ଛାତ୍ରର ବିଶେଷଣ ରୂପେ ବ୍ୟବହୃତହୋଇଛି।

୩. ଭୀତଃ - (ଭୀ+କ୍ତ) ଅର୍ଥାତ୍ ଡରିଯାଇଥିବା ଅବସ୍ଥାକୁ ବୁଝାଉଛି। ଏହା ଅତୀତକାଳବୋଧକ ଏବଂ ମୃଗର ବିଶେଷଣ।

୪. ଗତଃ - (ଗମ୍+କ୍ତ) ଅର୍ଥାତ୍ ଯାଇଥିଲା ବା ଗଲା। ଏହା କର୍ମବାଚ୍ୟରେ ଅତୀତକାଳବୋଧକ ସମାପିକାକ୍ରିୟାକୁ ବୁଝାଉଛି।

୫. ହତଃ - (ହନ୍+କ୍ତ) ଅର୍ଥାତ୍ ହତ ହେଲା / ମରିଗଲା ।
ଏହା କର୍ମବାଚ୍ୟରେ ସମାପିକାକ୍ରିୟା ଭାବରେ ବ୍ୟବହୃତ ହୋଇଛି।

୬. ପୀତବାନ୍ - (ପା+କ୍ତବତୁ) ଅର୍ଥାତ୍ ପିଇଥିଲା।
ଏହା ସମାପିକାକ୍ରିୟାକୁ ବୁଝାଉଛି।

୭. ସ୍ନେହଃ - (ସ୍ନିହ୍+ଘଞ୍) ଅର୍ଥାତ୍ ସ୍ନେହ ବା ଅନୁରାଗ ।
ଏହା ବିଶେଷ୍ୟ ଭାବରେ ବ୍ୟବହୃତ ହୋଇଛି।

୮. ଭକ୍ତିଃ - (ଭଜ୍+କ୍ତିନ୍) ଅର୍ଥାତ୍ ଭକ୍ତି (ଉପାସନା ବା ବାରମ୍ବାର ଭଜନ କରିବା) ଏହା ବିଶେଷ୍ୟ ଭାବରେ ବ୍ୟବହୃତ ହୋଇଛି।

୯. ଦର୍ଶନମ୍ - (ଦୃଶ୍+ଲ୍ୟୁଟ୍) ଅର୍ଥାତ୍ ଦେଖିବା ଏହା କ୍ରିୟା ବା ଭାବ ବାଚକ ବିଶେଷ୍ୟ ରୂପେ ବ୍ୟବହୃତହୋଇଛି।

୧୦. ଦୃଷ୍ଟ୍ୱା - (ଦୃଶ୍+କ୍ତ୍ୱା) ଅର୍ଥାତ୍ ଦେଖିସାରି / ଦେଖିକରି / ଦେଖିସାରିଲାପରେ। ଏହା ବାକ୍ୟରେ ଅସମାପିକା କ୍ରିୟା ଭାବରେ ପୂର୍ବକାଳରେ ବ୍ୟବହୃତ ହୋଇଛି। ଏହା ଅବ୍ୟୟ । **ଏହିବାକ୍ୟରେ ଦୁଇଟି କ୍ରିୟାପଦ ରହିଛି 'ଦୃଷ୍ଟ୍ୱା' ଅସମାପିକା କ୍ରିୟା ଏବଂ ପୂର୍ବକାଳକୁ ବୁଝାଉଛି ଏହାର କର୍ମ ଚିତ୍ରମ୍, ମାତ୍ର ଉତ୍ତରଂ ଲିଖ, ଏଠାରେ 'ଲିଖ' ସମାପିକା କ୍ରିୟା ଏବଂ ପରକାଳକୁ ବୁଝାଉଛି । ସମାପିକାକ୍ରିୟାର କର୍ମ ହେଉଛି ଉତ୍ତରମ୍'। ଦୃଷ୍ଟ୍ୱା-କୃଦନ୍ତ, ଲିଖ-ତିଙନ୍ତ।** ତ୍ୱମ୍- 'ଦୃଷ୍ଟ୍ୱା' ଓ 'ଲିଖ' ଉଭୟ ପଦର କର୍ତ୍ତା।

୧୧. ପଠିତୁମ୍ - (ପଠ୍+ତୁମୁନ୍) ଅର୍ଥାତ୍ ପଢ଼ିବା ପାଇଁ / ପଢ଼ିବାକୁ । ଏହା **ପରକାଳବୋଧକ ଅସମାପିକା କ୍ରିୟା** ଏବଂ **ଏଠାରେ ଗଚ୍ଛତି ସମାପିକାକ୍ରିୟା ତଥା ପୂର୍ବକାଳବୋଧକ । ଅର୍ଥାତ୍ ପ୍ରଥମେ ଯାଉଛି, ପରେ ପଢ଼ିବାନିମିତ୍ତ କାମହେବ। ଉଭୟ ପରକାଳ ଏବଂ ପୂର୍ବକାଳର କର୍ତ୍ତା 'ଛାତ୍ରଃ'। ପଠିତୁଂ** ଓ **ଗଚ୍ଛତି** କ୍ରିୟା ଦୁଇଟି ଜଣେ କର୍ତ୍ତାଦ୍ୱାରା ସାଧିତ ହେଉଛି।

## ଅଭ୍ୟାସ

**୧. ଅଧସ୍ତନବାକ୍ୟେଷୁ "କୃଦନ୍ତ ପଦାନି" ନିରୂପୟତ-**

(କ) ଶିଶୁଃ ଧାବନ୍ ଅପତତ୍। (ଖ) ରାମଃ ଗ୍ରାମଂ ଗତବାନ୍।

(ଗ) ଗୋପାଳଃ ପୁରୀମ୍ ଆଗତଃ। (ଘ) ମୟା ଜଗନ୍ନାଥଃ ଦୃଷ୍ଟଃ।

(ଙ) ଛାଗଃ ଚରିତୁଂ ଗଚ୍ଛତି। (ଚ) ରାମସ୍ୟ ଭାଷଣଂ ମଧୁରମ୍।

(ଛ) ତସ୍ୟ ଧନଂ ପ୍ରତି ଲୋଭଃ ନାସ୍ତି। (ଜ) ଶ୍ରବଣଂ କୁରୁ।

(ଝ) ଗୁରୁଜନଂ ସେବମାନଃ ଜନଃ ସୁଖୀ। (ଞ) ବିଦ୍ୟାଂ ପଠିତ୍ୱା ଜ୍ଞାନୀ ଭବ।

**୨. ଉଦାହରଣାନୁସାରଂ ଶୂନ୍ୟସ୍ଥାନଂ ପୂରୟତ-**

ଯଥା (କ) କୃ + କ୍ତ୍ୱା = କୃତ୍ୱା

ତଥା - ନୀ + _______ = ନୀତ୍ୱା

_______ + କ୍ତ୍ୱା = ଶ୍ରୁତ୍ୱା

ସ୍ଥା + _______ = ସ୍ଥିତ୍ୱା

_______ + _______ = ଜ୍ଞାତ୍ୱା

ଯଥା - (ଖ) ଦା + ଲ୍ୟୁଟ୍ = ଦାନମ୍

ତଥା - ପଠ୍ + _______ = ପଠନମ୍

_______ + ଲ୍ୟୁଟ୍ = ଦର୍ଶନମ୍

ଭ୍ରମ୍ + _______ = ଭ୍ରମଣମ୍

_______ + _______ = ବଚନମ୍

ଯଥା - (ଗ) ଦୃଶ୍ + କ୍ତ = ଦୃଷ୍ଟଃ

ତଥା - କୃଷ୍ + କ୍ତ = _______

_______ + କ୍ତ = ଶିଷ୍ଟଃ

ନଶ୍ + _______ = ନଷ୍ଟଃ

## 'ଶତୃ' ଓ 'ଶାନଚ୍'

କର୍ତ୍ତୃବାଚ୍ୟରେ ବର୍ତ୍ତମାନ କାଳରେ ପରସ୍ମୈପଦୀ ଧାତୁରେ 'ଶତୃ' ପ୍ରତ୍ୟୟ ଏବଂ ଆତ୍ମନେପଦୀ ଧାତୁରେ 'ଶାନଚ୍' ପ୍ରତ୍ୟୟ ଲାଗେ। ଉକ୍ତ ପତ୍ୟୟ ନିଷ୍ପନ୍ନପଦ ବିଶେଷଣ। ତେଣୁ ବିଶେଷ୍ୟପଦର ଲିଙ୍ଗ, ବିଭକ୍ତି ବଚନ ଅନୁସାରେ ଶତୃ ତଥା ଶାନଚ୍ ପ୍ରତ୍ୟୟ ଯୁକ୍ତ କୃଦନ୍ତ ପଦଗୁଡ଼ିକର ରୂପ ଗଠିତ ହୁଏ।

## ଶତୃ (ଅତ୍)

'ଶତୃ' ପ୍ରତ୍ୟୟରୁ 'ଅତ୍' ଅବଶିଷ୍ଟ ରହେ। ଧାତୁ ପରେ 'ଶତୃ' ପ୍ରତ୍ୟୟ ଲାଗିଲେ ତା'ର ସ୍ୱତନ୍ତ୍ର ରୂପ (ଶତୃ ପ୍ରତ୍ୟୟାନ୍ତ ପଦର ମୂଳରୂପ) ସୃଷ୍ଟି ହୁଏ। ଯଥା - ଗମ୍ + ଶତୃ = ଗଚ୍ଛତ୍, ପଠ୍ + ଶତୃ = ପଠତ୍ , ଦୃଶ୍ + ଶତୃ = ପଶ୍ୟତ୍, ଦା + ଶତୃ = ଦଦତ୍, ଭୀ + ଶତୃ = ବିଭ୍ୟତ୍।

**ମନେରଖ -**

**ଧାତୁର ଲଟ୍ ଲକାର ପ୍ରଥମ ପୁରୁଷ ବହୁ ବଚନରେ ଶେଷକୁ 'ନ୍ତି' ବା 'ତି' ଥାଏ। ଗଚ୍ଛନ୍ତି, ଦଦତି ଇତ୍ୟାଦି । ଏହି 'ନ୍ତି' ବା 'ତି' ସ୍ଥାନରେ 'ତ୍' କରାଗଲେ ଶତୃ ପ୍ରତ୍ୟୟଯୁକ୍ତ ମୂଳ କୃଦନ୍ତ ପଦଟି ତିଆରି ହୋଇଥାଏ।**

ଗଚ୍ଛନ୍ତି ରୁ ଗଚ୍ଛତ୍ (ଗମ୍+ଶତୃ) ବିଭ୍ୟତି ରୁ ବିଭ୍ୟତ୍ (ଭୀ+ଶତୃ) ଦଦତିରୁ ଦଦତ୍ (ଦା + ଶତୃ) ଇତ୍ୟାଦି।

'ନ୍ତି' ଲୋପପରେ 'ତ୍' ହୋଇଥିବା ଶତୃ ପ୍ରତ୍ୟୟାନ୍ତ ପଦ ବିଶେଷଣ ହେତୁ ପୁଂଲିଙ୍ଗରେ ଗଚ୍ଛତ୍ ଶବ୍ଦ ପରି ସ୍ତ୍ରୀଲିଙ୍ଗରେ ଙୀପ୍ ପ୍ରତ୍ୟୟଯୁକ୍ତ ହୋଇ ନଦୀ ଶବ୍ଦପରି ଏବଂ କ୍ଳୀବଲିଙ୍ଗରେ ଗଚ୍ଛତ୍ ଶବ୍ଦ ପରି ରୂପ ହୁଏ ।

ମାତ୍ର ଦଦତ୍, ବିଭ୍ୟତ୍, ଶାସତ୍ ପରି କେତେକ ଶବ୍ଦର ରୂପ ପୁଂଲିଙ୍ଗରେ 'ଭୂଭୃତ୍' ଶବ୍ଦ ପରି ସ୍ତ୍ରୀଲିଙ୍ଗରେ ଙୀପ୍ ପ୍ରତ୍ୟୟଯୁକ୍ତ ହୋଇ ନଦୀ ଶବ୍ଦ ପରି ଏବଂ କ୍ଳୀବଲିଙ୍ଗରେ ଦଦତ୍ ଶବ୍ଦ ପରି ରୂପ ହୁଏ । ପ୍ରାୟ 'ତି' ଲୋପ ହୋଇ 'ତ୍' ହୋଇଥିବା ପଦର ଭୂଭୃତ୍ ପରି ରୂପ ହୁଏ ।

| ମୂଳଧାତୁ | ଶତୃ ପ୍ରତ୍ୟୟ ନିଷ୍ପନ୍ନ ମୂଳ କୃଦନ୍ତ ପଦ | ପୁଂଲିଙ୍ଗ | ସ୍ତ୍ରୀଲିଙ୍ଗ | କ୍ଳୀବଲିଙ୍ଗ |
|---|---|---|---|---|
| ଗମ୍- | ଗଚ୍ଛତ୍ | ଗଚ୍ଛନ୍ | ଗଚ୍ଛନ୍ତୀ | ଗଚ୍ଛତ୍ |
| ସ୍ଥା- | ତିଷ୍ଠତ୍ | ତିଷ୍ଠନ୍ | ତିଷ୍ଠନ୍ତୀ | ତିଷ୍ଠତ୍ |
| ଦା- | ଦଦତ୍ | ଦଦତ୍ | ଦଦତୀ | ଦଦତ୍ |
| ଭୀ- | ବିଭ୍ୟତ୍ | ବିଭ୍ୟତ୍ | ବିଭ୍ୟତୀ | ବିଭ୍ୟତ୍ |
| ଶାସ୍- | ଶାସତ୍ | ଶାସତ୍ | ଶାସତୀ | ଶାସତ୍ |

## ଶତୃ ପ୍ରତ୍ୟୟାନ୍ତ ପଦର ପ୍ରୟୋଗାତ୍ମକ ଉଦାହରଣ

(କ) ବାଳକଟି ଯାଉଥିବାବେଳେ (ବା ଯାଉଯାଉ କିମ୍ବା ଯାଉଥିବା ବାଳକଟି) ପଡ଼ିଗଲା- ବାଳକଃ ଗଚ୍ଛନ୍ ଅପତତ୍ ।

(ଖ) ଯାଉଥିବା ବାଳକଟିକୁ ଦେଖ - ଗଚ୍ଛନ୍ତଂ ବାଳକଂ ପଶ୍ୟ ।

(ଗ) ଯାଉଥିବା ଭିକାରିକୁ ଟଙ୍କାଟିଏ ଦିଅ - ଗଚ୍ଛତେ ଭିକ୍ଷୁକାୟ ଏକଂ ରୂପ୍ୟକଂ ଦେହି ।

(ଘ) ଯାଉଥିବା ବାଳକଟିର ନାମ କ'ଣ ?
ଗଚ୍ଛତଃ ବାଳକସ୍ୟ ନାମ କିମ୍ ?

(ଙ) ଝିଅଟି ଯାଉଯାଉ / ଯାଉଥିବାବେଳେ ପଡ଼ିଗଲା ।
ବାଳିକା ଗଚ୍ଛନ୍ତୀ ଅପତତ୍ ।

(ଚ) ଗାଡ଼ିଟି ଯାଉଯାଉ ପଡ଼ିଗଲା ।
ଯାନଂ ଗଚ୍ଛତ୍ ଅପତତ୍ ।

(ଛ) ଦେଖୁଥିବା / ଚାହୁଁଥିବା ଝିଅର ଘର କେଉଁଠି ?
ପଶ୍ୟନ୍ତ୍ୟାଃ ବାଳିକାୟାଃ ଗୃହଂ କୁତ୍ର ?

(ଜ) ଗଛରୁ ପଡୁଥିବା ଫଳଗୁଡ଼ିକ ଆଣ ।
ବୃକ୍ଷାତ୍ ପତନ୍ତି ଫଳାନି ଆନୟ ।

ଉପରି ଲିଖିତ ଉଦାହରଣଗୁଡ଼ିକୁ ଲକ୍ଷ୍ୟକଲେ ଜଣାଯାଏ- ବିଶେଷ୍ୟ ଅନୁସାରେ ଶତୃ ପ୍ରତ୍ୟୟାନ୍ତ ରୂପ ନିରୂପିତ ହୋଇଛି ।

ଯଥା- (କ) ବାକ୍ୟରେ ବିଶେଷ୍ୟ **ବାଳକଃ** ପୁଂଲିଙ୍ଗ ପ୍ରଥମା ବିଭକ୍ତି ଏକବଚନରେ ଥିବାରୁ ବିଶେଷଣ ରୂପେ **ଗଚ୍ଛତ୍** ଶବ୍ଦ ମଧ୍ୟ ପୁଂଲିଙ୍ଗ ପ୍ରଥମା ବିଭକ୍ତି ଏକବଚନରେ **'ଗଚ୍ଛନ୍'** ହୋଇଛି ।

(ଖ) ବାକ୍ୟରେ **ବାଳକଂ** ପୁଂଲିଙ୍ଗ ୨ୟା ବିଭକ୍ତି ଏକବଚନରେ ଥିବାରୁ ତା'ର ବିଶେଷଣ ରୂପେ **ଗଚ୍ଛତ୍** ଶବ୍ଦର ପୁଂଲିଙ୍ଗ ୨ୟା ବିଭକ୍ତି ଏକବଚନ ରୂପ **'ଗଚ୍ଛନ୍ତମ୍'** ହୋଇଛି ।

(ଗ) ବାକ୍ୟରେ **'ଭିକ୍ଷୁକାୟ'** ପୁଂଲିଙ୍ଗ ୪ର୍ଥୀ ବିଭକ୍ତି ଏକବଚନରେ ଥିବାରୁ ତା'ର ବିଶେଷଣ **ଗଚ୍ଛତ୍** ଶବ୍ଦର ପୁଂଲିଙ୍ଗ ୪ର୍ଥୀ ବିଭକ୍ତି ଏକବଚନରେ **'ଗଚ୍ଛତେ'** ହୋଇଛି ।

(ଘ) ବାକ୍ୟରେ **'ବାଳକସ୍ୟ'** ପୁଂଲିଙ୍ଗ ଷଷ୍ଠୀ ବିଭକ୍ତି ଏକବଚନରେ ଥିବାରୁ ତା'ର ବିଶେଷଣ **ଗଚ୍ଛତ୍** ଶବ୍ଦର ପୁଂଲିଙ୍ଗ ୬ଷ୍ଠୀ ଏକବଚନରେ **'ଗଚ୍ଛତଃ'** ହୋଇଛି।

(ଙ) ବାକ୍ୟରେ **'ବାଳିକା'** ସ୍ତ୍ରୀଲିଙ୍ଗ ୧ମା ବିଭକ୍ତି ଏକବଚନ ହୋଇଥିବାରୁ ତା'ର ବିଶେଷଣ **ଗଚ୍ଛତ୍** ଶବ୍ଦର ସ୍ତ୍ରୀଲିଙ୍ଗ ପ୍ରଥମା ବିଭକ୍ତି ଏକବଚନ **'ଗଚ୍ଛନ୍ତୀ'** ହେଲା ।

(ଚ) ବାକ୍ୟରେ **'ଯାନଂ'** କ୍ଳୀବଲିଙ୍ଗ ପ୍ରଥମା ବିଭକ୍ତି ଏକବଚନ ହୋଇଥିବାରୁ ତା'ର ବିଶେଷଣ **ଗଚ୍ଛତ୍** ଶବ୍ଦର କ୍ଳୀବଲିଙ୍ଗ ପ୍ରଥମା ବିଭକ୍ତି ଏକବଚନରେ **'ଗଚ୍ଛତ୍'** ହେଲା ।

(ଛ) ବାକ୍ୟରେ **'ବାଳିକାୟାଃ'** ସ୍ତ୍ରୀଲିଙ୍ଗ ୬ଷ୍ଠୀ ବିଭକ୍ତି ଏକବଚନ ହୋଇଥିବାରୁ **ପଶ୍ୟତ୍** ଶବ୍ଦର ସ୍ତ୍ରୀଲିଙ୍ଗ **ପଶ୍ୟନ୍ତୀ**ର ୬ଷ୍ଠୀ ବିଭକ୍ତି ଏକବଚନ ରୂପ **'ପଶ୍ୟନ୍ତ୍ୟାଃ'** ହୋଇଛି ।

(ଜ) ବାକ୍ୟରେ **'ଫଳାନି'** କ୍ଳୀବଲିଙ୍ଗ ୧ମା ବିଭକ୍ତି ବହୁବଚନରେ ରହିଥିବାରୁ ତା'ର ବିଶେଷଣ ପତତ୍ ଶବ୍ଦର କ୍ଳୀବଲିଙ୍ଗ ୧ମା ବିଭକ୍ତି ବହୁବଚନରେ **'ପତନ୍ତି'** ହୋଇଛି ।

**ଏଠାରେ ପତନ୍ତି-ତିଙନ୍ତ ରୂପ ନୁହେଁ- (ପତତ୍, ପତନ୍ତୀ, ପତନ୍ତି ଶବ୍ଦରୂପ)**

**ମନେରଖ :-**

ଭ୍ୱାଦିଗଣୀୟ ଓ ଦିବାଦିଗଣୀୟ ଧାତୁ ନିଷ୍ପନ୍ନ ଶତୃ ପ୍ରତ୍ୟୟାନ୍ତ ଶବ୍ଦର ସ୍ତ୍ରୀଲିଙ୍ଗରେ 'ନ୍'ର ଆଗମ ହୁଏ- ଯଥା : ଭବତ୍-ଭବନ୍ତୀ, ଗଚ୍ଛତ୍-ଗଚ୍ଛନ୍ତୀ, ଦୀବ୍ୟତ୍-ଦୀବ୍ୟନ୍ତୀ, ନଶ୍ୟତ୍-ନଶ୍ୟନ୍ତୀ ।

ତୁଦାଦି ଗଣୀୟ ଓ ଆକାରାନ୍ତ ଅଦାଦିଗଣୀୟ ଧାତୁ ନିଷ୍ପନ୍ନ ଶତୃ ପ୍ରତ୍ୟୟାନ୍ତ ଶବ୍ଦର ସ୍ତ୍ରୀଲିଙ୍ଗରେ ବିକଳ୍ପରେ 'ତ୍'ର ଆଗମ ହୁଏ । ଯଥା: ତୁଦତ୍ - ତୁଦତୀ, ତୁଦନ୍ତୀ । ସ୍ନା- ସ୍ନାତୀ, ସ୍ନାନ୍ତୀ । ମା- ମାତୀ, ମାନ୍ତୀ ।

କେତେକ ଶତୃ ପ୍ରତ୍ୟୟାନ୍ତ ଶବ୍ଦର ମୂଳଧାତୁ, ପୁଂଲିଙ୍ଗ ଏବଂ ସ୍ତ୍ରୀଲିଙ୍ଗର ଉଦାହରଣ

| **ମୂଳଧାତୁ** | **ଶତୃ ପ୍ରତ୍ୟୟାନ୍ତ ଶବ୍ଦ** | **ପୁଂଲିଙ୍ଗ** | **ସ୍ତ୍ରୀଲିଙ୍ଗ** |
|---|---|---|---|
| ପଠ୍ | ପଠତ୍ | ପଠନ୍ | ପଠନ୍ତୀ |
| ପ୍ରଚ୍ଛ୍ | ପୃଚ୍ଛତ୍ | ପୃଚ୍ଛନ୍ | ପୃଚ୍ଛନ୍ତୀ |
| ଦୃଶ୍ | ପଶ୍ୟତ୍ | ପଶ୍ୟନ୍ | ପଶ୍ୟନ୍ତୀ |
| ପା | ପିବତ୍ | ପିବନ୍ | ପିବନ୍ତୀ |
| ସ୍ଥା | ତିଷ୍ଠତ୍ | ତିଷ୍ଠନ୍ | ତିଷ୍ଠନ୍ତୀ |
| କୃ | କୁର୍ବତ୍ | କୁର୍ବନ୍ | କୁର୍ବତୀ |
| ଦା | ଦଦତ୍ | ଦଦତ୍ | ଦଦତୀ |
| ଅସ | ସତ୍ | ସନ୍ | ସତୀ |
| ଭୀ | ବିଭ୍ୟତ୍ | ବିଭ୍ୟତ୍ | ବିଭ୍ୟତୀ |
| ଶ୍ରୁ | ଶୃଣ୍ୱତ୍ | ଶୃଣ୍ୱନ୍ | ଶୃଣ୍ୱତୀ |
| ଗୈ | ଗାୟତ୍ | ଗାୟନ୍ | ଗାୟନ୍ତୀ |
| ହନ୍ | ଘ୍ନତ୍ | ଘ୍ନନ୍ | ଘ୍ନନ୍ତୀ |
| କ୍ରୀ | କ୍ରୀଣତ୍ | କ୍ରୀଣନ୍ | କ୍ରୀଣତୀ |

## ଅଭ୍ୟାସ

**୧ । ଉଦାହରଣାନୁସାରଂ ଶୂନ୍ୟସ୍ଥାନଂ ପୂରୟତ ।**

ଯଥା:- ଭୂ + ଶତୃ = ଭବତ୍ - ପୁଂଲିଙ୍ଗେ ଭବନ୍ - ସ୍ତ୍ରୀଲିଙ୍ଗେ ଭବନ୍ତୀ

ତଥା - ଜ୍ଞା + ଶତୃ = ________ ________ ________

ନୀ + ଶତୃ = ________ ________ ________

ହସ୍ + ଶତୃ = ________ ________ ________

ରକ୍ଷ୍ + ଶତୃ = ________ ________ ________

ଶାସ୍ + ଶତୃ = ________ ଶାସତ୍ ଶାସତୀ

୨ । ଏକପଦେନ ଅର୍ଥଂ ପ୍ରକାଶୟତ ।

ଯଥା:- ଗମନଂ କୁର୍ବନ୍ ବା ଗଚ୍ଛତି ଯଃ = ଗଚ୍ଛନ୍

ଗମନଂ କୁର୍ବତୀ ବା ଗଚ୍ଛତି ଯା = ଗଚ୍ଛନ୍ତୀ

ଗମନଂ କୁର୍ବତ୍ ବା ଗଚ୍ଛତି ଯତ୍ = ଗଚ୍ଛତ୍

ତଥା – ଗାନଂ କୁର୍ବନ୍–

ସ୍ମରଣଂ କୁର୍ବନ୍ –

ପଠତି ଯଃ –

ପଶ୍ୟତି ଯା –

ଶୃଣୋତି ଯା –

ପାନଂ କୁର୍ବନ୍ –

କରୋତି ଯତ୍ –

ପତତି ଯତ୍ –

ଧାବତି ଯଃ –

ପଠତଃ ଯୌ –

ପଠନ୍ତି ଯେ –

ପତନ୍ତି ଯାନି –

ପଶ୍ୟନ୍ତି ଯାଃ

## ଶାନଚ୍ ପ୍ରତ୍ୟୟ (ଆନ, ମାନ, ଈନ)

'ଶତୃ' ପ୍ରତ୍ୟୟ ପରି 'ଶାନଚ୍' ପ୍ରତ୍ୟୟ ବିଶେଷଣ ରୂପେ ବ୍ୟବହୃତ ହୁଏ । ଆତ୍ମନେପଦୀ ଧାତୁ ପରେ 'ଶାନଚ୍' ପ୍ରତ୍ୟୟ ଲାଗେ ।

ଦୁଇଟି କ୍ରିୟା ଏକକାଳରେ ସମାହିତ ହେଲେ ତହିଁ ମଧ୍ୟରୁ ପୂର୍ବ କ୍ରିୟାରେ ବିଶେଷଣ ରୂପେ ଶାନଚ୍ ପ୍ରତ୍ୟୟ ବ୍ୟବହାର କରାଯାଏ । ଶାନଚ୍ ପ୍ରତ୍ୟୟଯୁକ୍ତ ଶବ୍ଦର ପୁଂଲିଙ୍ଗରେ 'ବାଳକ' ଶବ୍ଦ ପରି, ସ୍ତ୍ରୀଲିଙ୍ଗରେ ଟାପ୍ ପ୍ରତ୍ୟୟଯୁକ୍ତ ହୋଇ 'ଲତା' ଶବ୍ଦ ପରି ଏବଂ କ୍ଲୀବଲିଙ୍ଗରେ 'ଫଳ' ଶବ୍ଦ ପରି ରୂପ ହୁଏ ।

ଯଥାଃ– (୧) ପୁରସ୍କାରଂ ଲଭମାନଃ ବାଳକଃ ହସତି ।

(୨) ପିତରୌ ସେବମାନଃ ପୁତ୍ରଃ ସୁଖୀ ଭବତି

(୩) ଗୁରୁଜନେଭ୍ୟଃ ଲଜ୍ଜମାନା ବାଳିକା ନ ବଦତି ।

(୪) କମ୍ପମାନଂ ପୁଷ୍ପଂ ଭୂମୌ ଅପତତ୍ ।

(୧) ବାକ୍ୟରେ ଲଭମାନଃ (ଲଭ୍ + ଶାନଚ୍) ୧ମା ବିଭକ୍ତି ପୁଂଲିଙ୍ଗ ଏକବଚନ 'ବାଳକଃ'ର ବିଶେଷଣ ।

(୨) ବାକ୍ୟରେ ସେବମାନଃ (ସେବ୍ + ଶାନଚ୍) ପୁଂଲିଙ୍ଗ ୧ମା ବିଭକ୍ତି ଏକବଚନ 'ପୁତ୍ରଃ'ର ବିଶେଷଣ ।

(୩) ବାକ୍ୟରେ ଲଜ୍ଜମାନା (ଲଜ୍ଜ୍ + ଶାନଚ୍ + ଟାପ୍) ସ୍ତ୍ରୀଲିଙ୍ଗ ୧ମା ବିଭକ୍ତି ଏକବଚନ ବାଳିକାର ବିଶେଷଣ ।

(୪) ବାକ୍ୟରେ କମ୍ପମାନଂ (କମ୍ପ୍ + ଶାନଚ୍) କ୍ଲୀବଲିଙ୍ଗ ୧ମା ବିଭକ୍ତି ଏକବଚନ 'ପୁଷ୍ପଂ'ର ବିଶେଷଣ ।

ଭ୍ୱାଦିଗଣୀୟ, ତୁଦାଦିଗଣୀୟ, ଚୁରାଦିଗଣୀୟ ଓ ଦିବାଦିଗଣୀୟ ଧାତୁ ପରସ୍ଥିତ ଶାନଚ୍ ସ୍ଥାନରେ 'ମାନ' ହୁଏ । ଲଟ୍ ଲକାର ପ୍ରଥମ ପୁରୁଷ ଏକବଚନରେ ଯେଉଁ ରୂପ ହୁଏ ସେଥିରୁ 'ତେ' ପରିବର୍ତ୍ତେ 'ମାନ' ଲଗାଇଲେ ଶାନଚ୍ ପ୍ରତ୍ୟୟାନ୍ତ ଶବ୍ଦ ନିଷ୍ପନ୍ନ ହୁଏ ।

ଯଥା:- ବୃତ୍ - ବର୍ତ୍ତତେ - ବର୍ତ୍ତମାନ (ବୃତ୍ + ଶାନଚ୍)

ବୃଧ୍ + ଶାନଚ୍ = ବର୍ଦ୍ଧମାନ, ଦୀପ୍ + ଶାନଚ୍ = ଦୀପ୍ୟମାନ

ସେବ୍ + ଶାନଚ୍ = ସେବମାନ

ଯେଉଁ ଧାତୁମାନଙ୍କର ଲଟ୍‌ଲକାର ପ୍ରଥମ ପୁରୁଷ ଦ୍ୱିବଚନରେ 'ଆତେ' ଲାଗିଥାଏ (ଯଥା :- ଶୀ-ଶୟାତେ, କୃ-କୁର୍ବାତେ, କ୍ରୀ-କ୍ରୀଣାତେ, ଅଧି + ଇ = ଅଧୀୟାତେ) ସେହି ଧାତୁମାନଙ୍କର ଶାନଚ୍ ପ୍ରତ୍ୟୟରେ 'ଆନ' ହୁଏ ।

ଶୀଙ୍ + ଶାନଚ୍ = ଶୟାନ, କ୍ରୀ + ଶାନଚ୍ - କ୍ରୀଣାନ

କୃ + ଶାନଚ୍ = କୁର୍ବାଣ, ଅଧି + ଇ + ଶାନଚ୍ - ଅଧୀୟାନ

କିନ୍ତୁ 'ଆସ୍' ଧାତୁରେ 'ଶାନଚ୍' ପ୍ରତ୍ୟୟ ହେଲେ- ଶାନଚ୍ ସ୍ଥାନରେ 'ଇନ' ହୁଏ। ଯଥା:- ଆସ୍ + ଶାନଚ୍ = ଆସୀନ ।

## ବିଭିନ୍ନ ପ୍ରୟୋଗର ଉଦାହରଣ

୧ । ଆସୀନଂ ଯୁବକଂ ପଶ୍ୟ । (ବସିଥିବା ଯୁବକଙ୍କୁ ଦେଖ) । ଯୁବକଂର ବିଶେଷଣ ପୁଂଲିଙ୍ଗ ୨ୟା ବିଭକ୍ତି ହେତୁ ଆସୀନଂ (ଆସ୍ + ଶାନଚ୍) ପୁଂଲିଙ୍ଗ ୨ୟା ବିଭକ୍ତି ଏକବଚନ ହୋଇଛି ।

୨ । ଶୟାନଂ ବାଳକଂ ନ ଉତ୍ଥାପୟ । (ଶୋଇଥିବା ବାଳକକୁ ଉଠାଅ ନାହିଁ ।)

ଏଠାରେ **ବାଳକଂ** ପୁଂଲିଙ୍ଗ ୨ୟା ବିଭକ୍ତି ଏକବଚନ ତା'ର ବିଶେଷଣ **ଶୟାନଂ** (ଶୀଙ୍ + ଶାନଚ୍) ପୁଂଲିଙ୍ଗ ୨ୟା ବିଭକ୍ତି ଏକବଚନ ହୋଇଛି ।

(କର୍ମବାଚ୍ୟ ଓ ଭାବବାଚ୍ୟରେ ମଧ୍ୟ ଶାନଚ୍ ପ୍ରତ୍ୟୟ ହୁଏ । ତେନ ପଠ୍ୟମାନଂ ଶ୍ଳୋକମ୍ ଅହଂ ଶୃଣୋମି ।

ସେ ପଢୁଥିବା ଶ୍ଳୋକକୁ ମୁଁ ଶୁଣୁଛି । (ପଠ୍ + କର୍ମଣି ଶାନଚ୍)

## ଅଭ୍ୟାସ

**୧ । ଅଧସ୍ତନପଦାନାଂ ପ୍ରକୃତିଂ ପ୍ରତ୍ୟୟଂ ଚ ଲିଖତ ।**

ସେବମାନଃ, ବିଦ୍ୟମାନଃ, ବର୍ଦ୍ଧମାନଃ, କମ୍ପମାନଃ, ଶୟାନଃ, ଆସୀନଃ, ଅଧୀୟାନଃ, କୁର୍ବାଣଃ

**୨ । ଉଦାହରଣାନୁସାରଂ ଶୂନ୍ୟସ୍ଥାନଂ ପୂରୟତ ।**

ଯଥା:- ଶୁଭ୍ + ଶାନଚ୍ = ଶୋଭମାନଃ

ତଥା- ................ + ଶାନଚ୍ = ବେପମାନଃ

ମନ୍ + ................ = ମନ୍ୟମାନଃ

............... + ............... = ବର୍ତ୍ତମାନଃ

............... + ଶାନଚ୍ = ଯତମାନଃ

ଆସ୍ + ............... + ଟାପ୍ = ଆସୀନା

ଦା + ............... = ଦଦାନଃ

**୩। ଏକପଦେନ ଅର୍ଥଂ ପ୍ରକାଶୟତ ।**

ଦଣ୍ଡେ ଯଃ, ଲାଭଂ କୁର୍ବନ୍, ଶୟନଂ କୁର୍ବାଣଃ, ଲଭତେ ଯା, ବେପତେ ଯତ୍, କମ୍ପତେ ଯେ, ଲଭତେ ଯତ୍, କୁରୁତେ ଯଃ, ଦାନଂ କୁର୍ବାଣା

## 'କ୍ତ୍ୱା' ପ୍ରତ୍ୟୟ (ତ୍ୱା)

ସାଧାରଣତଃ ବାକ୍ୟରେ ପୂର୍ବକାଳ ବୋଧକ (ପ୍ରଥମେ ସମ୍ପନ୍ନ ହେଉଥିବା କ୍ରିୟା) ଅସମାପିକା କ୍ରିୟାପଦ ଗଠନ ପାଇଁ 'କ୍ତ୍ୱା' ପ୍ରତ୍ୟୟ ବ୍ୟବହାର କରାଯାଏ । **ଗୋଟିଏ ବାକ୍ୟରେ ସମାପିକା କ୍ରିୟା (ପରେ ହେଉଥିବା କ୍ରିୟା) ଏବଂ ଅସମାପିକା କ୍ରିୟାର କର୍ତ୍ତା ସମାନ ହେଲେ ଧାତୁରେ ଏହି 'କ୍ତ୍ୱା' ପ୍ରତ୍ୟୟ ହୁଏ ।**

ଯଥା :- ରାମଃ <u>ଖାଦିତ୍ୱା</u> ବିଦ୍ୟାଳୟମ୍ <u>ଅଗଚ୍ଛତ୍</u> ।

ରାମ ଖାଇସାରି ବିଦ୍ୟାଳୟକୁ ଗଲା । ଏଠାରେ 'ଖାଦିତ୍ୱା' ଅସମାପିକା କ୍ରିୟା ଏବଂ ପୂର୍ବକାଳବୋଧକ ଅର୍ଥାତ୍ ପ୍ରଥମେ ଖାଇବା କାମ ସମ୍ପନ୍ନ ହେଉଛି ତା'ପରେ ବିଦ୍ୟାଳୟକୁ ଯିବା କାମ (ଅଗଚ୍ଛତ୍) ସମାପିକା କ୍ରିୟା ପରକାଳରେ ସମ୍ପନ୍ନ ହେଉଛି । ଉଭୟ କ୍ରିୟାର କର୍ତ୍ତା ରାମ । ତେଣୁ ପୂର୍ବକାଳରେ ଖାଦିତ୍ୱା (ଖାଦ୍ + କ୍ତ୍ୱା) ବ୍ୟବହୃତ ହୋଇଛି । ସମାପିକା କ୍ରିୟା **ଏବଂ ଅସମାପିକା କ୍ରିୟାର କର୍ତ୍ତା ପୃଥକ୍ ହେଲେ 'କ୍ତ୍ୱା' ପ୍ରତ୍ୟୟ ହୁଏ ନାହିଁ ।** 'କ୍ତ୍ୱା' ପ୍ରତ୍ୟୟାନ୍ତ ପଦଗୁଡ଼ିକ ଅବ୍ୟୟ ।

ସାଧାରଣତଃ ଦେଖି, ଶୁଣି, ପଢ଼ି, ଖାଇ, ଯାଇ, ହସି, ଜାଣି ବା ଦେଖିବା ପରେ ଶୁଣିବା ପରେ ପ୍ରଭୃତି ଅର୍ଥ ବୁଝାଉଥିଲେ ଏହି 'କ୍ତ୍ୱା' ପ୍ରତ୍ୟୟ ହୁଏ ।

କେତେକ ପ୍ରୟୋଗର ଉଦାହରଣ -

୧. ତବ ବଚନଂ <u>ଶ୍ରୁତ୍ୱା</u> ହରିଃ ଅକୁପ୍ୟତ୍ । (ଶ୍ରୁ + କ୍ତ୍ୱା)

ତୁମ କଥା ଶୁଣି ହରି ରାଗିଥିଲା ।

୨. ଗୋପାଳଃ ଗାଃ <u>ଦୁଗ୍ଧ୍ୱା</u> ବିପଣୀଂ ନୟତି (ଦୁହ୍ + କ୍ତ୍ୱା)

ଗୋପାଳ ଗାଈ ଦୁହିଁ ବଜାରକୁ ନେଉଛି ।

୩. ତ୍ୱଂ ଚିତ୍ରଂ <u>ଦୃଷ୍ଟ୍ୱା</u> ଉତ୍ତରଂ ଲିଖ । (ଦୃଶ୍ + କ୍ତ୍ୱା)

ତୁମେ ଛବି ଦେଖି ଉତ୍ତର ଲେଖ ।

## ଲ୍ୟପ୍ ପ୍ରତ୍ୟୟ (ଯ, ଯ)

ମନେରଖ ଉପସର୍ଗଯୁକ୍ତ ନ ହୋଇଥିବା ଧାତୁରେ ଅସମାପିକା କ୍ରିୟା ଅର୍ଥରେ 'କ୍ତ୍ୱା' ପ୍ରତ୍ୟୟ ହୁଏ । କିନ୍ତୁ ସେହି ଅସମାପିକା କ୍ରିୟା ଅର୍ଥରେ ପ୍ର, ପରା ପ୍ରଭୃତି **ଉପସର୍ଗ**, ନମସ୍, ପୁରସ୍, ତିରସ୍ ପ୍ରଭୃତି **ଉପପଦ ଯୁକ୍ତ ଧାତୁରେ 'କ୍ତ୍ୱା' ସ୍ଥାନରେ 'ଲ୍ୟପ୍' ପ୍ରତ୍ୟୟ ଆଦେଶ ହୁଏ ।**

**ଉପସର୍ଗହୀନ ଧାତୁରେ 'କ୍ତ୍ୱା' ପ୍ରତ୍ୟୟ ହୁଏ ।**

**ଉପସର୍ଗଯୁକ୍ତ ଧାତୁରେ 'ଲ୍ୟପ୍' ପ୍ରତ୍ୟୟ ହୁଏ ।**

ଧାତୁ ପୂର୍ବରେ 'ନଞ୍' ରହିଲେ 'କ୍ତ୍ୱା' ରହେ ।

ଉଦାହରଣ :-

୧ । ବିଦ୍ୟାଳୟମ୍ ଆଗତ୍ୟ ପଠିଷ୍ୟସି ।

ବିଦ୍ୟାଳୟକୁ ଆସି ପଢ଼ିବ ।

ଏଠାରେ ଆ ଉପସର୍ଗଯୁକ୍ତ ଗମ୍ ଧାତୁରେ 'ଲ୍ୟପ୍' ପ୍ରତ୍ୟୟ ହୋଇଛି । ଆ + ଗମ୍ + ଲ୍ୟପ୍ = ଆଗତ୍ୟ

୨ । ପୁସ୍ତକମ୍ ଆନୀୟ ଆଗଚ୍ଛ ।

ବହିକୁ ଆଣି ଆସ । ଏଠାରେ ଆ + ନୀ + ଲ୍ୟପ୍ = ଆନୀୟ ହୋଇଛି ।

### କ୍ତ୍ୱା ଏବଂ ଲ୍ୟପ୍ ପ୍ରୟୋଗ ମଧ୍ୟରେ ପାର୍ଥକ୍ୟ

| | |
|---|---|
| ଦା + କ୍ତ୍ୱା = ଦତ୍ତ୍ୱା (ଦାନକରି) | ପ୍ର + ଦା + ଲ୍ୟପ୍ = ପ୍ରଦାୟ (ଦାନକରି / ପ୍ରଦାନକରି) |
| ଗ୍ରହ୍ + କ୍ତ୍ୱା = ଗୃହୀତ୍ୱା (ଗ୍ରହଣକରି) | ସମ୍ + ଗ୍ରହ୍ + ଲ୍ୟପ୍ = ସଂଗୃହ୍ୟ (ଗ୍ରହଣକରି/ସଂଗ୍ରହକରି) |
| ନୀ + କ୍ତ୍ୱା = ନୀତ୍ୱା (ନେଇ) | ଆ + ନୀ + ଲ୍ୟପ୍ = ଆନୀୟ (ଆଣି) |
| ହନ୍ + କ୍ତ୍ୱା = ହତ୍ୱା (ହତ୍ୟାକରି) | ନି + ହନ୍ + ଲ୍ୟପ୍ = ନିହତ୍ୟ (ନିହତକରି) |
| ଜ୍ଞା + କ୍ତ୍ୱା = ଜ୍ଞାତ୍ୱା (ଜାଣି) | ବି + ଜ୍ଞା + ଲ୍ୟପ୍ = ବିଜ୍ଞାୟ (ଜାଣି) |
| ନମ୍ + କ୍ତ୍ୱା = ନତ୍ୱା (ନମସ୍କାର କରି) | ପ୍ର + ନମ୍ + ଲ୍ୟପ୍ = (ପ୍ରଣମ୍ୟ) (ପ୍ରଣାମକରି) |
| କୃ + କ୍ତ୍ୱା = କୃତ୍ୱା (କରି) | ପୁରସ୍ + କୃ + ଲ୍ୟପ୍ = ପୁରସ୍କୃତ୍ୟ (ପୁରସ୍କାର ଦେଇ) |

କେତେକ 'କ୍ତ୍ୱା' ପ୍ରତ୍ୟୟାନ୍ତ ପଦ

ଭୂ + କ୍ତ୍ୱା = ଭୂତ୍ୱା (ହୋଇ)

ଭୀ + କ୍ତ୍ୱା = ଭୀତ୍ୱା (ଡରି)

କ୍ରୀ + କ୍ତ୍ୱା = କ୍ରୀତ୍ୱା (କିଣି)

ପା + କ୍ତ୍ୱା = ପୀତ୍ୱା (ପାନ କରି)

ପା + କ୍ତ୍ୱା = ପାତ୍ୱା (ରକ୍ଷାକରି)

ସ୍ଥା + କ୍ତ୍ୱା = ସ୍ଥିତ୍ୱା (ରହି)

ଗ୍ରନ୍ଥ + କ୍ତ୍ୱା = ଗ୍ରଥିତ୍ୱା (ରହି)

ଚି + କ୍ତ୍ୱା = ଚିତ୍ୱା (ତୋଳି) ଚୟନ କରି

ଦା + କ୍ତ୍ୱା = ଦତ୍ତ୍ୱା (ଦେଇ)

ବଚ୍ + କ୍ତ୍ୱା = ଉକ୍ତ୍ୱା (କହି)

ଦୃଶ୍ + କ୍ତ୍ୱା = ଦୃଷ୍ଟ୍ୱା (ଦେଖି)

ପ୍ରଚ୍ଛ୍ + କ୍ତ୍ୱା = ପୃଷ୍ଟ୍ୱା (ପଚାରି)

ବନ୍ଧ୍ + କ୍ତ୍ୱା = ବଦ୍ଧ୍ୱା (ବାନ୍ଧି)

ଦହ୍ + କ୍ତ୍ୱା = ଦଗ୍ଧ୍ୱା (ପୋଡ଼ି / ଦହନ କରି)

ଦୁହ୍ + କ୍ତ୍ୱା = ଦୁଗ୍ଧ୍ୱା (ଦୁହିଁ / ଦୋହନ କରି)

ଲଭ୍ + କ୍ତ୍ୱା = ଲବ୍ଧ୍ୱା (ଲାଭକରି)

ପଚ୍ + କ୍ତ୍ୱା = ପକ୍ତ୍ୱା (ରାନ୍ଧି)

ଯଜ୍ + କ୍ତ୍ୱା = ଇଷ୍ଟ୍ୱା (ଯଜ୍ଞକରି)

ଭୁଜ୍ + କ୍ତ୍ୱା = ଭୁକ୍ତ୍ୱା (ଭୋଗକରି)

ସହ୍ + କ୍ତ୍ୱା = ସୋଢ୍ୱା (ସହି)

ବହ୍ + କ୍ତ୍ୱା = ଉଢ୍ୱା (ବହନକରି)

ବସ୍ + କ୍ତ୍ୱା = ଉଷିତ୍ୱା (ବାସକରି)

କେତେକ ଲ୍ୟପ୍ ପ୍ରତ୍ୟୟାନ୍ତ ଶବ୍ଦ

ପ୍ର + ବିଶ୍ + ଲ୍ୟପ୍ = ପ୍ରବିଶ୍ୟ (ପ୍ରବେଶ କରି)

ଉପ + ବିଶ୍ + ଲ୍ୟପ୍ = ଉପବିଶ୍ୟ (ବସିକରି)

ପ୍ର + ଦା + ଲ୍ୟପ୍ = ପ୍ରଦାୟ (ପ୍ରଦାନକରି)

ଆ + ଦା + ଲ୍ୟପ୍ = ଆଦାୟ (ଆଣି)

ପ୍ର + ବସ୍ + ଲ୍ୟପ୍ = ପ୍ରୋଷ୍ୟ (ପ୍ରବାସ କରି / ବାସକରି) ବସ୍ - ବସତି (ବାସକରୁଛି)

ପ୍ର + ବସ୍ + ଲ୍ୟପ୍ = ପ୍ରବସ୍ୟ (ପିନ୍ଧି) ବସ୍ - ବସ୍ତେ (ପିନ୍ଧୁଛି)

ସମ୍ + ଚି + ଲ୍ୟପ୍ = ସଞ୍ଚିତ୍ୟ (ସଞ୍ଚୟ କରି)

ସମ୍ + ଚିନ୍ତ୍ + ଲ୍ୟପ୍ = ସଞ୍ଚିନ୍ତ୍ୟ (ଚିନ୍ତାକରି)

ପ୍ର + ନମ୍ + ଲ୍ୟପ୍ = ପ୍ରଣମ୍ୟ / ପ୍ରଣତ୍ୟ (ପ୍ରଣାମ କରି)

ଆ + ଗମ୍ + ଲ୍ୟପ୍ = ଆଗମ୍ୟ / ଆଗତ୍ୟ (ଆସି)

ନି + ଶମ୍ + ଣିଚ୍ + ଲ୍ୟପ୍ = ନିଶମ୍ୟ (ଶୁଣି)

ନି + ଶମ୍ + ଣିଚ୍ + ଲ୍ୟପ୍ = ନିଶାମ୍ୟ (ଦେଖି)

ପ୍ର + ଆପ୍ + ଲ୍ୟପ୍ = ପ୍ରାପ୍ୟ (ପାଇ / ଲାଭକରି)

ଅଭି + ଧା + ଲ୍ୟପ୍ = ଅଭିଧାୟ (କହି)

ପରି + ଧା + ଲ୍ୟପ୍ = ପରିଧାୟ (ପିନ୍ଧି)

ବି + ହା + ଲ୍ୟପ୍ = ବିହାୟ (ତ୍ୟାଗକରି)

ବି + ଧା + ଲ୍ୟପ୍ = ବିଧାୟ (କରି)

ବି + ଲୋକ୍ + ଲ୍ୟପ୍ = ବିଲୋକ୍ୟ (ଦେଖି)

ଉପ + ଇ + ଲ୍ୟପ୍ = ଉପେତ୍ୟ (ନିକଟକୁ ଯାଇ)

ଉତ୍ + ସ୍ଥା + ଲ୍ୟପ୍ = ଉତ୍ଥାୟ (ଉଠି)

## ଅଭ୍ୟାସ

**୧। ପ୍ରକୃତିଂ ପ୍ରତ୍ୟୟଂ ଚ ନିରୂପୟତ ।**

କୃଷ୍ଟ୍ୱା, ବିହାୟ, ଉତ୍ଥାୟ, ପରିଧାୟ, ଆଗମ୍ୟ, ଲବ୍ଧ୍ୱା, ଭୀତ୍ୱା, ରୁଦିତ୍ୱା

**୨। ଏକପଦେନ ଅର୍ଥଂ ପ୍ରକାଶୟତ ।**

ପ୍ରବାସାତ୍ ପରମ୍, ପ୍ରଦାନାତ୍ ଅନନ୍ତରମ୍, ଦାନଂ କୃତ୍ୱା, ଶ୍ରବଣାତ୍ ଅନନ୍ତରମ୍, ଅବଲୋକନାତ୍ ପରମ୍

**୩। ଉଦାହରଣାନୁସାରଂ ଶୂନ୍ୟସ୍ଥାନଂ ପୂରୟତ ।**

ଯଥା- ବି + କୃ + ଲ୍ୟପ୍ = ବିକୀର୍ଯ୍ୟ

ତଥା- ବି + ସ୍ତୃ + ଲ୍ୟପ୍ =

ନି + ଶମ୍ + ______ + ଲ୍ୟପ୍ = ନିଶମ୍ୟ

ପ୍ର + ______ + ଲ୍ୟପ୍ = ପ୍ରୋଷ୍ୟ

ଅଧି + ବସ୍ + ______ = ଅଧ୍ୟୁଷ୍ୟ

ଉତ୍ + ______ + ଲ୍ୟପ୍ = ଉଦ୍ଧୃତ୍ୟ

ନି + ______ + ଲ୍ୟପ୍ = ନିହତ୍ୟ

ଉପ + ______ + ଲ୍ୟପ୍ = ଉପସୃତ୍ୟ

ଅଧି + ସ୍ଥା + ଲ୍ୟପ୍ = ______

______ + ସୃ + ଲ୍ୟପ୍ = ଅପସୃତ୍ୟ

## ତୁମୁନ୍ (ତୁମ୍)

ଗୋଟିଏ ବାକ୍ୟରେ ନିମିତ୍ତାର୍ଥବୋଧକ ଅସମାପିକା କ୍ରିୟା ଏବଂ ସମାପିକାକ୍ରିୟାର କର୍ତ୍ତା ସମାନ ବା ଏକ ହୋଇଥିଲେ ନିମିତ୍ତାର୍ଥବୋଧକ (ଭବିଷ୍ୟତ ବା ପରକାଳକୁ) ବୁଝାଉଥିବା ଧାତୁରେ ତୁମୁନ୍ ପ୍ରତ୍ୟୟ ହୁଏ । ସାଧାରଣତଃ ନିମନ୍ତେ, ପାଇଁ ଅର୍ଥରେ ଏହାର ବ୍ୟବହାର କରାଯାଏ । ତୁମୁନ୍ ପ୍ରତ୍ୟୟାନ୍ତ ପଦଗୁଡ଼ିକ ଅବ୍ୟୟ ।

**ଉଦାହରଣ - (୧) ଅହଂ ନୃତ୍ୟଂ <u>ଦ୍ରଷ୍ଟୁଂ</u> ଗମିଷ୍ୟାମି ।**

**ମୁଁ ନାଚ ଦେଖିବାକୁ ଯିବି । ଦେଖିବାକୁ ପରକାଳକୁ ବୁଝାଉଛି । ତେଣୁ ଦ୍ରଷ୍ଟୁଂ (ଦୃଶ୍ + ତୁମୁନ୍) ଅସମାପିକା କ୍ରିୟା । ଗମିଷ୍ୟାମି (ଯିବି) ସମାପିକା କ୍ରିୟା । ଉଭୟ କ୍ରିୟାର କର୍ତ୍ତା ଅହମ୍ ।**

(୨) ତ୍ୱଂ ଖାଦିତୁମ୍ ଆଗଚ୍ଛ । ତୁମେ ଖାଇବାକୁ ଆସ । ଏଠାରେ ଖାଦିତୁମ୍ (ଖାଦ୍ + ତୁମୁନ୍) ପରକାଳକୁ ବୁଝାଉଛି ।

(୩) ରାମଃ ପଠିତୁଂ ବିଦ୍ୟାଳୟଂ ଗଚ୍ଛତି ।

ଏଠାରେ ପଠିତୁମ୍ (ପଠ୍ + ତୁମୁନ୍) ପଢ଼ିବା ପାଇଁ ପରକାଳକୁ ବୁଝାଉଛି ।

**କର୍ତ୍ତା ପୃଥକ୍ ହେଲେ ତୁମୁନ୍ ପ୍ରତ୍ୟୟ ହେବ ନାହିଁ ।** ସେଠାରେ 'ତୁମର୍ଥାଚ୍ଚ ଭାବ ବଚନାତ୍' (ତୁମର୍ଥେ ୪ର୍ଥୀ) ହେବ ।

ଯଥା : (୧) ରାମ ଶ୍ୟାମକୁ ପଢ଼ିବାକୁ କହିଲା ।

ରାମଃ ଶ୍ୟାମଂ ପଠନାୟ ଅବଦତ୍ ।

(୨) ହରି ଶ୍ୟାମକୁ ଯିବା ପାଇଁ ପ୍ରେରଣା ଦେଉଛି ।

ହରିଃ ଶ୍ୟାମଂ ଗମନାୟ ପ୍ରେରୟତି ।

୧– ବାକ୍ୟରେ ପଢ଼ିବା ଏବଂ କହିବାର କର୍ତ୍ତା ପୃଥକ୍ । ପଢ଼ିବା କ୍ରିୟାର – କର୍ତ୍ତା ଶ୍ୟାମ, କହିବା କ୍ରିୟାର କର୍ତ୍ତା ରାମ ।

୨– ବାକ୍ୟରେ ଗମନର କର୍ତ୍ତା ଶ୍ୟାମ ଏବଂ ପ୍ରେରଣାଦେଉଛିର କର୍ତ୍ତା ହରି ।

ଏଣୁ କର୍ତ୍ତା ସମାନ ହେଉ ନଥିବାରୁ 'ତୁମୁନ୍' ପ୍ରତ୍ୟୟାନ୍ତ ପଦ ବ୍ୟବହାର କରାଯିବ ନାହିଁ ।

## ଅଭ୍ୟାସ

**୧ । ଉଦାହରଣାନୁସାରଂ ଶୂନ୍ୟସ୍ଥାନଂ ପୂରୟତ ।**

ଯଥା :- ଦୃଶ୍ + ତୁମୁନ୍ = ଦ୍ରଷ୍ଟୁମ୍ ।　　ଶ୍ରୁ + ତୁମୁନ୍ = ଶ୍ରୋତୁମ୍

ତଥା :- କୃ + ______ = କର୍ତ୍ତୁମ୍　　ବହ୍ + ______ = ବୋଢୁମ୍

______ + ତୁମୁନ୍ = ହନ୍ତୁମ୍　　______ + ତୁମୁନ୍ = ଗନ୍ତୁମ୍

ଲଭ୍ + ତୁମୁନ୍ = ______　　ନୀ + ______ = ନେତୁମ୍

______ + ତୁମୁନ୍ = ଦାତୁମ୍　　ତ୍ରୈ + ______ = ତ୍ରାତୁମ୍

**୨ । ଏକପଦେନ ଅର୍ଥଂ ପ୍ରକାଶୟତ ।**

ପଠନଂ କର୍ତ୍ତୁମ୍, ଗମନସ୍ୟ ନିମିତ୍ତମ୍, ଲାଭସ୍ୟ ଅର୍ଥେ, ସଂଗ୍ରହସ୍ୟ ହେତୋଃ, ଶ୍ରବଣାୟ ଇତି

**୩ । ପ୍ରକୃତିଂ ପ୍ରତ୍ୟୟଂ ଚ ନିରୂପୟତ ।**

ଭବିତୁମ୍, ବକ୍ତୁମ୍, ଗ୍ରହୀତୁମ୍, ନଷ୍ଟୁମ୍, ଜ୍ଞାତୁମ୍

## କ୍ତିନ୍ (ତି)

ଭାବ ଅର୍ଥରେ ଧାତୁରେ କ୍ତିନ୍ (ତି) ପ୍ରତ୍ୟୟ ହୁଏ । କ୍ତିନ୍ ପ୍ରତ୍ୟୟାନ୍ତ ପଦଗୁଡ଼ିକ ସ୍ତ୍ରୀଲିଙ୍ଗ । ଏହାର ରୂପ 'ମତି' ଶବ୍ଦର ରୂପ ପରି ହୁଏ । ଏହା ବିଶେଷ୍ୟ ବାଚକ ।

ଉଦାହରଣ– ଦୁର୍ବଳସ୍ୟ ଭୀତିଃ ଅସ୍ତି । (ଭୀ + କ୍ତିନ୍)

କାକସ୍ୟ ଦୃଷ୍ଟିଃ କୁଟିଳା । (ଦୃଶ୍ + କ୍ତିନ୍)

ତସ୍ୟ ଧନସ୍ୟ ହାନିଃ ଅଭବତ୍ । (ହା + କ୍ତିନ୍)

କେତେକ କ୍ତିନ୍ ପ୍ରତ୍ୟୟାନ୍ତ ପଦ –

ମ୍ଳୈ + କ୍ତିନ୍ = ମ୍ଳାନିଃ, ଗ୍ଳୈ + କ୍ତିନ୍ = ଗ୍ଳାନିଃ

ଭ୍ରମ୍ + କ୍ତିନ୍ = ଭ୍ରାନ୍ତିଃ, କ୍ଷମ୍ + କ୍ତିନ୍ = କ୍ଷାନ୍ତିଃ

ଶକ୍ + କ୍ତିନ୍ = ଶକ୍ତିଃ, ମୁଚ୍ + କ୍ତିନ୍ = ମୁକ୍ତିଃ

ସିଧ୍ + କ୍ତିନ୍ = ସିଦ୍ଧିଃ, ବୁଧ୍ + କ୍ତିନ୍ = ବୁଦ୍ଧିଃ

## ଲ୍ୟୁଟ୍ (ଅନ)

ଭାବ ଅର୍ଥରେ ଧାତୁରେ ଲ୍ୟୁଟ୍ (ଅନ) ପ୍ରତ୍ୟୟ ହୁଏ । ଲ୍ୟୁଟ୍ ପ୍ରତ୍ୟୟାନ୍ତ ପଦଗୁଡ଼ିକ ବିଶେଷ୍ୟ ଓ କ୍ଲୀବଲିଙ୍ଗ । ଏହାର ରୂପ ଫଳ ଶବ୍ଦର ରୂପପରି ହୁଏ ।

ଉଦାହରଣ– ରାମସ୍ୟ ଗମନଂ ସୁନ୍ଦରମ୍ । (ଗମ୍ + ଲ୍ୟୁଟ୍)

ସାଧୂନାଂ ଦର୍ଶନଂ ପୁଣ୍ୟମ୍ । (ଦୃଶ୍ + ଲ୍ୟୁଟ୍)

ଦିବା ଶୟନଂ କ୍ଷତିକରମ୍ । (ଶୀଙ୍ + ଲ୍ୟୁଟ୍)

କେତେକ ଲ୍ୟୁଟ୍ ପ୍ରତ୍ୟୟାନ୍ତ ପଦ –

ପଠ୍ + ଲ୍ୟୁଟ୍ = ପଠନମ୍, ଗ୍ରହ୍ + ଲ୍ୟୁଟ୍ = ଗ୍ରହଣମ୍

ଦା + ଲ୍ୟୁଟ୍ = ଦାନମ୍, ସ୍ମୃ + ଲ୍ୟୁଟ୍ = ସ୍ମରଣମ୍

ପା + ଲ୍ୟୁଟ୍ = ପାନମ୍, ଭୁଜ୍ + ଲ୍ୟୁଟ୍ = ଭୋଜନମ୍

## ଘଞ୍ (ଅ)

ଭାବ ଅର୍ଥରେ ଧାତୁରେ ଘଞ୍ (ଅ) ପ୍ରତ୍ୟୟ ହୋଇ ବିଶେଷ୍ୟ ପଦ ଗଠିତ ହୁଏ । ଘଞ୍ ପ୍ରତ୍ୟୟାନ୍ତ ପଦଗୁଡ଼ିକ ପୁଂଲିଙ୍ଗ । ଏହାର ରୂପ ବାଳକ ଶବ୍ଦର ରୂପ ପରି ହୋଇଥାଏ ।

ଉଦାହରଣ–

୧– ଲୋଭଃ ଅନନ୍ତକଃ ବ୍ୟାଧିଃ । (ଲୁଭ୍ + ଘଞ୍)

୨– ସନ୍ତାନେଷୁ ମାତୁଃ ସ୍ନେହଃ ଅସ୍ତି (ସ୍ନିହ୍ + ଘଞ୍)

୩– ଦୁଃଖସ୍ୟ ପ୍ରତିକାରଃ କଃ ? (ପ୍ରତି + କୃ + ଘଞ୍)

କେତେକ ଘଞ୍ ପ୍ରତ୍ୟୟାନ୍ତ ପଦ

| | |
|---|---|
| ପଠ୍ + ଘଞ୍ = ପାଠଃ | ଅବ + ତୃ + ଘଞ୍ = ଅବତାରଃ |
| ସମ୍ + ହୃ + ଘଞ୍ = ସଂହାରଃ | ତ୍ୟଜ୍ + ଘଞ୍ = ତ୍ୟାଗଃ |
| ପଚ୍ + ଘଞ୍ = ପାକଃ | ବିଦ୍ + ଘଞ୍ = ବେଦଃ |
| ମୁହ୍ + ଘଞ୍ = ମୋହଃ | ହନ୍ + ଘଞ୍ = ଘାତଃ |
| ଆ + ଚର୍ + ଘଞ୍ = ଆଚାରଃ | ଭୁଜ୍ + ଘଞ୍ = ଭୋଗଃ |

ରୁଜ୍ + ଘଞ୍ = ରୋଗଃ　　ଭଜ୍ + ଘଞ୍ = ଭାଗଃ

ଭନଜ୍ + ଘଞ୍ = ଭଙ୍ଗଃ　　ରଞ୍ଜ୍ + ଘଞ୍ = ରାଗଃ

ରନଜ୍ + ଘଞ୍ = ରଙ୍ଗଃ　　ବନ୍ଧ୍ + ଘଞ୍ = ବନ୍ଧଃ

## ଅଭ୍ୟାସ

**୧ । ପ୍ରକୃତିଂ ପ୍ରତ୍ୟୟଂ ଚ ନିରୂପୟତ ।**

ରୋଗଃ, ସ୍ନେହଃ, ଦୃଷ୍ଟିଃ, ଶୟନମ୍, ପାନମ୍, ମୁକ୍ତିଃ, କୃତିଃ, ବନ୍ଦନମ୍

**୨ । ଏକପଦେନ ଅର୍ଥଂ ପ୍ରକାଶୟତ ।**

ନୀୟତେ ଅନୟା ଇତି, ଦୃଶ୍ୟତେ ଅନେନ ଇତି, ଭୂୟତେ ଇତି, ଉପେତ୍ୟ ଅଧୀତେ ଅସ୍ମାତ୍, ଦୀୟତେ ଇତି, ଶ୍ରୂୟତେ ଇତି, ଭୂଷ୍ୟତେ ଅନେନ, ଶଯ୍ୟତେ ଅସ୍ମିନ୍, ଆସ୍ୟତେ ଅସ୍ମିନ୍, ସ୍ଥୀୟତେ ଅସ୍ମିନ୍

**୩ । ଉଦାହରଣାନୁସାରଂ ଶୂନ୍ୟସ୍ଥାନଂ ପୂରୟତ ।**

ଯଥା - ମ୍ଲୈ + କ୍ତିନ୍ = ମ୍ଲାନିଃ

ତଥା - ହା + କ୍ତିନ୍ = ______　　ଦୃଶ୍ + ______ = ଦର୍ଶନମ୍

କୃ + ______ = କୃତିଃ　　ତ୍ୟଜ୍ + ଘଞ୍ = ______

______ + କ୍ତିନ୍ = ମୁକ୍ତିଃ　　ଦା + ______ = ଦାନମ୍

ସମ୍ + ______ + ଘଞ୍ = ସଂହାରଃ　　______ + ଲ୍ୟୁଟ୍ = ଶ୍ରବଣମ୍

## 'କ୍ତ' ଓ 'କ୍ତବତୁ' ପ୍ରତ୍ୟୟ

କ୍ତ (ତ) ଓ କ୍ତବତୁ (ତବତ୍) ଏହି ପ୍ରତ୍ୟୟ ଦୁଇଟିକୁ 'ନିଷ୍ଠା' ପ୍ରତ୍ୟୟ କହନ୍ତି । ସାଧାରଣତଃ ଅତୀତ କାଳ ଅର୍ଥରେ ଏହି ପ୍ରତ୍ୟୟ ଦୁଇଟିକୁ ବ୍ୟବହାର କରାଯାଏ । ଏହା ବିଶେଷଣ ଓ କ୍ରିୟା ପଦ ରୂପେ ବ୍ୟବହୃତ ହୁଏ । ଏହା ବିଶେଷଣ ହୋଇଥିବାରୁ ବିଶେଷ୍ୟ ପଦର ଲିଙ୍ଗ ବଚନ ଓ ବିଭକ୍ତିକୁ ଅନୁସରଣ କରିଥାଏ । (ପଠ୍ + କ୍ତ = ପଠିତ, ମୁଚ୍ + କ୍ତ = ମୁକ୍ତ, ଖିଦ୍ + କ୍ତ = ଖିନ୍ନ, ପଚ୍ + କ୍ତ = ପକ୍ୱ, ମୁହ୍ + କ୍ତ = ମୁଗ୍ଧ / ମୂଢ଼, ଦୃଶ୍ + କ୍ତ = ଦୃଷ୍ଟ, ହା + କ୍ତ = ହୀନ)

## 'କ୍ତବତୁ' - (ତବତ୍)

କର୍ତ୍ତୃବାଚ୍ୟରେ ସମସ୍ତ ଧାତୁ ପରେ 'କ୍ତବତୁ' ପ୍ରତ୍ୟୟ ଲାଗେ । କ୍ତବତୁ ପ୍ରତ୍ୟୟାନ୍ତ ପଦ ପୁଂଲିଙ୍ଗରେ ଶ୍ରୀମତ୍, ସ୍ତ୍ରୀଲିଙ୍ଗରେ ଙୀପ୍‌ଯୁକ୍ତ ହୋଇ ନଦୀ ଏବଂ କ୍ଲୀବଲିଙ୍ଗରେ ଶ୍ରୀମତ୍ ଶବ୍ଦ ପରି ରୂପ ହୁଏ ।

ଯଥା:- ଗମ୍ + କ୍ତବତୁ = ଗତବତ୍, ପୁଂଲିଙ୍ଗ - ଗତବାନ୍

ସ୍ତ୍ରୀଲିଙ୍ଗ - ଗତବତୀ କ୍ଲୀବଲିଙ୍ଗ - ଗତବତ୍

**ଈ କ୍ତବତୁ ପ୍ରତ୍ୟୟାନ୍ତ ପଦର ପ୍ରୟୋଗ**

୧ । ମୁଁ ଘରେ ଖାଇଥିଲି ।

ଅହଂ ଗୃହେ <u>ଖାଦିତବାନ୍</u> । (ଖାଦ୍ + କ୍ତବତୁ)

ଖାଦିତବାନ୍ - ଏହା ସମାପିକା କ୍ରିୟାବୋଧକ (ବିଶେଷଣ) ହେତୁ ଅହଂ- କର୍ତ୍ତାକୁ ଅନୁସରଣ କରି ପୁଂଲିଙ୍ଗ ୧ମା ବିଭକ୍ତି ଏକବଚନ ହୋଇଛି ।

୨। ତୁମ୍ଭେମାନେ ଗାଁକୁ ଯାଇଥିଲ ।

ଯୂୟଂ ଗ୍ରାମଂ ଗତବନ୍ତଃ । (ଗମ୍ + କ୍ତବତୁ)

ଏଠାରେ ଯୂୟଂ କର୍ତ୍ତା ଅନୁସାରେ 'ଗତବନ୍ତଃ' ପୁଂଲିଙ୍ଗ ୧ମା ବିଭକ୍ତି ବହୁବଚନ ହୋଇଛି ।

୩। ସୁଶୀଳା ସ୍ୱାମୀଙ୍କ ସେବା କରିଥିଲା ।

ସୁଶୀଳା ପତିଂ ସେବିତବତୀ । (ସେବ୍ + କ୍ତବତୁ + ଙୀପ୍)

ସୁଶୀଳା ସ୍ତ୍ରୀଲିଙ୍ଗ ହେତୁ କ୍ରିୟାପଦ କ୍ତବତୁ ପ୍ରତ୍ୟୟାନ୍ତ ସ୍ତ୍ରୀଲିଙ୍ଗ ୧ମା ବିଭକ୍ତି ଏକବଚନାନ୍ତ 'ସେବିତବତୀ' ହେଲା ।

୪। ଗାଡ଼ିଟି ଭୁବନେଶ୍ୱରକୁ ଆସିଲା ।

ଯାନଂ ଭୁବନେଶ୍ୱରମ୍ ଆଗତବତ୍ । (ଆ + ଗମ୍ + କ୍ତବତୁ)

ଯାନଂ କ୍ଳୀବଲିଙ୍ଗ ହେତୁ କ୍ରିୟାପଦ କ୍ତବତୁ ପ୍ରତ୍ୟୟାନ୍ତ କ୍ଳୀବଲିଙ୍ଗ ୧ମା ବିଭକ୍ତି ଏକବଚନରେ 'ଆଗତବତ୍' ହେଲା ।

୫। ପଠିତବନ୍ତଃ ଛାତ୍ରାଃ ପୁରସ୍କାରଂ ପ୍ରାପ୍ତବନ୍ତଃ ।

ପଢ଼ିଥିବା ଛାତ୍ରମାନେ ପୁରସ୍କାର ପାଇଲେ । ଏଠାରେ ପଠିତବନ୍ତଃ (ପଠ୍ + କ୍ତବତୁ) 'ଛାତ୍ରାଃ'ର ବିଶେଷଣ ଓ ପ୍ରାପ୍ତବନ୍ତଃ (ପ୍ର + ଆପ୍ + କ୍ତବତୁ) କ୍ରିୟାପଦ । ଛାତ୍ରାଃ ପୁଂଲିଙ୍ଗ ୧ମା ବହୁବଚନ ହୋଇଥିବାରୁ **ପଠିତବନ୍ତଃ** ଓ **ପ୍ରାପ୍ତବନ୍ତଃ** ସେହିପରି ପୁଂଲିଙ୍ଗ ୧ମା ବହୁବଚନାନ୍ତ ହେଲା ।

୬। କାନ୍ଦିଥିବା ଝିଅଟିକୁ ଖେଳନା ଦିଅ ।

କ୍ରନ୍ଦିତବତ୍ୟୈ ବାଳିକାୟୈ କ୍ରୀଡ଼ନକଂ ଦେହି ।

ଏଠାରେ କ୍ରନ୍ଦିତବତୀ ବାଳିକାର ଚତୁର୍ଥୀ ବିଭକ୍ତି ହୋଇଛି । ବାଳିକା ସ୍ତ୍ରୀଲିଙ୍ଗର ବିଶେଷଣ **କ୍ରନ୍ଦିତବତୀ** (କ୍ରନ୍ଦ୍ + କ୍ତବତୁ + ଙୀପ୍) କୃଦନ୍ତପଦରେ ବାଳିକାୟୈ ପାଇଁ **କ୍ରନ୍ଦିତବତ୍ୟୈ** ୪ର୍ଥୀ ଏକବଚନାନ୍ତ ହୋଇଛି ।

୭। ଶୁଖିଲା (ଶୁଖିଯାଇଥିବା) ପତ୍ରଗୁଡ଼ିକ ତଳେ ପଡ଼ିଥିଲା ।

ଶୁଷ୍କବନ୍ତି ପତ୍ରାଣି ଭୂମୌ ପତିତବନ୍ତି ।

ଶୁଷ୍କବନ୍ତି (ଶୁଷ୍ + କ୍ତବତୁ) କ୍ଳୀବଲିଙ୍ଗ ୧ମା ବହୁବଚନ ପତ୍ରାଣିର ବିଶେଷଣ ଏବଂ **ପତିତବନ୍ତି** (ପତ୍ + କ୍ତବତୁ) କ୍ଳୀବଲିଙ୍ଗ ୧ମା ବିଭକ୍ତି ବହୁବଚନ ହୋଇ କ୍ରିୟାପଦ ରୂପେ ବ୍ୟବହୃତ ହୋଇଛି ।

## 'କ୍ତ' - (ତ) ପ୍ରତ୍ୟୟ

'କ୍ତ' ପ୍ରତ୍ୟୟାନ୍ତ ପଦ ବିଶେଷଣ ଓ ସମାପିକା କ୍ରିୟା ରୂପେ ବ୍ୟବହାର କରାଯାଏ । ପୁଂଲିଙ୍ଗରେ ବାଳକ, ସ୍ତ୍ରୀଲିଙ୍ଗରେ ଲତା ଏବଂ କ୍ଳୀବଲିଙ୍ଗରେ ଫଳ ଶବ୍ଦର ରୂପ ପରି ରୂପ ହୁଏ ।

ଯଥା :- ଗମ୍ + କ୍ତ = ଗତ, ପୁଂଲିଙ୍ଗ = ଗତଃ, ସ୍ତ୍ରୀଲିଙ୍ଗ = ଗତା, କ୍ଳୀବଲିଙ୍ଗ = ଗତମ୍, ଦୃଶ୍ + କ୍ତ = ଦୃଷ୍ଟ, ପୁଂ-ଦୃଷ୍ଟଃ, ସ୍ତ୍ରୀ-ଦୃଷ୍ଟା, କ୍ଳୀ= ଦୃଷ୍ଟମ୍ ଇତ୍ୟାଦି ।

**ବିଭିନ୍ନ ବାକ୍ୟରେ ପ୍ରୟୋଗର ଉଦାହରଣ**

କର୍ତ୍ତୃବାଚ୍ୟରେ- (୧) ସଃ ଗ୍ରାମଂ ଗତଃ । (ଗମ୍ + କ୍ତ) ସେ ଗ୍ରାମକୁ ଗଲା । (୨) ଶିଶୁଃ ଶଯ୍ୟାୟାଂ ଶୟିତଃ । (ଶୀଙ୍ + କ୍ତ) ଶିଶୁ ଶେଯରେ ଶୋଇଲା । (୩) ଯାନଂ ଭୁବନେଶ୍ୱରଂ ଗତମ୍ । (ଗମ୍ + କ୍ତ) ଗାଡ଼ିଟି ଭୁବନେଶ୍ୱରକୁ ଗଲା । (୪) ସୀତା ଆଶ୍ରମେ ଉଷିତା । (ବସ୍ + କ୍ତ + ଟାପ୍) ସୀତା ଆଶ୍ରମରେ ବାସ କରୁଥିଲେ ।

ଏଠାରେ (୧) ସଃ- ପୁଂଲିଙ୍ଗ ଏକବଚନ ପାଇଁ ଗତଃ । (୨) ଶିଶୁଃ- ପୁଂଲିଙ୍ଗ ଏକବଚନ ପାଇଁ ଶୟିତଃ । (୩) ଯାନଂ- କ୍ଲୀବଲିଙ୍ଗ ଏକବଚନ ପାଇଁ ଗତମ୍ । (୪) ସୀତା- ସ୍ତ୍ରୀଲିଙ୍ଗ ଏକବଚନ ପାଇଁ ଉଷିତା ସ୍ତ୍ରୀଲିଙ୍ଗ ଏକବଚନ ହୋଇଛି ।

କର୍ମବାଚ୍ୟରେ - (୧) ମୟା ଗ୍ରାମଃ ଗତଃ । (ଗମ୍ + କ୍ତ)

(୨) ରାମେଣ ସୀତା ପୃଷ୍ଟା । (ପ୍ରଚ୍ଛ୍ + କ୍ତ + ଟାପ୍)

(୩) ବାଳକୈଃ ଫଳାନି ଖାଦିତାନି । (ଖାଦ୍ + କ୍ତ)

ଏଠାରେ (୧) ବାକ୍ୟରେ ଗ୍ରାମଃ ପାଇଁ ଗତଃ ପୁଂଲିଙ୍ଗ ଏକବଚନ ।

(୨) ବାକ୍ୟରେ ସୀତା ସ୍ତ୍ରୀଲିଙ୍ଗ ହୋଇଥିବାରୁ ପୃଷ୍ଟା ସ୍ତ୍ରୀଲିଙ୍ଗ ଏକବଚନ ହୋଇଛି ।

(୩) ବାକ୍ୟରେ ଫଳାନି କ୍ଲୀବଲିଙ୍ଗ ବହୁବଚନ ହୋଇଥିବାରୁ ଖାଦିତାନି କ୍ଲୀବଲିଙ୍ଗ ବହୁବଚନ ହୋଇଛି ।

ଭାବବାଚ୍ୟରେ -

(୧) ମୟା ହସିତମ୍ । (ହସ୍ + କ୍ତ) (୨) ତେନ ଶୟିତମ୍ । (ଶୀଙ୍ + କ୍ତ) (୩) ବାଳକୈଃ କ୍ରୀଡ଼ିତମ୍ । (କ୍ରୀଡ୍ + କ୍ତ) ଭାବବାଚ୍ୟରେ 'କ୍ତ' ପ୍ରତ୍ୟୟାନ୍ତ ପଦ ସର୍ବଦା ୧ମା ବିଭକ୍ତି କ୍ଲୀବଲିଙ୍ଗ ଏକବଚନରେ ବ୍ୟବହୃତ ହୁଏ ।

ବିଶେଷଣ ରୂପେ- (୧) ଆଗତେଭ୍ୟଃ ଶିଶୁଭ୍ୟଃ ଫଳାନି ଦେହି । ଏଠାରେ **ଶିଶୁଭ୍ୟଃ**ର ବିଶେଷଣ ରୂପେ **ଆଗତେଭ୍ୟଃ** (ଆ + ଗମ୍ + କ୍ତ) ପୁଂଲିଙ୍ଗ ୪ର୍ଥୀ ବିଭକ୍ତି ବହୁବଚନ ହୋଇଛି ।

(୨) ବୃକ୍ଷାତ୍ ପତିତାନି ଫଳାନି ମଧୁରାଣି । ଏଠାରେ **ଫଳାନି**ର ବିଶେଷଣ ହୋଇଥିବାରୁ **ପତିତାନି** (ପତ୍ + କ୍ତ) କ୍ଲୀବଲିଙ୍ଗ ବହୁବଚନ ହୋଇଛି ।

(୩) ତେନ କ୍ରୀତାଂ ଶାଟିକାଂ ପଶ୍ୟ । ସେ କିଣିଥିବା ଶାଢ଼ିକୁ ଦେଖ । ଏଠାରେ ଶାଟିକାଂ ସ୍ତ୍ରୀଲିଙ୍ଗ ୨ୟା ଏକବଚନ, ତା'ର ବିଶେଷଣ କ୍ରୀତାଂ (କ୍ରୀ + କ୍ତ + ଟାପ୍) ସ୍ତ୍ରୀଲିଙ୍ଗ ୨ୟା ଏକବଚନରେ ବ୍ୟବହୃତ ହୋଇଛି ।

ବର୍ତ୍ତମାନ କାଳରେ ମଧ୍ୟ 'କ୍ତ' ପ୍ରତ୍ୟୟାନ୍ତ ପଦର ବ୍ୟବହାର ଦେଖାଯାଏ ।

୧ । ଇଦଂ ସର୍ବେଷାଂ ମତମ୍ (ମନ୍ + କ୍ତ) (ଏହା ସମସ୍ତଙ୍କ ମତ)

୨ । ମନ୍ତ୍ରିଣଃ ପ୍ରଜାଦୁଃଖଂ ବୁଦ୍ଧମ୍ । (ବୁଧ୍ + କ୍ତ) ମନ୍ତ୍ରୀ ପ୍ରଜାଙ୍କ ଦୁଃଖ ବୁଝନ୍ତି ।

୩। ବିଦ୍ୱାନ୍ ସର୍ବେଷାଂ ପୂଜିତଃ । (ପୂଜ୍ + କ୍ତ) ସମସ୍ତେ ବିଦ୍ୱାନ୍‌ଙ୍କୁ ପୂଜା କରନ୍ତି ।

୪ । ଜ୍ଞାନୀ ସର୍ବେଷାମ୍ ଆଦୃତଃ । (ଆ + ଦୃ + କ୍ତ) ଜ୍ଞାନୀଙ୍କୁ ସମସ୍ତେ ଆଦର କରନ୍ତି ।

୫ । ସଃ ମମ ବିଦିତଃ । (ବିଦ୍ + କ୍ତ) ମୁଁ ତାଙ୍କୁ ଜାଣିଛି ।

**କେତେକ 'କ୍ତ' ପ୍ରତ୍ୟୟାନ୍ତ ପଦର ଉଦାହରଣ**

| | | |
|---|---|---|
| ଯା + କ୍ତ = ଯାତ | ଭୂ + କ୍ତ = ଭୂତ | ଜୃ + କ୍ତ = ଜୀର୍ଣ୍ଣ |
| ଶୃ + କ୍ତ = ଶୀର୍ଣ୍ଣ | କ୍ଷୁଦ୍ + କ୍ତ = କ୍ଷୁଣ୍ଣ | ବଚ୍ + କ୍ତ = ଉକ୍ତ |
| ସ୍ୱପ୍ + କ୍ତ = ସୁପ୍ତ | ବହ୍ + କ୍ତ = ଊଢ | ଅଭି + ଧା + କ୍ତ = ଅଭିହିତ |
| ପ୍ର + ସଦ୍ + କ୍ତ = ପ୍ରସନ୍ନ | ବି + ସଦ୍ + କ୍ତ = ବିଷଣ୍ଣ | ଆ + ସଦ୍ + କ୍ତ = ଆସନ୍ନ |
| ଅଦ୍ + କ୍ତ = ଅନ୍ନ | ଭିଦ୍ + କ୍ତ = ଭିନ୍ନ | ଭୁଜ୍ + କ୍ତ = ଭୁକ୍ତ |
| ଶୁଷ୍ + କ୍ତ = ଶୁଷ୍କ | ପଚ୍ + କ୍ତ = ପକ୍ୱ | ଲଭ୍ + କ୍ତ = ଲବ୍ଧ |
| ମୁହ୍ + କ୍ତ = ମୁଗ୍ଧ, ମୂଢ଼ | ହା + କ୍ତ = ହୀନ | ଦୁହ୍ + କ୍ତ = ଦୁଗ୍ଧ |

## ଅଭ୍ୟାସ

**୧। ପ୍ରକୃତିଂ ପ୍ରତ୍ୟୟଂ ଚ ନିରୂପୟତ ।**

ଉକ୍ତବାନ୍, ଶ୍ରୁତବତୀ, କଥିତମ୍, ପୀତଃ, ଗୀତମ୍, ଖିନ୍ନଃ, ପକ୍ୱମ୍, ବୁଦ୍ଧମ୍, ମନ୍ତ୍ରିତମ୍, ପଠିତା

**୨। ଭ୍ରମସଂଶୋଧନଂ କୁରୁତ ।**

ମୟା ଲତା ଦୃଷ୍ଟମ୍ । ସୀତା ଗୀତାଂ ପଠିତବାନ୍ । ବାଳକୈଃ ଶୟିତାନି । ପତିତଃ ଫଳଂ ମଧୁରମ୍ । ଶିଶବଃ ଦୁଗ୍ଧଂ ପୀତମ୍ । ବାଳିକାଃ ଧନଂ ପ୍ରାପ୍ତବନ୍ତଃ । ଯୂୟଂ କଦା ଆଗତଃ ।

## 'ତବ୍ୟ' ଓ 'ଅନୀୟ' ପ୍ରତ୍ୟୟ

ତବ୍ୟ ଓ ଅନୀୟର୍ (ଅନୀୟ) ପ୍ରତ୍ୟୟକୁ କୃତ୍ୟ ପ୍ରତ୍ୟୟ କହନ୍ତି । ଭବିଷ୍ୟତକାଳ ବୋଧକ, ଉଚିତ, ବିଧି, ସମ୍ଭାବନା ଅର୍ଥରେ ଧାତୁରେ ତବ୍ୟ ଓ ଅନୀୟ ପ୍ରତ୍ୟୟ ଯୋଗ କରାଯାଏ । ଏହା ସାଧାରଣତଃ ବିଶେଷଣ ଓ ସମାପିକାକ୍ରିୟା ରୂପେ ବ୍ୟବହୃତ ହୁଏ । **କୃତ୍ୟ ପ୍ରତ୍ୟୟାନ୍ତ ପଦ କର୍ମବାଚ୍ୟରେ ବ୍ୟବହୃତ ହେଲେ କର୍ମର ଲିଙ୍ଗ, ବିଭକ୍ତି ଓ ବଚନକୁ ଅନୁସରଣ କରେ । ମାତ୍ର ଭାବବାଚ୍ୟରେ ବ୍ୟବହୃତ ହେଲେ ସର୍ବଦା କ୍ଲୀବଲିଙ୍ଗ ୧ମା ଏକ ବଚନାନ୍ତ ହୁଏ ।**

ଉଦାହରଣ- ଗମ୍ + ତବ୍ୟ = ଗନ୍ତବ୍ୟ, ଗମ୍ + ଅନୀୟ = ଗମନୀୟ । ତବ୍ୟ ଓ ଅନୀୟ ପ୍ରତ୍ୟୟାନ୍ତ ଶବ୍ଦ ପୁଂଲିଙ୍ଗରେ ବାଳକ ଶବ୍ଦ ପରି, ସ୍ତ୍ରୀଲିଙ୍ଗରେ ଲତା ଶବ୍ଦ ପରି ଏବଂ କ୍ଲୀବଲିଙ୍ଗରେ ଫଳ ଶବ୍ଦ ପରି ରୂପ ହୁଏ ।

**ବାକ୍ୟରେ ପ୍ରୟୋଗ-**

୧। ମୟା ଚନ୍ଦ୍ରଃ <u>ଦ୍ରଷ୍ଟବ୍ୟଃ</u> । (ଦୃଶ୍ + ତବ୍ୟ)

ମୁଁ ଚନ୍ଦ୍ରକୁ ଦେଖିବି । ଏଠାରେ <u>ଚନ୍ଦ୍ରଃ</u> ପୁଂଲିଙ୍ଗ ପ୍ରଥମା ବିଭକ୍ତି ଏକବଚନ ତେଣୁ <u>ଦ୍ରଷ୍ଟବ୍ୟଃ</u> ପୁଂଲିଙ୍ଗ ୧ମା ବିଭକ୍ତି ଏକବଚନ ହେଲା ।

୨। ତେନ ଗୀତା <u>ପଠିତବ୍ୟା</u> । (ପଠ୍ + ତବ୍ୟ + ଟାପ୍)

ସେ ଗୀତା ପଢ଼ିବ । ଏଠାରେ <u>ଗୀତା</u> ସ୍ତ୍ରୀଲିଙ୍ଗ ୧ମା ବିଭକ୍ତି ଏକବଚନ ହେତୁ <u>ପଠିତବ୍ୟା</u>, ସ୍ତ୍ରୀଲିଙ୍ଗ ୧ମା ବିଭକ୍ତି ଏକବଚନ ହେଲା ।

୩। ବାଳକେନ ଫଳାନି <u>ଖାଦିତବ୍ୟାନି</u> । (ଖାଦ୍ + ତବ୍ୟ)

ବାଳକଟି ଫଳଗୁଡ଼ିକ ଖାଇବ । ଫଳାନି କ୍ଲୀବଲିଙ୍ଗ ୧ମା ବିଭକ୍ତି ବହୁବଚନ ତେଣୁ ଖାଦିତବ୍ୟାନି କ୍ଲୀବଲିଙ୍ଗ ୧ମା ବିଭକ୍ତି ବହୁବଚନ ରୂପ ହେଲା ।

ଯେଉଁ ଧାତୁରେ 'ତବ୍ୟ' ପ୍ରତ୍ୟୟ ହୁଏ 'ଅନୀୟ' ପ୍ରତ୍ୟୟ ମଧ୍ୟ ସେହି ଅର୍ଥରେ ସେହି ଧାତୁରେ ହୁଏ ।

ଯଥା:- ମୟା ଗ୍ରାମଃ ଗନ୍ତବ୍ୟଃ (ଗମ୍ + ତବ୍ୟ) ବା ଗମନୀୟଃ (ଗମ୍ + ଅନୀୟ)

ତେନ ଚିଲିକା ଦ୍ରଷ୍ଟବ୍ୟା (ଦୃଶ୍ + ତବ୍ୟ + ଟାପ୍) ବା ଦର୍ଶନୀୟା (ଦୃଶ୍ + ଅନୀୟ + ଟାପ୍)

ବାଳକୈଃ ଫଳାନି ଖାଦିତବ୍ୟାନି (ଖାଦ୍ + ତବ୍ୟ) ଅଥବା

ଖାଦନୀୟାନି (ଖାଦ୍ + ଅନୀୟ)

ଭକ୍ତାନାଂ ପୁରାଣଂ ଶ୍ରୋତବ୍ୟମ୍ । (ଶ୍ରୁ+ତବ୍ୟ) ଅଥବା

ଶ୍ରବଣୀୟମ୍ (ଶ୍ରୁ + ଅନୀୟ)

କେତେକ ମୂଳଧାତୁ ଏବଂ ତବ୍ୟ ଓ ଅନୀୟ ପ୍ରତ୍ୟୟାନ୍ତ ଶବ୍ଦ

ଗମ୍ - ଗନ୍ତବ୍ୟ, ଗମନୀୟ

ଦୃଶ୍ - ଦ୍ରଷ୍ଟବ୍ୟ, ଦର୍ଶନୀୟ

ନୀ - ନେତବ୍ୟ, ନୟନୀୟ

ଦା - ଦାତବ୍ୟ, ଦାନୀୟ

ବୁଧ୍ - ବୋଦ୍ଧବ୍ୟ, ବୋଧନୀୟ

ପଚ୍ - ପକ୍ତବ୍ୟ, ପଚନୀୟ

କୃ - କର୍ତ୍ତବ୍ୟ, କରଣୀୟ

ପା - ପାତବ୍ୟ, ପାନୀୟ

ଭାବବାଚ୍ୟରେ ତବ୍ୟ ଓ ଅନୀୟ ପ୍ରତ୍ୟୟାନ୍ତ ପଦ କ୍ଳୀବଲିଙ୍ଗ ଏକବଚନରେ ବ୍ୟବହୃତ ହୁଏ । ଯଥା- ମମ ଶୟିତବ୍ୟମ୍/ ଶୟନୀୟମ୍ । ବାଳକୈଃ ସ୍ଥାତବ୍ୟମ୍ / ସ୍ଥାନୀୟମ୍ ।

ଯୁଷ୍ମାଭିଃ ହସିତବ୍ୟମ୍ / ହସନୀୟମ୍ ।

## ଅଭ୍ୟାସ

**୧। ଏକପଦେନ ଅର୍ଥଂ ପ୍ରକାଶୟତ ।**

ଦ୍ରଷ୍ଟୁଂ ଯୋଗ୍ୟା, ଲବ୍ଧୁଂ ଯୋଗ୍ୟାନି, ପାତୁମ୍ ଉଚିତମ୍, ଦାତୁଂ ବିଧେୟମ୍, ବଚନସ୍ୟ ଯୋଗ୍ୟମ୍

**୨। ପ୍ରକୃତିଂ ପ୍ରତ୍ୟୟଂ ଚ ନିରୂପୟତ ।**

ଗନ୍ତବ୍ୟମ୍, ଦର୍ଶନୀୟଃ, କ୍ରେତବ୍ୟଃ, ପୂଜନୀୟା, ବଚନୀୟମ୍, ବୋଧନୀୟଃ, ଗ୍ରହଣୀୟମ୍, ସ୍ମରଣୀୟମ୍

**୩। ଉଦାହରଣାନୁସାରଂ ଶୂନ୍ୟସ୍ଥାନଂ ପୂରୟତ ।**

ଯଥା :- ସହ୍ + ତବ୍ୟ = ସୋଢବ୍ୟଃ, ସହ୍ + ଅନୀୟ = ସହନୀୟଃ

ତଥା - ମନ୍ + ତବ୍ୟ = _______ ମନ୍ + ଅନୀୟ = _______

ଶ୍ରୁ + _______ = ଶ୍ରୋତବ୍ୟଃ କୃଷ୍ + _______ = କର୍ଷଣୀୟଃ

_______ + ତବ୍ୟ = ବୋଦ୍ଧବ୍ୟଃ କ୍ଷମ୍ + ଅନୀୟ = _______

ସ୍ମୃ + _______ = ସ୍ମର୍ତ୍ତବ୍ୟଃ ଲୁଭ୍ + _______ = ଲୋଭନୀୟ

ସ୍ତୁ + ତବ୍ୟ = _______ _______ + ଅନୀୟ = ସ୍ତବନୀୟଃ

# ଣିଜନ୍ତ

SJ858K

## (ପ୍ରେରଣାର୍ଥକ କ୍ରିୟାପଦ)

ପ୍ରେରଣ ବା ପ୍ରବର୍ତ୍ତାଇବା ଅର୍ଥରେ ଧାତୁରୁ ଉତ୍ତର 'ଣିଚ୍' ପ୍ରତ୍ୟୟ ଲାଗେ । 'ଣିଚ୍' ପ୍ରତ୍ୟୟ ଲାଗିଥିବା ଧାତୁକୁ ଣିଜନ୍ତ (ଣିଚ୍ + ଅନ୍ତ) ଧାତୁ କୁହାଯାଏ । ପଠନ୍ତଂ ପ୍ରେରୟତି = ପାଠୟତି ହୁଏ, ଏହା ପଢ଼ିବା ଲୋକକୁ ପ୍ରବର୍ତ୍ତାଉଛି ଅର୍ଥକୁ ବୁଝାଏ । ଏହା ପଢ଼ିବାକୁ ପ୍ରବର୍ତ୍ତାଉଛି ଅର୍ଥାତ୍ ପଠିତୁଂ ପ୍ରେରୟତି- ଏହି ଅର୍ଥକୁ ମଧ୍ୟ ବୁଝାଇଥାଏ । ଲକ୍ଷ୍ୟ କର-

ପଠ୍ + ଅ(ଶପ୍) + ତିପ୍ = ପଠତି / (ପଢୁଛି)

ଛାତ୍ରଃ ପଠତି = ଛାତ୍ର ପଢ଼େ / ପଢୁଛି ।

ପଠ୍ + ଣିଚ୍ + ଅ(ଶପ୍) + ତିପ୍ = ପାଠୟତି । (ପଢ଼ାଉଛି)

ଶିକ୍ଷକଃ ଛାତ୍ରାନ୍ ପାଠୟତି = ଶିକ୍ଷକ ଛାତ୍ରମାନଙ୍କୁ ପଢ଼ାଉଛନ୍ତି ।

ଏହିପରି - ଗମ୍ + ଅ(ଶପ୍) + ତିପ୍ = ଗଚ୍ଛତି । (ଯାଉଛି)

ବାଳକଃ ଗଚ୍ଛତି = ପିଲାଟି ଯାଉଛି ।

ଗମ୍ + ଣିଚ୍ + ଅ(ଶପ୍) + ତିପ୍ = ଗମୟତି । (ପଠାଉଛି)

ପିତା ରାମଂ ଗମୟତି = ବାପା ରାମକୁ ଯିବାକୁ ପଠାଉଛନ୍ତି ।

ଏଠାରେ 'ପଠତି' ଏବଂ 'ଗଚ୍ଛତି' ଦୁଇଟି ସାଧାରଣ କ୍ରିୟା, 'ଛାତ୍ରଃ' ଏବଂ 'ରାମଃ' କର୍ତ୍ତାରୂପେ ଏହାକୁ ପରିଚାଳନା କରୁଛନ୍ତି । ମାତ୍ର 'ପାଠୟତି' ଏବଂ 'ଗମୟତି' ଦୁଇଟି ପ୍ରେରଣାର୍ଥକ କ୍ରିୟା, କାରଣ 'ଶିକ୍ଷକଃ' ଏବଂ 'ପିତା' ନିଜେ ପଠନ ବା ଗମନ କରୁନାହାଁନ୍ତି, କିନ୍ତୁ ପଠନ ବା ଗମନ କରିବା ପାଇଁ ଯଥାକ୍ରମେ ଛାତ୍ର (ଛାତ୍ରମ୍) ଏବଂ ରାମ (ରାମମ୍)କୁ ପ୍ରେରିତ କରୁଛନ୍ତି । 'ଶିକ୍ଷକ' ପାଠୟତି କ୍ରିୟାପଦ ଓ 'ପିତା' ଗମୟତି କ୍ରିୟାପଦକୁ ପରିଚାଳିତ କରୁଥିବାରୁ ଉଭୟ ହେତୁମାନ୍ ପ୍ରଯୋଜକ କର୍ତ୍ତା ଅଟନ୍ତି ଏବଂ ଛାତ୍ର ଓ ରାମ ପଦଦୁଇଟି ପ୍ରଯୋଜ୍ୟ କର୍ତ୍ତା ଅଟନ୍ତି । ଏଠାରେ ପ୍ରଯୋଜ୍ୟଠାରେ ଦ୍ୱିତୀୟା ବିଭକ୍ତି 'ଛାତ୍ରମ୍' ଏବଂ 'ରାମମ୍' ହୋଇଛି । ଅନ୍ୟ କେତେକ ଉଦାହରଣକୁ ଲକ୍ଷ୍ୟ କର-

ନୀ + ଅ(ଶପ୍) + ତିପ୍ = ନୟତି । (ନେଉଛି)

ବାଳକଃ ଜଳଂ ନୟତି = ପିଲା ପାଣି ନେଉଛି ।

ନୀ + ଣିଚ୍ + ଅ(ଶପ୍) + ତିପ୍ = ନାୟୟତି । (ନିଆଉଛି)

ପିତା ବାଳକେନ ଜଳଂ ନାୟୟତି । ବାପା ପିଲାଦ୍ୱାରା ପାଣି ନିଆଉଛନ୍ତି ।

କୃ + ଶପ୍ + ତିପ୍ = କରୋତି । (କରୁଛି)

ସ୍ୱର୍ଣ୍ଣକାରଃ ହାରଂ କରୋତି = ସୁନାରି ହାର କରୁଛି ।

କୃ + ଣିଚ୍ + ଅ (ଶପ୍) + ତିପ୍ = କାରୟତି । (କରାଉଛି)

ମାତା ସ୍ୱର୍ଣ୍ଣକାରେଣ ହାରଂ କାରୟତି = ମାଆ ସୁନାରିଦ୍ୱାରା ହାର କରାଉଛନ୍ତି ।

ଏଠାରେ 'ନୟତି' ଏବଂ 'କରୋତି' ପଦଦୁଇଟି ସାଧାରଣ କ୍ରିୟାପଦ, ତଥା 'ନାୟୟତି' ଏବଂ 'କାରୟତି' ପଦଦୁଇଟି ପ୍ରେରଣାର୍ଥକ ବା ଣିଜନ୍ତ କ୍ରିୟାପଦ ଅଟନ୍ତି । 'ପିତା' ଏବଂ 'ମାତା' ପ୍ରଯୋଜକ କର୍ତ୍ତା ଓ 'ସ୍ୱର୍ଣ୍ଣକାର' ଏବଂ

'ବାଳକ' ପ୍ରଯୋଜ୍ୟ କର୍ତ୍ତା ଅଟନ୍ତି । ଏଠାରେ ପ୍ରଯୋଜ୍ୟ କର୍ତ୍ତାଠାରେ 'ସ୍ୱର୍ଣ୍ଣକାରେଣ ଏବଂ 'ବାଳକେନ' ହୋଇ ତୃତୀୟା ବିଭକ୍ତିରେ ପ୍ରୟୋଗ ହୋଇଛି ।

ମନେରଖ :-

(i) ପ୍ରେରଣାର୍ଥକ କ୍ରିୟାପଦ ଗଠନପାଇଁ ଧାତୁପରେ 'ଣିଚ୍' ଲାଗେ ଏବଂ ସେଥିରୁ 'ଇ' ଅବଶିଷ୍ଟ ରୁହେ (ଗମି, ପାଠି, କାରି ଓ ନାୟି) ଇତ୍ୟାଦି । 'ଣିଚ୍' ପ୍ରତ୍ୟୟ ଲାଗିଲେ ଧାତୁର ଅନ୍ତ୍ୟସ୍ୱର ଓ ଉପଧାର ବୃଦ୍ଧି (କାରୟତି) ବା ଗୁଣ (ରୋଦୟତି) ହୁଏ ।

(ii) 'ଣିଜନ୍ତ' ଧାତୁ ପ୍ରାୟ ଉଭୟପଦୀ (ପାଠୟତି / ପାଠୟତେ) ହୋଇଥାଏ, ମାତ୍ର ପରସ୍ମୈପଦୀର ବହୁଳ ବ୍ୟବହାର ଦେଖାଯାଏ । ଣିଜନ୍ତ ଧାତୁର ଚୁରାଦିଗଣୀୟ ଧାତୁପରି ରୂପ ହୁଏ । ଯଥା:- ପାଠୟତି, ପାଠୟେତ୍, ପାଠୟତୁ, ଅପାଠୟତ୍ ଓ ପାଠୟିଷ୍ୟତି ଆଦି ।

(iii) ପ୍ରଯୋଜ୍ୟ କର୍ତ୍ତାଠାରେ ଅର୍ଥ ଅନୁସାରେ ଦ୍ୱିତୀୟା କିମ୍ବା ତୃତୀୟା ବିଭକ୍ତି ହୁଏ । ମାତା ପୁତ୍ରମ୍ ଅନ୍ନଂ ଭୋଜୟତି । ମାତା ପୁତ୍ରେଣ ଜଳଂ ନାୟୟତି ।

(iv) ପ୍ରଯୋଜକ କର୍ତ୍ତା ଅନୁସାରେ ଣିଜନ୍ତ କ୍ରିୟାର ପ୍ରୟୋଗ ହୁଏ ।

କେତେକ ଧାତୁର ଣିଜନ୍ତରେ ଲଟ୍‌ଲକାର ପ୍ରଥମ ପୁରୁଷ ଏକବଚନରେ ପରସ୍ମୈପଦୀ ରୂପ ନିମ୍ନରେ ପ୍ରଦତ୍ତ ହେଉଛି, ଲକ୍ଷ୍ୟ କର-

| **ମୂଳଧାତୁ** | **ଅଣିଜନ୍ତ ରୂପ** | **ଅର୍ଥ** | **ଣିଜନ୍ତ ଧାତୁ** | **ଲଟ୍ ପ୍ରଥମ ପୁରୁଷ ଏକବଚନରେ ରୂପ** |
|---|---|---|---|---|
| ପଠ୍ | ପଠତି | ପଢୁଛି | ପାଠି | ପାଠୟତି |
| ଗମ୍ | ଗଚ୍ଛତି | ଯାଉଛି | ଗମି | ଗମୟତି |
| ଦୃଶ୍ | ପଶ୍ୟତି | ଦେଖୁଛି | ଦର୍ଶି | ଦର୍ଶୟତି |
| ଭୂ | ଭବତି | ହେଉଛି | ଭାବି | ଭାବୟତି |
| ଅସ୍ | ଅସ୍ତି | ଅଛି | ଭାବି | ଭାବୟତି |
| କୃ | କରୋତି | କରୁଛି | କାରି | କାରୟତି |
| ହସ୍ | ହସତି | ହସୁଛି | ହାସି | ହାସୟତି |
| କ୍ରୀଡ୍ | କ୍ରୀଡ଼ତି | ଖେଳୁଛି | କ୍ରୀଡ଼ି | କ୍ରୀଡ଼ୟତି |
| ଖେଳ୍ | ଖେଳତି | ଖେଳୁଛି | ଖେଳି | ଖେଳୟତି |
| ଭ୍ରମ୍ | ଭ୍ରମତି | ବୁଲୁଛି | ଭ୍ରାମି | ଭ୍ରାମୟତି |
| ଗ୍ରହ୍ | ଗୃହ୍ଣାତି | ଗ୍ରହଣ କରୁଛି | ଗ୍ରାହି | ଗ୍ରାହୟତି |
| ହନ୍ | ହନ୍ତି | ମାରୁଛି | ଘାତି | ଘାତୟତି |
| ମୃ | ମ୍ରିୟତେ | ମରୁଛି | ମାରି | ମାରୟତି |
| ତପ୍ | ତପତି | ଉତ୍ତାପ ଦେଉଛି | ତାପି | ତାପୟତି |
| ଜପ୍ | ଜପତି | ଜପୁଛି | ଜାପି | ଜାପୟତି |

| | | | | |
|---|---|---|---|---|
| ପ୍ରଚ୍ଛ୍ | ପୃଚ୍ଛତି | ପଚାରୁଛି | ପ୍ରଚ୍ଛି | ପ୍ରଚ୍ଛୟତି |
| ଲିଖ୍ | ଲିଖତି | ଲେଖୁଛି | ଲେଖ୍ | ଲେଖୟତି |
| ଶ୍ରୁ | ଶୃଣୋତି | ଶୁଣୁଛି | ଶ୍ରାବି | ଶ୍ରାବୟତି |
| ମୁଚ୍ | ମୁଞ୍ଚତି | ମୋଚନକରୁଛି | ମୋଚି | ମୋଚୟତି |
| ଚି | ଚିନୋତି | ତୋଳୁଛି | ଚାୟି | ଚାୟୟତି |
| ଖାଦ୍ | ଖାଦତି | ଖାଉଛି | ଖାଦି | ଖାଦୟତି |
| ଚଲ୍ | ଚଳତି | ଚାଲୁଛି | ଚାଳି | ଚାଳୟତି |
| ପଚ୍ | ପଚତି | ପାକକରୁଛି | ପାଚି | ପାଚୟତି |
| ବୁଧ୍ | ବୋଧତି | ବୁଝୁଛି | ବୋଧ୍ | ବୋଧୟତି |
| ନୀ | ନୟତି | ନେଉଛି | ନାୟି | ନାୟୟତି |
| ଭୀ | ବିଭେତି | ଡରୁଛି | ଭାୟି | ଭାୟୟତି |
| ପା | ପିବତି | ପିଉଛି | ପାୟି | ପାୟୟତି |
| ସ୍ମୃ | ସ୍ମରତି | ସ୍ମରଣ କରୁଛି | ସ୍ମାରି | ସ୍ମାରୟତି |
| ଲଭ୍ | ଲଭତେ | ଲାଭକରୁଛି | ଲମ୍ଭି | ଲମ୍ଭୟତି |
| ଶୀ | ଶେତେ | ଶୋଇଛି | ଶାୟି | ଶାୟୟତି |
| ଜନ୍ | ଜାୟତେ | ଜନ୍ମହେଉଛି | ଜନି | ଜନୟତି |
| ବ୍ୟଥ୍ | ବ୍ୟଥତେ | ପୀଡ଼ାହେଉଛି | ବ୍ୟଥି | ବ୍ୟଥୟତି |
| ରୁଦ୍ | ରୋଦିତି | କାନ୍ଦୁଛି | ରୋଦି | ରୋଦୟତି |
| ନୃତ୍ | ନୃତ୍ୟତି | ନାଚୁଛି | ନର୍ତ୍ତି | ନର୍ତ୍ତୟତି |
| ବିଦ୍ | ବେତ୍ତି | ଜାଣୁଛି | ବେଦି | ବେଦୟତି |
| ହ୍ଵେ | ହ୍ଵୟତେ | ଡାକୁଛି | ହ୍ଵାୟି | ହ୍ଵାୟୟତି |
| ବେ | ବୟତି | ବୁଣୁଛି | ବାୟି | ବାୟୟତି |
| ଅଦ୍ | ଅତ୍ତି | ଖାଉଛି | ଆଦି | ଆଦୟତି |
| କ୍ରନ୍ଦ୍ | କ୍ରନ୍ଦତି | କାନ୍ଦୁଛି | କ୍ରନ୍ଦି | କ୍ରନ୍ଦୟତି |
| ନଶ୍ | ନଶ୍ୟତି | ନଷ୍ଟହେଉଛି | ନାଶି | ନାଶୟତି |
| ବିଶ୍ | ବିଶତି | ପ୍ରବେଶକରୁଛି | ବେଶି | ବେଶୟତି |
| ଭିଦ୍ | ଭିନତ୍ତି | ଭେଦକରୁଛି | ଭେଦି | ଭେଦୟତି |
| ଛିଦ୍ | ଛିନତ୍ତି | ଛେଦନକରୁଛି | ଛେଦି | ଛେଦୟତି |
| ଭୁଜ୍ | ଭୁଙ୍କ୍ତେ | ଖାଉଛି | ଭୋଜି | ଭୋଜୟତି |

| | | | | |
|---|---|---|---|---|
| ବହ୍ | ବହତି | ବହନକରୁଛି | ବାହି | ବାହୟତି |
| ହୃ | ହରତି | ହରଣକରୁଛି | ହାରି | ହାରୟତି |
| ତୃ | ତରତି | ତରଣକରୁଛି | ତାରି | ତାରୟତି |
| ତ୍ୟଜ୍ | ତ୍ୟଜତି | ତ୍ୟାଗକରୁଛି | ତ୍ୟାଜି | ତ୍ୟାଜୟତି |
| ରୁହ୍ | ରୋହତି | ଆରୋହଣକରୁଛି | ରୋହି | ରୋହୟତି |
| ରୁହ୍ | ରୋହତେ | ଗଜାଉଛି | ରୋପି | ରୋପୟତି |
| ବ୍ରୂ / ବଚ୍ | ବ୍ରବୀତି/ବ୍ରୂତେ/ବକ୍ତି | କହୁଛି | ବାଚି | ବାଚୟତି |

ଉପର୍ଯ୍ୟୁକ୍ତ ଧାତୁଗୁଡ଼ିକର 'ଣିଚ୍' ପ୍ରତ୍ୟୟସ୍ଥ 'ଇ'ର ଗୁଣ ହୋଇ 'ଅୟ୍'ରେ ରୂପାନ୍ତର ଘଟିଛି । ଅନ୍ୟ କେତେକ ଧାତୁର ଣିଜନ୍ତ ରୂପରେ ସାମାନ୍ୟ ପରିବର୍ତ୍ତନ ('ପୁକ୍'ର ଆଗମ) ହୋଇଥାଏ । ଲକ୍ଷ୍ୟ କର–

| **ମୂଳଧାତୁ** | **ଅଣିଜନ୍ତ ରୂପ** | **ଅର୍ଥ** | **ଣିଜନ୍ତ ରୂପ** | **ଲଟ୍ ପ୍ରଥମ ପୁରୁଷ ଏକବଚନରେ ରୂପ** |
|---|---|---|---|---|
| ସ୍ଥା | ତିଷ୍ଠତି | ରହୁଛି | ସ୍ଥାପି | ସ୍ଥାପୟତି |
| ଦା | ଦଦାତି | ଦେଉଛି | ଦାପି | ଦାପୟତି |
| ଯା | ଯାତି | ଯାଉଛି | ଯାପି | ଯାପୟତି |
| ଜ୍ଞା | ଜାନାତି | ଜାଣୁଛି | ଜ୍ଞାପି | ଜ୍ଞାପୟତି / ଜ୍ଞପୟତି |
| ଧା | ଦଧାତି | ଧାରଣକରୁଛି | ଧାପି | ଧାପୟତି |
| ସ୍ନା | ସ୍ନାତି | ଗାଧୋଉଛି | ସ୍ନାପି | ସ୍ନାପୟତି / ସ୍ନପୟତି |
| ମା | ମାତି | ମାନନିର୍ଦ୍ଧାରଣକରୁଛି | ମାପି | ମାପୟତି |
| କ୍ରୀ | କ୍ରୀଣାତି | କିଣୁଛି | କ୍ରାପି | କ୍ରାପୟତି |

କେତେକ ଉପସର୍ଗଯୁକ୍ତ ଧାତୁର ଣିଜନ୍ତ ରୂପକୁ ଲକ୍ଷ୍ୟକର–

| **ଉପସର୍ଗଯୁକ୍ତ ଧାତୁ** | **ଅଣିଜନ୍ତ ରୂପ** | **ଅର୍ଥ** | **ଣିଜନ୍ତ ରୂପ** | **ଲଟ୍ ପ୍ରଥମ ପୁରୁଷ ଏକ ବଚନରେ ରୂପ** |
|---|---|---|---|---|
| ଆ–ଗମ୍ | ଆଗଚ୍ଛତି | ଆସୁଛି | ଆଗମି | ଆଗମୟତି |
| ପରି–ଧା | ପରିଦଧାତି | ପିନ୍ଧୁଛି | ପରିଧାପି | ପରିଧାପୟତି |
| ଅଧି–ଇ | ଅଧ୍ୟେତି | ପଢୁଛି | ଅଧାପି | ଅଧାପୟତି |
| ପ୍ର–ଆପ୍ | ପ୍ରାପ୍ନୋତି | ପାଉଛି | ପ୍ରାପି | ପ୍ରାପୟତି |
| ସମ୍–ଗ୍ରହ୍ | ସଂଗୃହ୍ଣାତି | ସଂଗ୍ରହକରୁଛି | ସଂଗ୍ରାହି | ସଂଗ୍ରାହୟତି |

ଣିଜନ୍ତ ଧାତୁର ଆତ୍ମନେପଦୀ ରୂପ ସେବ୍ ଧାତୁପରି ହୋଇଥାଏ । ଯଥା:– ପାଠୟତେ, ପାଠୟେତ, ପାଠୟତାମ୍, ଅପାଠୟତ, ପାଠୟିଷ୍ୟତେ ଇତ୍ୟାଦି ।

କେତେକ ଧାତୁର ଣିଜନ୍ତରେ ଅର୍ଥଗତ ପରିବର୍ତ୍ତନ ସହିତ ବିକଳ୍ପରୂପ ମଧ୍ୟ ହୋଇଥାଏ । ନିମ୍ନସ୍ଥ ଉଦାହରଣଗୁଡ଼ିକୁ ଲକ୍ଷ୍ୟ କର–

ଚଲ୍ ଧାତୁ ଣିଜନ୍ତରେ ଉଭୟ ଚଳି ଓ ଚାଳି ହୋଇଥାଏ ।

ପବନଃ ଲତାଂ ଚଳୟତି – ପବନ ଲତାକୁ ହଲାଉଛି ।

ମୁଖ୍ୟମନ୍ତ୍ରୀ ରାଜ୍ୟଂ ଚାଳୟତି – ମୁଖ୍ୟମନ୍ତ୍ରୀ ରାଜ୍ୟ ଚଳାଉଛନ୍ତି ।

ଅଶ୍ୱପାଳଃ ଅଶ୍ୱଂ ଚାଳୟତି – ଅଶ୍ୱପାଳକ ଅଶ୍ୱକୁ ଚଳାଉଛି ।

ଏହିପରି– ସର୍ପଃ ଜନାନ୍ ଭୀଷୟତେ । ସାପ ଲୋକଙ୍କୁ ଡରାଉଛି ।

ମାତା କୁଞ୍ଚିକୟା ବାଳଂ ଭାୟୟତି – ମା' ଚାବି ଦେଖାଇ ପିଲାଙ୍କୁ ଡରାଉଛନ୍ତି । (କୁଞ୍ଚିକା– 'ଚାବି' ଏବଂ 'କୋଚିଆ' ସାପପରି ଏକ ବିଷହୀନ ଜଳଜୀବ)

ମନେରଖ– କର୍ତ୍ତା ନିଜେ ଭୟର କାରଣ ହେଲେ ଣିଜନ୍ତରେ 'ଭୀଷୟତେ' ରୂପ ହୁଏ, ମାତ୍ର କର୍ତ୍ତା ଅନ୍ୟଦ୍ୱାରା ଭୟଜାତ କରାଇଲେ 'ଭାୟୟତି' ରୂପ ହୁଏ ।

ସନ୍ନ୍ୟାସୀ ତପଃ ସେଧୟତି – ସନ୍ନ୍ୟାସୀ ତପଃ ସାଧନ କରୁଛନ୍ତି ।

ପାଚକଃ ଅନ୍ନଂ ସାଧୟତି – ରୋଷେୟା ଭାତ ରାନ୍ଧୁଛି ।

**ମନେରଖ–** ପରଲୋକ ପାଇଁ କର୍ମସାଧନ ହେଲେ 'ସିଧ୍' ଧାତୁର ଣିଜନ୍ତରେ 'ସେଧୟତି' ଓ ଇହଲୋକପାଇଁ କର୍ମସାଧନରେ 'ସାଧୟତି' ରୂପ ହୁଏ ।

ଲକ୍ଷ୍ୟକର–

ବ୍ୟାଧଃ ମୃଗାନ୍ ରଜୟତି – ଶିକାରୀ ମୃଗମାନଙ୍କୁ ମାରୁଛି ।

ରଜକଃ ବସ୍ତ୍ରଂ ରଞ୍ଜୟତି – ଧୋବା ଲୁଗା ରଙ୍ଗ କରୁଛି ।

ଗାୟକଃ ଜନାନ୍ ରଞ୍ଜୟତି – ଗାୟକ ଲୋକଙ୍କ ମନୋରଞ୍ଜନ କରୁଛି ।

ଶିକାର କରିବା ଅର୍ଥରେ ରନଜ୍ ଧାତୁର ଣିଜନ୍ତରେ ରଜୟତି ଓ ରଙ୍ଗ କରିବା ତଥା ମନୋରଞ୍ଜନ କରିବା ଅର୍ଥରେ ରଞ୍ଜୟତି ରୂପ ହୋଇଥାଏ ।

ଐନ୍ଦ୍ରଜାଲିକଃ ଜନାନ୍ ବିସ୍ମାପୟତେ ।

ଯାଦୁକର ଲୋକଙ୍କୁ ବିସ୍ମିତ କରୁଛି ।

ଐନ୍ଦ୍ରଜାଲିକଃ ପୁତ୍ତଳିକୟା ଜନାନ୍ ବିସ୍ମାୟୟତି ।

ଯାଦୁକର କଣ୍ଢେଇଦ୍ୱାରା ଲୋକଙ୍କୁ ବିସ୍ମିତ କରୁଛି ।

ମନେରଖ– କର୍ତ୍ତା ନିଜେ ବିସ୍ମୟର କାରଣ ହେଲେ ବି-ସ୍ମି ଧାତୁର ଣିଜନ୍ତରେ 'ବିସ୍ମାପୟତେ' ରୂପ ହୁଏ, କିନ୍ତୁ ଅନ୍ୟ ଦ୍ୱାରା ବିସ୍ମୟ ଜାତ କରାଇଲେ 'ବିସ୍ମାୟୟତି' ରୂପ ହୁଏ । ଏହିପରି–

ବାଳକଃ ଗୀତଂ ନିଶମୟତି – ବାଳକ ଗୀତ ଶୁଣୁଛି ।

ବାଳିକା ଚନ୍ଦ୍ରଂ ନିଶାମୟତି – ବାଳିକା ଚନ୍ଦ୍ରକୁ ଦେଖୁଛି ।

ମନେରଖ– ଶୁଣିବା ଅର୍ଥରେ ନି-ଶମ୍ ଧାତୁର ଣିଜନ୍ତରେ 'ନିଶମୟତି' ଓ ଦେଖିବା ଅର୍ଥରେ 'ନିଶାମୟତି' ରୂପ ହୁଏ । ଏହା ଣିଜନ୍ତ ଅନ୍ତର୍ଗତ ହୋଇଥିଲେ ମଧ୍ୟ ଚୁରାଦିଗଣୀୟ ଧାତୁପରି ସାଧାରଣ କ୍ରିୟାରୂପେ ବ୍ୟବହୃତ ହୋଇଥାନ୍ତି ।

କେତେକ ସାଧାରଣ ପ୍ରଚଳିତ ଧାତୁର ବିଭିନ୍ନ ଲକାରରେ ପରସ୍ମୈପଦୀ ଣିଜନ୍ତ ରୂପ ନିମ୍ନରେ ଦିଆଗଲା ।

| **ଧାତୁ** | **ଲଟ୍** | **ଲଙ୍** | **ବିଧିଲିଙ୍** | **ଲୋଟ୍** | **ଲୃଟ୍** |
|---|---|---|---|---|---|
| ପଠ୍ | ପାଠୟତି | ଅପାଠୟତ୍ | ପାଠୟେତ୍ | ପାଠୟତୁ | ପାଠୟିଷ୍ୟତି |

| | | | | | |
|---|---|---|---|---|---|
| ଗମ୍ | ଗମୟତି | ଅଗମୟତ୍ | ଗମୟେତ୍ | ଗମୟତୁ | ଗମୟିଷ୍ୟତି |
| ଦୃଶ୍ | ଦର୍ଶୟତି | ଅଦର୍ଶୟତ୍ | ଦର୍ଶୟେତ୍ | ଦର୍ଶୟତୁ | ଦର୍ଶୟିଷ୍ୟତି |
| ପା | ପାୟୟତି | ଅପାୟୟତ୍ | ପାୟୟେତ୍ | ପାୟୟତୁ | ପାୟୟିଷ୍ୟତି |
| ସ୍ଥା | ସ୍ଥାପୟତି | ଅସ୍ଥାପୟତ୍ | ସ୍ଥାପୟେତ୍ | ସ୍ଥାପୟତୁ | ସ୍ଥାପୟିଷ୍ୟତି |
| ନୀ | ନାୟୟତି | ଅନାୟୟତ୍ | ନାୟୟେତ୍ | ନାୟୟତୁ | ନାୟୟିଷ୍ୟତି |
| ଭୂ | ଭାବୟତି | ଅଭାବୟତ୍ | ଭାବୟେତ୍ | ଭାବୟତୁ | ଭାବୟିଷ୍ୟତି |
| କୃ | କାରୟତି | ଅକାରୟତ୍ | କାରୟେତ୍ | କାରୟତୁ | କାରୟିଷ୍ୟତି |
| ଦା | ଦାପୟତି | ଅଦାପୟତ୍ | ଦାପୟେତ୍ | ଦାପୟତୁ | ଦାପୟିଷ୍ୟତି |
| ଜ୍ଞା | ଜ୍ଞାପୟତି | ଅଜ୍ଞାପୟତ୍ | ଜ୍ଞାପୟେତ୍ | ଜ୍ଞାପୟତୁ | ଜ୍ଞାପୟିଷ୍ୟତି |
| ଶ୍ରୁ | ଶ୍ରାବୟତି | ଅଶ୍ରାବୟତ୍ | ଶ୍ରାବୟେତ୍ | ଶ୍ରାବୟତୁ | ଶ୍ରାବୟିଷ୍ୟତି |
| ହନ୍ | ଘାତୟତି | ଅଘାତୟତ୍ | ଘାତୟେତ୍ | ଘାତୟତୁ | ଘାତୟିଷ୍ୟତି |
| ଗ୍ରହ୍ | ଗ୍ରାହୟତି | ଅଗ୍ରାହୟତ୍ | ଗ୍ରାହୟେତ୍ | ଗ୍ରାହୟତୁ | ଗ୍ରାହୟିଷ୍ୟତି |
| ପ୍ରୀ | ପ୍ରୀଣୟତି | ଅପ୍ରୀଣୟତ୍ | ପ୍ରୀଣୟେତ୍ | ପ୍ରୀଣୟତୁ | ପ୍ରୀଣୟିଷ୍ୟତି |
| ପତ୍ | ପାତୟତି | ଅପାତୟତ୍ | ପାତୟେତ୍ | ପାତୟତୁ | ପାତୟିଷ୍ୟତି |
| ଲଭ୍ | ଲମ୍ଭୟତି | ଅଲମ୍ଭୟତ୍ | ଲମ୍ଭୟେତ୍ | ଲମ୍ଭୟତୁ | ଲମ୍ଭୟିଷ୍ୟତି |
| ଶୀ | ଶାୟୟତି | ଅଶାୟୟତ୍ | ଶାୟୟେତ୍ | ଶାୟୟତୁ | ଶାୟୟିଷ୍ୟତି |
| ଭୁଜ୍ | ଭୋଜୟତି | ଅଭୋଜୟତ୍ | ଭୋଜୟେତ୍ | ଭୋଜୟତୁ | ଭୋଜୟିଷ୍ୟତି |

## ଅଭ୍ୟାସ

**୧। ସଂସ୍କୃତଭାଷୟା ଅନୁବାଦଂ କୁରୁତ ।**

(କ) ମାଆ ଝିଅକୁ ଶେଯରେ ଶୁଆଉଛନ୍ତି ।

(ଖ) ବାପା ପୁଅକୁ ଚନ୍ଦ୍ର ଦେଖାଇବେ ।

(ଗ) ମୁଁ ତୁମଦ୍ୱାରା ଫୁଲଗୁଡ଼ିକ ତୋଳାଇବି ।

(ଘ) ରମା ସୀମାକୁ ନିଦରୁ ଉଠାଉଛି ।

(ଙ) ମାମୁଁ ଆମକୁ ଗପ ଶୁଣାଇଲେ ।

(ଚ) ସେମାନେ ତୁମକୁ କାହିଁକି ଡକାଇଛନ୍ତି ?

(ଛ) ବାପା ରାମଦ୍ୱାରା ବହିଗୁଡ଼ିକୁ ରଖାଉଛନ୍ତି ।

(ଜ) ଗୁରୁମା’ ତୁମକୁ ସାହିତ୍ୟ ପଢ଼ାଇବା ଉଚିତ ।

(ଝ) ତୁମକୁ କିଏ ଲୁଗା ପିନ୍ଧାଇଛି ?

(ଛ) ଆଈ ନାତୁଣୀକୁ ଗାଧୋଇଦେବେ ।

(ଟ) ଶିକ୍ଷକ ଛାତ୍ରମାନଙ୍କ ଦ୍ୱାରା ଉତ୍ତର କରାଉଛନ୍ତି ।

(ଠ) ନର୍ତ୍ତକ ଲୋକମାନଙ୍କ ମନୋରଞ୍ଜନ କରୁଛି ।

(ଡ) ସରକାର ଜନତାଙ୍କୁ ନିବେଦନ କରୁଛନ୍ତି ।

(ଢ) ଗୋବିନ୍ଦ ମୂଲିଆଦ୍ୱାରା ଜିନିଷପତ୍ର ବୁହାଇଲେ ।

(ଣ) ବଡ଼ଭଉଣୀ ସାନଭାଇକୁ ନିୟମସବୁ ବୁଝାଇଦେବା ଉଚିତ ।

**୨।** **ଅଧୋଲିଖିତପଦାନି ବ୍ୟବହୃତ୍ୟ ସଂସ୍କୃତେନ ବାକ୍ୟରଚନଂ କୁରୁତ ।**

ଅଧ୍ୟାପୟତି, ଭୀଷୟତେ, ରଜୟତି, ଦାପୟାମି, ଶ୍ରାବୟସି, ଅଜ୍ଞାପୟତ୍, କ୍ରନ୍ଦୟେତ୍, ଜାଗରୟତି, ଘାତୟତୁ, ଅରୋଦୟତ୍ ।

**୩।** **ସ୍ତମ୍ଭମେଳନଂ କୁରୁତ ।**

| **କ - ସ୍ତମ୍ଭଃ** | **ଖ - ସ୍ତମ୍ଭଃ** |
|---|---|
| ଗୃହ୍ଣନ୍ତଂ ପ୍ରେରୟ | ଘ୍ରାପୟନ୍ତି |
| ଲଭମାନଂ ପ୍ରେରୟାମି | ଅଦର୍ଶୟତ୍ |
| ରୁଦନ୍ତଂ ପ୍ରେରୟସି | ଗାପୟତୁ |
| ସ୍ନାନ୍ତଂ ପ୍ରେରୟେତ୍ | ଗ୍ରାହୟ |
| ପଶ୍ୟନ୍ତଂ ପ୍ରୈରୟତ୍ | ରମୟିଷ୍ୟାମି |
| କୁର୍ବନ୍ତଂ ପ୍ରେରୟିଷ୍ୟନ୍ତି | ଲମ୍ଭୟାମି |
| ଗାୟନ୍ତଂ ପ୍ରେରୟତୁ | ଚାରୟସି |
| ଚରନ୍ତଂ ପ୍ରେରୟସି | ରୋଦୟସି |
| ରମମାଣଂ ପ୍ରେରୟିଷ୍ୟାମି | ସ୍ନାପୟେତ୍ |
| ଜିଘ୍ରନ୍ତଂ ପ୍ରେରୟନ୍ତି | କାରୟିଷ୍ୟନ୍ତି |

**୪।** **ସଂଶୋଧନଂ କୁରୁତ ।**

(କ) ରଜକଃ ବସ୍ତ୍ରାଣି ରଜୟତି ।

(ଖ) ବୀରଃ ଖଡ୍ଗେନ ଶତ୍ରୂନ୍ ଭୀଷୟତେ ।

(ଗ) ଗୁରୁଃ ଶିଷ୍ୟାନ୍ ବ୍ୟାକରଣମ୍ ଅଧ୍ୟାୟୟତି ।

(ଘ) ନେତା ହସ୍ତଂ ଚାଳୟତି ।

(ଙ) ତ୍ୱଂ କେନ ଖାତିକାମ୍ ଅକ୍ରାପୟ ?

(ଚ) ଶିଶୁଃ ସଂଖ୍ୟାଃ ଗଣୟ ।

(ଛ) ଗୃହସ୍ଥଃ ଶ୍ରମିକୈଃ କାଷ୍ଠାନି ଛିନତ୍ତି ।

(ଜ) ତ୍ୱଂ ମାଂ କଥଂ ହସୟତି ?

(ଝ) ଗାୟକଃ ଛାତ୍ରଂ ଗାୟୟତୁ ।

(ଞ) ଜନାଃ ମାର୍ଗେ ଦୁର୍ଘଟନାଂ ଘଟୟତି ।

୫। **ଣିଜନ୍ତରୂପାଣି ଲିଖତ ।**

ଯଥା: ପଠତି = ପାଠୟତି

ଜାୟନ୍ତେ, ଲଭତେ, ଶେରତେ, ଗୃହ୍ଣାତି, ଅହନ୍, ପତତୁ, ପୃଚ୍ଛାମଃ, ଜୟନ୍ତି, ଜାନାସି, ପଠେୟୁଃ

୬। **ନିର୍ଦ୍ଦେଶାନୁସାରେଣ ଣିଜନ୍ତରୂପାଣି ଲିଖତ ।**

କୃ- ବିଧିଲିଙି ଉତ୍ତମ ପୁରୁଷୈକବଚନେ ।

ସ୍ଥା- ଲୋଟି ମଧ୍ୟମପୁରୁଷ ବହୁବଚନେ ।

କ୍ରୀ- ଲଙି ପ୍ରଥମପୁରୁଷ ବହୁ ବଚନେ ।

ଗୈ- ଲଟି ପ୍ରଥମପୁରୁଷ ବହୁବଚନେ ।

ଗ୍ରହ୍- ଲୃଟି ଉତ୍ତମ ପୁରୁଷ ଦ୍ୱିବଚନେ ।

ଛିଦ୍- ଲୃଟି ଉତ୍ତମପୁରୁଷୈକବଚନେ ।

ଭୁଜ୍- ଲୋଟି ପ୍ରଥମପୁରୁଷ ବହୁବଚନ ।

୭। **ଅର୍ଥଭେଦଂ କୁରୁତ ।**

ରଜୟତି - ରଞ୍ଜୟତି ।

ଭୀଷୟତେ - ଭାୟୟତି ।

ନିଶମୟତି - ନିଶାମୟତି ।

ସାଧୟତି - ସେଧୟତି ।

ଚଳୟତି - ଚାଳୟତି ।

୮। **ବନ୍ଧନୀମଧ୍ୟାତ୍ ଶୁଦ୍ଧମ୍ ଉତ୍ତରଂ ନିରୂପୟତ ।**

ଦଦତଂ ପ୍ରେରୟତି - (ଦଦୟତି, ଦାନୟତି, ଦାପୟତି)

ଗଚ୍ଛନ୍ତଂ ପ୍ରେରୟ - (ଗଚ୍ଛୟ, ଗାମୟ, ଗମୟ)

କୁର୍ବନ୍ତଂ ପ୍ରେରୟସି- (କରୋଷି, କାରୟସି, କର୍ତ୍ତୟସି)

କ୍ରୀଣନ୍ତଂ ପ୍ରୈରୟତ୍- (ଅକ୍ରାପୟତ୍, କ୍ରାପୟତି, କ୍ରେତୟତି)

ପଠନ୍ତଂ ପ୍ରେରୟାମି- (ପଠୟାମି, ପାଠୟାମି, ପାଠାୟମି)

ପଶ୍ୟନ୍ତଂ ପ୍ରେରୟେତ୍- (ଦର୍ଶୟତି, ଦର୍ଶୟେତ୍, ପଶେୟତ୍)

ଶୃଣ୍ୱନ୍ତଂ ପ୍ରେରୟିଷ୍ୟାମି- (ଶ୍ରାବୟାମି, ଶ୍ରାବୟମି, ଶ୍ରାବୟିଷ୍ୟାମି)

# ସନନ୍ତ

## ଇଚ୍ଛାର୍ଥକ ଧାତୁ

SJH1A8

ଇଚ୍ଛାର୍ଥକ ଧାତୁ ଓ ତା'ର କର୍ମସ୍ଥାନୀୟ ଧାତୁର କର୍ତ୍ତା ଜଣେ ହୋଇଥିଲେ କର୍ମସ୍ଥାନୀୟ ଧାତୁରୁ ଉତ୍ତର ଇଚ୍ଛା ଅର୍ଥରେ ବିକଳ୍ପରେ ସନ୍ (ସ) ପ୍ରତ୍ୟୟ ହୁଏ। ସନ୍ ଅନ୍ତରେ ଲାଗି ପଦ ଗଠିତ ହେଉଥିବାରୁ ପଦକୁ ସନନ୍ତ ପଦ (ସନ୍+ଅନ୍ତ=ସନନ୍ତ) କୁହାଯାଏ।

୧. ରାମଃ ପଠିତୁମ୍ ଇଚ୍ଛତି – ରାମଃ ପିପଠିଷତି।

୨. ଲତା ଲବ୍ଧୁମ୍ ଇଚ୍ଛତି – ଲତା ଲିପ୍ସତେ।

ପ୍ରଥମବାକ୍ୟରେ 'ପଠିତୁମ୍ ଇଚ୍ଛତି' ସ୍ଥାନରେ ବିକଳ୍ପରେ 'ପିପଠିଷତି' ହୋଇଛି। ଏଥିରେ 'ପଠିତୁମ୍' ପଦ ପଠ୍ ଧାତୁରୁ ଏବଂ 'ଇଚ୍ଛତି' ପଦ 'ଇଷ୍' ଧାତୁରୁ ନିଷ୍ପନ୍ନ ହୋଇଛି। କର୍ମସ୍ଥାନୀୟ 'ପଠିତୁମ୍' ଏବଂ 'ଇଚ୍ଛତି' ଉଭୟର କର୍ତ୍ତା 'ରାମଃ' ହୋଇଥିବାରୁ 'ପଠ୍' ଧାତୁରୁ 'ସନ୍' ଲାଗି 'ପିପଠିଷ' ହେବାପରେ ଲଟ୍ ପ୍ରଥମପୁରୁଷ ଏକବଚନରେ 'ପିପଠିଷତି' ହୋଇଛି। (ପଠ୍+ସନ୍+ଶପ୍+ତିପ୍)। ଦ୍ୱିତୀୟବାକ୍ୟରେ 'ଲବ୍ଧୁମ୍ ଇଚ୍ଛତି' ସ୍ଥାନରେ ବିକଳ୍ପରେ 'ଲିପ୍ସତେ' ହୋଇଅଛି। କର୍ମସ୍ଥାନୀୟ 'ଲବ୍ଧୁମ୍' ଏବଂ 'ଇଚ୍ଛତି' ପଦର କର୍ତ୍ତା 'ଲତା' ହୋଇଥିବାରୁ 'ଲଭ୍' ଧାତୁରୁ 'ସନ୍' ପ୍ରତ୍ୟୟ ଲାଗି 'ଲିପ୍ସ' ହେବାପରେ 'ଲିପ୍ସତେ' ପଦ (ଲଭ୍-ସନ୍+ଶପ୍+ତେ) ଗଠିତ ହୋଇଅଛି।

ମନେରଖ – 'ସନନ୍ତ' ହେବାପୂର୍ବରୁ ଧାତୁ ଆତ୍ମନେପଦୀ ବା ପରସ୍ମୈପଦୀ ହୋଇଥାଏ, ସନନ୍ତଧାତୁ ମଧ୍ୟ ସେହି ଆତ୍ମନେପଦୀ ବା ପରସ୍ମୈପଦୀ ହୁଏ। କେବଳ ଧାତୁର ରୂପରେ ପରିବର୍ତ୍ତନ ହୋଇଥାଏ। ଉଭୟପଦୀ ଧାତୁର ସନନ୍ତରୂପ ଉଭୟପଦୀ ହୋଇଥାଏ।

କେତେକ ଧାତୁର ସନନ୍ତରେ ଲଟ୍ ପ୍ରଥମପୁରୁଷ ଏକବଚନରେ ରୂପ ନିମ୍ନରେ ଦିଆଗଲା । ଲକ୍ଷ୍ୟ କର---

| ଧାତୁ | ସନନ୍ତରୂପ | ଲଟ୍ ପ୍ରଥମ ପୁରୁଷ ଏକବଚନରେ ରୂପ |
|---|---|---|
| ପଠ | ପିପଠିଷ | ପିପଠିଷତି |
| ଗମ୍ | ଜିଗମିଷ | ଜିଗମିଷତି |
| କୃ | ଚିକୀର୍ଷ | ଚିକୀର୍ଷତି |
| ନୀ | ନିନୀଷ | ନିନୀଷତି |
| ଭୂ | ବୁଭୂଷ | ବୁଭୂଷତି |
| ଦା | ଦିତ୍ସ | ଦିତ୍ସତି |
| କ୍ରୀ | ଚିକ୍ରୀଷ | ଚିକ୍ରୀଷତି |
| ଗ୍ରହ୍ | ଜିଘୃକ୍ଷ | ଜିଘୃକ୍ଷତି |
| ଧା | ଧିତ୍ସ | ଧିତ୍ସତି |
| ନମ୍ | ନିନଂସ | ନିନଂସତି |

| | | |
|---|---|---|
| ଅଦ୍ | ଜିଘତ୍ସ | ଜିଘତ୍ସତି |
| ଗୈ | ଜିଗାସ | ଜିଗାସତି |
| ଆପ୍ | ଈପ୍ସ | ଈପ୍ସତି |
| ଘ୍ରା | ଜିଘ୍ରାସ | ଜିଘ୍ରାସତି |
| ଦହ୍ | ଦିଧକ୍ଷ | ଦିଧକ୍ଷତି |
| ଚ଼ି | ଚ଼ିଚୀଷ | ଚ଼ିଚୀଷତି |
| ରୁଦ୍ | ରୁରୁଦିଷ | ରୁରୁଦିଷତି |
| ଭୀ | ବିଭୀଷ | ବିଭୀଷତି |
| ଛିଦ୍ | ଚ଼ିଚ୍ଛିତ୍ସ | ଚିଚ୍ଛିତ୍ସତି |
| ତ୍ୟଜ୍ | ତିତ୍ୟକ୍ଷ | ତିତ୍ୟକ୍ଷତି |
| ମୃ | ମୁମୂର୍ଷ | ମୁମୂର୍ଷତି |
| ବିଦ୍ | ବିବିଦିଷ | ବିବିଦିଷତି |
| ଭିଦ୍ | ବିଭିତ୍ସ | ବିଭିତ୍ସତି |
| ଭୁଜ୍ | ବୁଭୁକ୍ଷ | ବୁଭୁକ୍ଷତି |
| ଅସ୍ | ବୁଭୂଷ | ବୁଭୂଷତି |
| ମୁଚ୍ | ମୁମୁକ୍ଷ | ମୁମୁକ୍ଷତି |
| ପା | ପିପାସ | ପିପାସତି |
| ରୁହ୍ | ରୁରୁକ୍ଷ | ରୁରୁକ୍ଷତି |
| ଲିଖ୍ | ଲିଲେଖିଷ | ଲିଲେଖିଷତି |
| ନଶ୍ | ନିନଙ୍କ୍ଷ | ନିନଙ୍କ୍ଷତି |
| ପ୍ରଚ୍ଛ୍ | ପିପୃଚ୍ଛିଷ | ପିପୃଚ୍ଛିଷତି |
| ବ୍ରୂ, ବଚ୍ | ବିବକ୍ଷ | ବିବକ୍ଷତି |
| ସ୍ଥା | ତିଷ୍ଠାସ | ତିଷ୍ଠାସତି |
| ହନ୍ | ଜିଘାଂସ | ଜିଘାଂସତି |
| ସୃଜ୍ | ସିସୃକ୍ଷ | ସିସୃକ୍ଷତି |
| ସିଚ୍ | ସିସିକ୍ଷ | ସିସିକ୍ଷତି |
| ହା | ଜିହାସ | ଜିହାସତି |
| ଖାଦ୍ | ଚିଖାଦିଷ | ଚିଖାଦିଷତି |
| ଗଣ୍ | ଜିଗଣୟିଷ | ଜିଗଣୟିଷତି |
| କ୍ଷିପ୍ | ଚିକ୍ଷିପ୍ସ | ଚିକ୍ଷିପ୍ସତି |

| | | |
|---|---|---|
| ଚର | ଚିଚରିଷ | ଚିଚରିଷତି |
| ଜୀବ୍ | ଜିଜୀବିଷ | ଜିଜୀବିଷତି |
| ଜି | ଜିଗୀଷ | ଜିଗୀଷତି |
| ଜପ୍ | ଜିଜପିଷ | ଜିଜପିଷତି |
| ଦନ୍ଶ | ଦିନକ୍ଷ | ଦିଦକ୍ଷତି |
| ନିନ୍ଦ୍ | ନିନିନ୍ଦିଷ | ନିନିନ୍ଦିଷତି |
| ପଚ୍ | ପିପକ୍ଷ | ପିପକ୍ଷତି |
| ଭ୍ରମ୍ | ବିଭ୍ରମିଷ | ବିଭ୍ରମିଷତି |
| ଯା | ଯିଯାସ | ଯିଯାସତି |
| ରକ୍ଷ୍ | ରିରକ୍ଷିଷ | ରିରକ୍ଷିଷତି |
| ବସ | ବିବସ୍ | ବିବସ୍ତି |
| ସ୍ୱପ୍ | ସୁଷୁପ୍ସ | ସୁଷୁପ୍ସତି |
| ହୃଷ୍ | ଜିହର୍ଷିଷ | ଜିହର୍ଷିଷତି |

**ଆତ୍ମନେପଦୀ -**

| | | |
|---|---|---|
| ଲଭ୍ | ଲିପ୍ସ | ଲିପ୍ସତେ |
| ଜନ୍ | ଜିଜନିଷ | ଜିଜନିଷତେ |
| ରମ୍ | ରିରଂସ | ରିରଂସତେ |
| ରଭ୍ | ରିପ୍ସ | ରିପ୍ସତେ |
| ବୁଧ୍ | ବୁଭୁତ୍ସ | ବୁଭୁତ୍ସତେ |
| ଶୀ | ଶିଶୟିଷ | ଶିଶୟିଷତେ |
| ଅଧି-ଇ | ଅଧିଜିଗାଂସ | ଅଧିଜିଗାଂସତେ |
| ସେବ୍ | ସିସେବିଷ | ସିସେବିଷତେ |
| ମୁଚ୍ | ମୁମୁକ୍ଷ | ମୁମୁକ୍ଷତେ |
| ଈକ୍ଷ୍ | ଈଚିକ୍ଷିଷ | ଈଚିକ୍ଷିଷତେ |
| ଡୀ | ଡିଡ୍ୟିଷ | ଡିଡ୍ୟିଷତେ |
| ତିଜ | ତିତିକ୍ଷ | ତିତିକ୍ଷତେ |
| ତ୍ରୈ | ତିତ୍ରାସ | ତିତ୍ରାସତେ |
| ବଧ୍ | ବୀଭତ୍ସ | ବୀଭତ୍ସତେ |
| ମାନ୍ | ମୀମାଂସ | ମୀମାଂସତେ |
| ଯୁଧ୍ | ଯୁଯୁତ୍ସ | ଯୁଯୁତ୍ସତେ |

କେତେକ ସନନ୍ତ ଧାତୁର ପ୍ରୟୋଗକୁ ଲକ୍ଷ୍ୟ କର–

ବାଳକଃ ବିଦ୍ୟାଳୟଂ ଜିଗମିଷତି । (ଗନ୍ତୁମ୍ ଇଚ୍ଛତି)

ଶିଶୁଃ ମୋଦକଂ ଦୃଷ୍ଟ୍ୱା ବୁଭୁକ୍ଷତି । (ଭୋକ୍ତୁମ୍ ଇଚ୍ଛତି)

ମୃଗଃ ଜଳଂ ପିପାସତି । (ପାତୁମ୍ ଇଚ୍ଛତି)

ତାପସଃ ବୈକୁଣ୍ଠେ ତିଷ୍ଠାସତି । (ସ୍ଥାତୁମ୍ ଇଚ୍ଛତି)

ବାଳିକା ଗୀତଂ ଜିଗାସତି । (ଗାତୁମ୍ ଇଚ୍ଛତି)

ବ୍ୟାଧଃ ପଶୂନ୍ ଜିଘାଂସତି । (ହନ୍ତୁମ୍ ଇଚ୍ଛତି)

ମାତା ଅନ୍ନଂ ପିପକ୍ଷତି । (ପକ୍ତୁମ୍ ଇଚ୍ଛତି)

ଶିଷ୍ୟଃ ଗୁରୁଂ ପିପୃଚ୍ଛିଷତି । (ପ୍ରଷ୍ଟୁମ୍ ଇଚ୍ଛତି)

କୃପଣଃ ଧନଂ ଲିପ୍ସତେ । (ଲବ୍‌ଧୁମ୍ ଇଚ୍ଛତି)

ଅହଂ ସମ୍ପ୍ରତି ଶିଶୟିଷେ । (ଶୟିତୁମ୍ ଇଚ୍ଛାମି)

ତ୍ୱଂ ପିତରୌ ସିଷେବିଷସେ । (ସେବିତୁମ୍ ଇଚ୍ଛସି)

କେତେକ ଧାତୁର ସନନ୍ତରେ ପରସ୍ମୈପଦୀସ୍ଥାନରେ ଆତ୍ମନେପଦୀ ରୂପ ହୁଏ ।

ଲକ୍ଷ୍ୟ କର – ଜ୍ଞାତୁମ୍ ଇଚ୍ଛତି = ଜିଜ୍ଞାସତେ । (ଜାଣିବାକୁ ଚାହୁଁଛି)

ବାଳକଃ କିଂ ଜିଜ୍ଞାସତେ ?

ସ୍ମର୍ତୁମ୍ ଇଚ୍ଛତି = ସୁସ୍ମୂର୍ଷତେ । (ସ୍ମରଣ କରିବାକୁ ଇଚ୍ଛା କରୁଛି)

କନ୍ୟା ମାତରଂ ସୁସ୍ମୂର୍ଷତେ ।

ଦ୍ରଷ୍ଟୁମ୍ ଇଚ୍ଛତି = ଦିଦୃକ୍ଷତେ । (ଦେଖିବାକୁ ଇଚ୍ଛା କରୁଛି)

ପରିବ୍ରାଜକଃ ସମୁଦ୍ରଂ ଦିଦୃକ୍ଷତେ ।

ଶ୍ରୋତୁମ୍ ଇଚ୍ଛତି = ଶୁଶ୍ରୂଷତେ । (ଶୁଣିବାକୁ ଇଚ୍ଛା କରୁଛି)

ବୃଦ୍ଧା ପୁରାଣଂ ଶୁଶ୍ରୂଷତେ ।

**ଅନ୍ୟ କେତେକ ଧାତୁର ସ୍ୱାର୍ଥରେ ‘ସନ୍’ ପ୍ରତ୍ୟୟ ହୁଏ, ଇଚ୍ଛାର୍ଥରେ ନୁହେଁ ।**

ଲକ୍ଷ୍ୟ କର – କିତ୍+ସନ୍+ଶପ୍+ତିପ୍ = ଚିକିତ୍ସତି (ଆରୋଗ୍ୟ କରୁଛି)

ବୈଦ୍ୟଃ ରୁଗ୍ଣଂ ଚିକିତ୍ସତି ।

ଗୁପ୍+ସନ୍+ଶପ୍+ତେ = ଜୁଗୁପ୍ସତେ । (ଘୃଣା କରୁଛି)

ରାମଃ ଶ୍ୟାମାତ୍ ଜୁଗୁପ୍‌ସତେ ।

ତିଜ୍+ସନ୍+ଶପ୍+ତେ = ତିତିକ୍ଷତେ । (ସହ୍ୟ କରୁଛି)

ବାଳକଃ ମିତ୍ରଂ ନ ତିତିକ୍ଷତେ ।

ବଧ୍+ସନ୍+ଶପ୍+ତେ = ବୀଭତ୍ସତେ । (ନିନ୍ଦା କରୁଛି)

କୃପଣଃ ଦାତାରଂ <u>ବୀଭତ୍ସତେ</u>।

ମାନ୍+ସନ୍+ଶପ୍+ତେ = ମୀମାଂସତେ। (ନିଷ୍ପତ୍ତି କରୁଛି)

ସଭାପତିଃ ଆବେଦନଂ <u>ମୀମାଂସତେ</u>।

ସନନ୍ତ ଧାତୁ ସହିତ ଆ (ସ୍ତ୍ରୀ) ପ୍ରତ୍ୟୟ ଲାଗି ବିଶେଷ୍ୟପଦ ଗଠିତ ହୁଏ।

ଯଥା - ପା + ସନ୍ + ଆ = ପିପାସା।

ଭୁଜ୍ + ସନ୍ + ଆ = ବୁଭୁକ୍ଷା।

ଦୃଶ୍ + ସନ୍ + ଆ = ଦିଦୃକ୍ଷା।

ଜ୍ଞା + ସନ୍ + ଆ = ଜିଜ୍ଞାସା।

ଜି + ସନ୍ + ଆ = ଜିଗୀଷା।

ପଠ୍ + ସନ୍ + ଆ = ପିପଠିଷା।

ଲଭ୍ + ସନ୍ + ଆ = ଲିପ୍ସା  ଇତ୍ୟାଦି।

ବାକ୍ୟରେ ପ୍ରୟୋଗକୁ ଲକ୍ଷ୍ୟ କର-

ମମ <u>ପିପାସା</u> ବର୍ଦ୍ଧତେ।

ଶିଶୋଃ <u>ବୁଭୁକ୍ଷା</u> ଅସ୍ତି।

ଶିଷ୍ୟସ୍ୟ <u>ଜିଜ୍ଞାସାଂ</u> ଗୁରୁଃ ଦୂରୟତି।

ମମ କୋଣାର୍କମନ୍ଦିରସ୍ୟ <u>ଦିଦୃକ୍ଷା</u> ବର୍ତ୍ତତେ।

<u>ଧନଲିପ୍ସା</u> କୁମାର୍ଗଂ ନୟତି। ଇତ୍ୟାଦି।

**ମନେରଖ -** 'ଆ' ପ୍ରତ୍ୟୟାନ୍ତ ସନନ୍ତପଦ 'ଲତା' ଶବ୍ଦ ପରି ରୂପଗ୍ରହଣ କରିଥାଏ।

ସନନ୍ତ ଧାତୁ ସହିତ 'ଉ' ପ୍ରତ୍ୟୟ ଲାଗି କର୍ତ୍ତୃପଦ ଗଠିତ ହୁଏ। 'ଉ' ପ୍ରତ୍ୟୟାନ୍ତ ପଦର ପୁଂଲିଙ୍ଗରେ 'ସାଧୁ' ଶବ୍ଦ ପରି ରୂପ ହୋଇଥାଏ। କେତେକ 'ଉ' ପ୍ରତ୍ୟୟାନ୍ତ ପଦର ଉଦାହରଣ ନିମ୍ନରେ ପ୍ରଦତ୍ତ ହୋଇଛି, ଦେଖ-

ଲଭ୍ + ସନ୍ + ଉ = ଲିପ୍ସୁ।

ଜ୍ଞା + ସନ୍ + ଉ = ଜିଜ୍ଞାସୁ।

ଜୀବ୍ + ସନ୍ + ଉ = ଜିଜୀବିଷୁ।

ବଚ୍ + ସନ୍ + ଉ = ବିବକ୍ଷୁ ।

ଦା + ସନ୍ + ଉ = ଦିତ୍ସୁ।

ମୃ + ସନ୍ + ଉ = ମୁମୂର୍ଷୁ ।

ମୁଚ୍ + ସନ୍ + ଉ = ମୁମୁକ୍ଷୁ। ଇତ୍ୟାଦି।

ବାକ୍ୟରେ ପ୍ରୟୋଗକୁ ଲକ୍ଷ୍ୟ କର–

ଧାର୍ମିକଃ ଈଶ୍ୱରଂ ଜିଜ୍ଞାସୁଃ ଭବତି ।

ଦୁର୍ବୃତ୍ତାଃ ଧନଂ ଲିପ୍ସବଃ ଭବନ୍ତି ।

ତ୍ୱଂ କିଞ୍ଚିତ୍ ବିବକ୍ଷୁଃ ଅସି ?

ସନ୍ନ୍ୟାସୀ ସଂସାରଂ ମୁମୁକ୍ଷୁଃ ଭବତି ।

ସର୍ବେ ସୁଖେନ ଜିଜୀବିଷବଃ ସନ୍ତି ।

ପିତା ବସ୍ତ୍ରଂ ଚିକ୍ରୀଷୁଃ ଆସୀତ୍ ।

ଛାତ୍ରାଃ ପ୍ରାନ୍ତରେ ଚିକ୍ରୀଡିଷବଃ ସନ୍ତି । ଇତ୍ୟାଦି ।

ପଠ୍ ଧାତୁର ସନନ୍ତରୂପ ବିଭିନ୍ନଲକାରରେ ନିମ୍ନ ପରି ହୋଇଥାଏ, ଲକ୍ଷ୍ୟକର – ପିପଠିଷତି, ପିପଠିଷେତ୍, ପିପଠିଷତୁ, ଅପିପଠିଷତ୍, ପିପଠିଷସ୍ୟତି । ଏହିପରି ଅନ୍ୟ ଧାତୁମାନଙ୍କର ସନନ୍ତରୂପ କରାଯାଏ । ଲଭ୍ଧାତୁର ସନନ୍ତରୂପ – ଲିପ୍ସତେ, ଲିପ୍ସେତ, ଲିପ୍ସତାମ୍, ଅଲିପ୍ସତ, ଲିପ୍ସିଷ୍ୟତେ । ଇତ୍ୟାଦି ।

## ଅଭ୍ୟାସ

**୧ । ସଂସ୍କୃତଭାଷୟା ଅନୁବାଦଂ କୁରୁତ –**

(କ) ଛାତ୍ରମାନେ ସଂସ୍କୃତ ପଢ଼ିବାକୁ ଇଚ୍ଛା କରୁଛନ୍ତି ।

(ଖ) ହରି ରହସ୍ୟ ଜାଣିବାକୁ ଇଚ୍ଛା କରୁଛି ।

(ଗ) ମୁଁ ଚିତ୍ର ଦେଖିବାକୁ ଚାହୁଁଛି ।

(ଘ) ମାଆ ଦହି ଖାଇବାକୁ ଇଚ୍ଛା କରୁଛନ୍ତି ।

(ଙ) କେତେକ ଲୋକ ଘରେ ରହିବାକୁ ଇଚ୍ଛା କରନ୍ତି ।

(ଚ) ଝିଅମାନେ ନାଚିବାକୁ ଇଚ୍ଛା କରୁଛନ୍ତି ।

(ଛ) ଗାୟକଦୁହେଁ ଶାସ୍ତ୍ରୀୟସଙ୍ଗୀତ ଗାଇବାକୁ ଇଚ୍ଛା କରିଥିଲେ ।

(ଜ) ପିଲାଟି ଘରକୁ ଯିବାକୁ ଇଚ୍ଛା କରିବ ।

(ଝ) ନେତାମାନେ ଦରିଦ୍ରମାନଙ୍କୁ ଦେବାକୁ ଇଚ୍ଛା କରିବା ଉଚିତ ।

(ଞ) ତୁମ୍ଭେମାନେ ଗୁରୁଙ୍କ ଉପଦେଶ ଗ୍ରହଣ କରିବାକୁ ଇଚ୍ଛା କର ।

(ଟ) ଲୋକମାନେ ଗାଁରେ ରହିବାକୁ ଇଚ୍ଛା କରିପାରନ୍ତି ।

(ଠ) ଶିଶୁଦୁଇଟି ଶୋଇବାକୁ ଇଚ୍ଛା କରୁଛନ୍ତି ।

(ଡ) ସାଧୁମାନେ ସଂସାର ତ୍ୟାଗ କରିବାକୁ ଇଚ୍ଛା କରୁଛନ୍ତି ।

(ଢ଼) ଆମେ ବହିଗୁଡ଼ିକୁ ନେବାକୁ ଇଚ୍ଛା କରୁଛୁ ।

(ଣ) ତୁମେ ଚିଠିଟିଏ ଲେଖିବାକୁ ଇଚ୍ଛା କରିଥିଲ ।

୨। ଏକପଦେନ ଅର୍ଥଂ ପ୍ରକାଶୟତ -

ପକ୍ତୁମ୍ ଇଚ୍ଛତି। ପାତୁମ୍ ଇଚ୍ଛସି। ଜ୍ଞାତୁମ୍ ଇଚ୍ଛାମଃ।

ବକ୍ତୁମ୍ ଇଚ୍ଛେତ୍। ଦାତୁମ୍ ଇଚ୍ଛା। ଶ୍ରୋତୁମ୍ ଐଚ୍ଛତ୍।

ଦ୍ରଷ୍ଟୁମ୍ ଇଚ୍ଛା। ଗ୍ରହୀତୁମ୍ ଇଚ୍ଛା। ନେତୁମ୍ ଇଚ୍ଛୁଃ।

୩। ଅଧୋଲିଖିତପଦାନି ବ୍ୟବହୃତ୍ୟ ସଂସ୍କୃତେନ ବାକ୍ୟାନି ରଚୟତ -

ରୁରୁଦିଷତି, ଜିହସିଷନ୍ତି, ମୀମାଂସତେ, ଯୁଯୁତ୍ସତେ, ବିବକ୍ଷନ୍ତି, ଶୁଶ୍ରୂଷତାମ୍, ଅଯିଯାସତ୍, ପିପୃଚ୍ଛିଷତି।

୪। ସଂଶୋଧନଂ କୁରୁତ -

(କ) ବାଳକଃ ପିତରଂ ଦିଦୃକ୍ଷତି।

(ଖ) ଛାତ୍ରଃ ପୁରସ୍କାରଂ ଲିପ୍ସତି।

(ଗ) ରମା ପୁଷ୍ପାଣି ଜିଘ୍ରାସତେ।

(ଘ) ମାତୁଳଃ ବିଦେଶଂ ଯିଯାସତେ।

(ଙ) ଯନ୍ତ୍ରୀ ମନ୍ଦିରଂ ମିତ୍ସତେ।

(ଚ) ତସ୍କରଃ ଧନଂ ଜିହୀର୍ଷତେ।

(ଛ) ଦାତାରଃ ଦରିଦ୍ରେଭ୍ୟଃ ଧନଂ ଦିତ୍ସତି।

(ଜ) ବୃଦ୍ଧାଃ ବିଦ୍ୟାଳୟେ ପିପଠିଷତଃ।

(ଝ) ଅହଂ ବସ୍ତ୍ରଂ ତିତ୍ୟକ୍ଷସି।

(ଞ) ତ୍ୱଂ କିଂ ଚିକ୍ରୀଷତି।

(ଟ) ଅଗ୍ନିଃ ଗୃହଂ ଦିଧକ୍ଷତେ।

୫। ସ୍ତମ୍ଭମେଳନଂ କୁରୁତ-

| <u>କସ୍ତମ୍ଭଃ</u> | <u>ଖସ୍ତମ୍ଭଃ</u> |
|---|---|
| କର୍ତ୍ତୁମ୍ ଇଚ୍ଛତି | ଈପ୍ସସି |
| ଦାତୁମ୍ ଇଚ୍ଛନ୍ତି | ଶୁଶ୍ରୂଷୁଃ |
| ନେତୁମ୍ ଇଚ୍ଛେତ୍ | ଅଧିଜିଗାଂସନ୍ତାମ୍ |
| ଜୀବିତୁମ୍ ଇଚ୍ଛତୁ | ଚିକୀର୍ଷତି |
| ଜ୍ଞାତୁମ୍ ଐଚ୍ଛତ୍ | ବିବକ୍ଷା |
| ପାତୁମ୍ ଇଚ୍ଛାମଃ | ଦିତ୍ସନ୍ତି |
| ବକ୍ତୁମ୍ ଇଚ୍ଛା | ନିନୀଷେତ୍ |
| ଶ୍ରୋତୁମ୍ ଇଚ୍ଛୁଃ | ତିଷ୍ଣାସା |
| ସ୍ନାତୁମ୍ ଇଚ୍ଛା | ପିପାସାମଃ |
| ଆପ୍ତୁମ୍ ଇଚ୍ଛସି | ଜିଜୀବିଷତୁ |
| ଅଧ୍ୟେତୁମ୍ ଇଚ୍ଛନ୍ତୁ | ଅଜିଜ୍ଞାସତ୍ |

**୬। ସନନ୍ତରୂପାଣି ଲିଖତ -**

ବଦ୍ - ଲଟ୍‌ଲକାର ପ୍ରଥମପୁରୁଷ ବହୁବଚନେ।

ଲିଖ୍ - ଲଙ୍‌ଲକାର ମଧ୍ୟମପୁରୁଷ ଦ୍ୱିବଚନେ।

ମୃ - ବିଧିଲିଙ୍ ଲକାର ଉତ୍ତମପୁରୁଷ - ଏକବଚନ।

ଡ଼ୀ - ଲଟ୍‌ଲକାର ପ୍ରଥମପୁରୁଷ - ଏକବଚନ।

ଦନ୍‌ଶ୍ - ଲୋଟ୍ ଲକାର ଉତ୍ତମପୁରୁଷ ବହୁବଚନେ।

ପ୍ରଛ୍ - ଲଙ୍ ଲକାର ପ୍ରଥମପୁରୁଷ ବହୁବଚନେ।

ପଠ୍ - ବିଧିଲିଙ୍ ଲକାର ପ୍ରଥମପୁରୁଷ ଦ୍ୱିବଚନେ।

**୭। ମୂଳଧାତୁଂ ନିରୂପୟତ-**

ଲିପ୍ସନ୍ତେ, ବିବତ୍ସତି, ଶୁଶ୍ରୂଷନ୍ତେ, ଯିଯାସେତ୍, ଦିଧାବିଷତି, ନିନୀଷତୁ, ବୁଭୁକ୍ଷନ୍ତି, ତିତିକ୍ଷତେ।

●

# ଯଙନ୍ତ ଧାତୁ ପ୍ରକରଣ

SJQHBV

କ୍ରିୟାର ପୁନରାବୃତ୍ତି ବା ବାରମ୍ବାର କରିବା ଅର୍ଥରେ ଧାତୁରେ ଯଙ୍ (ଯ) ପ୍ରତ୍ୟୟ ଲାଗେ । ଯଙନ୍ତ ହେଲେ ଧାତୁର ଦ୍ୱିତ୍ୱ ହୁଏ । **ଣିଚ୍ ଓ ସନ୍ ପ୍ରତ୍ୟୟ ପ୍ରତ୍ୟେକ ଧାତୁରୁ ହୋଇପାରେ ମାତ୍ର ଯଙ୍ ପ୍ରତ୍ୟୟ ପ୍ରତ୍ୟେକ ଧାତୁରୁ ହୁଏ ନାହିଁ।**

୧ । ବ୍ୟଞ୍ଜନବର୍ଣ୍ଣ ଆଦିରେ ଥିବା ଏକସ୍ୱର ବିଶିଷ୍ଟ ଧାତୁରୁ ପୁନଃ ପୁନଃ ବା ଅତିଶୟ ଅର୍ଥରେ ଯଙ୍ (ଯ) ପ୍ରତ୍ୟୟ ବିକଳ୍ପରେ ହୁଏ। ଏହି ଧାତୁ ଆତ୍ମନେପଦୀ।

ଯଥା - ଭୂ + ଯଙ୍ (ଯ) = ବୋଭୂୟ + ତେ = ବୋଭୂୟତେ

(ପୁନଃ ପୁନଃ ଅତିଶୟେନ ବା ଭବତି)। ଯଙ୍ ପ୍ରତ୍ୟୟ ହେଲେ ଧାତୁ ଅଭ୍ୟସ୍ତ (ଦେଶ-ଉଭେ ଅଭ୍ୟସ୍ତମ୍। 6.1.5) ହୁଏ ଏବଂ ଯାବତୀୟ ଅଭ୍ୟସ୍ତ କାର୍ଯ୍ୟକୁ ପ୍ରାପ୍ତ ହୁଏ।

୨ । ଦୁଇ ସ୍ୱରବିଶିଷ୍ଟ ସୂଚ, ସୂତ୍ର ଓ ମୂତ୍ର ଧାତୁରୁ ଏବଂ ସ୍ୱରାଦି ଅଟ୍, ଅଶ୍ ଧାତୁରୁ ମଧ୍ୟ ଯଙ୍ ହୁଏ। ଯଥା- ସ୍ୱଚ୍ - ସୋସୂଚ୍ୟତେ, ସୂତ୍ର - ସୋସୂତ୍ର୍ୟତେ, ମୂତ୍ର - ମୋମୁତ୍ର୍ୟତେ, ଅଟ୍ - ଅଟାଟ୍ୟତେ, ଅଶ୍ - ଅଶାଶ୍ୟତେ।

୩। ଗତ୍ୟର୍ଥକ ଧାତୁରୁ କେବଳ କୌଟିଲ୍ୟ ବା ବକ୍ରତା ଅର୍ଥରେ ବିକଳ୍ପରେ ଯଙ୍ ହୁଏ। ପୁନଃ ପୁନଃ ବା ଅତିଶୟ ଅର୍ଥରେ ହୁଏ ନାହିଁ। ଯଥା - କୁଟିଳମ୍ ଅଟତି = ଅଟାଟ୍ୟତେ, କୁଟିଳଂ ଗଚ୍ଛତି = ଜଙ୍ଗମ୍ୟତେ ଇତ୍ୟାଦି।

୪ । ଯଙ୍ ପ୍ରତ୍ୟୟାନ୍ତ ଧାତୁର ପୂର୍ବଭାଗର ଗୁଣ ହୁଏ। ଯଥା ଶୁଚ୍ - ଶୋଶୁଚ୍ୟତେ, ଦୀପ୍ - ଦେଦୀପ୍ୟତେ, ଲୁପ୍ - ଲୋଲୁପ୍ୟତେ, ଭୁଜ୍ - ବୋଭୁଜ୍ୟତେ, ଲିଖ୍ - ଲେଲିଖ୍ୟତେ ଇତ୍ୟାଦି।

୫ । କେତେକ ଯଙନ୍ତ ଧାତୁର ଲଟ୍ ପ୍ରଥମପୁରୁଷ ଏକବଚନରେ ରୂପ -

ଦା - ଦେଦୀୟ - ଦେଦୀୟତେ

ହନ୍ - ଜେଘ୍ନୀୟ - ଜେଘ୍ନୀୟତେ

ନୃତ୍ - ନରୀନୃତ୍ୟ - ନରୀନୃତ୍ୟତେ

ପ୍ରଚ୍ଛ୍ - ପରୀପୃଚ୍ଛ୍ୟ - ପରୀପୃଚ୍ଛ୍ୟତେ

ଜ୍ୱଲ୍ - ଜାଜ୍ୱଲ୍ୟ - ଜାଜ୍ୱଲ୍ୟତେ।

ରୁଦ୍ - ରୋରୁଦ୍ୟ - ରୋରୁଦ୍ୟତେ

ପା - ପେପୀୟ - ପେପୀୟତେ

ସ୍ମୃ - ସାସ୍ମର୍ଯ୍ୟ - ସାସ୍ମର୍ଯ୍ୟତେ

ହନ୍ (ଗତି) - ଜଘନ୍ୟ - ଜଘନ୍ୟତେ

ଗ୍ରହ - ଜରୀଗୃହ୍ୟ - ଜରୀଗୃହ୍ୟତେ

ଶୀ - ଶାଶଯ୍ୟ - ଶାଶଯ୍ୟତେ

ନୀ - ନେନୀୟ - ନେନୀୟତେ

କୃ - ଚେକ୍ରୀୟ - ଚେକ୍ରୀୟତେ

## ଅଭ୍ୟାସ

**୧ । ଏକପଦୀ କୁରୁତ ।**

(ଭୃଶଂ) ପୁନଃ ପୁନର୍ବା ପତତି। ପୁନଃ ପୁନର୍ଭବତି। କୁଟିଳମ୍ ଅଟତି। ପୁନଃ ପୁନଃ (ଅତିଶୟେନ ବା) ହରତି। ପୁନଃ ପୁନଃ ଜାୟତେ। ପୁନଃ ପୁନଃ ପୃଚ୍ଛତି। ପୁନଃ ପୁନଃ ପଶ୍ୟତି। ଅତିଶୟେନ ରୋଦିତି।

**୨ । ଯଙନ୍ତଧାତୁରୂପୈଃ ଶୂନ୍ୟସ୍ଥାନାନି ପୂରୟତ। (ଲଟ୍-ପ୍ରଥମ ପୁରୁଷୈକବଚନେ)**

(କ) ବାଳକାଃ ରାମଂ ---- (ଗମ୍)

(ଖ) କୃଷ୍ଣଃ ଗଣିତଂ ----- (ପଠ୍)

(ଗ) ଅଗ୍ନିଃ ଯଜ୍ଞଶାଳାୟାଂ ---- (ଜ୍ୱଲ୍)

(ଘ) ସୀତା ଜଳଂ ----- (ପା)

(ଙ) ଶିକ୍ଷକଃ ସ୍ୱମତଂ ---- (ବଦ୍)

●

# ନାମଧାତୁ ପ୍ରକରଣ

SJZSDI

ନାମ ଅର୍ଥାତ୍ ବିଶେଷ୍ୟ – ବିଶେଷଣାଦି ବାଚକ ଶବ୍ଦ ଯେଉଁ ଧାତୁର ଅଂଶ ତାହା ନାମଧାତୁ । ଉଦାହରଣସ୍ୱରୂପ- ଶଫରୀ ଫର୍ଫରାୟତେ । (ଛୋଟ ମାଛ ଫର୍ଫର୍ ହୁଏ) ଫର୍ଫର – ଫର୍ଫରାୟତେ । ସୁବନ୍ତ ପ୍ରାତିପଦିକରୁ ଭିନ୍ନ ଭିନ୍ନ ଅର୍ଥରେ କ୍ୟଚ୍, କ୍ୟଙ୍ ଓ କ୍ୱିପ୍ ପ୍ରଭୃତି ହୁଏ । ଏହି ପ୍ରକୃତି ଓ ପ୍ରତ୍ୟୟ ସମୁଦାୟର ଧାତୁସଂଜ୍ଞା ହେବା ସହିତ 'ସୁପୋ ଧାତୁପ୍ରାତିପଦିକୟୋଃ' (ଅଷ୍ଟାଧ୍ୟାୟୀ – ୨/୪/୭୧) ସୂତ୍ର ବଳରେ ସୁପ୍ ବିଭକ୍ତିର ଲୋପ ହୁଏ । ଯଥା – ଚନ୍ଦ୍ରଃ + କ୍ୟଙ୍ = ଚନ୍ଦ୍ରାୟ । ସୁଖମ୍ + କ୍ୟଚ୍ = ସୁଖୀୟ । ନାମଧାତୁର ରୂପସିଦ୍ଧି ଭ୍ୱାଦି-ଗଣୀୟ ଧାତୁର ରୂପସିଦ୍ଧି ସଦୃଶ ।

୧ । କର୍ମବୋଧକ ସୁବନ୍ତରୁ ନିଜ ପାଇଁ ଇଚ୍ଛା ଅର୍ଥରେ 'କ୍ୟଚ୍' ପ୍ରତ୍ୟୟ ବିକଳ୍ପରେ ହୁଏ । 'କ୍ୟଚ୍' ପ୍ରତ୍ୟୟ ପରେ ଥିଲେ ପୂର୍ବବର୍ତ୍ତୀ ଅ-କାର ବା ଆ-କାରର 'ଈ' ହୁଏ । 'କ୍ୟଚ୍' ପ୍ରତ୍ୟୟାନ୍ତ ଧାତୁ ପରସ୍ମୈପଦୀ ହୁଏ । (କ୍ୟଚି ଚ – ୭/୪/୩୩)

ଉଦାହରଣ – ପୁତ୍ରମ୍ + କ୍ୟଚ୍ (ଯ) = ପୁତ୍ରୀୟ + ତିପ୍ (ତି) = ପୁତ୍ରୀୟତି ।
ଗୋବିନ୍ଦଃ ପୁତ୍ରୀୟତି (ଗୋବିନ୍ଦଃ ଆତ୍ମନଃ ପୁତ୍ରମ୍ ଇଚ୍ଛତି) ।
ସେହିପରି ମାଳାମ୍ + କ୍ୟଚ୍ = ମାଳୀୟତି ।

ଏଠାରେ ବାକ୍ୟର କର୍ତ୍ତା ଗୋବିନ୍ଦ ନିଜପାଇଁ ପୁଅଟିଏ କାମନା କରିବା ଅର୍ଥ ପ୍ରକାଶ ପାଉଛି । ଅନ୍ୟ କାହାରି ପୁଅଟିଏ ହେଉ ବୋଲି ଇଚ୍ଛା କଲେ କ୍ୟଚ୍ ପ୍ରତ୍ୟୟ ହେବ ନାହିଁ । ଯଥା – ଗୋବିନ୍ଦଃ ରାମସ୍ୟ ପୁତ୍ରମ୍ ଇଚ୍ଛତି । ମାନ୍ତପ୍ରକୃତିକ ସୁବନ୍ତରୁ କ୍ୟଚ୍ ହୁଏ ନାହିଁ । ଯଥା – କିମିଚ୍ଛତି ।

୨ । କ୍ୟଚ୍ ପ୍ରତ୍ୟୟ ପରେ ଥିଲେ 'ଇ' ର 'ଈ' 'ଉ' ର 'ଊ', 'ର' ର 'ରୀ', 'ଓ' ର 'ଅବ୍' ଏବଂ 'ଔ' ର 'ଆବ୍' ହୁଏ । ଯଥା – କବି – କବୀୟତି, ସାଧୁ – ସାଧୂୟତି, କର୍ତ୍ତୃ – କର୍ତ୍ତ୍ରୀୟତି, ଗୋ – ଗବ୍ୟତି, ନୌ – ନାବ୍ୟତି ।

୩ । କ୍ୟଚ୍ ପ୍ରତ୍ୟୟ ପରେ ଥିଲେ 'ନ୍' ର ଲୋପ ହୁଏ । ଯଥା –

ରାଜନ୍ + କ୍ୟଚ୍ + ତିପ୍ = ରାଜ + ଯ + ତି = ରାଜୀୟତି ।

୪ । କ୍ୟଚ୍ ପ୍ରତ୍ୟୟ ପରେ ଥିଲେ 'ଅ' କାରର – ଆ/ଈ ହୁଏ ।

ଯଥା ଅଶନ ଶବ୍ଦରୁ ବୁଭୁକ୍ଷା ଅର୍ଥରେ – ବୁଭୁକ୍ଷୁଃ ଅଶନାୟତି ।

(ସଦ୍ୟଃ ଭୋକ୍ତୁମ୍ ଅଶନମ୍ ଇଚ୍ଛତି) ମାତ୍ର କିଛିକାଳ ପରେ ଭୋଜନେଚ୍ଛା ବୁଝାଇଲେ – ବୁଭୁକ୍ଷୁଃ ଅଶନୀୟତି । ସେହିପରି ଉଦକ ଶବ୍ଦରୁ ପାନ ଇଚ୍ଛା ଅର୍ଥରେ – ଉଦନ୍ୟତି ତୃଷାର୍ତ୍ତଃ । ମାତ୍ର ସ୍ନାନ ବା ଅନ୍ୟ କୌଣସି ଇଚ୍ଛାରେ – ଉଦକୀୟତି । ସେହିପରି ଧନ ଶବ୍ଦରୁ ଲୋଭ ଅର୍ଥରେ – ଧନାୟତି (ଧନେ ସତ୍ୟପି ଧନମ୍ ଇଚ୍ଛତି) । ମାତ୍ର ଦରିଦ୍ରଃ ଧନୀୟତି ଏଠାରେ ଲୋଭ ବଦଳରେ ଧନାଭାବପୂରଣେଚ୍ଛା ବିଦ୍ୟମାନ ।

୫ । କ୍ୟଚ୍ ପ୍ରତ୍ୟୟ ଯେଉଁ ଅର୍ଥରେ ହୁଏ କାମ୍ୟଚ୍ ପ୍ରତ୍ୟୟ ମଧ୍ୟ ସେହି ଅର୍ଥରେ ହୁଏ ।

ଯଥା – ବୀରଃ ରଣକାମ୍ୟତି (ଆତ୍ମନଃ ରଣମ୍ ଇଚ୍ଛତି) ।

ସର୍ବଃ ଯଶସ୍କାମ୍ୟତି । ଯାଜ୍ଞିକଃ ସର୍ପିଷ୍କାମ୍ୟତି ।

୬। କର୍ମ ବା ଅଧିକରଣବୋଧକ ଉପମାନବାଚକ ପଦରୁ ଆଚରଣ ବା ବ୍ୟବହାର ଅର୍ଥରେ କ୍ୟଚ୍ ପ୍ରତ୍ୟୟ ହୁଏ।

ଯଥା - ଗୁରୁଃ ଶିଷ୍ୟଂ ପୁତ୍ରୀୟତି (ପୁତ୍ରମ୍ ଇବ ଆଚରତି ବ୍ୟବହରତି ବା)। ଏଠାରେ ପୁତ୍ର କର୍ମ ଏବଂ ଉପମାନ। ସାଧୁଃ କୁଟୀରେ ପ୍ରାସାଦୀୟତି। ଏଠାରେ ପ୍ରାସାଦ ଅଧିକରଣ ଓ ଉପମାନ।

ପୁତ୍ରଃ ଇବ ଆଚରତି - ପୁତ୍ରାୟତେ। (ନିଜେ ପୁଅ ପରି ଆଚରଣ କରୁଛି)

୭। ନମସ୍ ଶବ୍ଦରୁ ପୁଜା କରିବା ଓ ବରିବସ୍ ଶବ୍ଦରୁ ସେବା କରିବା ଅର୍ଥରେ କ୍ୟଚ୍ ପ୍ରତ୍ୟୟ ହୁଏ।

ଯଥା - ଦେବାନ୍ ନମସ୍ୟତି (ପୂଜୟତି)। (ନମଃ କରୋତି = ନମସ୍ୟତି)

ଗୁରୂନ୍ ବରିବସ୍ୟତି (ସେବତେ)। (ବରିବଃ (ସେବାଂ) କରୋତି = ବରିବସ୍ୟତି ।

୮। କର୍ତ୍ତା ଉପମାନ ହୋଇଥିଲେ ତହିଁରୁ ଆଚରଣ ଅର୍ଥରେ କ୍ୟଙ୍ (ୟ) ପ୍ରତ୍ୟୟ ହୁଏ। କ୍ୟଙ୍ ପ୍ରତ୍ୟୟାନ୍ତ ନାମଧାତୁ ଆତ୍ମନେପଦୀ। ଯଥା - କ୍ରୀଡ଼ାସୁ ବାଳକେଷୁ ଏକଃ କୃଷ୍ଣାୟତେ (କୃଷ୍ଣ ଇବ ଆଚରତି), ଅପରେ ଗୋପାୟନ୍ତେ। (ଗୋପା ଇବ ଆଚରନ୍ତି)। ଏଠାରେ କୃଷ୍ଣ ଓ ଗୋପ କର୍ତ୍ତା ଏବଂ ଉପମାନ।

୯। ଆଚରଣ ଅର୍ଥରେ ସବୁ ପ୍ରାତିପଦିକରୁ କ୍ୱିପ୍ ପ୍ରତ୍ୟୟ ବିକଳ୍ପରେ ହୁଏ। କ୍ୱିପ୍ ର ସଂପୂର୍ଣ୍ଣ ଲୋପ ହୁଏ ଓ କ୍ୱିବନ୍ତ ଧାତୁ ପରସ୍ମୈପଦୀ ହୁଏ। ଯଥା - ଅସ୍ମିନ୍ ନାଟକେ ଧନଞ୍ଜୟଃ କୃଷ୍ଣତି (କୃଷ୍ଣ ଇବ ଆଚରତି) ମାଧବଶ୍ଚ ନନ୍ଦତି (ନନ୍ଦଇବ ଆଚରତି)। ସେହିପରି-

ମାଳା ଇବ ଆଚରତି = ମାଳାତି

କବିଃ ଇବ ଆଚରତି = କବୟତି

ଶ୍ରୀଃ ଇବ ଆଚରତି = ଶ୍ରୟତି

ପିତା ଇବ ଆଚରତି = ପିତରତି

ମାତା ଇବ ଆଚରତି = ମାତରତି

ଗୁରୁଃ ଇବ ଆଚରତି =ଗୁରବତି

୧୦। କର୍ମ ରୂପେ ଥିବା ବାଷ୍ପ, ଉଷ୍ମନ୍ ଓ ଫେନ ଶବ୍ଦରୁ ଉଦ୍‌ବମନ ଅର୍ଥରେ ବିକଳ୍ପ,ରେ କ୍ୟଙ୍ ପ୍ରତ୍ୟୟ ହୁଏ। ଯଥା - ଶିଶୁଃ ବାଷ୍ପାୟତେ (ଲୋତକମ୍ ଉଦ୍‌ବମତି=କ୍ରନ୍ଦତି)। ସେହିପରି ଉଷ୍ମାୟତେ ପର୍ବତଃ। ଫେନାୟତେ ଘୋଟକଃ।

୧୧। କର୍ମଦ୍ୱିତୀୟାନ୍ତ ଶବ୍ଦ (ଧ୍ୱନି), ବୈର, କଳହ, ସୁଦିନ, ଦୁର୍ଦ୍ଦିନ ଶବ୍ଦରୁ ବିକଳ୍ପରେ କ୍ୟଙ୍ ପ୍ରତ୍ୟୟ ହୁଏ। ଯଥା - ଶବ୍ଦଂ କରୋତି = ଶବ୍ଦାୟତେ ଏହିପରି ବୈରାୟତେ, କଳହାୟତେ, ସୁଦିନାୟତେ ଓ ଦୁର୍ଦ୍ଦିନାୟତେ।

୧୨। କର୍ତ୍ତା ନିଜେ ସୁଖ ଦୁଃଖାଦି ଅନୁଭବ କରୁଥିଲେ କର୍ମଦ୍ୱିତୀୟାନ୍ତ ସୁଖ ଦୁଃଖ ପ୍ରଭୃତି ଶବ୍ଦରୁ କ୍ୟଙ୍ ପ୍ରତ୍ୟୟ ହୁଏ। ଯଥା- ରାମଃ ସୁଖାୟତେ ଦୁଃଖାୟତେ ବା (ସୁଖଂ ଦୁଃଖଂ ବା ଅନୁଭବତି ରାମଃ ଇତ୍ୟର୍ଥଃ)।

୧୩। କେତେକ ଶବ୍ଦରୁ ଭିନ୍ନ ଭିନ୍ନ ଅର୍ଥରେ ଣିଚ୍ ପ୍ରତ୍ୟୟ ହୁଏ।

ବ୍ରତ + ଣିଚ୍ = ବ୍ରତୟତି - ଅଶ୍ନାତି/ବର୍ଜୟତି

ସଂବସ୍ତ୍ର + ଣିଚ୍ = ସଂବସ୍ତ୍ରୟତି - ଆଚ୍ଛାଦୟତି

ଘଟ + ଣିଚ୍ = ଘଟୟତି - ଘଟଂ କରୋତି / ଅୟଂ ଘଟଃ ଇତି ଘୋଷୟତି।

ଉପଶ୍ଳୋକ + ଣିଚ୍ = ଉପଶ୍ଳୋକୟତି - ସ୍ତୌତି ଶ୍ଳୋକେନ

ଦୂର + ଣିଚ୍ = ଦବୟତି - ଦୂରଂ କରୋତି ।

ଅନ୍ତିକ + ଣିଚ୍ = ନେଦୟତି - ଅନ୍ତିକଂ କରୋତି।

ସତ୍ୟ + ଣିଚ୍ = ସତ୍ୟାପୟତି / ସତ୍ୟାପୟତେ - ସତ୍ୟମ୍ ଆଚଷ୍ଟେ (କଥୟତି) କରୋତି ବା।

## ଅଭ୍ୟାସ

**୧ । ଏକପଦୀ କୁରୁତ**

ଆତ୍ମନଃ ଯଶଃ ଇଚ୍ଛତି । ପ୍ରାସାଦେ ଇବ ଆଚରତି । ସତ୍ୟମ୍ ଆଚଷ୍ଟେ । ଲୋଭାତ୍ ଧନମ୍ ଇଚ୍ଛତି । ସ୍ନାନାର୍ଥମ୍ ଉଦକମ୍ ଇଚ୍ଛତି । ଗୋପ ଇବ ଆଚରତି । ମିଶ୍ରଂ କରୋତି ।

**୨ । ଅର୍ଥଭେଦଂ ପ୍ରଦର୍ଶୟତ ।**

ପୁତ୍ରୀୟତି - ପୁତ୍ରାୟତେ, ଅଶନାୟସି - ଅଶନୀୟସି,

ଉଦନ୍ୟାମି - ଉଦକୀୟାମି, ଧନାୟସି - ଧନୀୟସି ।

**୩ । ସଂଶୋଧୟତ ।**

ଋଷିଃ ବନେ ତପାତି । ଘୋଟକଃ ଫେନୟତି ।

ରାମଃ ଅଦ୍ୟ ଚପଲାୟତି । ପରସ୍ତ୍ରିୟଂ ମା ତ୍ରାୟତେ ।

**୪ । ପଦାନି ବ୍ୟବହୃତ୍ୟ ବାକ୍ୟାନି ରଚୟତ ।**

ହରିଣାୟତେ, ପୁତ୍ରୀୟତି, ଧନକାମ୍ୟତି, ସୁଖାୟତେ ।

**୫ । ଉତ୍କଳଭାଷୟା ଅନୁବଦତ ।**

(କ) ପ୍ରାସାଦୀୟତି ଯଃ କୁଟ୍ୟାଂ ପର୍ଯ୍ୟଙ୍କୀୟତି ମଞ୍ଚକେ ।
ତସ୍ୟ ସନ୍ତୋଷଶୀଳସ୍ୟ କୁବ୍‌ଜିକାପ୍ୟପ୍ସରାୟତେ ।।

(ଖ) ବହ୍ନିସ୍ତସ୍ୟ ଜଳାୟତେ ଜଳନିଧିଃ କୁଲ୍ୟାୟତେ ତତ୍‌କ୍ଷଣା-
ନ୍ମେରୁଃ ସ୍ୱଳ୍ପଶିଳାୟତେ ମୃଗପତିଃ ସଦ୍ୟଃ କୁରଙ୍ଗାୟତେ ।
ବ୍ୟାଳୋ ମାଲ୍ୟଗୁଣାୟତେ ବିଷରସଃ ପୀୟୂଷବର୍ଷାୟତେ
ଯସ୍ୟାଙ୍ଗେଽଖିଳଲୋକବଲ୍ଲଭତରଂ ଶୀଳଂ ସମୁନ୍ମୀଳତି ।।

(ଗ) ବଧିରୟତି କର୍ଣ୍ଣବିବରଂ ବାଚଂ ମୂକୟତି ନୟନମନ୍ଧୟତି ।
ବିକୃତୟତି ଗାତ୍ରଯଷ୍ଟିଂ ସମ୍ପଦ୍‌ରୋଗୋଽୟମଦ୍‌ଭୁତୋ ରାଜନ୍ ।।

•

# ପରସ୍ମୈପଦ - ବିଧାନ

ଧାତୁ ତିନିପ୍ରକାର - ଆତ୍ମନେପଦୀ, ପରସ୍ମୈପଦୀ ଓ ଉଭୟପଦୀ। କିନ୍ତୁ ବିଶେଷ-ବିଧାନ ଅନୁସାରେ ଉଭୟପଦୀ ଧାତୁରୁ କେବଳ ଆତ୍ମନେପଦ ହେବା ବା ପରସ୍ମୈପଦ ହେବା, ଆତ୍ମନେପଦୀ ଧାତୁରୁ ପରସ୍ମୈପଦ ହେବା ଓ ପରସ୍ମୈପଦୀ ଧାତୁରୁ ଆତ୍ମନେପଦ ହେବା ଦେଖାଯାଏ। ଯଥା- ଗମ୍ - ପରସ୍ମୈପଦ କିନ୍ତୁ ସଂଗମ୍ - ଆତ୍ମନେପଦ ଏବଂ ଶାସ୍ - ପରସ୍ମୈପଦ କିନ୍ତୁ ଆଶାସ୍ - ଆତ୍ମନେପଦ । ରାମାୟଣାଦି ଗ୍ରନ୍ଥମାନଙ୍କରେ ଅବଶ୍ୟ ବ୍ୟୁତ୍କ୍ରମରେ ପ୍ରୟୋଗ ଦେଖିବାକୁ ମିଳେ। ଯଥା- ମନୁଷ୍ୟାଣାଂ ସହସ୍ରେଷୁ କଶ୍ଚିଦ୍ **ଯତତି** (ଯତତେ) ସିଦ୍ଧୟେ। **ବିଜେଷ୍ୟତି** (ବିଜେଷ୍ୟତେ) ରଣେ କର୍ଣ୍ଣମିତି ମେ ନାତ୍ର ସଂଶୟଃ, ନ ନିଦ୍ରାମ୍ **ଅଲଭତ୍** (ଅଲଭତ) ନିଶି। **ଏସବୁ ଆର୍ଷ ହେତୁ** ଏଠାରେ ଆଲୋଚ୍ୟ ନୁହେଁ।

୧। ଅନୁ ଓ ପରା-ପୂର୍ବକ 'କୃ' ଧାତୁ ପରସ୍ମୈପଦୀ ହୁଏ।

ଯଥା - ଶିଶବଃ ଅନ୍ୟାନ୍ ଅନୁକୁର୍ବନ୍ତି।

ଅୟଂ ପରମତଂ ପରାକରୋତି (ଖଣ୍ଡୟତି)।

SK9NF6

୨। ବି, ପରି, ଉପ ଓ ଆ ଉପସର୍ଗପୂର୍ବକ ରମ୍ ଧାତୁରୁ ପରସ୍ମୈପଦ ହୁଏ।

ଯଥା - ତ୍ୱଂ ପାପାଦ୍ ବିରମ।

ପ୍ରାନ୍ତରେ ବାଳକାଃ ପରିରମନ୍ତି (କ୍ରୀଡନ୍ତି)।

ସାଧବଃ କୁଟୀରେଽପି ଆରମନ୍ତି (ସୁଖମନୁଭବନ୍ତି)।

ଯଜ୍ଞଦତ୍ତଃ ଦେବଦତ୍ତମ୍ ଉପରମତି (ଉପରମୟତି)। ଏଠାରେ ଉପ-ରମ୍ ଧାତୁ ଣିଜନ୍ତ ଉପ-ରମ୍ ଧାତୁର ଅର୍ଥ ବହନ କରୁଅଛି। ଯଜ୍ଞଦତ୍ତ ଦେବଦତ୍ତଙ୍କୁ ବିରତ କରାଉଛି।

୩। ଣିଜନ୍ତ ବୁଧ୍, ଯୁଧ୍, ନଶ୍, ଜନ୍, ଅଧ୍ୟୟନାର୍ଥକ ଅଧିପୂର୍ବକ ଇ, ପ୍ରୁ, ଦ୍ରୁ, ସ୍ରୁ ଧାତୁରୁ ପରସ୍ମୈପଦ ହୁଏ।

ଯଥା - ବୋଧୟତି (ବିକାସୟତି), ଯୋଧୟତି, ନାଶୟତି, ଜନୟତି, ଅଧ୍ୟାପୟତି, ପ୍ରାବୟତି (ଋଳୟତି / ପ୍ରାପୟତି), ଦ୍ରାବୟତି (ଲାପୟତି / ଧାବୟତି), ସ୍ରାବୟତି (ସ୍ୟନ୍ଦୟତି / ପ୍ରବାହୟତି)।

୪। ଆତ୍ମନେପଦଲାଗି ଉଦ୍ଦିଷ୍ଟ କାରଣ ବହିର୍ଭୂତ ଧାତୁଗୁଡିକ ପରସ୍ମୈପଦୀ। ଅଷ୍ଟାଧ୍ୟାୟୀରେ ଆତ୍ମନେପଦ - ବିଧାନ ପ୍ରବର୍ତ୍ତକ ୬୬ଟି (ପ୍ରଥମ ଅଧ୍ୟାୟ - ତୃତୀୟପାଦ - ସୂତ୍ରକ୍ରମ ୧୨-୭୭) ନିୟମସୂତ୍ର ପ୍ରଣୀତ। ଏଗୁଡିକରେ ଅନ୍ତର୍ଗତ ହେଉନଥିବା ଅବଶିଷ୍ଟ ଧାତୁରୁ କର୍ତ୍ତୃବାଚ୍ୟରେ ପରସ୍ମୈପଦ ପ୍ରତ୍ୟୟ ହୁଏ। ଯଥା- ନି-ପୂର୍ବକ ବିଶ୍‌ଧାତୁ "ନେର୍ବିଶଃ" (ଅ.୧/୩/୧୭) ସୂତ୍ର ଅନୁସାରେ ଆତ୍ମନେପଦୀ । ମାତ୍ର ଆ/ପ୍ର-ପୂର୍ବକ ବିଶ୍‌ଧାତୁ ପରସ୍ମୈପଦୀ ହୋଇଥାଏ। ପ୍ରୟୋଗରେ **ନିବିଶତେ** ହେଲାବେଳେ ଅପରପକ୍ଷରେ **ଆବିଶତି** ବା **ପ୍ରବିଶତି** ହୁଏ।

# ଆତ୍ମନେପଦ - ବିଧାନ

SKIJGT

୧। ଭାବବାଚ୍ୟ ଓ କର୍ମବାଚ୍ୟରେ ଧାତୁ ଆତ୍ମନେପଦ ହଏ।
ଯଥା - ହରିଣ ହସ୍ୟତେ। କନ୍ୟାରେଣ ଘଟଃ କ୍ରିୟତେ।

୨। ନି-ପୂର୍ବକ ବିଶ୍ ଧାତୁରୁ ଆତ୍ମନେପଦ ହୁଏ।
ଯଥା - ତସ୍ୟ ପାଦେ କଣ୍ଟକଃ ନିବିଶତେ।

୩। ବି ଓ ପରା-ପୂର୍ବକ ଜି ଧାତୁରୁ ଆତ୍ମନେପଦ ହୁଏ।

ଯଥା – ସତ୍ୟଂ ସର୍ବତ୍ର ବିଜୟତେ । ସଃ ଅଧ୍ୟୟନାତ୍ ପରାଜୟତେ – ସେ ଅଧ୍ୟୟନପ୍ରତି ବିମୁଖ।

୪। ଆ, ଅନୁ, ସମ୍ ଓ ପରି-ପୂର୍ବକ କ୍ରୀଡ୍ ଧାତୁରୁ ଆତ୍ମନେପଦ ହୁଏ। ଯଥା – ପ୍ରାନ୍ତରେ ବାଳକାଃ ଆକ୍ରୀଡନ୍ତେ, ଅନୁକ୍ରୀଡନ୍ତେ, ସଂକ୍ରୀଡନ୍ତେ ବା। **ମାତ୍ର ଛାତ୍ରାଃ ଶିକ୍ଷକମ୍ ଅନୁକ୍ରୀଡନ୍ତି ସ୍ଥଳରେ ସହାର୍ଥ ପ୍ରକାଶକରୁଥିବା ଅନୁ ଉପସର୍ଗ ହୋଇ ନ ଥିବାରୁ ଏଠାରେ ଆତ୍ମନେପଦ ହୋଇନାହିଁ। ସମ୍-ପୂର୍ବକ କ୍ରୀଡ୍ ଧାତୁର କୂଜନାର୍ଥକ ପ୍ରୟୋଗ ହେଲେ ତହିଁରୁ ଆତ୍ମନେପଦ ହୁଏନାହିଁ। ଯଥା – ସଂକ୍ରୀଡତି ବିହଗଃ।**

୫। ସମ୍, ଅବ, ପ୍ର ଓ ବି-ପୂର୍ବକ ସ୍ଥା ଧାତୁରୁ ଆତ୍ମନେପଦ ହୁଏ। ଯଥା – ସନ୍ତିଷ୍ଠତେ (କଥାରେ ରହିବା / ମାନିବା) – ଦାରିଦ୍ର୍ୟାତ୍ ପୁରୁଷସ୍ୟ ବାନ୍ଧବଜନୋ ବାକ୍ୟେ ନ ସନ୍ତିଷ୍ଠତେ। ଅବତିଷ୍ଠତେ (ଅଟକିଯିବା / ଅପେକ୍ଷାକରିବା)– ପ୍ରତିଷ୍ଠତେ (ପ୍ରସ୍ଥାନକରିବା) – ହରିଃ ହରିଦ୍ୱାରଂ ପ୍ରତିଷ୍ଠତେ। ବିତିଷ୍ଠତେ (ପୃଥକ୍ ବା ସ୍ୱତନ୍ତ୍ର ଅବସ୍ଥାନ)।

୬। ଉତ୍-ପୂର୍ବକ ସ୍ଥା ଧାତୁରୁ ଆତ୍ମନେପଦ ହୁଏ ଯେତେବେଳେ କର୍ତ୍ତାର ଚେଷ୍ଟା ପ୍ରକାଶ ପାଇବା ସହିତ ଏହାଦ୍ୱାରା ଉର୍ଦ୍ଧ୍ୱକର୍ମ ବା ଆସନରୁ ଉଠିପଡିବା ପରି ଅର୍ଥ ପ୍ରକାଶପାଉନଥିବା । ଯଥା – ସଃ ଦେଶସ୍ୟ ଉନ୍ନତ୍ୟୈ ଉତ୍ତିଷ୍ଠତେ। (ସେ ଦେଶର ଉନ୍ନତି ପାଇଁ ଉଦ୍ୟମ କରୁଛନ୍ତି) ମାତ୍ର (କ) କର୍ତ୍ତାର ଚେଷ୍ଟା ନବୁଝାଇଲେ ଯଥା – ଶତମ୍ ଉତ୍ତିଷ୍ଠତି। (ଶହେଟଙ୍କା ଚାନ୍ଦା ଉଠିବ) ଏବଂ (ଖ) ସ୍ଥାନ ଛାଡି ଉପରକୁ ଉଠିବା ବୁଝାଇଲେ ଯଥା – ଆସନାତ୍ ଉତ୍ତିଷ୍ଠତି ପ୍ରଭୃତି କ୍ଷେତ୍ରରେ ଆତ୍ମନେପଦ ହୋଇନାହିଁ।

୭। ଦେବପୂଜା, ମେଳନ, ମିତ୍ରତା ଅର୍ଥରେ ଅଥବା ପଥ କର୍ତ୍ତା ହୋଇଥିଲେ ଉପ-ପୂର୍ବକ ସ୍ଥା ଧାତୁରୁ ଆତ୍ମନେପଦ ହୁଏ।

ଯଥା – ଦେବପୂଜା – ଶୈବଃ ଶିବମ୍ ଉପତିଷ୍ଠତେ (ଉପାସନା କରେ)।

ମେଳନ – ଗଙ୍ଗା ଯମୁନାମ୍ ଉପତିଷ୍ଠତେ।

ମିତ୍ରତା – ସାଧୁଃ ସାଧୁଂ ରୈରଶ୍ଚ ରୈରମ୍ ଉପତିଷ୍ଠତେ। ସଙ୍ଗତିକରଣ ହେଉଛି ନିକଟବର୍ତ୍ତୀ ହୋଇ ମିଳିତ ହେବା ଏବଂ ମିତ୍ରୀକରଣ ହେଉଛି ଶରୀର ସ୍ପର୍ଶ ବିନାମଧ୍ୟ ବନ୍ଧୁତ୍ୱ ସ୍ଥାପନ ଲାଗି ନିକଟକୁ ଯିବା।

ପଥ – ଅୟଂ ପନ୍ଥାଃ କଟକମ୍ ଉପତିଷ୍ଠତେ (ସଂଯୋଗ କରୁଅଛି)।

୮। ଉପ – ପୂର୍ବକ ଅକର୍ମକ ସ୍ଥା ଧାତୁରୁ ଆତ୍ମନେପଦ ହୁଏ। ଯଥା – ସଃ ଭୋଜନକାଳେ ଉପତିଷ୍ଠତେ। ଅନ୍ୟଥା ଅର୍ଥାତ୍ ସକର୍ମକ ହେଲେ ସ୍ଥା ଧାତୁରୁ ପରସ୍ମୈପଦ ହୁଏ। ଯଥା – ଶିଷ୍ୟଃ ଗୁରୁମ୍ ଉପତିଷ୍ଠତି।

୯। ସମ୍-ପୂର୍ବକ ଅକର୍ମକ ଗମ୍ ଧାତୁରୁ ଆତ୍ମନେପଦ ହୁଏ।

ଯଥା – ତବ ବାକ୍ୟଂ ସଙ୍ଗଚ୍ଛତେ (ସଙ୍ଗତ ଅଟେ)।

୧୦.। ଆ – ପୂର୍ବକ ହ୍ୱେ ଧାତୁରୁ ସ୍ପର୍ଦ୍ଧା ବା ପ୍ରତିଯୋଗିତାରେ ଜିଣିବା ଇଚ୍ଛା ଅର୍ଥରେ ଆତ୍ମନେପଦ ହୁଏ। ଯଥା – ବୀରଃ ବୀରମ୍ ଆହ୍ୱୟତେ। ଅନ୍ୟଥା – ମାତା ପୁତ୍ରମ୍ ଆହ୍ୱୟତି।

୧୧। ଜ୍ୟୋତିର୍ମୟ ବସ୍ତୁର ଉଦ୍‌ଗମ ବୁଝାଉଥିବା ଆ-ପୂର୍ବକ କ୍ରମ୍ ଧାତୁରୁ ଆତ୍ମନେପଦ ହୁଏ। ଯଥା – ସୂର୍ଯ୍ୟଃ ଆକ୍ରମତେ। ଅନ୍ୟ ପଦାର୍ଥର ଉର୍ଦ୍ଧ୍ୱଗମନ ବୁଝାଇଲେ ପରସ୍ମୈପଦ ହୁଏ – ଯଥା – ପାକଶାଳାୟାଃ ଧୂମଃ ଆକ୍ରାମତି (ରୋଷେଇଘରୁ ଧୂଆଁ ଉଠୁଛି)

୧୨। ବିବାଦ ଅର୍ଥରେ (ସାଧାରଣତଃ) ବି-ପୂର୍ବକ ବଦ୍ ଧାତୁରୁ ଆତ୍ମନେପଦ ହୁଏ। ଯଥା – କ୍ଷେତ୍ରେ ବିବଦନ୍ତେ କୃଷକାଃ।

୧୩। ଉପସମ୍ଭାଷା ବା ମନେଇବା ଏବଂ ଉପମନ୍ତ୍ରଣ ବା ରହଃଉକ୍ତି ଅର୍ଥରେ ପ୍ରାୟଶଃ ଉପ-ପୂର୍ବକ ବଦ୍ ଧାତୁରୁ ଆତ୍ମନେପଦ ହୁଏ। ଯଥା – କର୍ମକାରାନ୍ ଉପବଦତେ। ଦାତାରମ୍ ଉପବଦତେ।

୧୪। ଭାସନ (ବିଚକ୍ଷଣତା ପ୍ରଦର୍ଶନ), ଜ୍ଞାନ ଓ ଯତ୍ନ ଅର୍ଥରେ ବଦ୍ ଧାତୁରୁ ଆତ୍ମନେପଦ ହୁଏ। ଯଥା – ଶାସ୍ତ୍ରେ ବଦତେ (ଶାସ୍ତ୍ରଜ୍ଞାନରେ ସମୁଜ୍ଜ୍ୱଳ)। ଗଣିତେ ବଦତେ (ଗଣିତ ଜାଣନ୍ତି)। କ୍ଷେତ୍ରେ ବଦତେ (କ୍ଷେତରେ ପରିଶ୍ରମ କରୁଛି)।

୧୫। ସମ୍ + ପ୍ର – ପୂର୍ବକ ବଦ୍ ଧାତୁରୁ ମନୁଷ୍ୟମାନଙ୍କ ଦ୍ୱାରା ସମୂହୋଚ୍ଚାରଣ ଅର୍ଥରେ ଆତ୍ମନେପଦ ହୁଏ। ଯଥା – ସମ୍ପ୍ରବଦନ୍ତେ ବ୍ରାହ୍ମଣାଃ (ବ୍ରାହ୍ମଣମାନେ ଏକତ୍ର ଉଚ୍ଚାରଣ କରୁଛନ୍ତି)। ଅନ୍ୟଥା – 'ଶୃଗାଳାଃ ସମ୍ପ୍ରବଦନ୍ତି' କ୍ଷେତ୍ରରେ ପରସ୍ମୈପଦ ହୁଏ।

୧୬। **ବାଦାନୁବାଦ ବା ମତାନୈକ୍ୟ ଅର୍ଥରେ** ବି + ପ୍ର – ପୂର୍ବକ ବଦ୍ ଧାତୁରୁ ଆତ୍ମନେପଦ ବିକଳ୍ପରେ ହୋଇଥାଏ। ଯଥା– **ବିପ୍ରବଦନ୍ତେ ବୈଦ୍ୟାଃ। ବିପ୍ରବଦନ୍ତି** ବୈଦ୍ୟାଃ (ଡାକ୍ତରମାନେ ଭିନ୍ନ ଭିନ୍ନ ମତ ଦେଉଛନ୍ତି)।

୧୭। ଉଦ୍-ପୂର୍ବକ ସକର୍ମକ ଚର୍ ଧାତୁରୁ ଆତ୍ମନେପଦ ହୁଏ।

ଯଥା – ସଃ ନିୟମମ୍ ଉଚ୍ଚରତେ (ସେ ନିୟମକୁ ଲଂଘନ କରୁଛି)।

ମାତ୍ର – ବାଷ୍ପମ୍ ଉଚ୍ଚରତି। ଏଠାରେ ଅକର୍ମକ ଚର୍ ଧାତୁ।

୧୮। ସମ୍-ପୂର୍ବକ ଚର୍ ଧାତୁ **ତୃତୀୟା ବିଭକ୍ତ୍ୟନ୍ତ ପଦଯୁକ୍ତ ହୋଇଥିଲେ** ଆତ୍ମନେପଦୀ ହୁଏ। ଯଥା – ଧନିନଃ ବ୍ୟୋମଯାନେନ ସଞ୍ଚରନ୍ତେ। ମାତ୍ର, **ପକ୍ଷାନ୍ତରେ ମୃଗାଃ ବନେ ସଞ୍ଚରନ୍ତି** ଇତ୍ୟାଦି ହୁଏ।

୧୯। ରକ୍ଷଣ ବା ପାଳନ ଭିନ୍ନ ଅନ୍ୟ ଅର୍ଥକୁ ବୁଝାଉଥିବା ଭୁଜ୍‌ଧାତୁରୁ ଆତ୍ମନେପଦ ହୁଏ। ଯଥା – ସର୍ବକାରଃ ଦେଶଂ ଭୁନକ୍ତି (ପାଳୟତି)। ବାଳକଃ ଓଦନଂ ଭୁଙ୍‌କ୍ତେ। ବୃଦ୍ଧଃ ଦୁଃଖଶତାନି ଭୁଙ୍‌କ୍ତେ। ପ୍ରଥମ ଉଦାହରଣରେ ଭୁଜ୍ ଧାତୁ ପରସ୍ମୈପଦୀ ଏବଂ ଅନ୍ୟ ଦୁଇଟିରେ ଆତ୍ମନେପଦୀ।

୨୦। ଆ-ପୂର୍ବକ ଦା ଧାତୁରୁ ଆତ୍ମନେପଦ ହୁଏ।

ଯଥା – ପ୍ରଦୀପଃ ସ୍ନେହମ୍ (ତୈଳଂ ଘୃତଂ ବା) ଆଦତ୍ତେ। ମାତ୍ର ମୁଖବିସ୍ତାର ବା ତତ୍ ସଦୃଶ ଅର୍ଥ ବୁଝାଇଲେ ପରସ୍ମୈପଦ ହୁଏ। ଯଥା – ଶ୍ୱା ମୁଖଂ ବ୍ୟାଦଦାତି (କୁକୁରଟି ମୁଖ ମେଲା କରୁଛି)। ନଦୀ କୂଳଂ ବ୍ୟାଦଦାତି (ନଦୀବନ୍ୟା ବନ୍ଧରେ ଘାଇ ସୃଷ୍ଟିକରେ)।

୨୧। ଉତ୍କଣ୍ଠାପୂର୍ବକ ସ୍ମରଣ ଭିନ୍ନ ଅର୍ଥରେ ସମ୍ + ଜ୍ଞା ଧାତୁରୁ ଏବଂ ପ୍ରତି + ଜ୍ଞା ଧାତୁରୁ ଆତ୍ମନେପଦ ହୁଏ। ଯଥା – ଶାସ୍ତ୍ରଂ ସଂଜାନୀତେ (ଶାସ୍ତ୍ରକୁ ଭଲକରି ଜାଣେ)। ଶତଂ ପ୍ରତିଜାନୀତେ (ସେ ଶତମୁଦ୍ରା ସ୍ୱୀକାର କଲେ)। ପକ୍ଷାନ୍ତରେ – ମାତୁଃ ସଂଜାନାତି (ମାତାଙ୍କୁ ଝୁରୁଛି)। ଉପସର୍ଗବିହୀନ ଜ୍ଞା ଧାତୁରୁ ବିକଳ୍ପରେ ଆତ୍ମନେପଦ ହୁଏ। ଯଥା – ଜାନାତି। ଜାନୀତେ।

୨୨। କୃ ଧାତୁ ଉଭୟପଦୀ। ମାତ୍ର ଭିନ୍ନ ଭିନ୍ନ ଅର୍ଥରେ ଭିନ୍ନ ଭିନ୍ନ ଉପସର୍ଗ ଯୋଗରେ ଏହା ଆତ୍ମନେପଦୀ ହୋଇଥାଏ।

| | ଧାତୁ | ଅର୍ଥ | ଆତ୍ମନେପଦୀରୂପ | ଉଦାହରଣର ଅର୍ଥ |
|---|---|---|---|---|
| (କ) | ଉତ୍+କୃ | କ୍ଷତିକରିବା | ଉତ୍‌କୁରୁତେ | ଗାଳି/ମିଥ୍ୟା ଅଭିଯୋଗ ଦ୍ୱାରା ଆଘାତ ଦେବା |
| | ଉତ୍+ଆ+କୃ | କ୍ଷତିକରିବା | ଉଦାକୁରୁତେ | ଗାଳି/ମିଥ୍ୟା ଅଭିଯୋଗ ଦ୍ୱାରା ଆଘାତ ଦେବା |
| (ଖ) | ଉପ+କୃ | ସେବା | ଉପକୁରୁତେ | ସେବା/ଉପାସନା କରୁଛି। |
| (ଗ) | ପ୍ର+କୃ | ଆବୃତ୍ତି | ପ୍ରକୁରୁତେ | ଆବୃତ୍ତି କରୁଛି। |
| (ଘ) | ଅଧି+କୃ | ଅଧିକାର/କ୍ଷମା | ଅଧିକୁରୁତେ | ଅଧିକାର/କ୍ଷମା କରୁଛି। |

୨୩। ମିଥ୍ୟା-ପୂର୍ବକ ଣିଜନ୍ତ କୃ ଧାତୁରୁ ଆତ୍ମନେପଦ ହୁଏ।

ଯଥା - ପଦଂ ମିଥ୍ୟା କାରୟତେ (ପଦର ଉଚ୍ଚାରଣ ତ୍ରୁଟିଯୁକ୍ତ)।

୨୪। ସକର୍ମକ ଣିଜନ୍ତ ଧାତୁରୁ କର୍ମକର୍ତ୍ତରି ପ୍ରୟୋଗରେ ଉତ୍‌କଣ୍ଠାପୂର୍ବକ ସ୍ମୃତି ଭିନ୍ନ ଅର୍ଥରେ ଆତ୍ମନେପଦ ହୁଏ। ଯଥା - ଭକ୍ତାଃ ଭବଂ ପଶ୍ୟନ୍ତି - ଭବୋ ଭକ୍ତାନ୍ ଦର୍ଶୟତେ (ଭବ ଭକ୍ତମାନଙ୍କୁ ଦର୍ଶନ ଦେଉଛନ୍ତି)।

ଉପସିଞ୍ଚନ୍ତି ହସ୍ତିନଂ ହସ୍ତିପକାଃ (ମାହୁନ୍ତ) - ଉପସେଚୟତେ ହସ୍ତୀ ସ୍ୱୟମେବ (ହସ୍ତୀ ନିଜକୁ ସିକ୍ତ କରାଉଛି)।

୨୫। ସନନ୍ତ ଜ୍ଞା, ଶ୍ରୁ, ସ୍ମୃ ଓ ଦୃଶ୍ ଧାତୁରୁ ଆତ୍ମନେପଦ ହୁଏ।

ଯଥା - ଧର୍ମଂ ଜିଜ୍ଞାସତେ (ଧର୍ମ ଜାଣିବାକୁ ଇଚ୍ଛା କରେ)। ମାତ୍ର ଅନୁ-ପୂର୍ବକ ଜ୍ଞା ଧାତୁରୁ ସନ୍ନନ୍ତ ହେଲେ ବି ଆତ୍ମନେପଦ ହେବ ନାହିଁ। ଯଥା-ଧର୍ମମ୍ ଅନୁଜିଜ୍ଞାସତି। ଗୁରୁଂ ଶୁଶ୍ରୂଷତେ (ଗୁରୁଙ୍କ ସେବା ଲାଗି ମନ କରୁଛନ୍ତି)।

ନଷ୍ଟଂ ସୁସ୍ମୂର୍ଷତେ (ବିଲୁପ୍ତ ବସ୍ତୁର ସ୍ମରଣ ଲାଗି ଇଚ୍ଛା କରେ)। ମାଂ ଦିଦୃକ୍ଷତେ (ମୋତେ ଦେଖିବାକୁ ଇଚ୍ଛା କରୁଛି)।

## ଅଭ୍ୟାସ

**୧। ଅଧୋଲିଖିତାନାଂ ବାକ୍ୟାନାଂ ସଂଶୋଧନଂ କୁରୁତ।**

(କ) ଉପବନେ ପକ୍ଷିଣଃ ସଂକ୍ରୀଡନ୍ତେ।

(ଖ) ସଃ ଶତ୍ରୂନ୍ ପରାଜୟତେ।

(ଗ) କର୍ତ୍ତବ୍ୟମ୍ ଅସମାପ୍ୟ ନ ବିରମସ୍ୱ।

(ଘ) ସୂର୍ଯ୍ୟୋଦୟାତ୍ ପ୍ରାକ୍ ଶଯ୍ୟାୟାଃ ସଃ ଉତ୍ତିଷ୍ଠତେ।

(ଙ) ପଠନାୟ ବନ୍ଧୁଃ ବନ୍ଧୁମ୍ ଆହ୍ୱୟତେ।

(ଚ) ଯୁଷ୍ମାକଂ ଯୁକ୍ତୟଃ ନ ସଂଗଚ୍ଛନ୍ତି।

(ଛ) କିୟନ୍ତଃ ଭାରତୀୟାଃ ପାଶ୍ଚାତ୍ତ୍ୟାନ୍ ଅନୁକୁର୍ବତେ।

(ଜ) ଅନ୍ନଂ ଭୁନକ୍ତି ମାନବଃ।

(ଝ) ସାଧୁଃ ସାଧୁନା ସହ ସଙ୍ଗଚ୍ଛତି।

(ଞ) ବିଷ୍ଣୁମୁପତିଷ୍ଠତି ବୈଷ୍ଣବଃ।

(ଟ) ଶ୍ରୀକୃଷ୍ଣଃ ଋଣୂରମାହ୍ୱୟତି ଯୁଦ୍ଧାର୍ଥମ୍।

(ଠ) ରାଜା ପ୍ରଜାଭ୍ୟଃ ଧନମାଦଦାତି।

**୨। ବାକ୍ୟାନି ରଚୟିତ୍ୱା ଅର୍ଥଭେଦଂ ଦର୍ଶୟତ।**

ଆହ୍ୱୟତି - ଆହ୍ୱୟତେ, ଉଚ୍ଚରତି - ଉଚ୍ଚରତେ,

ଉତ୍ତିଷ୍ଠତି - ଉତ୍ତିଷ୍ଠତେ, ଭୁନକ୍ତି - ଭୁଙ୍କ୍ତେ,

ଆକ୍ରାମତି - ଆକ୍ରମତେ, ବିବଦନ୍ତି - ବିବଦନ୍ତେ,

ଅନୁକ୍ରୀଡନ୍ତି - ଅନୁକ୍ରୀଡନ୍ତେ, ସଂଗଚ୍ଛତେ - ସଂଗଚ୍ଛତି ।

●

# ବାଚ୍ୟ - ପ୍ରକରଣ

SKSFIG

**ନିମ୍ନଲିଖିତ ବାକ୍ୟଗୁଡ଼ିକୁ ଲକ୍ଷ୍ୟ କର:**

୧. <u>ବାଳକଃ</u> ବିଦ୍ୟାଳୟଂ ଗଚ୍ଛତି ।

୨. ବାଳକେନ <u>ବିଦ୍ୟାଳୟଃ</u> ଗମ୍ୟତେ ।

୩. <u>ଶିଶୁଃ</u> କ୍ରୀଡ଼ତି ।

୪. ଶିଶୁନା <u>କ୍ରୀଡ୍ୟତେ</u> ।

୧ମ ବାକ୍ୟରେ 'ବାଳକଟି ବିଦ୍ୟାଳୟକୁ ଯାଉଛି' ଏବଂ ୨ୟ ବାକ୍ୟରେ 'ବାଳକଦ୍ୱାରା ବିଦ୍ୟାଳୟ ଯିବା ହେଉଛି' – ଏହିପରି ପ୍ରାୟ ସମାନ କଥା କୁହାଯାଇଛି । ଅର୍ଥାତ୍ ୧ମ ବାକ୍ୟର ଅର୍ଥ ଯାହା ୨ୟ ବାକ୍ୟର ଅର୍ଥ ତାହା ଅଟେ । ସେହିପରି ୩ୟ ବାକ୍ୟରେ 'ପିଲାଟି ଖେଳୁଛି' ଓ ୪ର୍ଥ ବାକ୍ୟରେ ପିଲାଦ୍ୱାରା ଖେଳ ହେଉଛି । ଏହା ମଧ୍ୟ ସମାନ ଅର୍ଥକୁ ପ୍ରକାଶ କରୁଅଛି । କେବଳ କଥନ ଭଙ୍ଗୀ ବା ପ୍ରକାଶ ରୀତିରେ ପରିବର୍ତ୍ତନ ହୋଇଛି ।

ଏହିପରି ଭିନ୍ନ ଭିନ୍ନ କଥନ ଭଙ୍ଗୀ ବା ପ୍ରକାଶ ଶୈଳୀକୁ 'ବାଚ୍ୟ'[୧] କୁହାଯାଏ । କର୍ତ୍ତା, କର୍ମ ଓ କ୍ରିୟା ବାକ୍ୟର ମୁଖ୍ୟ (ପ୍ରଧାନ) ଅଙ୍ଗ ଅଟନ୍ତି । ବ୍ୟବହାର ଭେଦରେ କେଉଁ ବାକ୍ୟରେ କର୍ତ୍ତା ପ୍ରଧାନ ବା ଉକ୍ତ ହୁଏ ତ କେଉଁଠି କର୍ମ ଉକ୍ତ ହୁଏ ଏବଂ କେଉଁଠି କ୍ରିୟା ବା ଭାବ ।

ଉପରି ଲିଖିତ ୧ମ ଓ ୩ୟ ବାକ୍ୟରେ **କର୍ତ୍ତା ପ୍ରଧାନ ବା ଉକ୍ତ** ହୋଇଥିବାରୁ ତାହା **'କର୍ତ୍ତୃବାଚ୍ୟ'** ୨ୟ ବାକ୍ୟରେ **କର୍ମ ଉକ୍ତ** ହୋଇଥିବାରୁ ତାହା **'କର୍ମ ବାଚ୍ୟ'** ଓ ୪ର୍ଥ ବାକ୍ୟରେ **କ୍ରିୟା ବା ଭାବ** ଉକ୍ତ ଥିବାରୁ ତାହା **'ଭାବବାଚ୍ୟ'** ଅଟେ । ତେଣୁ 'ବାଚ୍ୟ' ସାଧାରଣତଃ ତିନି ପ୍ରକାର । ଯଥା- (କ) କର୍ତ୍ତୃବାଚ୍ୟ, (ଖ) କର୍ମବାଚ୍ୟ ଓ (ଗ) ଭାବବାଚ୍ୟ ।

## (କ) କର୍ତ୍ତୃବାଚ୍ୟ[୨]

**ନିମ୍ନଲିଖିତ ବାକ୍ୟଗୁଡ଼ିକୁ ଲକ୍ଷ୍ୟ କର:**

୧. ଦେବଦତ୍ତଃ ଗ୍ରାମଂ ଗଚ୍ଛତି ।

୨. ତ୍ୱଂ ପାଠଂ ପଠସି ।

୩. ଅହଂ ହସାମି ।

ଉପର୍ଯ୍ୟୁକ୍ତ ବାକ୍ୟତ୍ରୟରେ ଦେବଦତ୍ତ, ତ୍ୱମ୍ ଏବଂ ଅହମ୍ କର୍ତ୍ତୃପଦ ଅଟନ୍ତି । ବାକ୍ୟରେ ଏହି ପଦଗୁଡିକ ପ୍ରଧାନ ବା ଉକ୍ତ ହୋଇଥିବାରୁ ସେଗୁଡିକ ପ୍ରଥମା ବିଭକ୍ତିରେ ପ୍ରୟୋଗ ହୋଇଛନ୍ତି । ଉପର୍ଯ୍ୟୁକ୍ତ ବାକ୍ୟଗୁଡ଼ିକ କର୍ତ୍ତୃବାଚ୍ୟରେ ଅଛନ୍ତି । ୧ମ ଓ ୨ୟ ବାକ୍ୟରେ କର୍ମପଦ 'ଗ୍ରାମ' ଓ 'ପାଠ' ଅନୁକ୍ତ ହୋଇଥିବାରୁ ସେଠାରେ ଦ୍ୱିତୀୟା ବିଭକ୍ତିର ପ୍ରୟୋଗ ହୋଇଛି । ସମସ୍ତ ବାକ୍ୟରେ କ୍ରିୟାପଦ କର୍ତ୍ତୃପଦ ଅନୁସାରେ ପୁରୁଷ ଓ ବଚନକୁ ଗ୍ରହଣ କରିଛି ।

---

୧. ସଂସ୍କୃତ ବ୍ୟାକରଣରେ 'ବାଚ୍ୟ' ଶବ୍ଦର ଅର୍ଥ 'ପ୍ରଧାନ' ବା 'ଉକ୍ତ' ହୋଇଥାଏ ।

୨. "ଲକ୍ଷଣଂ କର୍ତ୍ତୃବାଚ୍ୟସ୍ୟ କର୍ତ୍ତରି ପ୍ରଥମା ଭବେତ୍ ।
ଦ୍ୱିତୀୟାନ୍ତଂ ଭବେତ୍ କର୍ମ କର୍ତ୍ତ୍ରଧୀନଂ କ୍ରିୟାପଦମ୍ ।।"

## (ଖ) କର୍ମବାଚ୍ୟ[୨]

୪. ଦେବଦତ୍ତେନ ଗ୍ରାମଃ ଗମ୍ୟତେ।

୫. ମୟା ତ୍ୱଂ କଥ୍ୟସେ।

୬. ତ୍ୱୟା ଅହଂ ଦୃଶ୍ୟେ।

ଉପର୍ଯ୍ୟୁକ୍ତ ବାକ୍ୟଗୁଡ଼ିକରେ କର୍ମ ପ୍ରଧାନ ବା ଉକ୍ତ ହୋଇଥିବାରୁ ଏଗୁଡ଼ିକ କର୍ମବାଚ୍ୟ। ଏଥିରେ କର୍ତ୍ତା ଦେବଦତ୍ତେନ, ମୟା ଓ ତ୍ୱୟା ଅପ୍ରଧାନ ବା ଅନୁକ୍ତ। ତେଣୁ ଏଗୁଡ଼ିକ ତୃତୀୟା ବିଭକ୍ତିରେ ଓ କର୍ମପଦ ଗ୍ରାମଃ, ତ୍ୱମ୍ ଏବଂ ଅହମ୍ ଉକ୍ତ ହୋଇ ପ୍ରଥମା ବିଭକ୍ତିରେ ରହିଛନ୍ତି। କର୍ମବାଚ୍ୟରେ କର୍ମର ପ୍ରାଧାନ୍ୟ ରହୁଥିବା ହେତୁ କ୍ରିୟାପଦଗୁଡ଼ିକ କର୍ମକୁ ଅନୁସରଣ କରିଛନ୍ତି। **କର୍ମବାଚ୍ୟରେ କ୍ରିୟାପଦ ଗଠନ ପାଇଁ ମୂଳ ଧାତୁରେ 'ଯ' ପ୍ରତ୍ୟୟ ଯୋଗହୋଇ, ତାହାର 'ସେବ୍' ଧାତୁ ପରି ଆତ୍ମନେପଦୀରେ ରୂପ ହୁଏ।** ୪ର୍ଥ ବାକ୍ୟରେ କର୍ମପଦ 'ଗ୍ରାମଃ' ପ୍ରଥମ ପୁରୁଷ ଥିବାରୁ କ୍ରିୟାପଦ ପ୍ରଥମପୁରୁଷରେ ରହିଅଛି। ସେହିପରି ୫ମ ଓ ୬ଷ୍ଠ ବାକ୍ୟରେ କର୍ମପଦ 'ତ୍ୱମ୍' ଓ 'ଅହମ୍' ହୋଇଥିବାରୁ କ୍ରିୟାପଦର ପ୍ରୟୋଗ ଯଥାକ୍ରମେ ମଧ୍ୟମପୁରୁଷ ଓ ଉତ୍ତମପୁରୁଷରେ ହୋଇଅଛି।

## (ଗ) ଭାବବାଚ୍ୟ[୩]

ନିମ୍ନଲିଖିତ ବାକ୍ୟଗୁଡ଼ିକୁ ଲକ୍ଷ୍ୟକର:

୭. ଶିଶୁନା କ୍ରନ୍ଦ୍ୟତେ।

୮. ତ୍ୱୟା ହସ୍ୟତେ।

୯. ଅସ୍ମାଭିଃ ସ୍ଥୀୟତେ।

ଉପର୍ଯ୍ୟୁକ୍ତ ବାକ୍ୟଗୁଡ଼ିକରେ କର୍ମ ନାହିଁ। କର୍ତ୍ତୃପଦର ପ୍ରାଧାନ୍ୟ ନ ଥିବାରୁ ସେଗୁଡ଼ିକ ଅନୁକ୍ତ କର୍ତ୍ତା ଭାବେ ତୃତୀୟା ବିଭକ୍ତିରେ ପ୍ରୟୋଗ ହୋଇଛନ୍ତି। ତେଣୁ ବାକ୍ୟଗୁଡ଼ିକରେ କ୍ରିୟା ବା ଭାବର ପ୍ରାଧାନ୍ୟ ଥିବାରୁ, ଏଗୁଡ଼ିକ ଭାବବାଚ୍ୟ। ଭାବବାଚ୍ୟର କ୍ରିୟାପଦ କର୍ମବାଚ୍ୟପରି ଗଠିତ ହୋଇ ସର୍ବଦା ପ୍ରଥମପୁରୁଷ ଏକବଚନରେ ପ୍ରୟୋଗ ହୋଇଥାଏ। କର୍ମବାଚ୍ୟ ଏବଂ ଭାବବାଚ୍ୟରେ କ୍ରିୟା – ସବୁ ଲକାରରେ ଆତ୍ମନେପଦୀ (ସେବ୍ ଧାତୁପରି) ହୁଏ ଏବଂ ଲଟ୍, ବିଧିଲିଙ୍, ଲୋଟ୍ ଓ ଲଙ୍ ଏହି ଚାରିପ୍ରକାରର ଲକାରରେ ଧାତୁ ପରେ 'ଯ' ପ୍ରତ୍ୟୟ ଯୋଗ ହୁଏ।[୪] ସକର୍ମକ ଧାତୁର କର୍ତ୍ତୃବାଚ୍ୟ ଓ କର୍ମବାଚ୍ୟରେ ଏବଂ ଅକର୍ମକ ଧାତୁର କର୍ତ୍ତୃବାଚ୍ୟ ଓ ଭାବବାଚ୍ୟରେ ପ୍ରୟୋଗ ଦେଖାଯାଏ।

---

୨। "ପ୍ରୟୋଗେ କର୍ମବାଚ୍ୟସ୍ୟ ତୃତୀୟା କର୍ତ୍ତୃକାରକେ।
ପ୍ରଥମାନ୍ତଂ ଭବେତ୍ କର୍ମ କର୍ମାଧୀନଂ କ୍ରିୟାପଦମ୍।।"

୩। "ଭାବବାଚ୍ୟେ କର୍ମାଭାବଃ ତୃତୀୟା କର୍ତ୍ତୃକାରକେ।
ପ୍ରଥମପୁରୁଷସ୍ୟୈକବଚନାନ୍ତଂ କ୍ରିୟାପଦମ୍।।"

୪। "ଭାବେ କର୍ମଣି ବାଚ୍ୟେ ଚ ସଦା ସ୍ୟାଦାତ୍ମନେପଦମ୍।
ଲଡାଦିଷୁ ଚତୁର୍ଷ୍ୱେବ ଯକାରସ୍ୟାଗମୋ ଭବେତ୍।।"

ଯଥା: **ସକର୍ମକ:**

କର୍ତ୍ତୃବାଚ୍ୟ - ଶିଷ୍ୟଃ ବେଦଂ ପଠତି।

କର୍ମବାଚ୍ୟ - ଶିଷ୍ୟେଣ ବେଦଃ ପଠ୍ୟତେ।

**ଅକର୍ମକ:**

କର୍ତ୍ତୃବାଚ୍ୟ - ଅହଂ ତିଷ୍ଠାମି।

ଭାବବାଚ୍ୟ - ମୟା ସ୍ଥୀୟତେ।

ଏଥିରୁ ଜଣାଗଲା :-

| କର୍ତ୍ତୃବାଚ୍ୟରେ: | କର୍ମବାଚ୍ୟରେ: | ଭାବବାଚ୍ୟରେ: |
|---|---|---|
| ୧. **କର୍ତ୍ତା ପ୍ରଧାନ** ବା ଉକ୍ତ ହୋଇ ପ୍ରଥମା ବିଭକ୍ତିରେ ରହେ। | ୧. **କର୍ତ୍ତା ଅପ୍ରଧାନ ବା ଅନୁକ୍ତ** ହୋଇ ତୃତୀୟା ବିଭକ୍ତିରେ ରହେ। | ୧.**କର୍ତ୍ତା ଅପ୍ରଧାନ ବା ଅନୁକ୍ତ** ହୋଇ ତୃତୀୟା ବିଭକ୍ତିରେ ରହେ। |
| ୨. **କର୍ମ ଅପ୍ରଧାନ** ବା ଅନୁକ୍ତ, ତେଣୁ ଦ୍ୱିତୀୟା ବିଭକ୍ତିରେ ରହେ। | ୨. **କର୍ମ ପ୍ରଧାନ ବା ଉକ୍ତ** । ତେଣୁ ତାହା ପ୍ରଥମା ବିଭକ୍ତିରେ ପ୍ରୟୋଗ ହୁଏ। | ୨. **କର୍ମ ନ ଥାଏ।** କେବଳ ଅକର୍ମକ ଧାତୁର ପ୍ରୟୋଗ ହୋଇଥାଏ। |
| ୩. **କ୍ରିୟାପଦ କର୍ତ୍ତାର ଅଧୀନ** ଅର୍ଥାତ୍ କର୍ତ୍ତା ଯେଉଁ ପୁରୁଷ ଓ ବଚନରେ ଥାଏ, କ୍ରିୟା ସେହି ଅନୁସାରେ ହୋଇଥାଏ। | ୩. **କ୍ରିୟାପଦ କର୍ମର ଅଧୀନ** ଅର୍ଥାତ୍ କ୍ରିୟା ଆତ୍ମନେପଦୀ ହୋଇ କର୍ମର ପୁରୁଷ ଓ ବଚନ ଅନୁସାରେ ପ୍ରୟୋଗ ହୋଇଥାଏ। | ୪. **କ୍ରିୟାପଦ ସର୍ବଦା ଆତ୍ମନେପଦୀ ହୋଇ ପ୍ରଥମ ପୁରୁଷ ଏକବଚନରେ ପ୍ରୟୋଗ ହୁଏ।** |

ପରବର୍ତ୍ତୀ ପର୍ଯ୍ୟାୟରେ ଆମେ କର୍ମ ଓ ଭାବ ବାଚ୍ୟରେ ଧାତୁରୂପ ଓ ବାଚ୍ୟ ପରିବର୍ତ୍ତନ ପ୍ରସଙ୍ଗରେ ଆଲୋଚନା କରିବା।

## ଅଭ୍ୟାସ

**୧। ନିମ୍ନଲିଖିତବାକ୍ୟେଷୁ କର୍ତ୍ତୃବାଚ୍ୟାନି, କର୍ମବାଚ୍ୟାନି ଭାବବାଚ୍ୟାନି ଚ ପୃଥକ୍ ପୃଥକ୍ ଲିଖତ।**

(କ) ଗୁରୁଃ ମାଣବକଂ ବଦତି।

(ଖ) ବାଳକେନ ପ୍ରାନ୍ତରେ ଧାବ୍ୟତେ।

(ଗ) କ୍ଷେତ୍ରପତିଃ ଶୃଗାଳଂ ପଶ୍ୟତି।

(ଘ) ବିଦ୍ୱାନ୍ ସର୍ବୈଃ ପୂଜ୍ୟତେ।

(ଙ) ସର୍ବେ ସଂସ୍କୃତଂ ପଠନ୍ତି।

(ଚ) ତୈଃ ଉଦ୍ୟାନେ ଭ୍ରମ୍ୟତେ।

(ଛ) ଈଶ୍ୱରେଣ ସର୍ବେ ଦୃଶ୍ୟନ୍ତେ।

(ଜ) ସର୍ବେ ଭବନ୍ତୁ ସୁଖିନଃ।

(ଝ) ମୟୂରୈଃ ଆନନ୍ଦେନ ନୃତ୍ୟତେ।

(ଞ) ମୟା ଜଳଂ ପୀୟତେ।

୨। **ନିମ୍ନଲିଖିତବାକ୍ୟେଷୁ କର୍ତ୍ତୃପଦଂ ପରିବର୍ତ୍ତ୍ୟ ଶୂନ୍ୟସ୍ଥାନଂ ପୂରୟତ । ଯଥା -**

(କ) ଅହଂ ଚନ୍ଦ୍ରଂ ପଶ୍ୟାମି। ମୟା ଚନ୍ଦ୍ରଃ ଦୃଶ୍ୟତେ।

(ଖ) ସର୍ବେ ଈଶ୍ୱରଂ ପୂଜୟନ୍ତି। ________ ଈଶ୍ୱରଃ ପୂଜ୍ୟତେ।

(ଗ) ଅହଂ କାର୍ଯ୍ୟଂ କରୋମି। ________ କାର୍ଯ୍ୟଂ କ୍ରିୟତେ।

(ଘ) ପୁତ୍ରଃ ଜନକଂ ସେବତେ। ________ ଜନକଃ ସେବ୍ୟତେ।

(ଙ) ଛାତ୍ରାଃ ବିଦ୍ୟାଳୟେ କ୍ରୀଡନ୍ତି। ________ ବିଦ୍ୟାଳୟେ କ୍ରୀଡ୍ୟତେ।

(ଚ) ଶ୍ୱା ପ୍ରାନ୍ତରେ ଧାବତି। ________ ପ୍ରାନ୍ତରେ ଧାବ୍ୟତେ।

(ଛ) ଶିକ୍ଷକଃ ଛାତ୍ରାନ୍ ପୃଚ୍ଛତି। ________ ଛାତ୍ରାଃ ପୃଚ୍ଛ୍ୟନ୍ତେ।

୩। **ନିମ୍ନଲିଖିତ - ବାକ୍ୟେଷୁ କର୍ମପଦଂ ପରିବର୍ତ୍ତ୍ୟ ଶୂନ୍ୟସ୍ଥାନପୂରଣଂ କୁରୁତ। ଯଥା-**

(କ) ଛାତ୍ରଃ ବିଦ୍ୟାଳୟଂ ଗଚ୍ଛତି। ଛାତ୍ରେଣ ବିଦ୍ୟାଳୟଃ ଗମ୍ୟତେ।

(ଖ) ଗୁରବଃ ଛାତ୍ରାନ୍ ଉପଦିଶନ୍ତି। ଗୁରୁଭିଃ ________ ଉପଦିଶ୍ୟନ୍ତେ।

(ଗ) ଆବାଂ ଗ୍ରାମଂ ଗଚ୍ଛାବଃ। ଆବାଭ୍ୟାଂ ________ ଗମ୍ୟତେ।

(ଘ) ତୌ କାର୍ଯ୍ୟଂ କୁରୁତଃ। ତାଭ୍ୟାଂ ________ କ୍ରିୟତେ।

(ଙ) ବାଳଃ ପୁସ୍ତକଂ ପଠତି। ବାଳେନ ________ ପଠ୍ୟତେ।

(ଚ଼) ଶିଶୁଃ ଚନ୍ଦ୍ରଂ ପଶ୍ୟତି। ଶିଶୁନା ________ ଦୃଶ୍ୟତେ।

୪। **ନିମ୍ନଲିଖିତେଷୁ ବାକ୍ୟେଷୁ କ୍ରିୟାପଦାନି ଲିଖିତ୍ୱା ଶୂନ୍ୟସ୍ଥାନଂ ପୂରୟତ। ଯଥା-**

(କ) ଈଶ୍ୱରଃ ଲୋକାନ୍ ପଶ୍ୟତି। ଈଶ୍ୱରେଣ ଲୋକାଃ ଦୃଶ୍ୟନ୍ତେ।

(ଖ) ଅହଂ ପାଠାନ୍ ପଠାମି। ମୟା ପାଠାଃ ________।

(ଗ) ବାଳିକାଃ ତତ୍ର କ୍ରୀଡନ୍ତି। ବାଳିକାଭିଃ ତତ୍ର ________।

(ଘ) ଛାତ୍ରାଃ ମାର୍ଗେ ଗଚ୍ଛନ୍ତି। ଛାତ୍ରୈଃ ମାର୍ଗେ ________।

(ଙ) ସୀତା ଫଳାନି ଖାଦତି। ସୀତୟା ଫଳାନି ________।

(ଚ) ସଃ ଲେଖଂ ଲିଖତି। ତେନ ଲେଖଃ ________।

୫। ବନ୍ଧନୀମଧ୍ୟାତ୍ ଉପଯୁକ୍ତ କ୍ରିୟାପଦାନି ବ୍ୟବହୃତ୍ୟ ରାମସ୍ୟ ଦିନଚର୍ଯ୍ୟାଂ ଜ୍ଞାତୁଂ ଶୂନ୍ୟସ୍ଥାନପୂରଣଂ କ୍ରିୟତାମ୍।

ରାମେଣ
- ପ୍ରାତଃ ବ୍ୟାୟାମଃ -----।
- ତଦନନ୍ତରଂ ଦୁଗ୍ଧଂ ----।
- ପାଠଃ ---------।
- ଦଶବାଦନେ ବିଦ୍ୟାଳୟଃ -----।
- ମଧ୍ୟାହ୍ନେ ସନ୍ତୁଳିତାହାରଃ -------।
- ଚତୁର୍ବାଦନେ ଗୃହଂ --------।
- ଦୂରଦର୍ଶନେ ନାଟକଂ ନ ------।

(ପଠ୍ୟତେ, ଖାଦ୍ୟତେ, ଦୃଶ୍ୟତେ, ପୀୟତେ, କ୍ରିୟତେ, ଗମ୍ୟତେ, ପ୍ରତ୍ୟାବର୍ତ୍ତ୍ୟତେ)

## କର୍ମ ଓ ଭାବବାଚ୍ୟରେ ଧାତୁରୂପ

କର୍ମ ବା ଭାବ ଉକ୍ତ ହେଲେ ଧାତୁ କେବଳ ଆତ୍ମନେପଦୀ ହୁଏ। ଲଟ୍, ଲୋଟ୍, ବିଧିଲିଙ୍ ଏବଂ ଲଙ୍‌ଲକାରରେ ଧାତୁ ଓ ପ୍ରତ୍ୟୟ ମଧ୍ୟରେ ଯକ୍ (ଯ) ଆଗମ ହୁଏ। ମାତ୍ର ଲୃଟ୍ ଲକାରରେ 'ଯ' ଆଗମ ହୁଏ ନାହିଁ। ଧାତୁପରେ 'ଯ' ର ଆଗମ ହେଲେ କେତେକ ଧାତୁରୂପରେ ନିମ୍ନଲିଖିତ ବୈଶିଷ୍ଟ୍ୟ ଦେଖାଯାଏ। ଯଥା-

(୧) ଦା, ଧା, ମା, ସ୍ଥା, ଗୈ (ଗା), ହା ଓ ପା (ପାନାର୍ଥ) ଧାତୁର ଆକାର ସ୍ଥାନରେ 'ଈ' କାର ହୁଏ। ଯଥା-

ଦା – ଦୀୟତେ। ମା – ମୀୟତେ। ଗୈ – ଗୀୟତେ।

ଧା – ଧୀୟତେ। ସ୍ଥା – ସ୍ଥୀୟତେ। ପା – ପୀୟତେ ଇତ୍ୟାଦି।

ମାତ୍ର ଉକ୍ତ ଧାତୁମାନଙ୍କ ବ୍ୟତୀତ ସାଧାରଣତଃ ଆକାରାନ୍ତ ଧାତୁମାନଙ୍କର 'ଆ'କାରର ପରିବର୍ତ୍ତନ ହୁଏ ନାହିଁ। ଯଥା:- ପା (ରକ୍ଷାର୍ଥ) – ପାୟତେ, ଯା- ଯାୟତେ ଓ ବା – ବାୟତେ ଇତ୍ୟାଦି।

(୨) ଧାତୁଶେଷରେ ଥିବା ହ୍ରସ୍ୱସ୍ୱର ଦୀର୍ଘ ହୁଏ। ଯଥା – ଶ୍ରୁ – ଶ୍ରୂୟତେ, ଜି – ଜୀୟତେ, ଚି – ଚୀୟତେ, ସ୍ତୁ – ସ୍ତୂୟତେ ଇତ୍ୟାଦି।

(୩) ଧାତୁ ଶେଷରେ ଥିବା **'ଋ' ସ୍ଥାନରେ** 'ରି' ହୁଏ। ଯଥା –

ହୃ – ହ୍ରିୟତେ, କୃ – କ୍ରିୟତେ, ମୃ – ମ୍ରିୟତେ, ସୃ – ସ୍ରିୟତେ ଇତ୍ୟାଦି।

ମାତ୍ର ନିମ୍ନଲିଖିତ ଧାତୁମାନଙ୍କର **'ଋ' ସ୍ଥାନରେ 'ଅର୍'** ହୁଏ। ଯଥା –

**ଋ – ଅର୍ଯ୍ୟତେ, ସ୍ମୃ – ସ୍ମର୍ଯ୍ୟତେ,** ଜାଗୃ – ଜାଗର୍ଯ୍ୟତେ ଇତ୍ୟାଦି।

(୪) ଧାତୁଶେଷରେ ଥିବା **'ୠ'** ସ୍ଥାନରେ 'ଇର୍' ହୁଏ। ଯଥା –

ତୄ – ତୀର୍ଯ୍ୟତେ, କୄ – କୀର୍ଯ୍ୟତେ, ସ୍ତୄ – ସ୍ତୀର୍ଯ୍ୟତେ ଇତ୍ୟାଦି । ମାତ୍ର ପୄ ଧାତୁର 'ୠ' ସ୍ଥାନରେ 'ଉର୍' ହୁଏ। ଯଥା :- ପୄ – ପୂର୍ଯ୍ୟତେ।

(୫) ଧାତୁର ଉପଧାସ୍ଥିତ 'ନ୍'କାରର ଲୋପ ହୁଏ। ଯଥା:- ମନ୍ଥ୍ – ମଥ୍ୟତେ, ବନ୍ଧ୍ – ବଧ୍ୟତେ, ଦନ୍ଶ୍ – ଦଶ୍ୟତେ, ଭନ୍ଜ – ଭଜ୍ୟତେ ଓ ଭ୍ରନଶ୍ – ଭ୍ରଶ୍ୟତେ ଇତ୍ୟାଦି।

(୬) ବଦ୍, ବଚ୍, ବସ୍, ବହ୍, ବପ୍ ଓ ସ୍ୱପ୍ ପ୍ରଭୃତି ଧାତୁର 'ବ୍' ସ୍ଥାନରେ 'ଉ' ହୁଏ। ଯଥା –
ବଚ୍ – ଉଚ୍ୟତେ, ବଦ୍ – ଉଦ୍ୟତେ, ବସ୍ – ଉଷ୍ୟତେ, ବପ୍ – ଉପ୍ୟତେ, ସ୍ୱପ୍ – ସୁପ୍ୟତେ ଇତ୍ୟାଦି।

(୭) ଯଜ୍ ଧାତୁର 'ଯ୍' ସ୍ଥାନରେ ଇ ହୁଏ। ଯଥା – ଯଜ୍ – ଇଜ୍ୟତେ।

(୮) ଣିଜନ୍ତ ଧାତୁର ଣିଚ୍ (ଇ) ଲୋପ ହୁଏ। ଯଥା – ସ୍ଥାପି – ସ୍ଥାପ୍ୟତେ, କାରି – କାର୍ଯ୍ୟତେ, ଭାବି – ଭାବ୍ୟତେ, ଦର୍ଶି- ଦର୍ଶ୍ୟତେ ଇତ୍ୟାଦି।

(୯) ସାଧାରଣ ନିୟମର ବହିର୍ଭୂତ ଧାତୁଗୁଡିକ ଯଥା – ଶୀ – ଶଯ୍ୟତେ, ଗ୍ରହ୍ – ଗୃହ୍ୟତେ, ପ୍ରଚ୍ଛ୍ – ପୃଚ୍ଛ୍ୟତେ, ବ୍ୟଧ୍ – ବିଧ୍ୟତେ, ହ୍ୱେ-ହୂୟତେ, ଶାସ୍ – ଶିଷ୍ୟତେ, ଖନ୍ – ଖନ୍ୟତେ ବା ଖାୟତେ।

(୧୦) କେତେକ ପ୍ରଚଳିତ ଧାତୁର କର୍ମ ଓ ଭାବବାଚ୍ୟରେ ଲଟ୍, ବିଧିଲିଙ୍, ଲୋଟ୍, ଲଙ୍, ଲୃଟ୍ ଲକାରରେ ପ୍ରଥମ ପୁରୁଷ ଏକବଚନରେ ନିଷ୍ପନ୍ନ କ୍ରିୟାପଦ ନିମ୍ନରେ ପ୍ରଦତ୍ତ ହେଲା।

| | | |
|---|---|---|
| ଭୂ ଓ ଅସ୍ | : | ଭୂୟତେ, ଭୂୟେତ, ଭୂୟତାମ୍, ଅଭୂୟତ, ଭବିଷ୍ୟତେ। |
| ଗମ୍ | : | ଗମ୍ୟତେ, ଗମ୍ୟେତ, ଗମ୍ୟତାମ୍, ଅଗମ୍ୟତ, ଗଂସ୍ୟତେ। |
| ହସ୍ | : | ହସ୍ୟତେ, ହସ୍ୟେତ, ହସ୍ୟତାମ୍, ଅହସ୍ୟତ, ହସିଷ୍ୟତେ। |
| ଲଭ୍ | : | ଲଭ୍ୟତେ, ଲଭ୍ୟେତ, ଲଭ୍ୟତାମ୍, ଅଲଭ୍ୟତ, ଲପ୍ସ୍ୟତେ। |
| କଥ୍ | : | କଥ୍ୟତେ, କଥ୍ୟେତ, କଥ୍ୟତାମ୍, ଅକଥ୍ୟତ, କଥୟିଷ୍ୟତେ। |
| ପ୍ର+ନମ୍ | : | ପ୍ରଣମ୍ୟତେ, ପ୍ରଣମ୍ୟେତ, ପ୍ରଣମ୍ୟତାମ୍, ପ୍ରାଣମ୍ୟତ, ପ୍ରଣଂସ୍ୟତେ। |
| ଦା | : | ଦୀୟତେ, ଦୀୟେତ, ଦୀୟତାମ୍, ଅଦୀୟତ, ଦାସ୍ୟତେ। |
| ପା(ପାନେ) | : | ପୀୟତେ, ପୀୟେତ, ପୀୟତାମ୍, ଅପୀୟତ, ପାସ୍ୟତେ। |
| ସ୍ଥା | : | ସ୍ଥୀୟତେ, ସ୍ଥୀୟେତ, ସ୍ଥୀୟତାମ୍, ଅସ୍ଥୀୟତ, ସ୍ଥାସ୍ୟତେ। |
| ପା(ପାଳନେ) | : | ପାୟତେ, ପାୟେତ, ପାୟତାମ୍, ଅପାୟତ, ପାସ୍ୟତେ। |
| କୃ | : | କ୍ରିୟତେ, କ୍ରିୟେତ, କ୍ରିୟତାମ୍, ଅକ୍ରିୟତ, କରିଷ୍ୟତେ। |
| ନୀ | : | ନୀୟତେ, ନୀୟେତ, ନୀୟତାମ୍, ଅନୀୟତ, ନେଷ୍ୟତେ। |
| ତ୍ୟଜ୍ | : | ତ୍ୟଜ୍ୟତେ, ତ୍ୟଜ୍ୟେତ, ତ୍ୟଜ୍ୟତାମ୍, ଅତ୍ୟଜ୍ୟତ, ତ୍ୟକ୍ଷ୍ୟତେ। |
| ପଠ୍ | : | ପଠ୍ୟତେ, ପଠ୍ୟେତ, ପଠ୍ୟତାମ୍, ଅପଠ୍ୟତ, ପଠିଷ୍ୟତେ। |
| ମୃ | : | ମ୍ରିୟତେ, ମ୍ରିୟେତ, ମ୍ରିୟତାମ୍, ଅମ୍ରିୟତ, ମରିଷ୍ୟତେ। |
| ସେବ୍ | : | ସେବ୍ୟତେ, ସେବ୍ୟେତ, ସେବ୍ୟତାମ୍, ଅସେବ୍ୟତ, ସେବିଷ୍ୟତେ। |
| ପତ୍ | : | ପତ୍ୟତେ, ପତ୍ୟେତ, ପତ୍ୟତାମ୍, ଅପତ୍ୟତ, ପତିଷ୍ୟତେ। |
| ଯାଚ୍ | : | ଯାଚ୍ୟତେ, ଯାଚ୍ୟେତ, ଯାଚ୍ୟତାମ୍, ଅଯାଚ୍ୟତ, ଯାଚିଷ୍ୟତେ। |
| ବସ୍ | : | ଉଷ୍ୟତେ, ଉଷ୍ୟେତ, ଉଷ୍ୟତାମ୍, ଔଷ୍ୟତ, ବତ୍ସ୍ୟତେ। |
| ସ୍ୱପ୍ | : | ସୁପ୍ୟତେ, ସୁପ୍ୟେତ, ସୁପ୍ୟତାମ୍, ଅସୁପ୍ୟତ, ସ୍ୱପ୍ସ୍ୟତେ। |

| | | |
|---|---|---|
| ଦନଶ୍ | : | ଦଶ୍ୟତେ, ଦଶ୍ୟେତ, ଦଶ୍ୟତାମ୍, ଅଦଶ୍ୟତ, ଦଙ୍କ୍ଷ୍ୟତେ। |
| ସ୍ତୁ | : | ସ୍ତୂୟତେ, ସ୍ତୂୟେତ, ସ୍ତୂୟତାମ୍, ଅସ୍ତୂୟତ, ସ୍ତୋଷ୍ୟତେ। |
| ଶ୍ରୁ | : | ଶ୍ରୂୟତେ, ଶ୍ରୂୟେତ, ଶ୍ରୂୟତାମ୍, ଅଶ୍ରୂୟତ, ଶ୍ରୋଷ୍ୟତେ। |
| ଗୈ | : | ଗୀୟତେ, ଗୀୟେତ, ଗୀୟତାମ୍, ଅଗୀୟତ, ଗାସ୍ୟତେ। |
| ସ୍ମୃ | : | ସ୍ମର୍ଯ୍ୟତେ, ସ୍ମର୍ଯ୍ୟେତ, ସ୍ମର୍ଯ୍ୟତାମ୍, ଅସ୍ମର୍ଯ୍ୟତ, ସ୍ମରିଷ୍ୟତେ। |
| ବ୍ରୂ | : | ଉଚ୍ୟତେ, ଉଚ୍ୟେତ, ଉଚ୍ୟତାମ୍, ଔଚ୍ୟତ, ବକ୍ଷ୍ୟତେ। |
| ବଦ୍ | : | ଉଦ୍ୟତେ, ଉଦ୍ୟେତ, ଉଦ୍ୟତାମ୍, ଔଦ୍ୟତ, ବଦିଷ୍ୟତେ। |
| ଶୀ | : | ଶଯ୍ୟତେ, ଶଯ୍ୟେତ, ଶଯ୍ୟତାମ୍, ଅଶଯ୍ୟତ, ଶୟିଷ୍ୟତେ। |
| ଜି | : | ଜୀୟତେ, ଜୀୟେତ, ଜୀୟତାମ୍, ଅଜୀୟତ, ଜେଷ୍ୟତେ। |
| ଗ୍ରହ୍ | : | ଗୃହ୍ୟତେ, ଗୃହ୍ୟେତ, ଗୃହ୍ୟତାମ୍, ଅଗୃହ୍ୟତ, ଗ୍ରହୀଷ୍ୟତେ। |
| ପ୍ରଛ୍ | : | ପୃଚ୍ଛ୍ୟତେ, ପୃଚ୍ଛ୍ୟେତ, ପୃଚ୍ଛ୍ୟତାମ୍, ଅପୃଚ୍ଛ୍ୟତ, ପ୍ରକ୍ଷ୍ୟତେ। |
| ଶାସ୍ | : | ଶିଷ୍ୟତେ, ଶିଷ୍ୟେତ, ଶିଷ୍ୟତାମ୍, ଅଶିଷ୍ୟତ, ଶାସିଷ୍ୟତେ। |
| ଲିଖ୍ | : | ଲିଖ୍ୟତେ, ଲିଖ୍ୟେତ, ଲିଖ୍ୟତାମ୍, ଅଲିଖ୍ୟତ, ଲେଖିଷ୍ୟତେ। |
| ନମ୍ | : | ନମ୍ୟତେ, ନମ୍ୟେତ, ନମ୍ୟତାମ୍, ଅନମ୍ୟତ, ନଂସ୍ୟତେ। |
| ଦୃଶ୍ | : | ଦୃଶ୍ୟତେ, ଦୃଶ୍ୟେତ, ଦୃଶ୍ୟତାମ୍, ଅଦୃଶ୍ୟତ, ଦ୍ରକ୍ଷ୍ୟତେ। |
| ଆସ୍ | : | ଆସ୍ୟତେ, ଆସ୍ୟେତ, ଆସ୍ୟତାମ୍, ଆସ୍ୟତ, ଆସିଷ୍ୟତେ। |
| ଖାଦ୍ | : | ଖାଦ୍ୟତେ, ଖାଦ୍ୟେତ, ଖାଦ୍ୟତାମ୍, ଅଖାଦ୍ୟତ, ଖାଦିଷ୍ୟତେ। |
| ଭୁଜ୍ | : | ଭୁଜ୍ୟତେ, ଭୁଜ୍ୟେତ, ଭୁଜ୍ୟତାମ୍, ଅଭୁଜ୍ୟତ, ଭୋକ୍ଷ୍ୟତେ। |
| ଯା | : | ଯାୟତେ, ଯାୟେତ, ଯାୟତାମ୍, ଅଯାୟତ, ଯାସ୍ୟତେ। |
| ଯୁଧ୍ | : | ଯୁଧ୍ୟତେ, ଯୁଧ୍ୟେତ, ଯୁଧ୍ୟତାମ୍, ଅଯୁଧ୍ୟତ, ଯୋତ୍ସ୍ୟତେ। |
| ରୁଦ୍ | : | ରୁଦ୍ୟତେ, ରୁଦ୍ୟେତ, ରୁଦ୍ୟତାମ୍, ଅରୁଦ୍ୟତ, ରୋଦିଷ୍ୟତେ। |
| ଜ୍ଞା | : | ଜ୍ଞାୟତେ, ଜ୍ଞାୟେତ, ଜ୍ଞାୟତାମ୍, ଅଜ୍ଞାୟତ, ଜ୍ଞାସ୍ୟତେ। |

## ଅଭ୍ୟାସ

**୧। ବନ୍ଧନୀମଧ୍ୟାତ୍ ଯଥାର୍ଥପଦଂ ନିରୂପ୍ୟ ଶୂନ୍ୟସ୍ଥାନଂ ପୂରୟତ।**

ଯଥା – ବିଦ୍ୟାହୀନାଃ ନ ଶୋଭନ୍ତେ ।

ବିଦ୍ୟାହୀନୈଃ ନ ଶୁଭ୍ୟତେ। (ଶୁଭ୍ୟତେ / ଶୋଭ୍ୟତେ)

(i) ଛାତ୍ରଃ ଛାତ୍ରାବାସେ ତିଷ୍ଠତି।

ଛାତ୍ରେଣ ଛାତ୍ରାବାସେ ________। (ସ୍ଥାୟତେ / ସ୍ଥୀୟତେ)

(ii) ଧେନବଃ ପ୍ରାନ୍ତରେ ଭ୍ରମନ୍ତି ।

ଧେନୁଭିଃ ପ୍ରାନ୍ତରେ ________ । (ଭ୍ରାମ୍ୟତେ / ଭ୍ରମ୍ୟତେ)

(iii) ଶିକ୍ଷକଃ ଛାତ୍ରଂ ପୃଚ୍ଛତି ।

ଶିକ୍ଷକେଣ ଛାତ୍ରଃ ________ । (ପ୍ରଚ୍ଛ୍ୟତେ / ପୃଚ୍ଛ୍ୟତେ)

(iv) ଶିଶୁଃ ହସତି ।

ଶିଶୁନା ________ । (ହସ୍ୟତେ / ହାସ୍ୟତେ)

(v) ପିତା ପୁତ୍ରଂ ପାତି ।

ପିତ୍ରା ପୁତ୍ରଃ ________ । (ପୀୟତେ / ପାୟତେ)

(iv) ଭକ୍ତଃ ସଂସାରଂ ତରତି ।

ଭକ୍ତେନ ସଂସାରଃ ________ । (ତର୍ଯ୍ୟତେ / ତୀର୍ଯ୍ୟତେ)

**୨ । ଅତ୍ର ଦ୍ୱୟୋଃ ମିତ୍ରୟୋଃ ବାର୍ତ୍ତାଳାପଃ ଦତ୍ତଃ । ପ୍ରକାଶଃ ପ୍ରଶ୍ନାନ୍ କରୋତି, ଶତାବ୍ଦୀ ଉତ୍ତରାଣି ଦଦାତି । ଉଦାହରଣମନୁସୃତ୍ୟ ଶତାବ୍ଦ୍ୟାଃ ଉତ୍ତରାଣି କର୍ମବାଚ୍ୟେ ଲିଖତ ।**

ଯଥା:-

ପ୍ରକାଶଃ- ଶତାବ୍ଦି ! ତ୍ୱଂ କିଂ ପ୍ରାତଃ ଚତୁର୍ବାଦନେ ଉତ୍ତିଷ୍ଠସି ?
ଶତାବ୍ଦୀ - ଆମ୍, ମୟା ପ୍ରାତଃ ଚତୁର୍ବାଦନେ ଉତ୍ଥୀୟତେ ।

ପ୍ରକାଶଃ - କିଂ ତ୍ୱଂ ପ୍ରାତରୁତ୍ଥାୟ ଭ୍ରମସି, କ୍ରୀଡସି ପଠସି ଚ ?
ଶତାବ୍ଦୀ - ଆମ୍, ମୟା ପ୍ରାତରୁତ୍ଥାୟ _______ _______ _______ ଚ ।

ପ୍ରକାଶଃ - କିଂ ତବ ଅଗ୍ରଜଃ ଅଭିନୟଂ କରୋତି ?
ଶତାବ୍ଦୀ - ନହି, ମମ _______ _______ _______ ।

ପ୍ରକାଶଃ - ତବ ପିତାମହଃ ବାଟିକାଂ ସିଞ୍ଚତି କିମ୍ ?
ଶତାବ୍ଦୀ - ଆମ୍, ମମ _______ _______ _______ ।

ପ୍ରକାଶଃ - ତବ ଅନୁଜଃ କଥାଂ ବଦତି କିମୁ ?

ଶତାବ୍ଦୀ - ଆମ୍, ମମ _______ _______ _______ ।

ପ୍ରକାଶଃ - ଅତ୍ର ମଶକାଃ ଦଶନ୍ତି କିମୁ ?

ଶତାବ୍ଦୀ - ଆମ୍, ଅତ୍ର _______ _______ ।

# ବାଚ୍ୟ ପରିବର୍ତ୍ତନ

ସକର୍ମକ କର୍ତ୍ତୃବାଚ୍ୟକୁ କର୍ମବାଚ୍ୟରେ ଓ ଅକର୍ମକ କର୍ତ୍ତୃବାଚ୍ୟକୁ ଭାବବାଚ୍ୟରେ ଏବଂ କର୍ମ ଓ ଭାବବାଚ୍ୟକୁ କର୍ତ୍ତୃବାଚ୍ୟରେ ପରିବର୍ତ୍ତନକୁ ବାଚ୍ୟପରିବର୍ତ୍ତନ ବା ବାଚ୍ୟାନ୍ତର କୁହାଯାଏ। ବାଚ୍ୟପରିବର୍ତ୍ତନ କଲାବେଳେ ବିଶେଷଣ ସହିତ କର୍ତ୍ତା ଓ କର୍ମର ଏବଂ ସମାପିକା କ୍ରିୟାର ପରିବର୍ତ୍ତନ ହୋଇଥାଏ। ଅସମାପିକା କ୍ରିୟା, ତାହାର କର୍ମ ଏବଂ ଅନ୍ୟ କୌଣସି କାରକ ବା ବିଭକ୍ତିର ପରିବର୍ତ୍ତନ କରାଯାଏ ନାହିଁ।[୧]

## (କ) ତିଙନ୍ତ କ୍ରିୟାର ବାଚ୍ୟପରିବର୍ତ୍ତନ

| **(ସକର୍ମକ) କର୍ତ୍ତୃବାଚ୍ୟ:** | **କର୍ମବାଚ୍ୟ** |
|---|---|
| ୧. ରାମଃ ବନଂ ଗଚ୍ଛତି। | ରାମେଣ ବନଂ ଗମ୍ୟତେ। |
| ୨. ରାଜା ବ୍ରାହ୍ମଣାୟ ଧନଂ ଦଦାତି। | ରାଜ୍ଞା ବ୍ରାହ୍ମଣାୟ ଧନଂ ଦୀୟତେ। |
| ୩. ବାନରଃ ବୃକ୍ଷାତ୍ ଫଳଂ ଖାଦତି। | ବାନରେଣ ବୃକ୍ଷାତ୍ ଫଳଂ ଖାଦ୍ୟତେ। |
| ୪. ତ୍ୱଂ ମୟା ସହ ଗ୍ରାମଂ ଗଚ୍ଛସି। | ତ୍ୱୟା ମୟା ସହ ଗ୍ରାମଃ ଗମ୍ୟତେ। |
| **(ଅକର୍ମକ) କର୍ତ୍ତୃବାଚ୍ୟ** | **ଭାବବାଚ୍ୟ** |
| ୧. ବାଳକଃ ଶୀଘ୍ରଂ ଧାବତି। | ବାଳକେନ ଶୀଘ୍ରଂ ଧାବ୍ୟତେ। |
| ୨. ବୃକ୍ଷାତ୍ ପତ୍ରାଣି ପତନ୍ତି। | ବୃକ୍ଷାତ୍ ପତ୍ରୈଃ ପତ୍ୟତେ। |
| ୩. ତ୍ୱମ୍ ଅତ୍ର କ୍ରୀଡସି। | ତ୍ୱୟା ଅତ୍ର କ୍ରୀଡ୍ୟତେ। |
| ୪. ଶ୍ୱା ପ୍ରାନ୍ତରେ ଭ୍ରମତି। | ଶୁନା ପ୍ରାନ୍ତରେ ଭ୍ରମ୍ୟତେ। |

ମନେରଖ : କେତେକ ଧାତୁ ନିତ୍ୟ ଅକର୍ମକ ଅର୍ଥାତ୍ ସେମାନଙ୍କର କର୍ମ ସାଧାରଣତଃ ନ ଥାଏ। କିନ୍ତୁ ଅନ୍ୟକେତେକ ସକର୍ମକ ଧାତୁକୁ ବାକ୍ୟରେ ଅକର୍ମକ ଭଳି ପ୍ରୟୋଗ କରାଯାଏ।

ଯଥା – (ନିତ୍ୟ ଅକର୍ମକ) ୧. ବାଳକଃ କ୍ରନ୍ଦତି

୨. ଶିଶବଃ ହସନ୍ତି।

ଅର୍ଥାତ୍ କ୍ରନ୍ଦ୍ ଓ ହସ୍ ଧାତୁ ନିତ୍ୟ ଅକର୍ମକ, ଏମାନେ କର୍ମ ନିଅନ୍ତି ନାହିଁ। କିନ୍ତୁ, କେତେକ ସକର୍ମକ ଧାତୁ କର୍ମ ନ ନେଇ ବ୍ୟବହୃତ ହେଲେ ତାକୁ ସକର୍ମକ ଧାତୁର ଅକର୍ମକ ପ୍ରୟୋଗ କୁହାଯାଏ। ଯଥା –

(୧) ରାମଃ ଖାଦତି। (୨) ଅହଂ ଲିଖାମି।

ଏଠାରେ ଖାଦ୍ ଓ ଲିଖ୍ ଧାତୁର ଅକର୍ମକ ଭାବେ ପ୍ରୟୋଗ କରାଯାଇଛି ଯଦିଓ 'ଅନ୍ନମ୍' ଓ 'ପତ୍ରମ୍' ଇତ୍ୟାଦି କର୍ମପଦ ଏଠାରେ ବ୍ୟବହାର କରାଯାଇପାରେ।

---

୧। "କର୍ତ୍ତୃ-କର୍ମ-କ୍ରିୟାଶ୍ଚୈବ କର୍ତ୍ତୃ-କର୍ମ-ବିଶେଷଣମ୍।
ବାଚ୍ୟାନ୍ତରଂ କର୍ତ୍ତୁମିଚ୍ଛୁରେତାନି ପରିବର୍ତ୍ତୟେତ୍।।"

# ଦ୍ୱିକର୍ମକ କ୍ରିୟାର ବାଚ୍ୟ ପରିବର୍ତ୍ତନ

କେତେକ ସକର୍ମକ ଧାତୁର ଦୁଇଟି କର୍ମ ଥାଏ। ତାକୁ ଦ୍ୱିକର୍ମକ ଧାତୁ କୁହାଯାଏ। ଦ୍ୱିକର୍ମକ ଧାତୁଗୁଡ଼ିକ ଦୁହାଦି[୧] ଓ ନ୍ୟାଦି[୨] ଏହିପରି ଦୁଇଟି ଗଣରେ ରହିଛନ୍ତି। ଏହି ଦୁଇଟି କର୍ମ ମଧ୍ୟରୁ ଗୋଟିଏ ମୁଖ୍ୟ କର୍ମ ଓ ଅନ୍ୟଟି ଗୌଣ କର୍ମ। ମୁଖ୍ୟ ଓ ଗୌଣ କର୍ମର ନିରୂପଣ କର୍ତ୍ତାର ଅଭୀଷ୍ଟ ଦୃଷ୍ଟିରୁ ବିଚାର କରାଯାଏ। ଯଥା – ଗୋପାଳଃ ଗାଂ **ଦୁଗ୍ଧଂ** ଦୋଗ୍ଧି।

ଏହି ବାକ୍ୟରେ 'ଦୁଗ୍ଧ' ହିଁ କର୍ତ୍ତାର ଈପ୍ସିତ। ଏଣୁ 'ଦୁଗ୍ଧ' ମୁଖ୍ୟ କର୍ମ। ସାଧାରଣତଃ ବାଚ୍ୟାନ୍ତରବେଳେ **ନ୍ୟାଦି ଗଣୀୟ ଚାରିଗୋଟି ଧାତୁର ମୁଖ୍ୟକର୍ମ କର୍ମବାଚ୍ୟରେ ଉକ୍ତ ହୋଇ ପ୍ରଥମାବିଭକ୍ତିରେ ପ୍ରୟୋଗ ହୋଇଥାଏ। ଏତଦ୍ ବ୍ୟତୀତ ସମସ୍ତ ଦୁହାଦି ଦ୍ୱିକର୍ମକ ଧାତୁମାନଙ୍କର ଗୌଣ ବା ଅପ୍ରଧାନ କର୍ମ ଉକ୍ତ ହୋଇ ପ୍ରଥମାବିଭକ୍ତିରେ ପ୍ରୟୋଗ ହୁଏ ଏବଂ କ୍ରିୟା ତଦନୁସାରୀ ହୋଇଥାଏ।**[୩]

**(କ) ଦୁହାଦି –**

| **କର୍ତ୍ତୃବାଚ୍ୟ** | | **କର୍ମବାଚ୍ୟ** |
|---|---|---|
| ୧. ଗୋପାଳଃ ଗାଂ ଦୁଗ୍ଧଂ ଦୋଗ୍ଧି | – | ଗୋପାଳେନ ଗୌଃ ଦୁଗ୍ଧଂ ଦୁହ୍ୟତେ। |
| ୨. ଗୁରୁଃ ଶିଷ୍ୟଂ ପ୍ରଶ୍ନଂ ପୃଚ୍ଛତି | – | ଗୁରୁଣା ଶିଷ୍ୟଃ ପ୍ରଶ୍ନଂ ପୃଚ୍ଛ୍ୟତେ। |

**(ଖ) ନ୍ୟାଦି**

୧. କୃଷକଃ ଛାଗଂ ଗ୍ରାମଂ ନୟତି – କୃଷକେଣ ଛାଗଃ ଗ୍ରାମଂ ନୀୟତେ।

୨. ପ୍ରଭୁଃ ଭୃତ୍ୟଂ ଗୃହଂ କର୍ଷତି – ପ୍ରଭୁଣା ଭୃତ୍ୟଃ ଗୃହଂ କୃଷ୍ୟତେ।

## ଅଭ୍ୟାସ

**୧। ନିମ୍ନଲିଖିତବାକ୍ୟାନି କର୍ମବାଚ୍ୟେ ପରିବର୍ତ୍ତୟତ।**

ଯଥା –

| **କର୍ତ୍ତୃବାଚ୍ୟେ** | **କର୍ମବାଚ୍ୟେ** |
|---|---|
| ସଃ ବ୍ୟାଘ୍ରଂ ପଶ୍ୟତି। | ତେନ ବ୍ୟାଘ୍ରଃ ଦୃଶ୍ୟତେ। |
| (କ) ଏକଃ ଚନ୍ଦ୍ରଃ ତମୋ ହନ୍ତି। | ____________ |
| (ଖ) ଅହଂ ପିତରଂ ବନ୍ଦେ। | ____________ |
| (ଗ) ସୀତା ଗୀତଂ ଗାୟତି। | ____________ |
| (ଘ) ରମେଶଃ ଗ୍ରାମମ୍ ଅଗଚ୍ଛତ୍। | ____________ |
| (ଙ) ସୈନିକାଃ ଦେଶଂ ରକ୍ଷନ୍ତି। | ____________ |
| (ଚ) ଛାତ୍ରଃ ପାଠଂ ପଠେତ୍। | ____________ |

---

୧। ଦୁହାଦି – ଦୁହ୍, ଯାଚ୍, ପଚ୍, ଦଣ୍ଡ୍, ରୁଧ୍, ପ୍ରଚ୍ଛ, ଚି, ବ୍ରୂ, ଶାସ୍, ଜି, ମନ୍ଥ୍ ଓ ମୁଷ୍।

୨। ନ୍ୟାଦି – ନୀ, ହୃ, କୃଷ୍ ଓ ବହ୍।

୩। "ଗୌଣେ କର୍ମଣି ଦୁହ୍ୟାଦେଃ ପ୍ରଧାନେ ନୀହୃକୃଷ୍‌ବହାମ୍।
ବିଭକ୍ତିଃ ପ୍ରଥମା ଜ୍ଞେୟା ଦ୍ୱିତୀୟା ସ୍ୟାଉଦନ୍ୟତଃ।।"

୨। ନିମ୍ନଲିଖିତାନି ବାକ୍ୟାନି ଭାବବାଚ୍ୟେ ପରିବର୍ତ୍ତୟତ।

| କର୍ତ୍ତୃବାଚ୍ୟମ୍ | ଭାବବାଚ୍ୟମ୍ |
|---|---|
| ଯଥା :- ବାଳକାଃ ହସନ୍ତି। | ବାଳକୈଃ ହସ୍ୟତେ। |
| (କ) ବୃକ୍ଷାତ୍ ଫଳାନି ପତନ୍ତି। | ________ |
| (ଖ) ଶିଶୁଃ ଭୃଶଂ କ୍ରନ୍ଦତି। | ________ |
| (ଗ) ନୃପଃ ଶତ୍ରୁଂ ହନ୍ତି। | ________ |
| (ଘ) ଅଳସଃ ଦିବସେ ଶେତେ। | ________ |
| (ଙ) ଲତା ଶୀଘ୍ରଂ ବର୍ଦ୍ଧତେ। | ________ |
| (ଚ) ସିଂହଃ ବନେ ଗର୍ଜତି। | ________ |
| (ଛ) ଛାତ୍ରାଃ ଛାତ୍ରାବାସେ ତିଷ୍ଠନ୍ତି। | ________ |

## (ଖ) କୃଦନ୍ତ କ୍ରିୟାର ବାଚ୍ୟପରିବର୍ତ୍ତନ

'ତିଙନ୍ତ' କ୍ରିୟାର ଯେପରି କର୍ତ୍ତୃବାଚ୍ୟ, କର୍ମବାଚ୍ୟ ଓ ଭାବବାଚ୍ୟରେ ପ୍ରୟୋଗ ଅଛି, କୃଦନ୍ତ କ୍ରିୟାର ମଧ୍ୟ ସେହିପରି ଭିନ୍ନ ଭିନ୍ନ ବାଚ୍ୟରେ ପ୍ରୟୋଗ ଦେଖାଯାଏ। କାରଣ ନିଷ୍ଠା (କ୍ତ ଓ କ୍ତବତୁ) ଏବଂ କୃତ୍ୟ (ତବ୍ୟ, ଅନୀୟ, ଯତ୍, ଣ୍ୟତ୍ ଓ କ୍ୟପ୍) ପ୍ରତ୍ୟୟ ନିଷ୍ପନ୍ନ ପଦଗୁଡ଼ିକ ବାକ୍ୟରେ ସମାପିକା କ୍ରିୟାରୂପେ ବ୍ୟବହୃତ ହୁଅନ୍ତି।

ନିମ୍ନଲିଖିତ ବାକ୍ୟଗୁଡିକୁ ଲକ୍ଷ୍ୟ କର:

| କର୍ତ୍ତୃବାଚ୍ୟ | କର୍ମବାଚ୍ୟ |
|---|---|
| (i) ସଃ ବିଦ୍ୟାଳୟଂ ଗତଃ। | (i) ତେନ ବିଦ୍ୟାଳୟଃ ଗତଃ। |
| (ii) ଅହଂ ବେଦଂ ପଠିତବାନ୍। | (ii) ମୟା ବେଦଃ ପଠିତଃ। |
| (iii) ମାତା କନ୍ୟାମ୍ ଉକ୍ତବତୀ। | (iii) ମାତ୍ରା କନ୍ୟା ଉକ୍ତା। |
| (iv) ବାନରଃ ଫଳାନି ଖାଦିତବାନ୍। | (iv) ବାନରେଣ ଫଳାନି ଖାଦିତାନି। |
| (v) ଶିଶୁଃ ଶଯ୍ୟାମ୍ ଅଧିଶୟିତଃ। | (v) ଶିଶୁନା ଶଯ୍ୟା ଅଧିଶୟିତା। |

୧। କର୍ତ୍ତୃବାଚ୍ୟରେ କ୍ତ ଓ କ୍ତବତୁ ପ୍ରତ୍ୟୟ ନିଷ୍ପନ୍ନ ପଦକୁ କର୍ମବାଚ୍ୟରେ ପରିବର୍ତ୍ତନ କରିବାକୁ ମୂଳଧାତୁରୁ ଉତ୍ତର 'କ୍ତ' ପ୍ରତ୍ୟୟ କରାଯାଇଛି ଏବଂ ଏହି ପଦ କର୍ମର ଲିଙ୍ଗ, ବଚନ ଓ ବିଭକ୍ତିକୁ ଗ୍ରହଣ କରିଛି।

ନିମ୍ନଲିଖିତ ବାକ୍ୟଗୁଡ଼ିକୁ ଲକ୍ଷ୍ୟ କର-

| କର୍ତ୍ତୃବାଚ୍ୟ | ଭାବବାଚ୍ୟ |
|---|---|
| (i) ବାଳଃ ହସିତଃ। | (i) ବାଳେନ ହସିତମ୍। |
| (ii) କାକୌ ପଳାୟିତୌ। | (ii) କାକାଭ୍ୟାଂ ପଳାୟିତମ୍। |
| (iii) ଶିଶବଃ ସ୍ମିତବନ୍ତଃ। | (iii) ଶିଶୁଭିଃ ସ୍ମିତମ୍। |

୨। କର୍ତ୍ତୃବାଚ୍ୟରେ ଅକର୍ମକ କ୍ରିୟାରୁ ଉତ୍ତର 'କ୍ତ' ବା 'କ୍ତବତୁ' ପ୍ରତ୍ୟୟ ଭାବବାଚ୍ୟରେ 'କ୍ତ' ପ୍ରତ୍ୟୟରେ ପରିବର୍ତ୍ତିତ ହୋଇଛି ଏବଂ ଏହି କ୍ରିୟାପଦ ସବୁବେଳେ କ୍ଲୀବଲିଙ୍ଗ, ଏକବଚନ ଓ ପ୍ରଥମା ବିଭକ୍ତ୍ୟନ୍ତ ହୋଇଅଛି।

ବର୍ତ୍ତମାନ ନିମ୍ନଲିଖିତ ବାକ୍ୟଗୁଡ଼ିକୁ ଲକ୍ଷ୍ୟ କର–

| **କର୍ମବାଚ୍ୟ / ଭାବବାଚ୍ୟ** | **କର୍ତ୍ତୃବାଚ୍ୟ** |
|---|---|
| (i) ସଜ୍ଜନୈଃ ଧର୍ମଗ୍ରନ୍ଥଃ ପଠନୀୟଃ । | (i) ସଜ୍ଜନାଃ ଧର୍ମଗ୍ରନ୍ଥଂ ପଠେୟୁଃ/ପଠିଷ୍ୟନ୍ତି । |
| (ii) ଛାତ୍ରୈଃ କୁସଙ୍ଗଃ ପରିହାର୍ଯ୍ୟଃ । | (iii) ଛାତ୍ରାଃ କୁସଙ୍ଗଂ ପରିହରେୟୁଃ / ପରିହରିଷ୍ୟନ୍ତି । |
| (iii) ଅତ୍ର ଅସ୍ମାଭିଃ ସ୍ଥେୟମ୍/ସ୍ଥାତବ୍ୟମ୍ । | (i) ଅତ୍ର ବୟଂ ତିଷ୍ଠେମ / ସ୍ଥାସ୍ୟାମଃ । |
| (iv) ତ୍ୱୟା ହସିତବ୍ୟମ୍ । | (ii) ତ୍ୱଂ ହସେଃ / ହସିଷ୍ୟସି । |

୩। କୃତ୍ୟ (ତବ୍ୟ, ଅନୀୟ, ଯତ୍, ଣ୍ୟତ୍, କ୍ୟପ୍) ପ୍ରତ୍ୟୟାନ୍ତ କ୍ରିୟାପଦ କେବଳ କର୍ମ ବା ଭାବବାଚ୍ୟରେ ବ୍ୟବହୃତ ହୋଇଅଛି । ତା'ର କର୍ତ୍ତୃବାଚ୍ୟକୁ ପରିବର୍ତ୍ତନ କଲାବେଳେ ମୂଳଧାତୁରେ ବିଧିଲିଙ୍ କିମ୍ବା ଲୃଟ୍ ଲକାରର ପ୍ରୟୋଗ କରାଯାଇଛି ।

## (ଗ) ଣିଜନ୍ତ କ୍ରିୟାର ବାଚ୍ୟପରିବର୍ତ୍ତନଂ

ନିମ୍ନଲିଖିତ ବାକ୍ୟଗୁଡ଼ିକୁ ଲକ୍ଷ୍ୟ କର ।

| **କର୍ତ୍ତୃବାଚ୍ୟ** | **କର୍ମବାଚ୍ୟ** |
|---|---|
| (i) ଗୁରୁଃ ଶିଷ୍ୟଂ ବେଦଂ ପାଠୟତି । | (i) ଗୁରୁଣା ଶିଷ୍ୟଃ ବେଦଂ ପାଠ୍ୟତେ / ଗୁରୁଣା ଶିଷ୍ୟଂ ବେଦଃ ପାଠ୍ୟତେ । |
| (ii) ପିତା ପୁତ୍ରଂ ଧର୍ମଂ ବୋଧୟତି । | (ii) ପିତ୍ରା ପୁତ୍ରଃ ଧର୍ମଂ ବୋଧ୍ୟତେ / ପିତ୍ରା ପୁତ୍ରଂ ଧର୍ମଃ ବୋଧ୍ୟତେ । |
| (iii) ମାତା ଶିଶୁମ୍ ଓଦନଂ ଭୋଜୟତି । | (iii) ମାତ୍ରା ଶିଶୁଃ ଓଦନଂ ଭୋଜ୍ୟତେ / ମାତ୍ରା ଶିଶୁମ୍ ଓଦନଃ ଭୋଜ୍ୟତେ । |

୧। ଉପର୍ଯ୍ୟୁକ୍ତ ବାକ୍ୟଗୁଡ଼ିକରେ ଣିଜନ୍ତ ଦ୍ୱିକର୍ମକ ଶବ୍ଦକର୍ମକ, ବୋଧାର୍ଥ ଓ ଭୋଜନାର୍ଥ ଧାତୁର ପ୍ରୟୋଗ ହୋଇଛି । ଏପରିସ୍ଥଳେ ଯେ କୌଣସି ଗୋଟିଏ କର୍ମକୁ ଉକ୍ତ କରି କର୍ମବାଚ୍ୟରେ ପରିବର୍ତ୍ତନ କରାଯାଇଅଛି । କିନ୍ତୁ ଣିଜନ୍ତ ଦ୍ୱିକର୍ମକ ଧାତୁଟି ବୋଧାର୍ଥ, ଭୋଜନାର୍ଥ କିମ୍ବା ଶବ୍ଦକର୍ମକ ନ ହୋଇଥିଲେ ଅର୍ଥାତ୍ ଏତଦ୍ ଭିନ୍ନ ଅନ୍ୟ ଧାତୁମାନଙ୍କର ପ୍ରୟୋଗ ହୋଇଥିଲେ କେବଳ ପ୍ରୟୋଜ୍ୟ କର୍ମ ଉକ୍ତ ହୁଏ ଅର୍ଥାତ୍ ସେହି କର୍ମର ପ୍ରଥମାବିଭକ୍ତି ହୁଏ । ଯଥା –

| **କର୍ତ୍ତୃବାଚ୍ୟ** | **କର୍ମବାଚ୍ୟ** |
|---|---|
| (iv) ପିତା ପୁତ୍ରଂ ଗ୍ରାମଂ ଗମୟତି । | (iv) ପିତ୍ରା ପୁତ୍ରଃ ଗ୍ରାମଂ ଗମ୍ୟତେ । |

୨। ଉପର୍ଯ୍ୟୁକ୍ତ ଉଦାହରଣରେ 'ଗମୟତି', ଏକ ଣିଜନ୍ତ ଦ୍ୱିକର୍ମକ ଧାତୁ ଅଟେ ଏବଂ ଏହା ବୋଧାର୍ଥ, ଭୋଜନାର୍ଥ ବା ଶବ୍ଦକର୍ମକ ନୁହେଁ । ତେଣୁ ଏଠାରେ କେବଳ ପ୍ରୟୋଜ୍ୟ କର୍ମ 'ପୁତ୍ର' ଉକ୍ତ ହୋଇଛି ।

---

୧। "ବୁଦ୍ଧିଭକ୍ଷାର୍ଥୟୋଃ ଶବ୍ଦକର୍ମକାଣାଂ ନିଜେଚ୍ଛୟା ।
ପ୍ରୟୋଜ୍ୟ – କର୍ମଣ୍ୟନ୍ୟେଷାଂ ଣ୍ୟନ୍ତାନାଂ ଲାଦୟୋ ମତାଃ ।।"

ନିମ୍ନଲିଖିତ ବାକ୍ୟଦ୍ୱୟକୁ ଲକ୍ଷ୍ୟ କର–

| **କର୍ତ୍ତୃବାଚ୍ୟ** | **କର୍ମବାଚ୍ୟ** |
|---|---|
| (v) ସଃ ଭୃତ୍ୟେନ ବୃକ୍ଷଂ ଛେଦୟତି । | (v) ତେନ ଭୃତ୍ୟେନ ବୃକ୍ଷଃ ଛେଦ୍ୟତେ । |
| (iv) ପ୍ରଭୁଃ ପାଚକେନ ଓଦନଂ ପାଚୟତି । | (iv) ପ୍ରଭୁଣା ପାଚକେନ ଓଦନଃ ପାଚ୍ୟତେ । |

୩। ଉପର୍ଯ୍ୟୁକ୍ତ ବାକ୍ୟଦ୍ୱୟରେ ଣିଜନ୍ତ ଧାତୁର ପ୍ରୟୋଜ୍ୟରେ ତୃତୀୟାବିଭକ୍ତି ହୋଇଅଛି । ଏପରିସ୍ଥଳେ ବାଚ୍ୟପରିବର୍ତ୍ତନ କଲାବେଳେ ପ୍ରୟୋଜକ କର୍ତ୍ତାରେ ତୃତୀୟା ଓ କର୍ମରେ ପ୍ରଥମା ବିଭକ୍ତି ହୋଇଅଛି ।

## ମନେରଖ :

୧ । ଭାବପ୍ରକାଶପାଇଁ ଭାଷାର ଭିନ୍ନ ଭିନ୍ନ ପ୍ରକାର କଥନ ଭଙ୍ଗୀକୁ 'ବାଚ୍ୟ' କୁହାଯାଏ । ଏହା ମୁଖ୍ୟତଃ ତିନି ପ୍ରକାର । ଯଥା – କର୍ତ୍ତୃବାଚ୍ୟ, କର୍ମବାଚ୍ୟ ଓ ଭାବବାଚ୍ୟ ।

୨ । କର୍ତ୍ତୃବାଚ୍ୟରେ କର୍ତ୍ତା ଉକ୍ତ ବା ପ୍ରଧାନ । ତେଣୁ କର୍ତ୍ତାଠାରେ ପ୍ରଥମାବିଭକ୍ତି ହୁଏ । କର୍ମ ଅନୁକ୍ତ ବା ଅପ୍ରଧାନ ହୋଇ ଦ୍ୱିତୀୟା ବିଭକ୍ତିରେ ରହେ । କ୍ରିୟାପଦ କର୍ତ୍ତାର ପୁରୁଷ ଓ ବଚନ ଗ୍ରହଣ କରେ ।

୩। କର୍ମବାଚ୍ୟରେ କର୍ତ୍ତା ଅନୁକ୍ତ ବା ଅପ୍ରଧାନ ଓ କର୍ମ ଉକ୍ତ ବା ପ୍ରଧାନ ହୋଇଥାଏ । ତେଣୁ, କର୍ତ୍ତାଠାରେ ତୃତୀୟା ଓ କର୍ମଠାରେ ପ୍ରଥମାବିଭକ୍ତି ହୋଇଥାଏ । କ୍ରିୟାପଦ କର୍ମଅନୁସାରେ ହୋଇଥାଏ ।

୪ । ଭାବବାଚ୍ୟରେ କର୍ମପଦ ନ ଥାଏ । କର୍ତ୍ତା ଅନୁକ୍ତ ହୋଇ ତୃତୀୟାବିଭକ୍ତିରେ ରହେ ଏବଂ କ୍ରିୟାପଦ ସର୍ବଦା ପ୍ରଥମପୁରୁଷ ଏକବଚନରେ ରହିଥାଏ ।

୫ । କର୍ମବାଚ୍ୟରେ କିମ୍ବା ଭାବବାଚ୍ୟରେ (ତିଙନ୍ତ) କ୍ରିୟାପଦ, ମୂଳଧାତୁରେ (ଲୃଟ୍‌ଲକାର ବ୍ୟତୀତ) 'ଯ' ଯୋଗ କରି ଆତ୍ମନେପଦୀ ଧାତୁର ରୂପପରି ନିଷ୍ପନ୍ନ ହୋଇଥାଏ ।

୬ । କର୍ମବାଚ୍ୟରେ ଦୁହାଦିଗଣୀୟ ଦ୍ୱିକର୍ମକ ଧାତୁମାନଙ୍କର ଗୌଣକର୍ମ ଉକ୍ତ ହେଲାବେଳେ, ନ୍ୟାଦିଗଣୀୟ ଧାତୁମାନଙ୍କର ମୁଖ୍ୟକର୍ମ ଉକ୍ତ ହୋଇଥାଏ ।

୭ । କର୍ତ୍ତୃବାଚ୍ୟରେ କ୍ତ / କ୍ତବତୁ ପ୍ରତ୍ୟୟନିଷ୍ପନ୍ନ କ୍ରିୟାପଦ କର୍ମବାଚ୍ୟ ଓ ଭାବବାଚ୍ୟରେ 'କ୍ତ' ପ୍ରତ୍ୟୟରେ ପରିବର୍ତ୍ତିତ ହୋଇଥାଏ । କର୍ମବାଚ୍ୟରେ କ୍ରିୟାପଦ କର୍ମର ଲିଙ୍ଗ, ବଚନ ଓ ପୁରୁଷକୁ ଗ୍ରହଣ କଲାବେଳେ ଭାବବାଚ୍ୟରେ ଏହା ସର୍ବଦା କ୍ଳୀବଲିଂଗ ପ୍ରଥମା ବିଭକ୍ତି ଏକବଚନରେ ପ୍ରୟୋଗ ହୋଇଥାଏ ।

୮ । କର୍ମବାଚ୍ୟ କିମ୍ବା ଭାବବାଚ୍ୟରେ କୃତ୍ୟପ୍ରତ୍ୟୟାନ୍ତ କ୍ରିୟାପଦ ଥିଲେ, ତାହା କର୍ତ୍ତୃବାଚ୍ୟରେ ବିଧିଲିଙ୍ କିମ୍ବା ଲୃଟ୍‌ଲକାରରେ ପ୍ରୟୋଗ ହୁଏ ।

୯ । ଣିଜନ୍ତ ଦ୍ୱିକର୍ମକ ଧାତୁମଧ୍ୟରୁ ଜ୍ଞାନାର୍ଥ, ଭୋଜନାର୍ଥ ଓ ଶବ୍ଦକର୍ମକ ଧାତୁମାନଙ୍କର ଯେ କୌଣସି କର୍ମ ଉକ୍ତ ହୋଇ ବାଚ୍ୟ ପରିବର୍ତ୍ତନ ହେଉଥିବା ବେଳେ, ଅନ୍ୟ ଧାତୁମାନଙ୍କର କେବଳ ପ୍ରୟୋଜ୍ୟ କର୍ମ ଉକ୍ତ ହୁଏ ।

୧୦ । ବାଚ୍ୟପରିବର୍ତ୍ତନରେ କେବଳ କର୍ତ୍ତା – କର୍ମ, କର୍ତ୍ତା, କର୍ମର ବିଶେଷଣ ଓ ସମାପିକା କ୍ରିୟାରେ ପରିବର୍ତ୍ତନ ହୋଇଥାଏ । ମାତ୍ର ବାକ୍ୟରେ ଅସମାପିକା କ୍ରିୟା, ତା'ର କର୍ମ ଏବଂ ଅନ୍ୟକୌଣସି କାରକ ବା ବିଭକ୍ତିର ପରିବର୍ତ୍ତନ କରାଯାଏ ନାହିଁ ।

## ଅଭ୍ୟାସ

**୧। ନିମ୍ନଲିଖିତବାକ୍ୟେଷୁ କ୍ରିୟାପଦଂ କର୍ମବାଚ୍ୟେ ପରିବର୍ତ୍ତ୍ୟ ଲିଖତ।**

| **କର୍ତ୍ତୃବାଚ୍ୟ** | **କର୍ମବାଚ୍ୟ** |
|---|---|
| ଯଥା – ଶିଷ୍ୟଃ ବେଦଂ ପଠିତବାନ୍। | ଶିଷ୍ୟେଣ ବେଦଃ ପଠିତଃ। |
| (i) ରାମଃ ଗ୍ରାମଂ ଗତଃ / ଗତବାନ୍। | (i) ରାମେଣ ଗ୍ରାମଃ ________। |
| (ii) ତ୍ୱଂ ହିମାଳୟଂ ଦୃଷ୍ଟବାନ୍। | (ii) ତ୍ୱୟା ହିମାଳୟଃ ________। |
| (iii) ରାଜା ପଣ୍ଡିତସଭାଂ କୃତବାନ୍ । | (iii) ରାଜ୍ଞା ପଣ୍ଡିତସଭା ________। |
| (iv) ତେ କଳହଂ କୃତବନ୍ତଃ। | (iv) ତୈଃ କଳହଃ ________। |
| (v) ରାବଣଃ ସୀତାମ୍ ଅପହୃତବାନ୍। | (v) ରାବଣେନ ସୀତା ________। |
| (vi) ପିତା କନ୍ୟାମ୍ ଉକ୍ତବାନ୍। | (vi) ପିତ୍ରା କନ୍ୟା ________। |

**୨। ନିମ୍ନଲିଖିତବାକ୍ୟେଷୁ କ୍ରିୟାପଦଂ ଭାବବାଚ୍ୟେ ପରିବର୍ତ୍ତ୍ୟ ଲିଖତ।**

| **କର୍ତ୍ତୃବାଚ୍ୟ** | **ଭାବବାଚ୍ୟ** |
|---|---|
| ଯଥା – ବୟଂ ଗତାଃ। | ଅସ୍ମାଭିଃ ଗତମ୍। |
| (i) ତେ ତତ୍ର କ୍ରୀଡିତବନ୍ତଃ। | (i) ତୈଃ ତତ୍ର ________। |
| (ii) ସଃ କ୍ୱ ଗତଃ। | (ii) ତେନ କ୍ୱ ________। |
| (iii) ବାଳକାଃ ହସିତବନ୍ତଃ। | (iii) ବାଳକୈଃ ________। |
| (iv) ଲତା କୁତ୍ର ଗତା ? | (iv) ଲତୟା କୁତ୍ର ________। |
| (v) ତ୍ୱମ୍ ଉକ୍ତବାନ୍। | (v) ତ୍ୱୟା ________। |

**୩। ନିମ୍ନଲିଖିତେଷୁ ବାକ୍ୟେଷୁ କ୍ରିୟାପଦଂ କର୍ତ୍ତୃବାଚ୍ୟେ ପରିବର୍ତ୍ତ୍ୟ ଲିଖତ।**

| **କର୍ମବାଚ୍ୟ / ଭାବବାଚ୍ୟ** | **କର୍ତ୍ତୃବାଚ୍ୟ** |
|---|---|
| ଯଥା – ଛାତ୍ରୈଃ କୁସଙ୍ଗଃ ପରିହର୍ତ୍ତବ୍ୟଃ । | ଛାତ୍ରାଃ କୁସଙ୍ଗଂ ପରିହରେୟୁଃ / ପରିହରିଷ୍ୟନ୍ତି। |
| (i) ଅତ୍ର ଅସ୍ମାଭିଃ ସ୍ଥେୟମ୍। | (i) ଅତ୍ର ବୟଂ ________ / ________। |
| (ii) ସର୍ବୈଃ କୋଣାର୍କମନ୍ଦିରଂ ଦ୍ରଷ୍ଟବ୍ୟମ୍। | (ii) ସର୍ବେ କୋଣାର୍କମନ୍ଦିରଂ ________ / ________। |
| (iii) ଅସ୍ମାଭିଃ ପରୀକ୍ଷା କର୍ତ୍ତବ୍ୟା। | (iii) ବୟଂ ପରୀକ୍ଷାଂ ________ / ________। |
| (iv) ରାଜ୍ଞା ଦୋଷୀ ଦଣ୍ଡନୀୟଃ। | (iv) ରାଜା ଦୋଷିଣଂ ________ / ________। |
| (v) ଦୁର୍ଜନାନାଂ ଦୋଷଃ ପରିହାର୍ଯ୍ୟଃ। | (v) ଦୁର୍ଜନାଃ ଦୋଷଂ ________ / ________। |
| (vi) ମୟା କର୍ତ୍ତବ୍ୟମ୍। | (vi) ଅହଂ ________ / ________। |
| (vii) ରୋଗିଣା ଶୟିତବ୍ୟମ୍। | (vii) ରୋଗୀ ________ / ________। |

**୪। ବନ୍ଧନୀମଧ୍ୟାତ୍ ଯଥାର୍ଥପଦଂ ନିରୂପ୍ୟ ଶୂନ୍ୟସ୍ଥାନଂ ପୂରୟତ।**

ଯଥା - ତୟା ସଭାୟାଂ ନ <u>ହସିତମ୍।</u>

(i) ତେନ ବ୍ୟାକରଣଂ ________ ।

(ii) ସଦା ସତ୍ୟଂ ________ ।

(iii) ବ୍ରହ୍ମଚାରିଣା ________ ଯାଚ୍ୟତେ।

(iv) ________ ମାତା ଉକ୍ତା।

(v) ଋଷିଭିଃ ________ ସ୍ତୂୟତେ।

(vi) ହିଂସା ________ ।

(vii) ________ କେନ ବାଧ୍ୟତେ।

(viii) ତ୍ୱୟା ଜିଜ୍ଞାସା ________ ।

(ix) ସର୍ବୈଃ ପାନୀୟଜଳଂ ________ ।

(ନିୟତିଃ, ବିଷ୍ଣୁଃ, ଅଧୀତମ୍, ହସିତମ୍, ତ୍ୟାଜ୍ୟା, ଭିକ୍ଷା, ବକ୍ତବ୍ୟମ୍, ପେୟମ୍, ପୁତ୍ରେଣ, କର୍ତ୍ତବ୍ୟା)

**୫। ବାଚ୍ୟପରିବର୍ତ୍ତନଂ କୁରୁତ।**

(i) ସର୍ବେ ଭବନ୍ତୁ ସୁଖିନଃ।

(ii) ରାମଃ ରାବଣଂ ହତବାନ୍।

(iii) ବାନରଃ ବୃକ୍ଷାତ୍ ଫଳଂ ଖାଦତି।

(iv) ମାତା କନ୍ୟାମ୍ ଅନ୍ନଂ ଭୋଜୟତୁ।

(v) ଦାରାଃ ମେ ସ୍ଥିତାଃ।

(vi) ପ୍ରଭୁଃ ଭୃତ୍ୟଂ ଗୃହଂ କର୍ଷତି।

(vii) ଛାୟା କେନ ନିବାର୍ଯ୍ୟତେ।

(viii) ସେବିତବ୍ୟୋ ମହାବୃକ୍ଷଃ।

(ix) ଦୁର୍ଜନଃ ପରିହର୍ତ୍ତବ୍ୟଃ।

(x) ହୀନସେବା ନ କର୍ତ୍ତବ୍ୟା ।

•

# ଅନୁବାଦନିୟମାବଳୀ

SL2BK4

୧। ପ୍ରଥମେ ବାକ୍ୟକୁ ପଢ଼ି କର୍ତ୍ତା, କ୍ରିୟା ଏବଂ ଅନ୍ୟାନ୍ୟ ବିଭକ୍ତିକୁ ଚିହ୍ନିବା ଦରକାର।

୨। ପୁରୁଷ ବଚନ ଅନୁସାରେ କ୍ରିୟାପଦ ବ୍ୟବହାର କରାଯିବ।

୩। ବିଶେଷ୍ୟ ପଦର ଲିଙ୍ଗ ବିଭକ୍ତି ବଚନ ଅନୁସାରେ ବିଶେଷଣ ପଦ ବ୍ୟବହାର କରିବ।

୪। ବାକ୍ୟରେ କେଉଁ ଶବ୍ଦ ବା ଧାତୁ ଯୋଗେ କେଉଁଠାରେ କେଉଁ ବିଭକ୍ତି ହୁଏ ସ୍ଥିର  ରହିବ।

(ଯଥା – ବିନା, ପ୍ରତି, ଅନୁଯୋଗେ ୨ୟା; ଦାନ, ଧାର ଯୋଗେ ୪ର୍ଥୀ)

୫। ଯୁଷ୍ମଦ୍, ଅସ୍ମଦ୍ ଶବ୍ଦର, ୨ୟା, ୪ର୍ଥୀ ଓ ୬ଷ୍ଠୀ ବିଭକ୍ତିରେ ବିକଳ୍ପ ରୂପ ବାକ୍ୟର ଆରମ୍ଭରେ ଏବଂ ସମ୍ବୋଧନ ପଦ ପରେ ରହେ ନାହିଁ।

(ଯଥା– ତ୍ୱା, ବାମ୍, ବଃ, ତେ, ମା, ନୌ, ନଃ, ମେ)

୬। ପାତ୍ର, ସ୍ଥାନ, ପ୍ରମାଣ, ଭାଜନ, ଭୂଷଣ, ନିଦାନ, କାରଣ, ଆସ୍ପଦ ପ୍ରଭୃତି ଶବ୍ଦ ବିଶେଷଣ ରୂପେ ବ୍ୟବହୃତ ହେଲେ ମଧ୍ୟ ସେମାନଙ୍କର ଲିଙ୍ଗରେ କୌଣସି ପରିବର୍ତ୍ତନ ହୁଏ ନାହିଁ। ଏସବୁ ଅଜହଲ୍ଲିଙ୍ଗ। ନପୁଂସକ ଏକବଚନ ରୂପେ ଏମାନଙ୍କର ପ୍ରୟୋଗ ହୁଏ।

୭। ଓଡିଆ ଭାଷାରେ ପ୍ରଚଳିତ ସରଳ ସାଧୁଶବ୍ଦ (ତତ୍ସମଶବ୍ଦ)କୁ ସଂସ୍କୃତ ଅନୁବାଦରେ ଅଗ୍ରାଧିକାର ଦେବା ଉଚିତ। ଅପ୍ରଚଳିତ, କଷ୍ଟ, ଦୁର୍ବୋଧ ଶବ୍ଦ ପ୍ରୟୋଗ ଯଥାସମ୍ଭବ କମ୍ ହେବା ଦରକାର।

## ସଂସ୍କୃତାନୁବାଦ ଅଭ୍ୟାସ

୧। ପିଲାମାନେ ସତ କୁହନ୍ତି । – ବାଳକାଃ ସତ୍ୟଂ ବଦନ୍ତି।

୨। ସେଠାରେ ବହୁତ ଫୁଲଗଛ ଅଛି । – ତତ୍ର ବହବଃ ପୁଷ୍ପବୃକ୍ଷାଃ ସନ୍ତି।

୩। ମୁନିମାନେ ଆଶ୍ରମରେ ଅଛନ୍ତି । – ମୁନୟଃ ଆଶ୍ରମେ ସନ୍ତି।

୪। ହରିର ସାନ ଭାଇ ଦଶମ ଶ୍ରେଣୀରେ ପଢୁଛି । – ହରେଃ ଅନୁଜଃ ଦଶମବର୍ଗେ ପଠତି।

୫। ମୃଗଗୁଡ଼ିକ ଏଣେତେଣେ ବୁଲୁଛନ୍ତି । – ମୃଗାଃ ଇତସ୍ତତଃ ଭ୍ରମନ୍ତି।

୬। ହରିଶ୍ଚନ୍ଦ୍ର ବୋଲି ଜଣେ ରାଜା ଥିଲେ । – ହରିଶ୍ଚନ୍ଦ୍ରଃ ଇତି ଏକଃ ରାଜା ଆସୀତ୍।

୭। ଆପଣମାନଙ୍କ ଘର କେଉଁଠି ? – ଭବତାଂ ଗୃହଂ କୁତ୍ର ?

୮। ସ୍କୁଲ ଲାଇବ୍ରେରୀରେ ପିଲାମାନେ ପଢ଼ନ୍ତି । – ବିଦ୍ୟାଳୟସ୍ୟ ପାଠାଗାରେ ବାଳକାଃ ପଠନ୍ତି।

୯। ତୁମେ କାଲି କୁଆଡ଼େ ଯିବ ? – ତ୍ୱଂ ଶ୍ୱଃ କୁତ୍ର ଗମିଷ୍ୟସି ?

୧୦। ମୁଁ କାଲି ଗାଁକୁ ଯାଇଥିଲି । – ଅହଂ ହ୍ୟଃ ଗ୍ରାମଂ ଗତବାନ୍ / ଗତବତୀ ।

୧୧। କାଲି କାମ ଆଜି କର । – ଶ୍ୱଃ କାର୍ଯ୍ୟମ୍ ଅଦ୍ୟ କୁରୁ।

୧୨। ଝିଅଟି କାହାଣୀ ପଢୁଛି । – ବାଳିକା ଆଖ୍ୟାନଂ ପଠତି।

୧୩। ଓଡ଼ିଶାର ଲୋକମାନେ ଭାତ ଖାଆନ୍ତି । - ଉତ୍କଳୀୟାଃ ଓଦନଂ ଖାଦନ୍ତି।

୧୪। ନେତାମାନେ ବର୍ତ୍ତମାନ ଗାଁକୁ ଗାଁ ବୁଲିବେ । - ନେତାରଃ ଅଧୁନା ପ୍ରତିଗ୍ରାମଂ ଭ୍ରମିଷ୍ୟନ୍ତି।

୧୫। ମନ୍ଦିର ଚାରିପଟେ ଉଦ୍ୟାନ ଅଛି । - ମନ୍ଦିରଂ ପରିତଃ ଉଦ୍ୟାନମ୍ ଅସ୍ତି।

୧୬। ଗାଁ ପାଖରେ ନଦୀ ବହୁଛି । - ଗ୍ରାମଂ ନିକଷା ନଦୀ ବହତି।

୧୭। ପିଲାଟି ଶେଯରେ ଶୋଇଛି । - ବାଳକଃ ଶଯ୍ୟାମ୍ ଅଧିଶେତେ।

୧୮। ଭକ୍ତମାନେ ସକାଳେ ସନ୍ଧ୍ୟାରେ ମନ୍ଦିର ଯାଆନ୍ତି । - ଭକ୍ତାଃ ପ୍ରାତଃ ସାୟଂ ଚ ମନ୍ଦିରଂ ଗଚ୍ଛନ୍ତି।

୧୯। ବୁଢ଼ା ଲୋକଟି ଏହି ଘରେ ରହୁଛି । - ବୃଦ୍ଧଃ ଅସ୍ମିନ୍ ଗୃହେ ତିଷ୍ଠତି।

୨୦। ଗରିବ ଲୋକଟି ଘରେ ଉପବାସରେ ଅଛି । - ଦରିଦ୍ରଃ ଗୃହେ ଉପବସତି।

୨୧। ମା' ପଛରେ ପିଲାମାନେ ଧାଉଁଥିଲେ । - ମାତରମ୍ ଅନୁ ଶିଶବଃ ଧାବନ୍ତି ସ୍ମ।

୨୨। ଗଛର ତଳକୁ ତଳ ଫୁଲଗୁଡ଼ିଏ ଫୁଟିଛି । - ବୃକ୍ଷମ୍ ଅଧୋଽଧଃ ପୁଷ୍ପାଣି ବିକସନ୍ତି।

୨୩। ଗାଁର ସବୁଆଡେ ଅଶାନ୍ତି ଦେଖାଦେଇଛି । - ଗ୍ରାମଂ ସର୍ବତଃ ଅଶାନ୍ତିଃ ଦୃଶ୍ୟତେ।

୨୪। ନିଜ ଦେଶରେ ରାଜା ପୂଜା ପାଏ । - ସ୍ୱଦେଶେ ପୂଜ୍ୟତେ ରାଜା।

୨୫। ବିଦ୍ୱାନ୍ ସବୁଠି ପୂଜା ପାଏ । - ବିଦ୍ୱାନ୍ ସର୍ବତ୍ର ପୂଜ୍ୟତେ।

୨୬। ଦେଶର ସବୁଆଡ଼େ ବର୍ତ୍ତମାନ ବର୍ଷା ନାହିଁ । - ଦେଶଂ ସର୍ବତଃ ଅଧୁନା ବୃଷ୍ଟିଃ ନାସ୍ତି।

୨୭। ମୋ ପଛରେ ତୁମେ ଆସ । - ମାମ୍ ଅନୁ ତ୍ୱମ୍ ଆଗଚ୍ଛ।

୨୮। ରୋଗୀଟି ବିଛଣାରେ ଶୋଇଛି । - ରୋଗୀ କଟେ ଶେତେ।

୨୯। ମୁଁ ସନ୍ଧ୍ୟା ବେଳେ ସେଠାକୁ ଯାଇଥିଲି । - ଅହଂ ସାୟଂ କାଳେ ତତ୍ର ଗତବାନ୍।

୩୦। ଗୁରୁନିନ୍ଦକକୁ ଧିକ୍ । - ଗୁରୁନିନ୍ଦକଂ ଧିକ୍।

୩୧। ଆମେ ଏ ବର୍ଷ ପୁରୀ ଯିବୁ । - ବୟମ୍ ଐଷମଃ ପୁରୀଂ ଗମିଷ୍ୟାମଃ।

୩୨। ତୁମେ କାଲି କୁଆଡେ ଯାଇଥିଲ ? - ତ୍ୱଂ ହ୍ୟଃ କୁତ୍ର ଅଗଚ୍ଛଃ ?

୩୩। ଖେଳ ପଡ଼ିଆ ମଝିରେ ସେମାନେ ଖେଳୁଥିଲେ । - କ୍ରୀଡ଼ାଙ୍ଗନମ୍ ଅନ୍ତରା ତେ କ୍ରୀଡ଼ନ୍ତି ସ୍ମ।

୩୪। ପତ୍ର ଗୁଡ଼ିକ ଗଛରୁ ଝଡ଼ୁଛି । - ପତ୍ରାଣି ବୃକ୍ଷାତ୍ ପତନ୍ତି।

୩୫। ପରିବେଶ ହିଁ ଜୀବନ । - ପରିବେଶୋ ହି ଜୀବନମ୍।

୩୬। ବୃକ୍ଷ ଆମର ବନ୍ଧୁ । - ବୃକ୍ଷଃ ଅସ୍ମାକଂ ବନ୍ଧୁଃ।

୩୭। ଏବେ ମୋ ବାପା ଦିଲ୍ଲୀରେ ରହୁଛନ୍ତି । - ଅଧୁନା ମମ ପିତା ଦିଲ୍ଲ୍ୟାଂ ତିଷ୍ଠତି।

୩୮। ଘୋଡ଼ାଟି ଜୋର୍‌ରେ ଧାଉଁଛି । - ଅଶ୍ୱଃ ବେଗେନ ଧାବତି।

୩୯। ହାତୀ ଧୀରେ ଧୀରେ ଚାଲେ । - ଗଜଃ ମନ୍ଦଂ ମନ୍ଦଂ ଗଚ୍ଛତି ।

୪୦। ସେମାନେ ମାସେ ହେଲା ଭାଗବତ ପଢୁଛନ୍ତି । - ତେ ମାସଂ ଭାଗବତଂ ପଠନ୍ତି।

୪୧। ବୁଢ଼ା ବାପାଙ୍କ ସହିତ ନାତିମାନେ ଗାଁକୁ ଯିବେ । - ପିତାମହେନ ସାକଂ ନପ୍ତାରଃ ଗ୍ରାମଂ ଗମିଷ୍ୟନ୍ତି।

୪୨। ଅଜାଙ୍କ ସହ ମୁଁ ଢେଙ୍କାନାଳ ଯାଇଥିଲି । - ମାତାମହେନ ସାକମ୍ ଅହଂ ଢ଼େଙ୍କାନାଳମ୍ ଅଗଚ୍ଛମ୍।

୪୩। ମୋ ବଡ଼ବାପା କଟକରେ ରହୁଛନ୍ତି । – ମମ ଜ୍ୟେଷ୍ଠତାତଃ କଟକେ ତିଷ୍ଠତି।

୪୪। ମୋ କକା ଗାଁ ସ୍କୁଲରେ ଶିକ୍ଷକ ଅଛନ୍ତି। – ମମ ପିତୃବ୍ୟଃ / ଖୁଲ୍ଲତାତଃ ଗ୍ରାମବିଦ୍ୟାଳୟେ ଶିକ୍ଷକଃ ଅସ୍ତି।

୪୫। ତୁମ ମାମୁଁ ଏବେ କେଉଁଠି ଅଛନ୍ତି ? – ତବ ମାତୁଳଃ ଅଧୁନା କୁତ୍ର ଅସ୍ତି ?

୪୬। ଶିବଦତ୍ତର ସାନ ଭଉଣୀ ନନ୍ଦନକାନନରେ ବୁଲୁଛି । – ଶିବଦତ୍ତସ୍ୟ ଅନୁଜା ନନ୍ଦନକାନନେ ଭ୍ରମତି।

୪୭। ତା'ର ବଡ଼ ଭଉଣୀ ଆଜି ଏଠାକୁ ଆସିପାରେ। – ତସ୍ୟ ଅଗ୍ରଜା ଅଦ୍ୟ ଅତ୍ର ଆଗଚ୍ଛେତ୍।

୪୮। ଆଖୁର ପ୍ରକୃତି ମିଠା। – ଇକ୍ଷୁଃ / ଇକ୍ଷୁକାଣ୍ଡଃ ପ୍ରକୃତ୍ୟା ମଧୁରଃ।

୪୯। ବନବାସୀମାନେ ସ୍ୱଭାବରେ ସରଳ। – ବନବାସିନଃ ସ୍ୱଭାବେନ ସରଳାଃ ।

୫୦। ମୋ ମା' ଦେବତା ଅଟେ । – ମମ ମାତା ଦେବତା ଭବତି।

୫୧। ସେ ଆମକୁ ଖାଇବାକୁ ଦିଏ । – ସା ଅସ୍ମଭ୍ୟଂ ଖାଦ୍ୟଂ ଦଦାତି।

୫୨। ସେ ଜାତିରେ ବ୍ରାହ୍ମଣ ଅଟେ । – ସଃ ଜାତ୍ୟା ବ୍ରାହ୍ମଣଃ ଭବତି।

୫୩। ଲୋକଟିର ନାମ ଦେବୀପ୍ରସନ୍ନ ଅଟେ । – ଜନଃ ନାମ୍ନା ଦେବୀପ୍ରସନ୍ନଃ ଭବତି।

୫୪। ମୁଁ ଗୋତ୍ରରେ ଭରଦ୍ୱାଜ । – ଅହଂ ଗୋତ୍ରେଣ ଭରଦ୍ୱାଜଃ।

୫୫। ସେମାନେ ଯତ୍ନରେ ଲେଖିବା ଉଚିତ । – ତେ ଯତ୍ନେନ ଲିଖେୟୁଃ।

୫୬। ପାଞ୍ଚ ଟଙ୍କାରେ କଲମଟି କିଣିଲି । – ପଞ୍ଚଭିଃ ମୁଦ୍ରାଭିଃ କଲମଂ କ୍ରୀତବାନ୍।

୫୭। ତୁମେ ଦଶଟଙ୍କାରେ ଖଣ୍ଡିଏ ବହି ଆଣ । – ତ୍ୱଂ ଦଶଭିଃ ମୁଦ୍ରାଭିଃ ପୁସ୍ତକମ୍ ଆନୟ।

୫୮। ଗ୍ରାମବାସୀମାନେ ସ୍ୱଭାବରେ ଦୟାଳୁ । – ଗ୍ରାମବାସିନଃ ସ୍ୱଭାବେନ ଦୟାଳବଃ ।

୫୯। ମୂର୍ଖର ପାଠ କ'ଣ ଦରକାର । – ମୂର୍ଖସ୍ୟ ପାଠେନ କିମ୍ ?

୬୦। ବିଦ୍ୱାନ ଲୋକର ଧନ କ'ଣ ଦରକାର ? – ବିଦୁଷଃ ଧନେନ କିମ୍ ?

୬୧। ଲୋକଟି ଶୀତରେ ଥରୁଥିଲା । – ଜନଃ ଶୀତାତ୍ କମ୍ପତେ ସ୍ମ।

୬୨। ପିଲାଟି ଶୀତରେ ଥରୁଛି । – ବାଳକଃ ଶୀତେନ କମ୍ପତେ।

୬୩। ଆଈ ମାସକରେ ଭାଗବତ ପଢ଼ିଲେ । – ମାତାମହୀ ମାସେନ ଭାଗବତମ୍ ଅପଠତ୍ ।

୬୪। ଏହିବାଟେ ସେମାନେ ଯାଆନ୍ତି । – ଅନେନ ମାର୍ଗେଣ ତେ ଗଚ୍ଛନ୍ତି।

୬୫। ମୁଁ ଜାତୀୟତାରେ ଭାରତୀୟ । – ଅହଂ ଜାତୀୟତୟା ଭାରତୀୟଃ।

୬୬। ମୋ ମାମୁଁ ଏବେ ଆସିଥିଲେ । – ମମ ମାତୁଳଃ ଅଧୁନା ଆଗଚ୍ଛତ୍।

୬୭। ତୁମେ କେଉଁବାଟେ ଯାଉଛ । – ତ୍ୱଂ କେନ ମାର୍ଗେଣ ଗଚ୍ଛସି ?

୬୮। ସେହିବାଟେ ଆପଣ ଯାଆନ୍ତୁ । – ତେନ ମାର୍ଗେଣ ଭବାନ୍ ଗଚ୍ଛତୁ।

୬୯। ଗରିବ ଲୋକ ଦୁଃଖରେ ଥାଏ । – ଦରିଦ୍ରଃ ଦୁଃଖେନ ତିଷ୍ଠତି।

୭୦। ମୁଁ ସୁଖରେ ଅଛି । – ଅହଂ ସୁଖେନ ଅସ୍ମି।

୭୧। ପିଲାମାନେ କ୍ରମରେ ଯାଆନ୍ତି । – ବାଳକାଃ କ୍ରମେଣ ଗଚ୍ଛନ୍ତି।

୭୨। ପିମ୍ପୁଡ଼ିମାନେ ଧାଡ଼ିରେ ଯାଆନ୍ତି । – ପିପୀଲିକାଃ ପଂକ୍ତ୍ୟା / ପଙ୍କ୍ତ୍ୟା ଗଚ୍ଛନ୍ତି।

୭୩। ମୁଁ ହାତରେ ଖାଏ । – ଅହଂ ହସ୍ତେନ ଖାଦାମି।

୭୪। ବଡ଼ ଭାଇ ସାଙ୍ଗରେ ସାନଭାଇ ପାଠ ପଢ଼େ । – ଅଗ୍ରଜେନ ସହ ଅନୁଜଃ ପାଠଂ ପଠତି।

୭୫। ବର୍ଷକରେ ମାମୁଁ ଏଠାକୁ ଆସନ୍ତି । – ବର୍ଷେଣ ମାତୁଳଃ ଅତ୍ର ଆଗଛତି।

୭୬। ତୁମେ କ'ଣ ଜାଣିଛ ? – ତ୍ୱଂ କିଂ ଜାନାସି ?

୭୭। ଘରେ ଚାଉଳ ନାହିଁ । – ଗୃହେ ତଣ୍ଡୁଳଃ ନାସ୍ତି।

୭୮। ବାପା ଘରେ ନାହାଁନ୍ତି । – ପିତା ଗୃହେ ନାସ୍ତି।

୭୯। ଗଣେଶ ଶିବଙ୍କ ପୁଅ । – ଗଣେଶଃ ଶିବସ୍ୟ ପୁତ୍ରଃ।

୮୦। ମା' ମୋ ଉପରେ ରାଗିଛନ୍ତି । – ମାତା ମହ୍ୟଂ କ୍ରୁଧ୍ୟତି।

୮୧। ମୋ ବାପା ସ୍ୱଭାବରେ ସରଳ । – ମମ ପିତା ସ୍ୱଭାବେନ ସରଳଃ।

୮୨। ପ୍ରଧାନଶିକ୍ଷକ ତୁମକୁ ପୁରସ୍କାର ଦେବେ । – ପ୍ରଧାନଶିକ୍ଷକଃ ତୁଭ୍ୟଂ ପୁରସ୍କାରଂ ଦାସ୍ୟତି।

୮୩। ଭିକାରିକୁ ସମସ୍ତେ ଭିକ ଦିଅନ୍ତି । – ଭିକ୍ଷୁକାୟ ସର୍ବେ ଭିକ୍ଷାଂ ଦଦତି।

୮୪। ଶିକ୍ଷକ ମୋତେ ପୁରସ୍କାର ଦେବେ । – ଶିକ୍ଷକଃ ମହ୍ୟଂ ପୁରସ୍କାରଂ ଦାସ୍ୟତି।

୮୫। ଛୋଟପିଲାକଥା ସମସ୍ତଙ୍କୁ ଭଲ ଲାଗେ । – ଶିଶୁବାକ୍ୟଂ ସର୍ବେଭ୍ୟଃ ରୋଚତେ।

୮୬। ବାପା ଯାହା କୁହନ୍ତି ତାହା କରେ । – ପିତା ଯତ୍ ବଦତି ତତ୍ କରୋମି।

୮୭। ତୁମେ କାହାଠାରୁ ଧାର କରିଛ ? – ତ୍ୱଂ କସ୍ମୈ ଧାରୟସି ?

୮୮। ମୁଁ କାହାରିଠାରୁ ଧାର କରୁ ନାହିଁ । – ଅହଂ କସ୍ମୈ ନ ଧାରୟାମି।

୮୯। ସେ ମୋଠାରୁ ଧାର କରିଛି । – ସଃ ମହ୍ୟଂ ଧାରୟତି।

୯୦। ଗୋବିନ୍ଦ ମୋତେ ଈର୍ଷ୍ୟା କରେ । – ଗୋବିନ୍ଦଃ ମହ୍ୟମ୍ ଈର୍ଷ୍ୟତି।

୯୧। ମୁଁ ତୁମକୁ ଈର୍ଷା କରୁନାହିଁ । – ଅହଂ ତୁଭ୍ୟଂ ନ ଈର୍ଷ୍ୟାମି।

୯୨। ସେମାନଙ୍କୁ ଦହି ଭଲ ଲାଗେ । – ତେଭ୍ୟଃ ଦଧି ରୋଚତେ।

୯୩। କୃଷ୍ଣକଥା ଅତି ମଧୁର । – କୃଷ୍ଣକଥା ନିତରାଂ ମଧୁରା।

୯୪। ବସନ୍ତରେ କୋଇଲି ରାବେ । – ବସନ୍ତେ କୋକିଳଃ କୂଜତି।

୯୫। ତୁମକୁ ମୁଁ ପ୍ରଣାମ କରୁଛି । – ଅହଂ ତ୍ୱାଂ ନମାମି / ନମସ୍କରୋମି ।

୯୬। ମୋତେ ପଇଡ଼ପାଣି ଭଲ ଲାଗେ । – ମହ୍ୟଂ ନାରୀକେଳଜଳଂ ସ୍ୱଦତେ।

୯୭। ଲତାରୁ ଫୁଲଗୁଡ଼ିକୁ ଆଣ । – ଲତାୟାଃ ପୁଷ୍ପାଣି ଆନୟ।

୯୮। ଲତାରେ ଫୁଲଗୁଡ଼ିକ ଶୋଭା ପାଉଛି । – ଲତାୟାଂ ପୁଷ୍ପାଣି ଶୋଭନ୍ତେ।

୯୯। ଚାରିଜଣ ଝିଅ ସେଠାରେ ଖେଳୁଥିଲେ । – ଚତସ୍ରଃ ବାଳିକାଃ ତତ୍ର ଅଖେଳନ୍।

୧୦୦। ଦଶରଥଙ୍କର ତିନି ରାଣୀ ଥିଲେ । – ଦଶରଥସ୍ୟ ତିସ୍ରଃ ରାଜ୍ଞ୍ୟଃ ଆସନ୍।

୧୦୧। ତାଙ୍କର ଚାରି ପୁଅ ଥିଲେ । – ତସ୍ୟ ଚତ୍ୱାରଃ ପୁତ୍ରାଃ ଆସନ୍।

୧୦୨। ସେ ମୋତେ କାହିଁକି ଡରୁଛି । – ସଃ ମତ୍ କଥଂ ବିଭେତି ?

୧୦୩। ତୁମେ ମୋତେ ଡରୁଛ କି ? - ତ୍ୱଂ ମତ୍ ବିଭେଷି କିମ୍?
୧୦୪। ମୁଁ ତୁମକୁ ଡରୁ ନାହିଁ । - ଅହଂ ତ୍ୱତ୍ ନ ବିଭେମି।
୧୦୫। ସେମାନେ ବାଘକୁ ଡରନ୍ତି । - ତେ ବ୍ୟାଘ୍ରାତ୍ ବିଭ୍ୟତି।
୧୦୬। ମାଆକୁ କୃଷ୍ଣ ଲୁଚନ୍ତି । - ମାତୁଃ ନିଲୀୟତେ କୃଷ୍ଣଃ।
୧୦୭। ପିଲାଟି ତୁମକୁ ଲୁଚୁଛି । - ଶିଶୁଃ ତ୍ୱତ୍ ନିଲୀୟତେ ।
୧୦୮। ତୁମେ ମୋତେ କାହିଁକି ଲୁଚୁଛ ? - ତ୍ୱଂ ମତ୍ କଥଂ ନିଲୀୟସେ ?
୧୦୯। ଗାଁ ବାହାରେ ମଶାଣି ଅଛି । - ଗ୍ରାମାତ୍ ବହିଃ ଶ୍ମଶାନମ୍ ଅସ୍ତି।
୧୧୦। ସ୍କୁଲ ବାହାରେ ପଡ଼ିଆ ଅଛି । - ବିଦ୍ୟାଳୟାତ୍ ବହିଃ ପ୍ରାନ୍ତରମ୍ ଅସ୍ତି ।
୧୧୧। ସେମାନେ କାହାରିକୁ ଡରୁନାହାନ୍ତି । - ତେ କସ୍ମାତ୍ ନ ବିଭ୍ୟତି।
୧୧୨। ମୋତେ ସେମାନେ ଘୃଣା କରୁଛନ୍ତି । - ତେ ମତ୍ ଜୁଗୁପ୍ସନ୍ତେ।
୧୧୩। ତୁମେ କାହାକୁ ଘୃଣା କରୁଛ ? - ତ୍ୱଂ କସ୍ମାତ୍ ଜୁଗୁପ୍ସସେ ?
୧୧୪। ପିଲାମାନେ ଖେଳରୁ ନିବୃତ୍ତ ହେଉ ନାହାଁନ୍ତି । - ବାଳାଃ କ୍ରୀଡ଼ନାତ୍ ନ ବିରମନ୍ତି।
୧୧୫। ପଢ଼ିବା ପରେ ଭୋଜନ କର । - ପଠନାତ୍ ପରଂ ଭୋଜନଂ କୁରୁ।
୧୧୬। ମୁଁ ପିଲାଦିନୁ ଆମିଷ ଖାଏ ନାହିଁ । - ବାଲ୍ୟାଦ୍ ଅହଂ ନିରାମିଷାଶୀ।
୧୧୭। ଆଜିଠାରୁ ସତ କୁହ । - ଅଦ୍ୟ ଆରଭ୍ୟ ସତ୍ୟଂ ବଦ।
୧୧୮। କାଲି ଠାରୁ ଏଠାରେ ପ୍ରଶିକ୍ଷଣ ହେବ । - ଶ୍ୱଃ ଆରଭ୍ୟ ଅତ୍ର ପ୍ରଶିକ୍ଷଣଂ ଭବିଷ୍ୟତି।
୧୧୯। ଦେଶର ଉତ୍ତର ପଟେ କ'ଣ ଅଛି ? - ଦେଶସ୍ୟ ଉତ୍ତରେଣ କିମ୍ ଅସ୍ତି ?
୧୨୦। ଗାଁର ଦକ୍ଷିଣ ପଟେ ମନ୍ଦିର ଅଛି । - ଗ୍ରାମସ୍ୟ ଦକ୍ଷିଣାତ୍ ମନ୍ଦିରମ୍ ଅସ୍ତି।
୧୨୧। ଘର ବାହାରେ ପିଲାମାନେ ଖେଳିବେ । - ଗୃହାତ୍ ବହିଃ ବାଳକାଃ କ୍ରୀଡ଼ିଷ୍ୟନ୍ତି।
୧୨୨। ଗାଁ ପାଖରେ ସ୍କୁଲ ଅଛି । - ଗ୍ରାମାତ୍ ଆରାତ୍ ବିଦ୍ୟାଳୟଃ ଅସ୍ତି।
୧୨୩। ଲୋକଟି ବିପଦରୁ ମୁକୁଳିଲା । - ଜନଃ ବିପଦଃ ମୁକ୍ତଃ।
୧୨୪। କିଏ ସ୍କୁଲ ଯିବ ଆସୁ । - କଃ ବିଦ୍ୟାଳୟଂ ଗମିଷ୍ୟତି ଆଗଚ୍ଛତୁ।
୧୨୫। ସେ ତୁମେ ଓ ମୁଁ ନାଟକ ଦେଖିବା । - ସଃ ତ୍ୱମ୍ ଅହଂ ଚ ନାଟକଂ ଦ୍ରକ୍ଷ୍ୟାମଃ।
୧୨୬। ତୁମ ବିନା ଦୁଃଖରୁ କିଏ ରକ୍ଷା କରିବ ? - ତ୍ୱାଂ ବିନା ଦୁଃଖାତ୍ କଃ ରକ୍ଷିଷ୍ୟତି ?
୧୨୭। ଦିନକୁ ତିନିଥର ଆମେ ଖାଉ । - ଦିବସସ୍ୟ ତ୍ରିଃ ବୟଂ ଖାଦାମଃ।
୧୨୮। ବର୍ଷକୁ ଦୁଇଥର ବାପା ପୁରୀ ଯାଆନ୍ତି । - ପିତା ବର୍ଷସ୍ୟ ଦ୍ୱିଃ ପୁରୀଂ ଗଚ୍ଛତି।
୧୨୯। ମାସକୁ ସାତଥର ମାନସ ଏଠାକୁ ଆସେ । - ମାନସଃ ମାସସ୍ୟ ସପ୍ତକୃତ୍ୱଃ ଅତ୍ର ଆଗଚ୍ଛତି।
୧୩୦। ଶିକ୍ଷକ ମାସକୁ ତିନିଥର ଗାଁକୁ ଯାଆନ୍ତି । - ଶିକ୍ଷକଃ ମାସସ୍ୟ ତ୍ରିଃ ଗ୍ରାମଂ ଗଚ୍ଛତି।
୧୩୧। ପ୍ରଭୁଦତ୍ତ ମା'କୁ ମନେ ପକାଉଛି । - ପ୍ରଭୁଦତ୍ତଃ ମାତୁଃ ସ୍ମରତି।
୧୩୨। ଆପଣମାନେ ଦୟା କରି ସଭାସ୍ଥଳକୁ ଆସନ୍ତୁ । - ଭବନ୍ତଃ କୃପୟା ସଭାସ୍ଥଳମ୍ ଆଗଚ୍ଛନ୍ତୁ।

୧୩୩। ଛାତ୍ରମାନେ ନମ୍ର ହୁଅନ୍ତୁ । – ଛାତ୍ରାଃ ନମ୍ରାଃ ଭବନ୍ତୁ।
୧୩୪। ଗାଁର ଚାରିଆଡ଼େ ଦୀପ ଜଳୁଛି । – ଗ୍ରାମଂ ସର୍ବତଃ ଦୀପାଃ ଜ୍ୱଳନ୍ତି।
୧୩୫। ତୁମେ କାହିଁକି ମିଛ କହୁଛ ? – ତ୍ୱଂ କଥଂ ମିଥ୍ୟା ବଦସି ?
୧୩୬। ହେ ଭାଇ ! ତୁମର ମଙ୍ଗଳ ହେଉ। – ଭୋ ଭ୍ରାତଃ ! ତବ ମଙ୍ଗଳଂ ଭବତୁ।
୧୩୭। ଭୋକିଲା ଲୋକକୁ ଖାଇବାକୁ ଦିଅ । – କ୍ଷୁଧାର୍ତ୍ତାୟ ଖାଦ୍ୟଂ ଦେହି।
୧୩୮। ଗଛ ତଳେ ଗାଇଟି ଶୋଇଛି । – ବୃକ୍ଷସ୍ୟ ଅଧଃ ଗୌଃ ଶେତେ।
୧୩୯। ପିଲାମାନେ ଦିନରେ ପାଞ୍ଚଥର ଦୁଧ ପିଅନ୍ତି । – ବାଳକାଃ ଦିବସସ୍ୟ ପଞ୍ଚକୃତ୍ୱଃ ଦୁଗ୍ଧଂ ପିବନ୍ତି।
୧୪୦। ମୁଁ ତୁମକୁ ଭଲ ଭାବେ ଜାଣେ । – ଅହଂ ତ୍ୱାଂ ସମ୍ୟକ୍ ଜାନାମି।
୧୪୧। ରାସ୍ତାର ଦୁଇପଟେ ଗଛଗୁଡ଼ିଏ ଅଛି । – ମାର୍ଗମ୍ ଉଭୟତଃ ବୃକ୍ଷାଃ ସନ୍ତି।
୧୪୨। ସୂର୍ଯ୍ୟ ଉଇଁଲେ ପଦ୍ମ ଫୁଟେ । – ସୂର୍ଯ୍ୟେ ଉଦିତେ ପଦ୍ମଂ ବିକସତି।
୧୪୩। ମୁଁ ଚାହୁଁ ଚାହୁଁ କାଉ ପିଠା ନେଇଗଲା। – ମମ ପଶ୍ୟତଃ/ମୟି ପଶ୍ୟତି କାକଃ ପିଷ୍ଟକମ୍ ଅନୟତ୍।
୧୪୪। ଅନ୍ଧଟିର ହାତଧରି ମୁଁ ଆଣିଲି । – ଅନ୍ଧଂ କରେ ଧୃତ୍ୱା ଅହମ୍ ଆନୟମ୍।
୧୪୫। ମୋ ଉପରେ ତୁମେ କାହିଁକି ବିରକ୍ତ ? – ତ୍ୱଂ କଥଂ ମୟି ବିରକ୍ତଃ ?
୧୪୬। ସାନ ଭାଇକୁ ସ୍ନେହ କର। – ଅନୁଜେ ତ୍ୱଂ ସ୍ନେହଂ କୁରୁ।
୧୪୭। ମା’ ମୋତେ ଭଲ ପାଏ । – ମାତା ମୟି ସ୍ନିହ୍ୟତି।
୧୪୮। ତିନି ଭୁବନରେ ତୁମେ ରାଜା ହେବାକୁ ଯୋଗ୍ୟ। – ତ୍ରିଭୁବନସ୍ୟ ପ୍ରଭୁତ୍ୱଂ ତ୍ୱୟି ଯୁଜ୍ୟତେ।
୧୪୯। ପ୍ରାଣୀମାନଙ୍କ ମଧ୍ୟରେ ମନୁଷ୍ୟ ଶ୍ରେଷ୍ଠ । – ପ୍ରାଣିଷୁ ମନୁଷ୍ୟଃ ଶ୍ରେଷ୍ଠଃ।
୧୫୦। ଗୁରୁଜନମାନଙ୍କୁ ଭକ୍ତି କର । – ଗୁରୁଜନେଷୁ ଭକ୍ତିଂ କୁରୁ।
୧୫୧। ଜୟଦେବଙ୍କର ଜଗନ୍ନାଥଙ୍କ ଠାରେ ଭକ୍ତି ଥିଲା । – ଜୟଦେବସ୍ୟ ଜଗନ୍ନାଥେ ଭକ୍ତିଃ ଆସୀତ୍।
୧୫୨। ନନ୍ଦିକାର ମୋ ଠାରେ ବିଶ୍ୱାସ ନ ଥିଲା । – ନନ୍ଦିକାୟାଃ ମୟି ବିଶ୍ୱାସଃ ନାସୀତ୍।
୧୫୩। ମା’ ପିଲାମାନଙ୍କୁ ସ୍ନେହ କରେ । – ମାତା ସନ୍ତାନେଷୁ ସ୍ନିହ୍ୟତି।
୧୫୪। ବାପା ପୁଅକୁ ବିଶ୍ୱାସ କରନ୍ତି । – ପିତା ପୁତ୍ରେ ବିଶ୍ୱସିତି।
୧୫୫। ତୁମେ ମୋତେ ବିଶ୍ୱାସ କରୁନାହଁ । – ତ୍ୱଂ ମୟି ନ ବିଶ୍ୱସିଷି।
୧୫୬। ସେମାନଙ୍କର ମୋ ଉପରେ ସ୍ନେହ ଅଛି । – ତେଷାଂ ମୟି ସ୍ନେହଃ ଅସ୍ତି।
୧୫୭। ହେ ଅଚ୍ୟୁତ ମୋତେ ରକ୍ଷା କର । – ହେ ଅଚ୍ୟୁତ ! ମାଂରକ୍ଷ।
୧୫୮। ସଭିଏଁ ପଢ଼ନ୍ତୁ ସଭିଏଁ ବଢ଼ନ୍ତୁ । – ସର୍ବେ ପଠନ୍ତୁ ସମୃଦ୍ଧାଃ ଚ ସନ୍ତୁ।

ସାଧାରଣତଃ ସଂସ୍କୃତଭାଷାରେ ଲେଖିବା ସମୟରେ ବିଭିନ୍ନ ଶବ୍ଦ ରୂପ, ଧାତୁରୂପକୁ ଶୁଦ୍ଧଭାବରେ ଲେଖିବା ଆବଶ୍ୟକ। ଅନେକ ସମୟରେ କାରକ ବିଭକ୍ତି ଓ ବିଶେଷଣର ଭ୍ରମାତ୍ମକ ପ୍ରୟୋଗ ଯୋଗୁଁ ବାକ୍ୟ ଅଶୁଦ୍ଧ ହୋଇଥାଏ। ତେଣୁ କେତେକ ସାଧାରଣ ଭ୍ରମ ହେଉଥିବା ବାକ୍ୟଗୁଡିକର ଆଦର୍ଶ ସଂଶୋଧନ ଅଭ୍ୟାସ କରିବା ପାଇଁ ପ୍ରଦତ୍ତ ହୋଇଛି।

# ଭ୍ରମସଂଶୋଧନ - ଅଭ୍ୟାସ

**ଶବ୍ଦରୂପଗତ**

SLB7LR

୧। ହରିସ୍ୟ ଗାଂ ପଶ୍ୟ । - ହରେଃ ଗାଂ ପଶ୍ୟ ।

୨। ଭୂପତ୍ୟୁଃ ଆଦେଶଂ ପାଳୟ । - ଭୂପତେଃ ଆଦେଶଂ ପାଳୟ।

୩। ରବିଃ ଭ୍ରାତାସ୍ୟ ଗୃହଂ ଗଚ୍ଛତି । - ରବିଃ ଭ୍ରାତୁଃ ଗୃହଂ ଗଚ୍ଛତି।

୪। ହେ ବିଷ୍ଣୁଃ ! ରକ୍ଷ । - ହେ ବିଷ୍ଣୋ ! ରକ୍ଷ।

୫। ବୃଦ୍ଧସ୍ୟ ପ୍ରାଣଃ ଅସ୍ଥିରାଃ ଭବନ୍ତି । - ବୃଦ୍ଧସ୍ୟ ପ୍ରାଣାଃ ଅସ୍ଥିରାଃ ଭବନ୍ତି।

୬। କୁମାରୀନାଂ ଲୀଳା । - କୁମାରୀଣାଂ ଲୀଳା।

୭। ଅମ୍ବେ ! ମାଂ ରକ୍ଷ । - ଅମ୍ବ ! ମାଂ ରକ୍ଷ।

୮। ଲକ୍ଷ୍ମୀ ଜଗନ୍ନାଥଂ ସେବତେ । - ଲକ୍ଷ୍ମୀଃ ଜଗନ୍ନାଥଂ ସେବତେ।

୯। ମମ ସ୍ୱସରଃ କ୍ରୀଡନ୍ତି । - ମମ ସ୍ୱସାରଃ କ୍ରୀଡନ୍ତି।

୧୦। ସୁନ୍ଦରୀ ବାଳିକେ । - ସୁନ୍ଦର୍ଯ୍ୟୌ ବାଳିକେ।

୧୧। ସରଳୟା ନୀତିନା । - ସରଳୟା ନୀତ୍ୟା।

୧୨। ହେ ମାତା ! ଅତ୍ର ଆଗଚ୍ଛ । - ହେ ମାତଃ ! ଅତ୍ର ଆଗଚ୍ଛ।

୧୩। ବଧୋଃ ଭ୍ରାତା ଆଗଚ୍ଛତି । - ବଧ୍ୱାଃ ଭ୍ରାତା ଆଗଚ୍ଛତି।

୧୪। ମହାନଦୌ ତରୀଃ ଚଳତି । - ମହାନଦ୍ୟାଂ ତରୀଃ ଚଳତି।

୧୫। କାକଃ ଚଞ୍ଚୁନା ଖାଦତି । - କାକଃ ଚଞ୍ଚ୍ୱା ଖାଦତି।

୧୬। ଲକ୍ଷ୍ମୀ ସାଗରସ୍ୟ ଦୁହିତା । - ଲକ୍ଷ୍ମୀଃ ସାଗରସ୍ୟ ଦୁହିତା।

୧୭। ରାମସ୍ୟ ପୁସ୍ତକଃ ସୁନ୍ଦରମ୍ । - ରାମସ୍ୟ ପୁସ୍ତକଂ ସୁନ୍ଦରମ୍।

୧୮। ଉଦ୍ୟାନେ ବହବଃ ପୁଷ୍ପାଣି ସନ୍ତି । - ଉଦ୍ୟାନେ ବହୂନି ପୁଷ୍ପାଣି ସନ୍ତି।

୧୯। ଭୀମଃ ଦୁର୍ଯ୍ୟୋଧନସ୍ୟ ଜାନୌ ଅତାଡୟତ୍ । - ଭୀମଃ ଦୁର୍ଯ୍ୟୋଧନଂ ଜାନୁନି ଅତାଡୟତ୍ ।

୨୦। ପଦ୍ମପତ୍ରେ ଅମ୍ବୁଂ ପଶ୍ୟ । - ପଦ୍ମପତ୍ରେ ଅମ୍ବୁପଶ୍ୟ।

୨୧। କୁକ୍କୁରଃ ଅସ୍ଥିଂ ଚର୍ବତି । - କୁକ୍କୁରଃ ଅସ୍ଥି ଚର୍ବତି।

୨୨। ଭ୍ରମରଃ ମଧୁଂ ପିବତି । - ଭ୍ରମରଃ ମଧୁ ପିବତି।

୨୩। ରାମଃ ଫଳାନ୍ ଆନୟତି । - ରାମଃ ଫଳାନି ଆନୟତି।

୨୪। ବାରିଂ ବିନା ମତ୍ସ୍ୟାଃ ନଜୀବନ୍ତି । – ବାରି ବିନା ମତ୍ସ୍ୟାଃ ନ ଜୀବନ୍ତି।

୨୫। ସମ୍ରାଟଂ ପ୍ରଜାଃ ବଦନ୍ତି । – ସମ୍ରାଜଂ ପ୍ରଜାଃ ବଦନ୍ତି।

୨୬। ପଥା ବୃକ୍ଷାଃ ସନ୍ତି । – ପଥି ବୃକ୍ଷାଃ ସନ୍ତି।

୨୭। ବିଦ୍ୱାନାନାଂ ସର୍ବତ୍ର ଆଦରଃ ଭବତି । – ବିଦୁଷାଂ ସର୍ବତ୍ର ଆଦରଃ ଭବତି।

୨୮। ଆତ୍ମାୟାଃ ଉନ୍ନତିଂ କୁରୁ । – ଆତ୍ମନଃ ଉନ୍ନତିଂ କୁରୁ।

୨୯। ଚନ୍ଦ୍ରମାୟାଃ ସୂର୍ଯ୍ୟଃ ବୃହତ୍ତରଃ । – ଚନ୍ଦ୍ରମସଃ ସୂର୍ଯ୍ୟଃ ବୃହତ୍ତରଃ।

୩୦। ରୋଗିସ୍ୟ ସେବାଂ କୁରୁ । – ରୋଗିଣଃ ସେବାଂ କୁରୁ।

୩୧। ବିଦ୍ୱାନଂ ରାଜା ପୂଜୟତି । – ବିଦ୍ୱାଂସଂ ରାଜା ପୂଜୟତି।

୩୨। ବିଦ୍ୱସାଂ ହୃଦୟଂ ନିର୍ମଳମ୍ । – ବିଦୁଷାଂ ହୃଦୟଂ ନିର୍ମଳମ୍।

୩୩। ଜ୍ଞାନୀଭ୍ୟଃ ରାଜା ଧନଂ ଦଦାତି । – ଜ୍ଞାନିଭ୍ୟଃ ରାଜା ଧନଂ ଦଦାତି।

୩୪। ଗଚ୍ଛନ୍ତୌ ଛାତ୍ରାଃ ଶ୍ଳୋକଂ ପଠନ୍ତି । – ଗଚ୍ଛନ୍ତଃ ଛାତ୍ରାଃ ଶ୍ଳୋକଂ ପଠନ୍ତି।

୩୫। ଭଗବାନସ୍ୟ ଦୟା ମହାନ୍ । – ଭଗବତଃ ଦୟା ମହତୀ।

୩୬। ବର୍ଷାସୁ ସରିତାନାଂ ଜଳଂ ଆବିଳଂ ଭବତି । – ବର୍ଷାସୁ ସରିତାଂ ଜଳମ୍ ଆବିଳଂ ଭବତି।

୩୭। ବିପଦାତ୍ ମିତ୍ରଂ ରକ୍ଷ । – ବିପଦଃ ମିତ୍ରଂ ରକ୍ଷ।

୩୮। ଶିଶୂନାଂ ବାକ୍ ମଧୁରମ୍ । – ଶିଶୂନାଂ ବାକ୍ ମଧୁରା।

୩୯। ବିକ୍ରମାଦିତ୍ୟସ୍ୟ ପରିଷଦେ କାଳିଦାସଃ ଆସୀତ୍ । – ବିକ୍ରମାଦିତ୍ୟସ୍ୟ ପରିଷଦି କାଳିଦାସଃ ଆସୀତ୍ ।

୪୦। ସମିତେଷୁ ମହାଭାରତଯୁଦ୍ଧଂ ଭୀଷଣତମମ୍ । – ସମିତ୍ସୁ ମହାଭାରତଯୁଦ୍ଧଂ ଭୀଷଣତମମ୍ ।

୪୧। ସରିତାତ୍ ଯୋଷିତଃ ଜଳମ୍ ଆନୟନ୍ତି । – ସରିତଃ ଯୋଷିତଃ ଜଳମ୍ ଆନୟନ୍ତି।

୪୨। ଆପଦେଷୁ ଦୁର୍ଗାଂ ସ୍ମର । – ଆପତ୍ସୁ ଦୁର୍ଗାଂ ସ୍ମର।

୪୩। ସଂପଦେ ଗର୍ବଂ ମା କୁରୁ । – ସଂପଦି ଗର୍ବଂ ମା କୁରୁ।

୪୪। ବ୍ୟୋମେ ନକ୍ଷତ୍ରାଣି ଶୋଭନ୍ତେ । – ବ୍ୟୋମ୍ନି ନକ୍ଷତ୍ରାଣି ଶୋଭନ୍ତେ।

୪୫। ମୂର୍ଖାଣାଂ ଜନ୍ମଃ ନିରର୍ଥକମ୍ । – ମୂର୍ଖାଣାଂ ଜନ୍ମ ନିରର୍ଥକମ୍।

୪୬। କର୍ମସ୍ୟ ଅନୁରୂପଂ ଫଳମ୍ । – କର୍ମଣଃ ଅନୁରୂପଂ ଫଳମ୍।

୪୭। ବ୍ୟାଧଃ ଧନୁନା ମୃଗାନ୍ ମାରୟତି । – ବ୍ୟାଧଃ ଧନୁଷା ମୃଗାନ୍ ମାରୟତି।

୪୮। ସର୍ବେ ପ୍ରେମେଣ ବଶୀଭୂତାଃ ଭବନ୍ତି । – ସର୍ବେ ପ୍ରେମ୍ଣା ବଶୀଭୂତାଃ ଭବନ୍ତି।

୪୯। ଗୁଣିନଃ ମହାତ୍ମାନଃ ଚ ବୟସଂ ନ ପଶ୍ୟନ୍ତି । – ଗୁଣିନଃ ମହାତ୍ମାନଃ ଚ ବୟଃ ନ ପଶ୍ୟନ୍ତି।

୫୦। ମେ ଭ୍ରାତା ଗ୍ରାମଂ ଗଚ୍ଛତି । - ମମ ଭ୍ରାତା ଗ୍ରାମଂ ଗଚ୍ଛତି।

୫୧। କସ୍ମାତ୍ ଦିଶଃ ବାୟୁଃ ବହତି ? - କସ୍ୟାଃ ଦିଶଃ ବାୟୁଃ ବହତି ?

୫୨। ଅୟଂ ଲତା ସୁନ୍ଦରମ୍ । - ଇୟଂ ଲତା ସୁନ୍ଦରୀ।

୫୩। ନଃ ଇଦଂ ଗୃହମ୍ । - ଅସ୍ମାକମ୍ ଇଦଂ ଗୃହମ୍।

୫୪। ଏତସ୍ୟାଂ ବୃକ୍ଷେ କୋକିଳଃ କୂଜତି । - ଏତସ୍ମିନ୍ ବୃକ୍ଷେ କୋକିଳଃ କୂଜତି।

୫୫। ହେ ସଖେ ! ତେ ଗୃହଂ କୁତ୍ର ? - ହେ ସଖେ! ତବ ଗୃହଂ କୁତ୍ର?

୫୬। ସର୍ବାଃ ବାଳକାଃ ବିଦ୍ୟାଳୟଂ ଗଚ୍ଛନ୍ତି । - ସର୍ବେ ବାଳକାଃ ବିଦ୍ୟାଳୟଂ ଗଚ୍ଛନ୍ତି।

୫୭। ଯୌ ବାଳିକେ ଆଗତେ, ତାଭ୍ୟାଂ ଶିକ୍ଷକଃ ଜ୍ଞାନଂ ଦଦାତି । - ଯେ ବାଳିକେ ଆଗତେ, ତାଭ୍ୟାଂ ଶିକ୍ଷକଃ ଜ୍ଞାନଂ ଦଦାତି।

୫୮। ଅୟମ୍ ଇମଂ ବ୍ୟାକରଣଂ ଅପଠତ୍ । - ଅୟମ୍ ଇଦଂ ବ୍ୟାକରଣମ୍ ଅପଠତ୍।

୫୯। ଏତେ ରତ୍ନାନି ମୂଲ୍ୟବନ୍ତଃ । - ଏତାନି ରତ୍ନାନି ମୂଲ୍ୟବନ୍ତି।

୬୦। ମମ ଦ୍ୱୌ ଲେଖନ୍ୟୌ । - ମମ ଦ୍ୱେ ଲେଖନ୍ୟୌ।

୬୧। ପଞ୍ଚଃ ବାଳକାଃ ଧାବନ୍ତି । - ପଞ୍ଚ ବାଳକାଃ ଧାବନ୍ତି।

୬୨। ଅଷ୍ଟାନି ଫଳାନି ଆନୟ । - ଅଷ୍ଟୌ / ଅଷ୍ଟ ଫଳାନି ଆନୟ।

୬୩। ବିଂଶତୟଃ ଧେନବଃ ଚରନ୍ତି । - ବିଂଶତିଃ ଧେନବଃ ଚରନ୍ତି।

୬୪। ପୃଥିବ୍ୟାଂ ସପ୍ତାଃ ସମୁଦ୍ରାଃ ସନ୍ତି । - ପୃଥିବ୍ୟାଂ ସପ୍ତ ସମୁଦ୍ରାଃ ସନ୍ତି।

୬୫। ବିଂଶତୟଃ ବାଳକାଃ କ୍ରୀଡନ୍ତି । - ବିଂଶତିଃ ବାଳକାଃ କ୍ରୀଡନ୍ତି।

୬୬। ଶିଷ୍ୟଃ ଆର୍ଯ୍ୟାଣୀଂ ନମତି । - ଶିଷ୍ୟଃ ଆର୍ଯ୍ୟାନୀଂ ନମତି।

୬୭। ଯାଦୃଶା ଭାବନା ତାଦୃଶା ସିଦ୍ଧିଃ । - ଯାଦୃଶୀ ଭାବନା ତାଦୃଶୀ ସିଦ୍ଧିଃ।

୬୮। ଏଷା ବଧୂଃ ଅକେଶୀ । - ଏଷା ବଧୂଃ ଅକେଶା।

୬୯। କାଳମୁଖୀ ଭୟଂ ଜନୟତି । - କାଳମୁଖା ଭୟଂ ଜନୟତି।

## କାରକ ଗତ

୭୦। ଦୀନସ୍ୟ ପ୍ରତି ଦୟା କର୍ତ୍ତବ୍ୟା । - ଦୀନଂ ପ୍ରତି ଦୟା କର୍ତ୍ତବ୍ୟା।

୭୧। ମୂର୍ଖସ୍ୟ ଧିକ୍। - ମୂର୍ଖଂ ଧିକ୍।

୭୨। ଗ୍ରାମାତ୍ ଅଭିତଃ ଗାବଃ ଆଗଚ୍ଛନ୍ତି । - ଗ୍ରାମମ୍ ଅଭିତଃ ଗାବଃ ଆଗଚ୍ଛନ୍ତି ।

୭୩। ରାମଃ ଅଯୋଧ୍ୟାମ୍ ଆସ୍ତେ । - ରାମଃ ଅଯୋଧ୍ୟାମ୍ ଅଧ୍ୟାସ୍ତେ ।

୭୪। ପଞ୍ଚଦଶସୁ ବର୍ଷେଷୁ ଗୀତାଂ ପଠାମି । – ପଞ୍ଚଦଶ ବର୍ଷାଣି ଗୀତାଂ ପଠାମି।

୭୫। ବିଧାତା! ମାଂ ପ୍ରତି ଦୟାଂ କୁରୁ । – ବିଧାତଃ! ମାଂ ପ୍ରତି ଦୟାଂ କୁରୁ।

୭୬। ବାଳକୈଃ ବିଦ୍ୟାଳୟଂ ଗମ୍ୟତେ । – ବାଳକୈଃ ବିଦ୍ୟାଳୟଃ ଗମ୍ୟତେ।

୭୭। ପକ୍ଷିଣଃ ମଧୁରଃ କୂଜନ୍ତି । – ପକ୍ଷିଣଃ ମଧୁରଂ କୂଜନ୍ତି।

୭୮। ଭାରତବର୍ଷେ ଭରତେନ ଇତି ରାଜା ଆସୀତ୍ । – ଭାରତବର୍ଷେ ଭରତଃ ଇତି ରାଜା ଆସୀତ୍ ।

୭୯। ଦେବଦତ୍ତଃ ଗ୍ରାମେ ଆବସତି । – ଦେବଦତ୍ତଃ ଗ୍ରାମମ୍ ଆବସତି।

୮୦। ତବ ମମ ଚ ଅନ୍ତରା ପୁସ୍ତକମସ୍ତି । – ତ୍ୱାଂ ମାଂ ଚ ଅନ୍ତରା ପୁସ୍ତକମ୍ ଅସ୍ତି।

୮୧। ଗୃହସ୍ୟ ପରିତଃ ବୃକ୍ଷାଃ ସନ୍ତି – ଗୃହଂ ପରିତଃ ବୃକ୍ଷାଃ ସନ୍ତି।

୮୨। ଶିବଃ କୈଳାସେ ଅଧିତିଷ୍ଠତି । – ଶିବଃ କୈଳାସମ୍ ଅଧିତିଷ୍ଠତି।

୮୩। ଅଭୁକ୍ତଃ ଭିକ୍ଷୁଃ ଗୃହମ୍ ଉପବସତି । – ଅଭୁକ୍ତଃ ଭିକ୍ଷୁଃ ଗୃହେ ଉପବସତି।

୮୪। ଛାତ୍ରାଃ ଗୁରବେ ପ୍ରଣମନ୍ତି । – ଛାତ୍ରାଃ ଗୁରୁଂ ପ୍ରଣମନ୍ତି।

୮୫। ପିତା ଗୃହସ୍ୟ ଯାବତ୍ ଗଚ୍ଛତି । – ପିତା ଗୃହଂ ଯାବତ୍ ଗଚ୍ଛତି।

୮୬। ବୃକ୍ଷସ୍ୟ ଅଧ୍ୟଧି ଫଳାନି ସନ୍ତି । – ବୃକ୍ଷମ୍ ଅଧ୍ୟଧି ଫଳାନି ସନ୍ତି।

୮୭। ଜଳସ୍ୟ ଅନ୍ତରେଣ ମତ୍ସ୍ୟାଃ ନ ଜୀବନ୍ତି । – ଜଳମ୍ ଅନ୍ତରେଣ ମତ୍ସ୍ୟାଃ ନ ଜୀବନ୍ତି।

୮୮। ପୁତ୍ରଃ ପିତ୍ରେ ନମସ୍କରୋତି । – ପୁତ୍ରଃ ପିତରଂ ନମସ୍କରୋତି।

୮୯। ସିଂହଃ ବନେ ଅଧିବସତି । – ସିଂହଃ ବନମ୍ ଅଧିବସତି।

୯୦। ପିତା ପୁତ୍ରାୟ ଅଭିକ୍ରୁଧ୍ୟତି । – ପିତା ପୁତ୍ରମ୍ ଅଭିକ୍ରୁଧ୍ୟତି।

୯୧। ଦେଶସ୍ୟ ସର୍ବତଃ ଅଶାନ୍ତି ଦୃଶ୍ୟତେ – ଦେଶଂ ସର୍ବତଃ ଅଶାନ୍ତିଃ ଦୃଶ୍ୟତେ ।

୯୨। ଅଶ୍ୱଃ ଶୀଘ୍ରଃ ଧାବତି । – ଅଶ୍ୱଃ ଶୀଘ୍ରଂ ଧାବତି।

୯୩। ତ୍ୱଂ ମମ ଅନୁ ଆଗଚ୍ଛ । – ତ୍ୱଂ ମାମ୍ ଅନୁ ଆଗଚ୍ଛ।

୯୪। ମାର୍ଗସ୍ୟ ଉଭୟତଃ ବୃକ୍ଷାଃ ସନ୍ତି । – ମାର୍ଗମ୍ ଉଭୟତଃ ବୃକ୍ଷାଃ ସନ୍ତି।

୯୫। ବିଦ୍ୟା ବିନା ଜୀବନଂ ବୃଥା । – ବିଦ୍ୟାଂ ବିନା ଜୀବନଂ ବୃଥା ।

୯୬। ରାମଃ ଶ୍ୟାମାୟ ଅଭିଦ୍ରୁହ୍ୟତି । – ରାମଃ ଶ୍ୟାମମ୍ ଅଭିଦ୍ରୁହ୍ୟତି ।

୯୭। ସଃ ମାସେନ ସାହିତ୍ୟଂ ପଠତି । – ସଃ ମାସଂ ସାହିତ୍ୟଂ ପଠତି।

୯୮। ଶ୍ରମସ୍ୟ ଋତେ ବିଦ୍ୟା ନ ଭବତି । – ଶ୍ରମମ୍ ଋତେ ବିଦ୍ୟା ନ ଭବତି।

୯୯। ଗୋବିନ୍ଦଃ ପାଠେ ଅଭିନିବିଶତେ । – ଗୋବିନ୍ଦଃ ପାଠମ୍ ଅଭିନିବିଶତେ।

୧୦୦। ବିଶ୍ୱାମିତ୍ରଃ ଜାତୌ କ୍ଷତ୍ରିୟଃ । - ବିଶ୍ୱାମିତ୍ରଃ ଜାତ୍ୟା କ୍ଷତ୍ରିୟଃ।

୧୦୧। ବଲ୍କଲେଷୁ ତାପସଃ । - ବଲ୍‌କଲୈଃ ତାପସଃ।

୧୦୨। ମମ ବିଦ୍ୟାୟାଂ ପ୍ରୟୋଜନମ୍ । - ମମ ବିଦ୍ୟୟା ପ୍ରୟୋଜନମ୍।

୧୦୩। କାଣସ୍ୟ ଚକ୍ଷୁଷଃ କିମ୍ ? / କାଣେନ ଚକ୍ଷୁଷା କିମ୍ ?

୧୦୪। ରାଜା ମନ୍ତ୍ରିଣାଂ ସାର୍ଦ୍ଧମ୍ ଉପବିଷ୍ଟଃ । - ରାଜା ମନ୍ତ୍ରିଭିଃ ସାର୍ଦ୍ଧମ୍ ଉପବିଷ୍ଟଃ।

୧୦୫। ବିଳମ୍ବେ ଅଳମ୍ । - ବିଳମ୍ବେନ ଅଳମ୍।

୧୦୬। ଗୁରୁଭକ୍ତେଃ ସଃ ସର୍ବାନ୍ ଅତିକ୍ରାମତି । - ଗୁରୁଭକ୍ତ୍ୟା ସଃ ସର୍ବାନ୍ ଅତିକ୍ରାମତି।

୧୦୭। ମିତ୍ରାଣାଂ ସହ ଗଚ୍ଛ । - ମିତ୍ରୈଃ ସହ ଗଚ୍ଛ।

୧୦୮। ମମ ଭଗିନୀ ମତ୍ ବର୍ଷେ ଅବରଃ । - ମମ ଭଗିନୀ ମତ୍ ବର୍ଷେଣ ଅବରା।

୧୦୯। ଅୟଂ ବାଳକଃ ନାମ୍ନି ଶ୍ରୀଧରଃ । - ଅୟଂ ବାଳକଃ ନାମ୍ନା ଶ୍ରୀଧରଃ।

୧୧୦। ରାମଃ ମତ୍ ମାସମ୍ ଅବରଃ । - ରାମଃ ମତ୍ ମାସେନ ଅବରଃ।

୧୧୧। କନ୍ଦର୍ପଃ ଆକୃତିନା ସୁନ୍ଦରଃ । - କନ୍ଦର୍ପଃ ଆକୃତ୍ୟା ସୁନ୍ଦରଃ।

୧୧୨। ଦୁଗ୍ଧଂ ପ୍ରକୃତ୍ୟାଂ ମଧୁରମ୍ । - ଦୁଗ୍ଧଂ ପ୍ରକୃତ୍ୟା ମଧୁରମ୍।

୧୧୩। ଗୋବିନ୍ଦଃ ଧନେ ହୀନଃ । - ଗୋବିନ୍ଦଃ ଧନେନ ହୀନଃ।

୧୧୪। ସାଧୁଃ ସ୍ୱଭାବେ ସରଳଃ । - ସାଧୁଃ ସ୍ୱଭାବେନ ସରଳଃ।

୧୧୫। ତ୍ୱମ୍ ଅସ୍ମିନ୍ ମାର୍ଗେ ଗଚ୍ଛ । - ତ୍ୱମ୍ ଅନେନ ମାର୍ଗେଣ ଗଚ୍ଛ।

୧୧୬। କୃଷକଃ ଗ୍ରାମେ ଦୁଃଖେ ତିଷ୍ଠତି । - କୃଷକଃ ଗ୍ରାମେ ଦୁଃଖେନ ତିଷ୍ଠତି।

୧୧୭। ତୃଷାର୍ତ୍ତଃ ଜଳେ ତୃପ୍ୟତି - ତୃଷାର୍ତ୍ତଃ ଜଳେନ ତୃପ୍ୟତି।

୧୧୮। ଛାତ୍ରାଃ କ୍ରମାତ୍ ଆଗଚ୍ଛନ୍ତି । - ଛାତ୍ରାଃ କ୍ରମେଣ ଆଗଚ୍ଛନ୍ତି।

୧୧୯। ଅୟଂ ବାଳକଃ ପାଦୟୋଃ ଖଞ୍ଜଃ । - ଅୟଂ ବାଳକଃ ପାଦେନ ଖଞ୍ଜଃ।

୧୨୦। ମୃଗଃ ସ୍ୱେଚ୍ଛାୟାଂ ଭ୍ରମତି । - ମୃଗଃ ସ୍ୱେଚ୍ଛୟା ଭ୍ରମତି।

୧୨୧। ଦାତା ଦରିଦ୍ରାନ୍ ଧନଂ ଦଦାତି । - ଦାତା ଦରିଦ୍ରେଭ୍ୟଃ ଧନଂ ଦଦାତି।

୧୨୨। ସ୍ୱାମୀ ଭୃତ୍ୟଂ କ୍ରୁଧ୍ୟତି । - ସ୍ୱାମୀ ଭୃତ୍ୟାୟ କ୍ରୁଧ୍ୟତି।

୧୨୩। ବାଳକାନ୍ ମୋଦକାଃ ରୋଚନ୍ତେ । - ବାଳକେଭ୍ୟଃ ମୋଦକାଃ ରୋଚନ୍ତେ ।

୧୨୪। ମାତରଂ ଦୁର୍ଗାଂ ନମଃ । - ମାତ୍ରେ ଦୁର୍ଗାୟୈ ନମଃ।

୧୨୫। ହାରସ୍ୟ ସ୍ୱର୍ଣ୍ଣଂ ପ୍ରଦେୟମ୍ । - ହାରାୟ ସ୍ୱର୍ଣ୍ଣଂ ପ୍ରଦେୟମ୍।

୧୨୬। ମିତ୍ରଂ ବିନା ମାଂ ସ୍ୱର୍ଗୋଽପି ନ ସ୍ୱଦତେ । - ମିତ୍ରଂବିନା ସ୍ୱର୍ଗୋଽପି ମହ୍ୟଂନ ସ୍ୱଦତେ।

୧୨୭। ତ୍ୱଂ କସ୍ମାତ୍ କତିମୁଦ୍ରାଃ ଧାରୟସି ? - ତ୍ୱଂ କସ୍ମୈ କତି ମୁଦ୍ରାଃ ଧାରୟସି ?

୧୨୮। ବାଳିକା ପୁଷ୍ପେଣ ସ୍ପୃହୟତି । - ବାଳିକା ପୁଷ୍ପାୟ ସ୍ପୃହୟତି।

୧୨୯। ଇନ୍ଦ୍ରସ୍ୟ ପୁଷ୍ପାଣି ବଷଟ୍ - ଇନ୍ଦ୍ରାୟ ପୁଷ୍ପାଣି ବଷଟ୍।

୧୩୦। ମାତା ପୁତ୍ରେଣ ଚନ୍ଦ୍ରଂ ଦର୍ଶୟତି । - ମାତା ପୁତ୍ରାୟ ଚନ୍ଦ୍ରଂ ଦର୍ଶୟତି।

୧୩୧। ମାଂ ପୁସ୍ତକଂ ଦେହି । - ମହ୍ୟଂ ପୁସ୍ତକଂ ଦେହି।

୧୩୨। ଦୁର୍ଜନଃ ସଜ୍ଜନାତ୍ ଅସୂୟତି । - ଦୁର୍ଜନଃ ସଜ୍ଜନାୟ ଅସୂୟତି।

୧୩୩। ଶ୍ରୀଧରଃ ରାମଂ ଈର୍ଷ୍ୟତି । - ଶ୍ରୀଧରଃ ରାମାୟ ଈର୍ଷ୍ୟତି।

୧୩୪। ଭକ୍ତିଃ ଜ୍ଞାନସ୍ୟ କଳ୍ପତେ । - ଭକ୍ତିଃ ଜ୍ଞାନାୟ କଳ୍ପତେ।

୧୩୫। ଅଗ୍ନାୟ ସ୍ୱାହା । - ଅଗ୍ନୟେ ସ୍ୱାହା।

୧୩୬। ପ୍ରଜାନାଂ ସ୍ୱସ୍ତି ଭବତୁ । - ପ୍ରଜାଭ୍ୟଃ ସ୍ୱସ୍ତି ଭବତୁ।

୧୩୭। ଛାତ୍ରଃ ଶିକ୍ଷକଂ ନିବେଦୟତି । - ଛାତ୍ରଃ ଶିକ୍ଷକାୟ ନିବେଦୟତି।

୧୩୮। ପିତା ପୁତ୍ରଂ କ୍ରୀଡନକ ପ୍ରତିଶୃଣୋତି । - ପିତା ପୁତ୍ରାୟ କ୍ରୀଡ଼ନକଂ ପ୍ରତିଶୃଣୋତି।

୧୩୯। ପିତୃପୁରୁଷାଣାଂ ସ୍ୱଧା । - ପିତୃପୁରୁଷେଭ୍ୟଃ ସ୍ୱଧା।

୧୪୦। ବୟଂ ପଠନସ୍ୟ ଗଚ୍ଛାମଃ । - ବୟଂ ପଠନାୟ ଗଚ୍ଛାମଃ।

୧୪୧। ଅହଂ ତ୍ୱାଂ ଦିବ୍ୟଚକ୍ଷୁଃ ଦଦାମି । - ଅହଂ ତୁଭ୍ୟଂ ଦିବ୍ୟଚକ୍ଷୁଃ ଦଦାମି।

୧୪୨। ସର୍ପଃ ନକୁଳଂ ବିଭେତି । - ସର୍ପଃ ନକୁଳାତ୍ ବିଭେତି।

୧୪୩। ଗ୍ରାମସ୍ୟ ବହିଃ ବାଳକାଃ କ୍ରୀଡନ୍ତି । - ଗ୍ରାମାତ୍ ବହିଃ ବାଳକାଃ କ୍ରୀଡନ୍ତି।

୧୪୪। ଈଶ୍ୱରସ୍ୟ ଅନ୍ୟଃ କଃ ସହାୟଃ ? - ଈଶ୍ୱରାତ୍ ଅନ୍ୟଃ କଃ ସହାୟଃ ?

୧୪୫। ଅସ୍ୟ ନଗରସ୍ୟ ଉତ୍ତରା ନଦୀ ବହତି । - ଅସ୍ମାତ୍ ନଗରାତ୍ ଉତ୍ତରା ନଦୀ ବହତି।

୧୪୬। ଚୈରଃ ରକ୍ଷିଣଂ ନିଲୀୟତେ । - ଚୈରଃ ରକ୍ଷିଣଃ ନିଲୀୟତେ।

୧୪୭। ଛାତ୍ରଃ ପଠନସ୍ୟ ବିରମତି । - ଛାତ୍ରଃ ପଠନାତ୍ ବିରମତି।

୧୪୮। ଅଶୋକଃ ରାମସ୍ୟ କନୀୟାନ୍ । - ଅଶୋକଃ ରାମାତ୍ କନୀୟାନ୍।

୧୪୯। କଟକମ୍ ଆରାତ୍ ମହାନଦୀ । - କଟକାତ୍ ଆରାତ୍ ମହାନଦୀ।

୧୫୦। ବିପଦି ତ୍ରାୟସ୍ୱ ମାମ୍ । - ବିପଦଃ ତ୍ରାୟସ୍ୱ ମାମ୍।

୧୫୧। ବଧୂଃ ଶ୍ୱଶୁରଂ ଲଜ୍ଜତେ । ବଧୂଃ ଶ୍ୱଶୁରାତ୍ ଲଜ୍ଜତେ ।

୧୫୨। ଧର୍ମଃ ନାନା ସୁଖଂ ନାସ୍ତି । – ଧର୍ମାତ୍ ନାନା ସୁଖଂନାସ୍ତି।

୧୫୩। ଗୃହସ୍ୟ ଆରାତ୍ ଉପବନମସ୍ତି । – ଗୃହାତ୍ ଆରାତ୍ ଉପବନମସ୍ତି।

୧୫୪। ଭଗବାନ୍ ମାଂ ବିପଦାତ୍ ରକ୍ଷତି । – ଭଗବାନ୍ ମାଂ ବିପଦଃ ରକ୍ଷତି।

୧୫୫। ସାଧୁଃ ଅନ୍ୟାୟଂ ଜୁଗୁପ୍ସତେ । – ସାଧୁଃ ଅନ୍ୟାୟାତ୍ ଜୁଗୁପ୍ସତେ।

୧୫୬। ସାଧୁଃ ପାପଂ ପରାଜୟତେ । – ସାଧୁଃ ପାପାତ୍ ପରାଜୟତେ।

୧୫୭। ପଠନସ୍ୟ ପ୍ରାକ୍/ପୂର୍ବମ୍ ଈଶ୍ୱରଂ ସ୍ମର । – ପଠନାତ୍ ପ୍ରାକ୍/ପୂର୍ବମ୍ ଈଶ୍ୱରଂ ସ୍ମର ।

୧୫୮। ପଠନସ୍ୟ ପରଂ/ଅନନ୍ତରଂ କ୍ରୀଡ଼ । – ପଠନାତ୍ ଅନନ୍ତରଂ/ପରଂ କ୍ରୀଡ଼ ।

୧୫୯। ବାଲ୍ୟସ୍ୟ ପ୍ରଭୃତି/ଆରଭ୍ୟ ଶ୍ରମଂ କୁରୁ । – ବାଲ୍ୟାତ୍ ପ୍ରଭୃତି/ଆରଭ୍ୟ ଶ୍ରମଂ କୁରୁ।

୧୬୦। ପୁଷ୍ପାଣାଂ ଫଳାନି ଜାୟନ୍ତେ । – ପୁଷ୍ପେଭ୍ୟଃ ଫଳାନି ଜାୟନ୍ତେ।

୧୬୧। କାର୍ଯ୍ୟମିଦଂ ତବ ସୁକରମ୍ । – କାର୍ଯ୍ୟମିଦଂ ତ୍ୱୟା ସୁକରମ୍।

୧୬୨। କାର୍ଯ୍ୟମିଦଂ ମମ ଦୁଷ୍କରମ୍ । – କାର୍ଯମିଦଂ ମୟା ଦୁଷ୍କରମ୍।

୧୬୩। ରାମେଣ ତୁଳା ନାସ୍ତି । – ରାମସ୍ୟ ତୁଳା ନାସ୍ତି।

୧୬୪। ଦୁଗ୍ଧଂ ପାନଂ କୁରୁ । – ଦୁଗ୍ଧସ୍ୟ ପାନଂ କୁରୁ।

୧୬୫। ସାଧୂନ୍ ଦର୍ଶନଂ ପୁଣ୍ୟମ୍ । – ସାଧୂନାଂ ଦର୍ଶନଂ ପୁଣ୍ୟମ୍ ।

୧୬୬। ମମ ଗୃହାତ୍ ଦକ୍ଷିଣେ ପୁଷ୍ପବାଟିକା । – ମମ ଗୃହସ୍ୟ ଦକ୍ଷିଣେନ ପୁଷ୍ପବାଟିକା।

୧୬୭। କର୍ଣ୍ଣାୟ ସମଃ/ସଦୃଶଃ ବୀରଃ ନାସ୍ତି – କର୍ଣ୍ଣସ୍ୟ ସମଃ/ସଦୃଶଃ ବୀରଃ ନାସ୍ତି।

୧୬୮। ଅହଂ ଦିବସେ ଦ୍ୱିଃ / ତ୍ରିଃ ସ୍ନାନଂ କରୋମି । – ଅହଂ ଦିବସସ୍ୟ ଦ୍ୱିଃ/ ତ୍ରିଃ ସ୍ନାନଂ କରୋମି।

୧୬୯। ଗୃହାତ୍ ପୁରଃ/ପୁରତଃ/ପୁରସ୍ତାତ୍ ମନ୍ଦିରଂ ଶୋଭତେ। – ଗୃହସ୍ୟ ପୁରଃ/ପୁରତଃ/ପୁରସ୍ତାତ୍ ମନ୍ଦିରଂ ଶୋଭତେ।

୧୭୦। ଭାରତାତ୍ ଉତ୍ତରେଣ/ଉତ୍ତରତଃ ହିମାଳୟଃ । – ଭାରତସ୍ୟ ଉତ୍ତରେଣ/ଉତ୍ତରତଃ ହିମାଳୟଃ।

୧୭୧। ଗୃହମ୍ ଅନ୍ତିକେ ଉଦ୍ୟାନମ୍ । – ଗୃହସ୍ୟ ଅନ୍ତିକେ ଉଦ୍ୟାନମ୍।

୧୭୨। ଅହଂ ଦିନାତ୍ ସକୃତ୍ ଅନ୍ନଂ ଖାଦାମି । – ଅହଂଦିନସ୍ୟ ସକୃତ୍ ଅନ୍ନଂ ଖାଦାମି।

୧୭୩। ଏତତ୍ ମାଂ ମତମ୍ । – ଏତତ୍ ମମ ମତମ୍।

୧୭୪। ଭାରତାତ୍ ଦକ୍ଷିଣେନ କନ୍ୟାକୁମାରୀ । – ଭାରତସ୍ୟ ଦକ୍ଷିଣେନ କନ୍ୟାକୁମାରୀ।

୧୭୫। ପୁତ୍ରଂ କୃତେ ଯତ୍ନଂ କୁରୁ । – ପୁତ୍ରସ୍ୟ କୃତେ ଯତ୍ନଂ କୁରୁ।

୧୭୬। କୃଷ୍ଣଃ ଦୈତ୍ୟାନାଂ ଘାତୁକଃ । – କୃଷ୍ଣଃ ଦୈତ୍ୟାନ୍ ଘାତୁକଃ।

୧୭୭। ଅଗ୍ନିଃ କାଷ୍ଠେ ତୃପ୍ୟତି । – ଅଗ୍ନିଃ କାଷ୍ଠେନ / କାଷ୍ଠସ୍ୟ ତୃପ୍ୟତି।

୧୭୮। ସଃ ମାସେ ଚତୁଃ ପୁରୀଂ ଗଚ୍ଛତି । - ସଃ ମାସସ୍ୟ ଚତୁଃ ପୁରୀଂ ଗଚ୍ଛତି।

୧୭୯। କୃଷ୍ଣଃ ମାତ୍ରେ ସ୍ମରତି । - କୃଷ୍ଣଃ ମାତରଂ/ମାତୁଃ ସ୍ମରତି।

୧୮୦। ଧନାତ୍ ହେତୋଃ ବିଦେଶଂ ଗଚ୍ଛତି । - ଧନସ୍ୟ ହେତୋଃ ବିଦେଶଂ ଗଚ୍ଛତି।

୧୮୧। ରାତ୍ରିଃ ଗତାୟାଂ ତେ ଗୃହମାଗଚ୍ଛନ୍ । - ରାତ୍ରୌ ଗତାୟାଂ ତେ ଗୃହମାଗଚ୍ଛନ୍।

୧୮୨। ନଦୀଭ୍ୟଃ ଗଙ୍ଗା ପବିତ୍ରତମା । - ନଦୀନାଂ / ନଦୀଷୁ ଗଙ୍ଗା ପବିତ୍ରତମା।

୧୮୩। ଜନନୀ ପୁତ୍ରାୟ ସ୍ନିହ୍ୟତି । - ଜନନୀ ପୁତ୍ରେ ସ୍ନିହ୍ୟତି।

୧୮୪। ବାଳକଃ ନିଦ୍ରିତେ ଅହଂଗମିଷ୍ୟାମି । - ବାଳକେ ନିଦ୍ରିତେ ଅହଂ ଗମିଷ୍ୟାମି।

୧୮୫। କଥଂ ମାଂ ନ ବିଶ୍ୱସିଷି । - କଥଂ ମୟି ନ ବିଶ୍ୱସିଷି।

୧୮୬। ରାଜା ଯଶସି ଧନଂ ଦଦାତି । - ରାଜା ଯଶସେ ଧନଂ ଦଦାତି ।

୧୮୭। ଅୟଂ ସାହିତ୍ୟେନ ନିପୁଣଃ । - ଅୟଂ ସାହିତ୍ୟେ ନିପୁଣଃ।

୧୮୮। କବିଭ୍ୟଃ କାଳିଦାସଃ ଶ୍ରେଷ୍ଠଃ । - କବୀନାଂ / କବିଷୁ କାଳିଦାସଃ ଶ୍ରେଷ୍ଠଃ।

୧୮୯। ଚନ୍ଦ୍ରଃ ଉଦିତେ କୁମୁଦଂ ବିକଶତି । - ଚନ୍ଦ୍ରେ ଉଦିତେ କୁମୁଦଂ ବିକଶତି।

୧୯୦। ସୂର୍ଯ୍ୟଃ ଉଦିତେ ପଦ୍ମଂ ବିକଶତି । - ସୂର୍ଯ୍ୟେ ଉଦିତେ ପଦ୍ମଂ ବିକଶତି।

୧୯୧। ତବ କର୍ମେ ଅଧିକାରଃ ଅସ୍ତି । - ତବ କର୍ମଣି ଅଧିକାରଃ ଅସ୍ତି।

୧୯୨। ଛାତ୍ରାଃ ଗୁରବେ ଅନୁରକ୍ତାଃ । - ଛାତ୍ରାଃ ଗୁରୌ ଅନୁରକ୍ତାଃ।

୧୯୩। ଶିକ୍ଷକଃ ଛାତ୍ରାୟ ବିରକ୍ତଃ । - ଶିକ୍ଷକଃ ଛାତ୍ରେ ବିରକ୍ତଃ।

୧୯୪। ବାଳକଃ ଅନ୍ଧସ୍ୟ କରଂ ଧୃତ୍ୱାନୟତି । - ବାଳକଃ ଅନ୍ଧଂ କରେ ଧୃତ୍ୱା ନୟତି।

୧୯୫। ପିତାୟାଂ ଭକ୍ତିଂ କୁର୍ଯ୍ୟାତ୍ । - ପିତରି ଭକ୍ତିଂ କୁର୍ଯ୍ୟାତ୍।

୧୯୬। ପ୍ରଭୁପଦଂ ତବ ଯୁଜ୍ୟତେ । - ପ୍ରଭୁପଦଂ ତ୍ୱୟି ଯୁଜ୍ୟତେ।

୧୯୭। କଥମ୍ ଏତତ୍ ତ୍ୱତ୍ ସମ୍ଭାବ୍ୟତେ । - କଥମ୍ ଏତତ୍ ତ୍ୱୟି ସମ୍ଭାବ୍ୟତେ।

୧୯୮। ବ୍ୟାଧଃ ଚର୍ମଣେ ବ୍ୟାଘ୍ରଂ ହନ୍ତି । - ବ୍ୟାଧଃ ଚର୍ମଣି ବ୍ୟାଘ୍ରଂ ହନ୍ତି।

୧୯୯। ବ୍ୟାଧଃ ଦନ୍ତାଭ୍ୟାଂ ଗଜଂ ହନ୍ତି । - ବ୍ୟାଧଃ ଦନ୍ତୟୋଃ ଗଜଂ ହନ୍ତି।

୨୦୦। ବ୍ୟାଧଃ କେଶେଭ୍ୟଃ ଚମରୀଂ ହନ୍ତି । - ବ୍ୟାଧଃ କେଶେଷୁ ଚମରୀଂ ହନ୍ତି।

୨୦୧। ମମ ଶିକ୍ଷକଃ ଗଣିତସ୍ୟ ଦକ୍ଷଃ । - ମମ ଶିକ୍ଷକଃ ଗଣିତେ ଦକ୍ଷଃ ।

୨୦୨। ବ୍ୟାଧଃ ମାଂସେ ମୃଗଂ ହନ୍ତି । - ବ୍ୟାଧଃ ମାଂସାୟ ମୃଗଂ ହନ୍ତି।

୨୦୩। ଶିକ୍ଷକଃ ଆଗତେ ଛାତ୍ରାଃ ନୀରବାଃ ଅଭବନ୍ । - ଶିକ୍ଷକେ ଆଗତେ ଛାତ୍ରାଃ ନୀରବାଃ ଅଭବନ୍।

୨୦୪। ବ୍ୟାକରଣମ୍ ଅଧୀତୀ ଜନଃ ବିଦ୍ୱାନ୍ । - ବ୍ୟାକରଣେ ଅଧୀତୀ ଜନଃ ବିଦ୍ୱାନ୍।

# ଧାତୁଗତ

୨୦୫। ଅହଂ ଧନଂ ଲପ୍ସ୍ୟାମି । – ଅହଂ ଧନଂ ଲପ୍ସ୍ୟେ।

୨୦୬। ଭିକ୍ଷୁକଃ ଗ୍ରାମେ ଅଭିକ୍ଷତ୍ । – ଭିକ୍ଷୁକଃ ଗ୍ରାମେ ଅଭିକ୍ଷତ।

୨୦୭। ଯୂୟଂ ମାତୁଳଗୃହେ ଅବର୍ତ୍ତନ୍ତ । – ଯୂୟଂ ମାତୁଳଗୃହେ ଅବର୍ତ୍ତଧ୍ୱମ୍।

୨୦୮। ବୟଂ ଗୀତଂ ଗାସ୍ୟଥ । – ବୟଂ ଗୀତଂ ଗାସ୍ୟାମଃ।

୨୦୯। ସଃ ତବ ଉପଦେଶମ୍ ଅବିସ୍ମରତ୍ । – ସଃ ତବ ଉପଦେଶଂ ବ୍ୟସ୍ମରତ୍।

୨୧୦। ଅହଂ ଲଗୁଡେନ ସର୍ପମ୍ ଅହନ୍ । – ଅହଂ ଲଗୁଡେନ ସର୍ପମ୍ ଅହନମ୍।

୨୧୧। ଗୁରୁଃ ସର୍ବଂ ଶାସତି । – ଗୁରୁଃ ସର୍ବଂ ଶାସ୍ତି।

୨୧୨। ଭବାନ୍ ପୁତ୍ରଂ ଶାସତୁ । – ଭବାନ୍ ପୁତ୍ରଂ ଶାସ୍ତୁ।

୨୧୩। ଯୂୟମ୍ ଅଧୁନା ଗ୍ରାମଂ ଯାହି । – ଯୂୟମ୍ ଅଧୁନା ଗ୍ରାମଂ ଯାତ।

୨୧୪। ତେ ନକ୍ତଂ କାର୍ଯ୍ୟମ୍ ଅକରୋତ୍ । – ତେ ନକ୍ତଂ କାର୍ଯ୍ୟମ୍ ଅକୁର୍ବନ୍।

୨୧୫। ତେ ମାଂ ବିଭ୍ୟନ୍ତି । – ତେ ମତ୍ ବିଭ୍ୟତି।

୨୧୬। ଭବାନ୍ ଅତ୍ର ତିଷ୍ଠ । – ଭବାନ୍ ଅତ୍ର ତିଷ୍ଠତୁ।

୨୧୭। ତ୍ୱଂ କସ୍ମାତ୍ ନ ଅବିଭେତ୍ । – ତ୍ୱଂ କସ୍ମାତ୍ ନ ଅବିଭେଃ ?

୨୧୮। ବୟଂ ଧନମ୍ ଅଦଦ୍ୱ । – ବୟଂ ଧନମ୍ ଅଦଦ୍ମ।

୨୧୯। ବ୍ରାହ୍ମଣଃ ଦେବତାୟୈ ପୁଷ୍ପଂ ଦଦତୁ । – ବ୍ରାହ୍ମଣଃ ଦେବତାୟୈ ପୁଷ୍ପଂ ଦଦାତୁ।

୨୨୦। ତେ ଗୀତଂ ଶୃଣୁୟାତ୍ । – ତେ ଗୀତଂ ଶୃଣୁୟୁଃ।

୨୨୧। ଅହଂ ଧନଂ ପ୍ରାପ୍ତୁବାନ୍ । – ଅହଂ ଧନଂ ପ୍ରାପ୍ତବାନ୍।

୨୨୨। ବୟଂ ପୁଷ୍ପାଣି ନେଷ୍ୟଥ । – ବୟଂ ପୁଷ୍ପାଣି ନେଷ୍ୟାମଃ।

୨୨୩। ଆବାଂ କଥାଂ ଶୃଣୁଥଃ । – ଆବାଂ କଥାଂ ଶୃଣ୍ୱଃ।

୨୨୪। ସଃ ଯଶଃ ପ୍ରାପ୍ନୁହି । – ସଃ ଯଶଃ ପ୍ରାପ୍ନୋତୁ।

୨୨୫। ଛାତ୍ରାଃ କନ୍ଦୁକମ୍ ଅକ୍ରୀଡତ୍ । – ଛାତ୍ରାଃ କନ୍ଦୁକେନ ଅକ୍ରୀଡନ୍।

୨୨୬। ଭବାନ୍ ତସ୍ମୈ ମା କ୍ରୁଧ୍ୟ । – ଭବାନ୍ ତସ୍ମୈ ମା କ୍ରୁଧ୍ୟତୁ।

୨୨୭। ତସ୍ୟ ମନେ ଦୁଃଖମ୍ ଅଜାୟନ୍ତ । – ତସ୍ୟ ମନସି ଦୁଃଖମ୍ ଅଜାୟତ।

୨୨୮। କୃଷକାଃ ଶସ୍ୟକ୍ଷେତ୍ରେ କାର୍ଯ୍ୟଂ କରୋତି । – କୃଷକାଃ କୃଷିକ୍ଷେତ୍ରେ କାର୍ଯ୍ୟଂ କୁର୍ବନ୍ତି।

୨୨୯। ଯୂୟଂ ତଂ ପୁଚ୍ଛନ୍ତୁ । – ଯୂୟଂତଂ ପୃଚ୍ଛଥ।

୨୩୦। ତୃଷାର୍ତ୍ତଃ ଜଳମ୍ ଇଚ୍ଛେୟୁଃ । – ତୃଷାର୍ତ୍ତଃ ଜଳମ୍ ଇଚ୍ଛେତ୍।

୨୩୧। ବାଳିକା ତ୍ୱାମ୍ ଅଲଜ୍ଜତ୍ । – ବାଳିକା ତ୍ୱତ୍ ଅଲଜ୍ଜତ।

୨୩୨। ଅହଂ ମିତ୍ରଂ ପ୍ରଚ୍ଛିଷ୍ୟାମି । – ଅହଂ ମିତ୍ରଂ ପ୍ରକ୍ଷ୍ୟାମି।

୨୩୩। ମୃଗଃ ବନେ ଅପ୍ରବିଶତ୍ । – ମୃଗଃ ବନେ ପ୍ରାବିଶତ୍।

୨୩୪। ଭବାନ୍ ଅତ୍ର ଭକ୍ଷୟ – ଭବାନ୍ ଅତ୍ର ଭକ୍ଷୟତୁ।

୨୩୫। ଅହଂ କବିତାଂ ରଚୟିଷ୍ୟାମଃ – ଅହଂ କବିତାଂ ରଚୟିଷ୍ୟାମି।

୨୩୬। ସଃ ପୁତ୍ରାୟ ପତ୍ରମ୍ ଅପ୍ରେରୟତ୍ । – ସଃ ପୁତ୍ରାୟ ପତ୍ରଂ ପ୍ରୈରୟତ୍।

୨୩୭। କୃପଣାଃ ଧନଂ ସ୍ପୃହୟତି । – କୃପଣାଃ ଧନଂ ସ୍ପୃହୟନ୍ତି।

୨୩୮। ମାତା ଦୁହିତରମ୍ ଉକ୍ତବାନ୍ । – ମାତା ଦୁହିତରମ୍ ଉକ୍ତବତୀ।

୨୩୯। ମିତ୍ରଂ ତ୍ୱାମ୍ ଉକ୍ତବାନ୍ । – ମିତ୍ରଂ ତ୍ୱାମ୍ ଉକ୍ତବତ୍।

୨୪୦। ଅସ୍ମାଭିଃ ବନଂ ଦୃଷ୍ଟମ୍ । – ଅସ୍ମାଭିଃ ବନଂ ଦୃଷ୍ଟମ୍।

୨୪୧। ଧନଂ ଲଭନ୍ ସଃ ହୃଷ୍ୟତି । – ଧନଂ ଲଭମାନଃ ସଃ ହୃଷ୍ୟତି।

୨୪୨। ଚନ୍ଦ୍ରଂ ପଶ୍ୟନ୍ ଶିଶବଃ ନୃତ୍ୟନ୍ତି । – ଚନ୍ଦ୍ରଂ ପଶ୍ୟନ୍ତଃ ଶିଶବଃ ନୃତ୍ୟନ୍ତି।

୨୪୩। ଦେବଂ ପ୍ରଣିପତ୍ୱା ଅହମ୍ ଆଗଚ୍ଛାମି । – ଦେବଂ ପ୍ରଣିପତ୍ୟ ଅହମ୍ ଆଗଚ୍ଛାମି।

୨୪୪। ସୈନିକଃ ଯୁଧ୍ୟନ୍ କ୍ଲାନ୍ତଃ ଭବତି । – ସୈନିକଃ ଯୁଧ୍ୟମାନଃ କ୍ଲାନ୍ତଃ ଭବତି।

୨୪୫। ପଞ୍ଚ ପ୍ରଶ୍ନାନ୍ ଗୁରୁଃ ପୃଷ୍ଟବତ୍ । – ପଞ୍ଚ ପ୍ରଶ୍ନାନ୍ ଗୁରୁଃ ପୃଷ୍ଟବାନ୍।

୨୪୬। ତ୍ୱଂ ଗ୍ରାମେ ବସ୍ତବ୍ୟମ୍ । – ତ୍ୱଂ ଗ୍ରାମେ ବସ୍ୟସି/ବସେଃ/ ତ୍ୱୟା ଗ୍ରାମେ ବସ୍ତବ୍ୟମ୍।

୨୪୭। ଗୃହେ ବସିତ୍ୱା କିଂ କରୋଷି । – ଗୃହେ ଉଷିତ୍ୱା କିଂ କରୋଷି ?

୨୪୮। ବାଳକଦ୍ୱୟଂ ଗଚ୍ଛତଃ । – ବାଳକଦ୍ୱୟଂ ଗଚ୍ଛତି।

୨୪୯। ମାଂ ପରିତ୍ୟକ୍ତ୍ୱା କୁତ୍ର ଗଚ୍ଛସି । – ମାଂ ପରିତ୍ୟଜ୍ୟ କୁତ୍ର ଗଚ୍ଛସି ?

୨୫୦। ମେଘଂ ଦୃଶ୍ୟନ୍ ମୟୂରଃ ନୃତ୍ୟତି । – ମେଘଂ ପଶ୍ୟନ୍ ମୟୂରଃ ନୃତ୍ୟତି।

୨୫୧। ମୟା ମାର୍ଗେ ଲତା ଦୃଷ୍ଟଃ । – ମୟା ମାର୍ଗେ ଲତା ଦୃଷ୍ଟା।

୨୫୨। ବିଦୁଷଂ ପୂଜା କର୍ତ୍ତବ୍ୟଃ । – ବିଦୁଷାଂ ପୂଜା କର୍ତ୍ତବ୍ୟା।

୨୫୩। ଭୀତାଃ ବାଳକାଃ ପଳାୟନ୍ତି । – ଭୀତାଃ ବାଳକାଃ ପଳାୟନ୍ତେ।

୨୫୪। ସଃ ପିତୁଃ ବିପୁଳଂ ସଂପଦଂ ପ୍ରାପ୍ତବାନ୍ । – ସଃ ପିତୁଃ ବିପୁଳାଂ ସଂପଦଂ ପ୍ରାପ୍ତବାନ୍।

୨୫୫। ଯଶଃ ଲଭିତୁଂ ଯତସ୍ୱ । – ଯଶଃ ଲବ୍ଧୁଂ ଯତସ୍ୱ।

# ବ୍ୟାବହାରିକ ସଂସ୍କୃତ ଶବ୍ଦାବଳୀ

କାଳକଃ - କଳାଜାଇ ଚିହ୍ନ
କୁଡ୍‌ମଳଃ - ବୋତାମ
ଟୋପୀ - ଟୋପି
ଉଷ୍ଣୀଷମ୍ - ପଗଡ଼ି
ତାୟକମ୍ - ତାବିଜ/ଡେଉଁରିଆ
ପ୍ରାବାରକଃ - କୋଟ/ଉତ୍ତରୀୟ
ପଟଗୃହମ୍ - ତମ୍ବୁ
ବିଭେଦଃ - ଫାଟ (କାନ୍ଥଆଦି)
ଅଚ୍ଛାଧାରିକା - ବିମ୍ (ଛାତ)
ବୃତିଃ - ବାଡ
ବୃତ୍ତିଃ - ପରିଧି
ତଳ୍ପଃ - ଶେଯ/ଶଯ୍ୟା
ବସ୍ତୁଦାନୀ - ଆଲମାରୀ
ପିଞ୍ଜଃ - ସୁଇଜ୍
ନେୟଦୀପଃ - ଲଣ୍ଠନ
ସିକ୍‌ଥବର୍ତ୍ତିକା - ମହମବତୀ
ସମୀକରଃ - ଆଇରନ୍/ଇସ୍ତ୍ରୀ
କ୍ଷୁରପତ୍ରମ୍ - ବ୍ଲେଡ୍
କୂପୀ - ବୋତଲ
ସୂଚିକା - ସେଫ୍ଟିପିନ୍
ଅବକାରିକା - ଆବର୍ଜନା
କଣ୍ଡୋଳଃ - ଟୋକେଇ (ଝୁଡ଼ି)
ଉଷ୍ଣରକ୍ଷକମ୍ - ଥର୍ମୋଫ୍ଲାସ୍କ
ସମଦର୍ବୀ - ଖଡିକା (ପିଠା)
ଚାଲନୀ - ଚାଲୁଣୀ
ବେଲ୍ଲନୀ - ବେଲଣା
ସମଭ୍ରଷ୍ଟ୍ରମ୍ - ତାଉଆ / ତାୱା
ଶଙ୍କୁଲା - ପନିକୀ
ଈଲୀଲବିତ୍ରମ୍ - କୋରଣା
ଅନାନସଫଳମ୍ - ସପୁରୀ
ମଧୁକର୍କଟୀ - ଅମୃତଭଣ୍ଡା
ଭଲ୍ଲାତକଫଳମ୍ - ଲଙ୍କାଆମ୍ବ

ସେବମ୍ - ସେଓ (ଆପଲ୍)
ଗୃଞ୍ଜନକମ୍ - ଗାଜର
ନିଷ୍ପାବଃ - ମଟର
ହରିତମ୍ - ବନ୍ଧାକୋବି
କାରବେଲମ - କଲରା
ଶିଗ୍ରୁଃ -ସଜନା
ଭିଣ୍ଡିଃ - ଭେଣ୍ଡି
କୋଶାତକୀ - ଜହ୍ନୀ
ଛତ୍ରାକମ୍ - ଛତୁ
ଇଡିଲଃ - ଇଟିଲ
ଦୋଶା - ଦୋଶା
କାଗଦମ୍ - କାଗଜ
ପତ୍ରସୂଚୀ - ଆଲ୍‌ପିନ୍
ଦାତ୍ରମ୍/ଲବିତ୍ରମ୍ - ଦାଆ
ଘାସପୁଞ୍ଜଃ - ପାଳଗଦା
ଶଙ୍କୁଃ/ଆଣିଃ - ଲୁହାକଣ୍ଟା
ଭ୍ରମିଃ - ପେଚକଣ୍ଟା
କ୍ରକଚଃ - କରତ
ଭୁଶୁଣ୍ଡୀ - ବନ୍ଧୁକ
କରଣୀ - କରଣୀ
ଧ୍ୱନିଗ୍ରାହକମ୍ - ମାଇକ୍ରୋଫୋନ୍
ଧ୍ୱନିବର୍ଦ୍ଧକମ୍ - ମାଇକ୍‌ଫନେଲ୍
ବାତାଟଃ - ଗୁଡ଼ି
ଗଞ୍ଜୀକାଃ - ତାସ୍
ନିଗଡଃ - ହାତକଡ଼ି
ଧଟଃ - ବଟକରା
ଖଲୀନମ୍ - ଘୋଡାଲଗାମ୍
ଦାର୍ବାଘାଟଃ - କାଠହଣାଚଢ଼େଇ
ବର୍ତ୍ତକଃ - ବତକ
ଜତୁକା - ବାଦୁଡ଼ୀ
ଶଲାଟୁଃ - କଞ୍ଚାଫଳ (ସାଲାଟ୍)
ନାରିକେଳଶିମ୍ବା - ନଡ଼ିଆକତା

ମୃତ୍‌ତୈଳମ୍ – କିରୋସିନ୍
ପ୍ରତୈଳମ୍ – ପେଟ୍ରୋଲ
କରଙ୍କଃ – ଷଢ଼େଇ
ହସ୍ତିପକଃ – ମାହୁନ୍ତ
ଅହିତୁଣ୍ଡିକଃ – ସାପୁଆ କେଳା
ମୁସ୍ତକ – ମୁଥା
କାଣ୍ଡତିକ୍ତକା – ଚିରେଇତା
ପୂତିକା – ପୋଇଶାଗ
କ୍ରୋଷ୍ଟା – ବିଛୁଆତି
ଲେଢି – ଋଟୁଛି
ଗିଳତି – ଗିଳୁଛି
ନିଷ୍ଠୀବତି – ଛେପପକାଉଛି
କାସତେ – କାଶୁଛି
କ୍ଷୌତି – ଛିଙ୍କୁଛି
ଖଞ୍ଜତି – ଛୋଟେଇଚାଲୁଛି
ଆଲମ୍ବତେ – ଡେରିହୋଇ ଠିଆହୋଇଛି
ଧରତି – ପିନ୍ଧୁଛି
ନିଷ୍ପବତେ – ପାଛୁଡୁଛି
କୁଟତି – କୁଟୁଛି
ପିନଷ୍ଟି – ବାଟୁଛି / ପେଷୁଛି
ନିଷ୍ପୀଡ଼ୟତି – ଚୁପୁଡୁଛି
ପୁଟୀକରୋତି – ଭାଙ୍ଗିକରି ରଖୁଛି
ଆଦତ୍ତେ – ଉପରୁ କାଢୁଛି
ଅବସର୍ପତି – ଖସୁଛି
ବୀଜତି – ବିଞ୍ଚିହେଉଛି
ଧ୍ମାତି – ଫୁଙ୍କୁଛି
ଜୃମ୍ଭତେ – ହାଇମାରୁଛି
ରିଙ୍ଗତି – ଆଣ୍ଠୋଉଛି
ସ୍ଥଗୟତି – ଅଟକାଉଛି
ଚୁଟତି – ଚୁମୁଟୁଛି
ନିଷ୍କୋଷୟତି – ଋେପାଛଡାଉଛି
ଦୃଶତି – ଚିରୁଛି
ଶ୍ୟତି – ପେନ୍‌ସିଲ୍ କାଟୁଛି
ନାମୟତି – ନୁଆଁଉଛି
ପ୍ରଣୁଦତି – ଠେଲୁଛି
ପ୍ରତୁମ୍ପତି – ଭରୁଛି
ଉଚ୍ଛଳତି / ଉଦ୍‌ଗଚ୍ଛତି – ଉଚ୍ଛୁଳିପଡୁଛି
ଅବଚିନୋତି – ତୋଳୁଛି
ଉଡ୍ଡାୟୟତି – ଉଡାଉଛି
ଊୟତେ – ହାତରେ ବୁଣୁଛି
ବୟତେ – ତନ୍ତରେ ବୁଣୁଛି
ତୋଳୟତି – ଓଜନ କରୁଛି
ମାତି – ମାପୁଛି
ଚିନୋତି – ସଂଗ୍ରହ କରୁଛି
ଉନ୍ନୟତି – ଉଠାଉଛି
ମିଶ୍ରୟତି – ମିଶାଉଛି
ପ୍ରସାରୟତି – ବିଛାଉଛି
କର୍ଷତି – ହଳକରୁଛି
ସିଞ୍ଚତି – ଛିଞ୍ଚୁଛି
ଉନ୍ମୂଳୟତି – ଉପାଡୁଛି
ସୀବ୍ୟତି – ସିଲେଇକରୁଛି
ସୂତ୍ରୀକରୋତି – ସୂତାକାଟୁଛି
ସଂଯୋଜୟତି – ଯୋଡୁଛି
ଉତ୍‌ପ୍ଲବତେ – ଡେଉଁଛି
କ୍ରାମତି – ଅତିକ୍ରମ କରୁଛି
ଆଶିଷତି – ଆଶୀର୍ବାଦ କରୁଛନ୍ତି
କୂର୍ଦ୍ଦତି – କୁଦୁଛି
ଡୟତେ – ଉଡୁଛି
ବୋଧୟତି – ବୁଝାଉଛି
ସଙ୍କଳୟତି – ଯୋଗ କରୁଛି
ବ୍ୟାକଳୟତି – ଫେଡୁଛି/ବିଯୋଗ କରୁଛି
ଗୁଣୟତି – ଗୁଣୁଛି
ଭାଜୟତି – ଭାଗ/ହରୁଛି
ତ୍ରୁଟତି/ତ୍ରୁଟ୍ୟତି – ଭାଙ୍ଗୁଛି

●